# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ଜାନୁୟାରୀ ୨୧/୨୦୨୧ (୧୬ ପୃଷ୍ଠା) | Berhampur, Thursday, January 21/2021 | ★★★

୧୬ଶ ଭାଗ ୨୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଏୟାରଫୋର୍ସ ଅଫିସର ଭୂମିକାକୁ ନେଇ ଉତ୍ସାହିତ କଙ୍ଗନା**

ନୂଆ ହିନ୍ଦୀ ସିନେମା 'ତେଜସ୍'ରେ ଏୟାରଫୋର୍ସ ଅଫିସର ଭୂମିକାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି କଙ୍ଗନା ରାଣାୱତ୍। ୧୨

୧୫ **ସାମସନ ନୂଆ ଅଧିନାୟକ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଷ୍ଟିଭ୍ ସ୍ମିଥ୍‌ଙ୍କ ସ୍ଥାନରେ ରାଜସ୍ଥାନ ରୟାଲ୍ସ ଦଳର ନୂଆ ଅଧିନାୟକ ହୋଇଛନ୍ତି ସଞ୍ଜୁ ସାମସନ।



# ଆଜିଠୁ ସହଜ ଦର୍ଶନ

**ପୁରୀ ଅଫିସ,୨୦।୧**

ଶ୍ରୀମନ୍ଦିରରେ ଗୁରୁବାରଠାରୁ ବିନା କୋଭିଡ୍ ନେଗେଟିଭ୍ ରିପୋର୍ଟରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ସକାଳ ୭ଟାରୁ ଶ୍ରଦ୍ଧାଳୁମାନେ କୋଭିଡ୍ ଗାଇଡ୍‌ଲାଇନ୍ ଓ ସ୍ୱତନ୍ତ୍ର ଏସ୍‌ଓପି ମାନି ମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ କରିପାରିବେ। ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ହୋଇଛି। ପ୍ରଶାସନ ପକ୍ଷରୁ ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସ୍ତୁତି କରାଯାଇଛି। ମନ୍ଦିର ପରିସରରେ ଦୀପ ଲଗାଇବା, ଭୋଗ ଲଗାଇବା ଏବଂ ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରିବା ଆଦି ନିଷେଧ ରହିଛି। ସାନିଟାଇଜେଶନ ଉପରେ ଗୁରୁତ୍ୱ ଦିଆଯିବା ସହ ଖରାକୁ ଦୃଷ୍ଟିରେ ରଖି ପାନୀୟଜଳର ବନ୍ଦୋବସ୍ତ କରାଯାଇଛି। ସକାଳ ୬ରୁ ୭ଟା ପର୍ଯ୍ୟନ୍ତ ପୁରୀ ସହରବାସୀ ପରିଚୟପତ୍ର ସହ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ଧାଡ଼ିରେ ମନ୍ଦିରକୁ ପ୍ରବେଶ କରିପାରିବେ। ଅନ୍ୟ ସମୟରେ ସାଧାରଣ ଧାଡ଼ିରେ ଆସିବେ। ସେହିପରି ସାନିଟାଇଜେଶନ ପାଇଁ ପ୍ରତି ରବିବାର ମନ୍ଦିର ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ବୁଧବାର ସୂଚନା ଦେଇଛନ୍ତି।

ବୁଧବାର ପୂର୍ବାହ୍ନରେ ଆଇନମନ୍ତ୍ରୀ ପ୍ରତାପ ଜେନା ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏହାପରେ ସେ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ସମୟରେ ତାଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଦର୍ଶନ ବ୍ୟବସ୍ଥା ନେଇ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରସ୍ତୁତି ଭଲ ହୋଇଛି, ତେଣୁ ସାଧାରଣ ଦର୍ଶନ ଶୃଙ୍ଖଳିତ ହେବା ନେଇ ଆଶା କରୁଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର, ☞ପୃଷ୍ଠା-୪

**ଦରକାର ନାହିଁ କୋଭିଡ୍ ରିପୋର୍ଟ**



# ସରକାରଙ୍କ ପଛଘୁଞ୍ଚା

## ନୂଆ କୃଷି ଆଇନକୁ ୧୮ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ପ୍ରସ୍ତୁତ

**ନୂଆଦିଲ୍ଲୀ, ୨୦।୧(ପି.ଟି.)**

ନୂଆ କୃଷି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ କୃଷକଙ୍କ ଆନ୍ଦୋଳନ ୫୮ ଦିନରେ ପହଞ୍ଚିଥିବାବେଳେ ଏଥିରେ ବ୍ୟତିବ୍ୟସ୍ତ ହୋଇ ସରକାର ପଛଘୁଞ୍ଚା ଦେଇଛନ୍ତି। ଶେଷରେ ନୂଆ କୃଷି ଆଇନକୁ ୧୮ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ଥିବା ବୁଧବାର କୃଷକ ନେତାମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି। ଆଇନ ଏବଂ ଏହାକୁ ନେଇ ସୃଷ୍ଟ ଅଚଳାବସ୍ଥା ସମ୍ପର୍କରେ ଆଲୋଚନା ପାଇଁ ଏକ ମିଳିତ କମିଟି ଗଠନ ଲାଗି ମଧ୍ୟ ସରକାର ରାଜି ହୋଇଛନ୍ତି। ତେବେ ସରକାର ଦେଇଥିବା ପ୍ରସ୍ତାବଗୁଡ଼ିକୁ ଚାଷୀ ସଂଗଠନଗୁଡ଼ିକ ଗ୍ରହଣ କରିନାହାନ୍ତି। ସେମାନେ ଏହା ଉପରେ ବିଚାର କରିବେ ବୋଲି କହିଛନ୍ତି। ଗୁରୁବାର ଚାଷୀ ସଂଗଠନଗୁଡ଼ିକ ପରସ୍ପର ମଧ୍ୟରେ ଆଲୋଚନା କରିବେ। ଆସନ୍ତା ୨୨ ତାରିଖରେ କେନ୍ଦ୍ର ସରକାର ଓ କୃଷକ ସଂଗଠନ ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହେବ।

ନୂଆଦିଲ୍ଲୀର ବିଜ୍ଞାନ ଭବନରେ ବୁଧବାର ଚାଷୀ ସଂଗଠନର ପ୍ରତିନିଧି ଓ ସରକାରଙ୍କ ମଧ୍ୟରେ ୫ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଆଇନକୁ ସ୍ଥଗିତ ରଖିବା ଲାଗି ସରକାର ପ୍ରସ୍ତାବ ଦେଇଥିବାବେଳେ କୃଷକ ନେତାମାନେ ଏଥିରେ ରାଜି ହୋଇ ନ ଥିଲେ। ତଥାପି ଗୁରୁବାର ଏହା ଉପରେ ବିଚାର କରିବାକୁ ସେମାନେ କହିଥିବା ଭାରତୀୟ କିଷାନ ୟୁନିୟନ (ଉଗ୍ରହଣ)ର ସଭାପତି ଯୋଗୀନ୍ଦର ସିଂ ଉଗ୍ରହଣ ସୂଚନା ଦେଇଛନ୍ତି।




କେନ୍ଦ୍ର ସରକାରଙ୍କ ସହ ଆଲୋଚନା ପାଇଁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ବୁଧବାର ପହଞ୍ଚିଥିବା କୃଷକନେତାମାନେ।

ସରକାର ଏକ ମିଳିତ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ଉକ୍ତ କମିଟି ନିଷ୍ପତ୍ତି ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ପାଇଁ ଆଇନକୁ ସ୍ଥଗିତ ରଖିବା ନେଇ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରାଯିବ। ୩ କୃଷି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ କୃଷକ ସଂଗଠନଗୁଡ଼ିକ ଅଟଳ ରହିଛନ୍ତି। ତେବେ ସରକାରଙ୍କ ପ୍ରସ୍ତାବ ଉପରେ ବିଚାର କରି ପରବର୍ତ୍ତୀ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବେ ବୋଲି କହିଛନ୍ତି।

ଆଲୋଚନା ବେଳେ ଆଇନରେ ସଂଶୋଧନ ପାଇଁ ସରକାର ପ୍ରସ୍ତାବ ଦେଇଥିଲେ ହେଁ କୃଷକ ସଂଗଠନ ଏହାକୁ ଗ୍ରହଣ କରି ନ ଥିଲା। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ପ୍ରସଙ୍ଗରେ ☞ପୃଷ୍ଠା-୪

# ଚାଲିଗଲେ ଚକୁଳିଆପଣ୍ଡା

**ମୁଖ୍ୟମନ୍ତ୍ରୀଙ୍କ ଶୋକ**



ରବି ମିଶ୍ର

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ଓଡ଼ିଆ ଚଳଚ୍ଚିତ୍ର ଏବଂ ଧାରାବାହିକ ଜଗତର ଜଣାଶୁଣା ଅଭିନେତା ତଥା 'ଗୋପାଳ ଭାଣ୍ଡ' ଭାବେ ଘରେ ଘରେ ପରିଚିତ ରବି ମିଶ୍ର ଆଉ ନାହାନ୍ତି। ୬୪ବର୍ଷ ବୟସରେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଛି। ମଙ୍ଗଳବାର ରାତିରେ ଶୁଟିଂ ସେଟ୍‌ରେ ହୃଦ୍‌ଘାତ ଦୃଶ୍ୟରେ ଅଭିନୟ କଲାବେଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ବାର୍ଡ ଫ୍ଲୁର ନୂଆ ରୂପ

# ତୈଳ ଦର ଚାପ: ବଢ଼ିଲା ବସ୍ ଭଡ଼ା

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

- କିଲୋମିଟର ପିଛା ୧, ୨ପଇସା
- ଯାତ୍ରୀ ହନ୍ତସନ୍ତ

ରାଜ୍ୟରେ ବାରମ୍ବାର ଡିଜେଲ ଦର ବୃଦ୍ଧି ପରିବହନ ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପକାଇଛି। ଯାତ୍ରୀ ପରିବହନ ହେଉ କି ମାଲ ପରିବହନ, ସବୁ କ୍ଷେତ୍ରରେ ତୈଳ ଦର ବୃଦ୍ଧିର ପ୍ରଭାବ ଦେଖିବାକୁ ମିଳିଛି। ଲଗାତର ଭାବେ ଡିଜେଲ ଦର ବୃଦ୍ଧି ପାଇବା ଯୋଗୁ ରାଜ୍ୟରେ ପୁଣି ବସ୍ ଭଡ଼ା ବୃଦ୍ଧି ପାଇଛି। ବୁଧବାର ଏ ନେଇ ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପିଛା ୧ ପଇସା ଲେଖାଏ ବୃଦ୍ଧି ପାଇଥିବାବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟରକୁ ୨ ପଇସା ଲେଖାଏ ବୃଦ୍ଧିପାଇଛି। ଏଥିଯୋଗୁ ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୭୩ ପଇସାରୁ ୭୪ ପଇସା ଏବଂ ଏକ୍ସପ୍ରେସ ☞ପୃଷ୍ଠା-୪




# ବାଇଡେନ୍, ହାରିସ୍

**ୱାଶିଂଟନ,୨୦।୧**

ଆମେରିକାର ୪୬ତମ ରାଷ୍ଟ୍ରପତି ରୂପେ ଜୋ ବାଇଡେନ୍ ଓ ୪୯ତମ ଉପରାଷ୍ଟ୍ରପତି ଭାବେ କମଲା ହାରିସ୍ ବୁଧବାର ଶପଥ ଗ୍ରହଣ କରିଛନ୍ତି। ଭାରତୀୟ ସମୟ ରାତି ୧୦ଟା ୩୦ରେ କଡ଼ା ସୁରକ୍ଷା ବଳୟରେ ରାଜଧାନୀ ୱାଶିଂଟନସ୍ଥିତ ପାରମ୍ପରିକ କ୍ୟାପିଟୋଲ ବିଲ୍ଡିଂର ୱେଷ୍ଟ ଫ୍ରଣ୍ଟରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜନ୍ ରୋବର୍ଟ୍ସ ୭୮ ବର୍ଷୀୟ ବାଇଡେନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ବାଇଡେନ୍ ତାଙ୍କ ପରିବାରର ୧୨୭ ବର୍ଷ ପୁରୁଣା ବାଇବେଲ ଛୁଇଁ ଶପଥ ନେଇଥିଲେ। ୫ ଇଞ୍ଚ ମୋଟା ଉକ୍ତ ବାଇବେଲକୁ ତାଙ୍କ ଧର୍ମପତ୍ନୀ ଜିଲ୍ ବାଇଡେନ୍ ସାଙ୍ଗରେ ନେଇ ଆସିଥିଲେ। ଦେଶର ସବୁଠୁ ବୟୋଜ୍ୟେଷ୍ଠ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ବାଇଡେନ୍ ପ୍ରଥମ ଥର ପାଇଁ ଜାତି ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ ପରବର୍ତ୍ତୀ ୪ ବର୍ଷର କାର୍ଯ୍ୟକାଳର କାର୍ଯ୍ୟସୂଚୀ ନେଇ ଅଭିଭାଷଣ ରଖିଥିଲେ। ଏହି ଐତିହାସିକ ଭାଷଣର ଥିମ୍ ବା ବିଷୟବସ୍ତୁ ଥିଲା ଏକତା ଓ ଉପଶମ, ଯାହାକୁ ଭାରତୀୟ ବଂଶୋଦ୍ଭବ ବିନୟ ରେଡ୍ଡୀ ପ୍ରସ୍ତୁତ କରିଥିଲେ। ବାଇଡେନ୍ କହିଥିଲେ, ଗଣତନ୍ତ୍ର ବଜାୟ ରହିଛି। ଏହା ଆମେରିକାର ଦିନ। ଗଣତନ୍ତ୍ରର ଦିନ। ଆଶାର ଦିନ। ☞ପୃଷ୍ଠା-୪

୨୦୨୧ ଜାନୁୟାରୀ ୨୦ ତାରିଖ। ଆମେରିକୀୟ ସମୟ ମଧ୍ୟାହ୍ନ ୧୨ଟାରେ ୱାଶିଂଟନସ୍ଥିତ କ୍ୟାପିଟୋଲ୍ ହିଲ୍‌ରେ ନୂଆ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ୭୮ ବର୍ଷୀୟ ଡେମୋକ୍ରାଟିକ୍ ନେତା ଜୋସେଫ୍ ଆର୍. ବାଇଡେନ୍। ଏହାସହ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ପାଇଁ ଲେଖାହୋଇଛି ନୂଆ ଅଧ୍ୟାୟ। କରୋନା ମହାମାରୀ ଯୋଗୁ ନାନା ଗମ୍ଭୀର ସମସ୍ୟା ଦେଇ ଗତି କରୁଥିବା ଆମେରିକାର ଅଣ୍ଟା ସଳଖାଇ ଅର୍ଥନୀତିକୁ ସଜାଡ଼ିବା ଓ ବିଶ୍ୱ ଦରବାରରେ ଆଧିପତ୍ୟ ବଜାୟ ରଖିବା ଅଭିଜ୍ଞ ତଥା ଅନୁଭୂତି ସମ୍ପନ୍ନ ବାଇଡେନ୍‌ଙ୍କ ପାଇଁ ଏବେ ସବୁଠୁ ବଡ଼ ଆହ୍ୱାନ।



ଶପଥ ନେବାବେଳେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଫାଷ୍ଟ ଲେଡି ଜିଲ୍ ବାଇଡେନ୍

- **କଡ଼ା ସୁରକ୍ଷାରେ ଶପଥ ନେଲେ**
- **ଗଣତନ୍ତ୍ର ବଜାୟ ରହିଛି: ବାଇଡେନ୍**



ଉପରାଷ୍ଟ୍ରପତି କମଲା ହାରିସ୍

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କୁ ଗୁଳିକରି ହତ୍ୟା

**ବେଗୁନିଆପଡ଼ା,୨୦।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା ବିଜେଡି ନେତା ଦେବରାଜ ସାହୁଙ୍କୁ ବୁଧବାର ସକାଳେ ଗୁଳି କରି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ଘରଠାରୁ ୧୦୦ମିଟର ଦୂର ସୁମଣ୍ଡଳ ବଜାରର ଏକ ଚା' ଦୋକାନରେ ସେ ଛିଡା ହୋଇଥିବା ବେଳେ ଏକ କାର୍‌ରେ ଆସି ୪ଜଣ ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏସ୍‌ପି ବ୍ରିଜେଶ କୁମାର ରାଏ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସକାଳୁ ସକାଳୁ ଚଳଚଞ୍ଚଳ ଥିଲା ସୁମଣ୍ଡଳ ବଜାର। ଶୀତ ଯୋଗୁ ଚା' ଦୋକାନରେ ଭିଡ଼ ଜମିଥିଲା। ସେଠାରେ ଛିଡ଼ାହୋଇ କେତେଜଣଙ୍କ ସହ କଥା ହେଉଥିଲେ ଦେବରାଜ। ପୂର୍ବାହ୍ନ ପ୍ରାୟ ୮ଟା ୫୦ବେଳେ ଏକ ଧଳା ରଙ୍ଗର କାର୍ ଆସି ବଜାର ମଝିରେ ଅଟକିଥିଲା। ଚାଳକ ଷ୍ଟାର୍ଟରେ ଗାଡି ରଖି ବସିଥିବାବେଳେ ହଠାତ୍ ସେଥିରୁ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବାହାରି ଦେବରାଜଙ୍କ ଉପରକୁ ଅତର୍କିତ ଗୁଳିମାଡ଼ କରିଥିଲେ। ବଜାରରେ ଥିବା ଲୋକେ ଭୟରେ ଦୌଡି ଯିଏ ଯୁଆଡ଼େ ପାରିଲେ ଲୁଚି ଯାଇଥିଲେ। ଦେବରାଜଙ୍କ ମୁଣ୍ଡ, ଛାତି, କାନ ଆଦିରେ ପ୍ରାୟ ୮ରୁ ୧୦ ରାଉଣ୍ଡ ଗୁଳି ବାଜିବା ପରେ ସେ ଟଳି ପଡିଥିଲେ। ଏହାପରେ ଦୁର୍ବୃତ୍ତମାନେ ଲୋକଙ୍କୁ ଭୟଭୀତ କରିବାକୁ ବ୍ଲାଙ୍କ ଫାୟାରିଂ କରି ଖସି ପଳାଇଥିଲେ।

ଗଞ୍ଜାମ ଏସ୍‌ପି ରାଏ, ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଏସ୍‌ଡିପିଓ ସୀମା ସ୍ୱାଇଁ, କୋଦଳା ଥାନା ଅଧିକାରୀ ଦେବାଶିଷ ମହାନ୍ତି, ☞ପୃଷ୍ଠା-୪

**କାର୍‌ରେ ଆସି ଗୁଳିମାଡ଼ କଲେ ୪ ଦୁର୍ବୃତ୍ତ**



ଦେବରାଜ ସାହୁ

# ଉଜୁଡ଼ିପାରେ ରବି ଫସଲ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ବର୍ଷା ନ ହେବାରୁ ରାଜ୍ୟରେ ଖରିଫ ଫସଲ ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି। ପଶ୍ଚିମା ବାୟୁ ପ୍ରବାହ ଧୋକା ଦେବାରୁ ରାଜ୍ୟରେ ବର୍ଷା ହେଉନାହିଁ। ଫଳରେ ଡାଲିଜାତୀୟ ଓ ତୈଳବୀଜ ଫସଲ ତଥା ବାଦାମ, ମୁଗ, ବିରି, କୋଳଥ, ସୂର୍ଯ୍ୟମୁଖୀ, ସୋରିଷ, ମାଣ୍ଡିଆ, ଯଅ, ବାଜରା ଭଳି ଫସଲ ଉଜୁଡ଼ିଯାଇପାରେ। ଅକ୍ଟୋବରରେ ସାମାନ୍ୟ ବର୍ଷା ହୋଇଥିବା ବେଳେ ନଭେମ୍ବରରୁ ୨୦୨୧ ଜାନୁୟାରୀ ୨୦ ମଧ୍ୟରେ ଟୋପାଏ ବର୍ଷା ନାହିଁ। ତେବେ ଆଗାମୀ ଦିନରେ ମଧ୍ୟ ବର୍ଷାର କୌଣସି ଆକାର ଦେଖାଯାଉ ନାହିଁ।

**ବର୍ଷା ନାହିଁ**



- ଧୋକା ଦେଲା ପଶ୍ଚିମା ବାୟୁ
- ୧୦ରୁ ବଢ଼ିବ ତାତି
- ମାର୍ଚ୍ଚ, ଏପ୍ରିଲରେ ପ୍ରଚଣ୍ଡ ଖରା

ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୮ ଡିସେମ୍ବରରେ ରାଜ୍ୟରେ ୫୬.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା। ସେହିପରି ୨୦୧୯ ଡିସେମ୍ବରରେ ୧.୯ ମିଲିମିଟର ବର୍ଷା ହୋଇଥିବା ବେଳେ ଜାନୁୟାରୀରେ ୧.୩ ମିଲିମିଟର ଏବଂ ୨୦୨୦ ଜାନୁୟାରୀରେ ୧୬.୩ ମିଲିମିଟର ବର୍ଷା ହୋଇଥିବା ସୂଚନା ମିଳିଛି। ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ନଭେମ୍ବରରୁ ରାଜ୍ୟକୁ ପଶ୍ଚିମା ବାୟୁ ପ୍ରବାହ ହୋଇଥାଏ। ଏହାର ପ୍ରଭାବରେ ଓଡ଼ିଶା ଏବଂ ଛତିଶଗଡ଼ ଉପରେ ଟ୍ରଫ୍‌ଲାଇନ ସୃଷ୍ଟି ହୁଏ। ଫଳରେ ନଭେମ୍ବରରୁ ଜାନୁୟାରୀ ମଧ୍ୟରେ ରାଜ୍ୟରେ ବର୍ଷା ହୋଇଥାଏ। ଏହାଛଡ଼ା ଏହି ସମୟରେ ତାମିଲନାଡୁ ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଥାଏ। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହୋଇଥାଏ। ଏହି ବର୍ଷା ଖରିଫ ଫସଲ ପାଇଁ ଲାଭଦାୟକ ହୋଇଥାଏ। ମୁଗ, ବିରି ଫସଲଠାରୁ ଆରମ୍ଭ କରି ଅନ୍ୟାନ୍ୟ ଫସଲ ଭଲ ହୋଇଥାଏ। ତେବେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଗତ ୩ ମାସ ମଧ୍ୟରେ ଟୋପାଏ ବର୍ଷା ନ ଥିବାରୁ ତୈଳବୀଜ ଓ ଡାଲିଜାତୀୟ ଫସଲକୁ ପ୍ରଭାବିତ କରିବ ବୋଲି କୃଷି ବିଜ୍ଞାନୀ ଆଶଙ୍କା କରିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ☞ପୃଷ୍ଠା-୪



## ଏବେ ତୁମ ସମୟ

ଆମେରିକାର ନୂଆ ନେତା ଜୋ ବାଇଡେନ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା। 'ମୋ ବନ୍ଧୁ, ତୁମକୁ ଅଭିନନ୍ଦନ। ଏହା ତୁମ ସମୟ' ବୋଲି ଓବାମା ଟୁଇଟ୍ କରିଛନ୍ତି।

# ସଙ୍କଟ ଏବେ ସୁଯୋଗ

**ଘାତକ କରୋନା ମହାମାରୀ ୪ ଲକ୍ଷ ୧୧ ହଜାର ୫୨୦ ଆମେରିକୀୟଙ୍କ ଜୀବନ ନେଇସାରିଛି। ଏହି ଅଦୃଶ୍ୟ ଭୂତାଣୁ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ଉଜାଡ଼ି ସୃଷ୍ଟି କରିଛି ନାହିଁ ନ ଥିବା ଅଚଳାବସ୍ଥା। ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଅମଳରେ ଆରମ୍ଭ ହୋଇଥିବା ବର୍ଣ୍ଣବୈଷମ୍ୟ ଆନ୍ଦୋଳନ, ବେକାରି ସମସ୍ୟା, ଚାଇନା ସହ ବାଣିଜ୍ୟ ଯୁଦ୍ଧ ଓ ଦଙ୍ଗା ଭୟ ଭଳି ସଙ୍କଟର ଅବସାନ ଘଟିନାହିଁ। ଫଳରେ ଅନେକ ଆହ୍ୱାନର ସାମ୍ନା କରୁଛି ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର। ଅଭୂତପୂର୍ବ ଆର୍ଥିକ ଦୁର୍ଗତି ଦେଇ ଗତିକରୁଥିବା ଆମେରିକାରେ ବୁଧବାର ହୋଇଛି ବହୁପ୍ରତୀକ୍ଷିତ କ୍ଷମତା ପରିବର୍ତ୍ତନ। ୪୬ତମ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ପୂର୍ବତନ ଉପରାଷ୍ଟ୍ରପତି ତଥା ଡେମୋକ୍ରାଟିକ୍ ନେତା ଜୋ ବାଇଡେନ୍। ତାଙ୍କ ଆଗରେ ଏବେ ଅନେକ ଚ୍ୟାଲେଞ୍ଜ, ଯାହାକୁ ଦେଶର ସବୁଠୁ ବୟୋଜ୍ୟେଷ୍ଠ ରାଷ୍ଟ୍ରପତି ଭାବେ ସେ ନିଜ ଦୀର୍ଘ ଅନୁଭୂତିକୁ ପୁଞ୍ଜି କରି ସୁଯୋଗରେ ପରିଣତ କରିପାରିବେ।**



ଶପଥଗ୍ରହଣ ପାଇଁ କ୍ୟାପିଟୋଲ୍ ବିଲ୍ଡିଂ ଓ ମଞ୍ଚ ସଜ୍ଜା।



ଜୋ ବାଇଡେନ୍

ୱାଶିଂଟନ,୨୦।୧

ନଭେମ୍ବର ୩ ନିର୍ବାଚନ ଦିବସକୁ ୧୧ ସପ୍ତାହ ବିତିଛି। ଆମେରିକାରେ ନୂଆ ନେତା ଜୋ ବାଇଡେନ୍‌ଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରିବାକୁ ଆଉ କେହି ନାହାନ୍ତି। ଚ୍ୟାଲେଞ୍ଜ ରୂପେ ଯଦି କିଛି ରହିଛି ତାହା ହେଉଛି କେବଳ ସଙ୍କଟ। ସ୍ୱାସ୍ଥ୍ୟ ଓ ଆର୍ଥିକ ସଙ୍କଟ ହେଉଛି ସାମ୍ପ୍ରତିକ ସମୟର ସବୁଠୁ ବଡ଼ ଆହ୍ୱାନ। କରୋନା ମହାମାରୀ ଦେଶର ଅର୍ଥନୀତିକୁ ବିପର୍ଯ୍ୟୟ ଭିତରକୁ ଟାଣିନେବା ପରେ ୧୯୩୩ର ଗ୍ରେଟ୍ ଡିପ୍ରେଶନ ଭଳି ମାନ୍ଦାବସ୍ଥା ମାଡ଼ିବସିଛି ଆମେରିକାକୁ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଅର୍ଥନୀତିକୁ ପୁଣିଥରେ ଟ୍ରାକ୍‌କୁ ଫେରାଇ ଆଣିବା ଏବଂ ବିଶ୍ୱରେ ନିଜ ବାଣିଜ୍ୟିକ ଓ କୂଟନୈତିକ ଆଧିପତ୍ୟ ବଜାୟ ରଖିବାରେ ବାଇଡେନ୍ କେତେ ସଫଳ ହେବେ ତାକୁ ନେଇ ଚାଲିଛି ଆଲୋଚନା ଓ ପର୍ଯ୍ୟାଲୋଚନା। ଟ୍ରମ୍ପ୍‌ଙ୍କୁ ଗାଦିଚ୍ୟୁତ କରିବା ଲାଗି ନିର୍ବାଚନ ପ୍ରଚାର ବେଳେ ବାଇଡେନ୍ ଅନେକ ମହଙ୍ଗା ପ୍ରତିଶ୍ରୁତି ଦେଇଥିଲେ। ସଂସ୍କାରବାଦୀ ପରିବର୍ତ୍ତନ ଓ ଲୋଭନୀୟ ନୀତିର ଘୋଷଣା କରିଥିଲେ। ଏବେ ସେଗୁଡ଼ିକୁ ପୂରଣ କରିବା ବାଇଡେନ୍‌ଙ୍କ ପ୍ରାଥମିକତା ହେବ। ଏସବୁର ଅନୁକୂଳ କରିବାକୁ ଯାଇ ବାଇଡେନ୍ ଶପଥ ଗ୍ରହଣ କରିବା ପରେ ୧୫ଟି ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଛନ୍ତି।

## ଦୌଡ଼ରେ ଥିଲେ ଦୁଇଥର

ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ଉପରାଷ୍ଟ୍ରପତି ଥିବା ଜୋ ବାଇଡେନ୍ ଏହା ପୂର୍ବରୁ ୨ ଥର ରାଷ୍ଟ୍ରପତି ଦୌଡ଼ରେ ସାମିଲ ଥିଲେ। ପ୍ରଥମେ ୧୯୮୮ ଓ ପରେ ୨୦୦୮ରେ ସେ ଏହି ପଦ ପାଇଁ ଲଢ଼ିବାକୁ ନେଇ ଚର୍ଚ୍ଚାରେ ରହିଥିଲେ। ୧୯୮୮ରେ ସେ ବ୍ରିଟିଶ ଲେବର ପାର୍ଟିର ନେତା ନୀଲ କିନକଙ୍କ ଭାଷଣକୁ ନକଲ କରିଥିବା କହି ଏହି ଦୌଡ଼ରୁ ନିଜେ ହଟିଯାଇଥିଲେ। ସେହିପରି ୨୦୦୮ରେ ପୁଣି ବାଇଡେନ ଡେମୋକ୍ରାଟିକ ପାର୍ଟିରୁ ରାଷ୍ଟ୍ରପତି ପଦ ପାଇଁ ଆଶାୟୀ ଥିଲେ ହେଁ ସେତେବେଳ ଓବାମାଙ୍କ ଉପରେ ଦଳ ମୋହର ମାରିଥିଲା। ନିର୍ବାଚନ ଜିତିବା ପରେ ଓବାମା ସହଯୋଗୀ ବାଇଡେନ୍‌ଙ୍କୁ ଖୁବ୍ ପ୍ରଶଂସା କରିଥିଲେ।

## ସମାରୋହରେ ସେଲିବ୍ରିଟି



ଟମ୍ ହ୍ୟାଙ୍କସ୍



ଲେଡି ଗାଗା

ଶପଥଗ୍ରହଣ ଉତ୍ସବ 'ସେଲିବ୍ରେଟିଂ ଆମେରିକା'ରେ ସାମିଲ ହୋଇଥିଲେ ପ୍ରସିଦ୍ଧ ତଥା ଲୋକପ୍ରିୟ ସେଲିବ୍ରିଟି। ସେମାନଙ୍କ ମଧ୍ୟରେ ସାମିଲ ଥିଲେ କିମ୍ବଦନ୍ତୀ ଅଭିନେତା ଟମ୍ ହ୍ୟାଙ୍କ୍। ବେଶ ଆକର୍ଷଣୀୟ ଢଙ୍ଗରେ ସେ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ହାମିଲଟନ୍ ଫିଲ୍ମ ଫେମ୍ ଆକ୍ଟର ଖ୍ରୀଷ୍ଟୋଫର ଜ୍ୟାକ୍ସନ ଭର୍ଚୁଆଲ ଭାବେ ଉତ୍ସବରେ ଯୋଡ଼ି ହୋଇଥିଲେ। କାର୍ଯ୍ୟକ୍ରମ ଚମକ ବଢ଼ାଇ ଏହାକୁ ନିଆରା କରିଥିଲେ ବିଖ୍ୟାତ ଗାୟିକା ଲେଡି ଗାଗା। ଜାତୀୟ ସଙ୍ଗୀତ ଗାନ ସହ ଉପସ୍ଥାପନାରେ ତାଙ୍କୁ ସହଯୋଗ କରିଥିଲେ ଅଭିନେତ୍ରୀ ତଥା ଗାୟିକା ଜେନିଫେର ଲୋପେଜ୍ ଏବଂ ଗାୟକ ଗାର୍ଟ ବ୍ରୁକ୍ସ। ଏମାନଙ୍କ ସହ ବ୍ରୁସ୍ ସ୍ପ୍ରିଙ୍ଗଷ୍ଟେନ୍, ଜନ୍ ଲିଜେଣ୍ଡ, ଡେମି ଲୋବୋଟୋ, ଫୁ ଫାଇଟର୍, ଜଷ୍ଟିନ ଟିମ୍ବରଲେକ୍ ଏବଂ ଜନ୍ ବୋନ ଜୋବିଙ୍କ ଭଳି କଳାକାର ମଧ୍ୟ ସାମିଲ ଥିଲେ।

## କଶ୍ମୀରକୁ ନେଇ ମତ

ଗତ ବର୍ଷ ଜୁନ୍‌ରେ କଶ୍ମୀରବାସୀଙ୍କ ପାଇଁ ମତ ରଖି ବାଇଡେନ କହିଥିଲେ ଯେ, ସେଠାକାର ଲୋକଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଓ ଅଧିକାର ମିଳିବା ଦରକାର। ଏଥିପାଇଁ ଭାରତ ସରକାର ଆବଶ୍ୟକ ପଦକ୍ଷେପ ନେବା ଜରୁରୀ। ଏହାସହ ଭାରତର ନାଗରିକତା ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଆଇନ ନିରାଶାଜନକ ବୋଲି କହିଥିଲେ। ଭାରତରେ ଧର୍ମନିରପେକ୍ଷତା ଏବଂ ବହୁ ଧର୍ମୀୟ ବିଶ୍ୱାସ ଗଣତନ୍ତ୍ର ବହୁ ପୁରୁଣା ପରମ୍ପରା। ଏଭଳି ପରିସ୍ଥିତିରେ ସରକାରଙ୍କ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ବିପରୀତ ବୋଲି ସେ କହିଥିଲେ।

## ମୁସଲିମ୍ ରାଷ୍ଟ୍ରରୁ ହଟିବ ପ୍ରବେଶ କଟକଣା

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କାର୍ଯ୍ୟକାଳର ପ୍ରଥମ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ୧୫ ଆଦେଶନାମାରେ ସ୍ୱାକ୍ଷର କରିପାରନ୍ତି। ଏଥିମଧ୍ୟରେ ପ୍ୟାରିସ୍ ଜଳବାୟୁ ଚୁକ୍ତି, ଶହେ ଦିନିଆ ମାସ୍କ ପରିଧାନ, ମୁସଲିମ୍ ରାଷ୍ଟ୍ରରୁ ଆମେରିକା ଆସୁଥିବା ଲୋକଙ୍କ ଉପରେ ପ୍ରତିବନ୍ଧକ ହଟାଇବା ଆଦି ରହିଛି। ଏଥିସହ ଇମିଗ୍ରେସନ ବିଲ୍‌କୁ କଂଗ୍ରେସରେ ଆଗତ କରାଇବାକୁ ବାଇଡେନ ପ୍ରାଥମିକତା ଦେବେ ବୋଲି ତାଙ୍କ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ବିଲ୍‌ରେ ଆମେରିକାରେ ବିନା କାଗଜପତ୍ରରେ ଦୀର୍ଘ ବର୍ଷ ହେଲା ରହୁଥିବା ଲୋକଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ନିୟମ ରହିବ। ଅନ୍ୟପକ୍ଷରେ ଦେଶ ପାଇଁ ପ୍ରମୁଖ ଆହ୍ୱାନ ଭାବେ ଉଭା ହୋଇଥିବା କରୋନା ସଙ୍କଟରୁ ଲୋକଙ୍କୁ ରକ୍ଷା କରିବାକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଓ ଯୋଜନା ଉପରେ ବାଇଡେନ ମୋହର ମାରିବେ। ଟ୍ରମ୍ପ୍‌ଙ୍କ ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନକୁ ଅର୍ଥ ଯୋଗାଣ ଉପରେ କଟକଣା ଲଗାଯିବା ଘଟଣାରେ ମଧ୍ୟ ସେ ପଦକ୍ଷେପ ନେବେ। ଆମେରିକା ଓ ମେକ୍ସିକୋ ସୀମାରେ ପାଚେରି ନିର୍ମାଣ ଉପରେ ରୋକ ଲଗାଇବା ଦିଗରେ ମଧ୍ୟ ବାଇଡେନ କାମ କରିବେ।

## ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ୍‌ଙ୍କ ଝିଅର ନିର୍ବନ୍ଧ

ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ମଙ୍ଗଳବାର ହ୍ୱାଇଟ ହାଉସ୍‌ରେ ସାନ ଝିଅ ଟିଫାନି ଟ୍ରମ୍ପ୍ ଓ ତାଙ୍କ ବୟଫ୍ରେଣ୍ଡଙ୍କ ନିର୍ବନ୍ଧ ହୋଇଛି। ଟିଫନି ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏହାର ଫଟୋ ଶେୟାର କରିଛନ୍ତି। କ୍ୟାପସନରେ ସେ ଲେଖିଛନ୍ତି, ଏହା ତାଙ୍କ ପାଇଁ ବେଶ୍ ଗର୍ବର କଥା ଯେ, ହ୍ୱାଇଟ ହାଉସ୍‌ରେ ତାଙ୍କର ଅନେକ ସ୍ମୃତି ଜଡ଼ିତ ହୋଇରହିଛି। ସେଠାରେ ପରିବାର ସହ କଟାଇଥିବା ଅନେକ ଦିନ ଏପରି ରହିଛି ଯାହା ସବୁଦିନେ ମନେରହିବ। ସେ ସବୁ ମଧ୍ୟରୁ ସବୁଠାରୁ ଅଧିକ ସ୍ମୃତିଭରା ଦିନ ହେଉଛି ମାଇକେଲ ବୋଲସ୍‌ଙ୍କ ସହ ନିର୍ବନ୍ଧ। ୨୭ ବର୍ଷୀୟ ଟିଫାନି ହେଉଛନ୍ତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ତାଙ୍କ ଦ୍ୱିତୀୟ ସ୍ତ୍ରୀ ମାର୍ଲା ମାପଲେସଙ୍କ ଝିଅ।

## ନୂଆ ଦଳ ଗଢ଼ିବେ

ବିବାଦୀୟ ହୋଇ ବିଦାୟ ନେବା ପରେ ଏବେ ଡୋନାଲ୍ଡ ଟ୍ରମ୍ପ୍ ପୁଣି ଚର୍ଚ୍ଚାରେ। ରିପବ୍ଲିକାନ ପାର୍ଟିର ଏହି ନେତା ନିର୍ବାଚନ ହାରିବା ପରେ ଏକ ନୂଆ ଦଳ ଗଢ଼ିବେ ବୋଲି କୁହାଯାଉଛି। ଏହାର ନାମ 'ପାଟ୍ରିଏଟ୍ ପାର୍ଟି' ରଖାଯିବାକୁ ସେ ସ୍ଥିର କରିଥିବା ସୂଚନା ରହିଛି। ରିପବ୍ଲିକାନ ପାର୍ଟିରେ ଅନ୍ତଃକନ୍ଦଳ ସହ ସହଯୋଗୀମାନେ ତାଙ୍କ ବିରୋଧରେ ସ୍ୱର ଉଠାଇବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଦଳ ଗଠନ ସମ୍ପର୍କରେ ଟ୍ରମ୍ପ୍ ତାଙ୍କ ନିକଟତମ ବ୍ୟକ୍ତିଙ୍କ ସହ ଆଲୋଚନା କରିଛନ୍ତି। ତେବେ ଟ୍ରମ୍ପ୍‌ଙ୍କ ବିରୋଧରେ ଆସିଥିବା ମହାଭିଯୋଗ ପ୍ରମାଣ ହେଲେ ସେ ପରବର୍ତ୍ତୀ ନିର୍ବାଚନ ଲଢ଼ିପାରିବେ ନାହିଁ।



## ୭୩ ଜଣଙ୍କୁ କ୍ଷମାଦେଲେ

ରାଷ୍ଟ୍ରପତି ପଦ ଛାଡ଼ିବାର କିଛି ଘଣ୍ଟା ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ୍ ମୋଟ ୭୩ ଜଣଙ୍କୁ କ୍ଷମାଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ତାଙ୍କ ପରାମର୍ଶଦାତା ଷ୍ଟିଭ ବେନନ ମଧ୍ୟ ରହିଛନ୍ତି। କିନ୍ତୁ ଟ୍ରମ୍ପ୍ ନିଜ ସହ ପରିବାର ଏବଂ ଲୟର ଗୁଲ୍ଲିଙ୍କୁ କ୍ଷମା ପ୍ରଦାନ କରିନାହାନ୍ତି। ନିଜକୁ କ୍ଷମା ନ କରିବାକୁ ହ୍ୱାଇଟ ହାଉସ୍ ଅଧିକାରୀମାନେ ଟ୍ରମ୍ପ୍‌ଙ୍କୁ ପରାମର୍ଶ ଦେଇଥିଲେ। ଯଦି ସେ ଏପରି କରିବେ ତେବେ ନିଜକୁ ଦୋଷୀ ମାନିଥିବା ସମସ୍ତେ ଧରିନେବେ ବୋଲି ଅଧିକାରୀମାନେ କହିଥିଲେ। କାର୍ଯ୍ୟକାଳ ସରିବା ପୂର୍ବରୁ ଟ୍ରମ୍ପ୍ ୧୪୦ ଜଣଙ୍କୁ କ୍ଷମା ଦେଇଛନ୍ତି।

## ବିନୟଙ୍କ ଭାଷଣ ପଢ଼ିଲେ



ନିଜ ଟିମ୍‌ରେ ରେକର୍ଡ ସଂଖ୍ୟାରେ ଭାରତୀୟ ବଂଶୋଦ୍ଭବଙ୍କୁ ସାମିଲ କରିଥିବା ବାଇଡେନ୍ ଶପଥ ଗ୍ରହଣ ପରେ ପଢ଼ିଥିଲେ ତେଲଙ୍ଗାନା ଯୁବକ ବିନୟ ରେଡ୍ଡିଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣ। ଏହା ପୂର୍ବରୁ ବିନୟ ନିର୍ବାଚନ ପ୍ରଚାର ବେଳେ ବାଇଡେନ୍ ଓ କମଳା ହାରିସ୍‌ଙ୍କ ଭାଷଣ ପ୍ରସ୍ତୁତ କରିଥିଲେ। କେବଳ ଏତିକି ନୁହେଁ, ବାଇଡେନ ଉପରାଷ୍ଟ୍ରପତି ଥିବାବେଳେ ବିନୟ ତାଙ୍କ ଚିଫ୍ ସ୍ପିଚ୍ ରାଇଟର ରହିଥିଲେ।

## ଶପଥବେଳେ ସ୍ତ୍ରୀ, ଝିଅଙ୍କୁ ହରାଇଥିଲେ

୧୯୭୨ରେ ପ୍ରଥମ ଥର ଆମେରିକା ସିନେଟ୍‌କୁ ନିର୍ବାଚିତ ହୋଇ ଶପଥ ଗ୍ରହଣ କରିବା ଦିନ ବାଇଡେନ୍ ହରାଇଥିଲେ ସ୍ତ୍ରୀ ଓ ଝିଅଙ୍କୁ। ଏକ କାର୍ ଦୁର୍ଘଟଣାରେ ସ୍ତ୍ରୀ ନିଲିଆ ଓ ଝିଅ ନାଓମିଙ୍କ ମୃତ୍ୟୁ ଘଟିଥିଲା। ପୁଅ ବ୍ୟୁ ଓ ହଣ୍ଟର ଗୁରୁତର ହୋଇଥିଲେ। ୨୦୧୫ରେ ୪୬ ବର୍ଷ ବୟସରେ ବ୍ରେନ ଟ୍ୟୁମର ଯୋଗୁ ବ୍ୟୁଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା।

## ସମଲିଙ୍ଗୀ ବିବାହକୁ ସମର୍ଥନ

୨୦୧୨ରେ ଖୋଲାଖୋଲି ସମଲିଙ୍ଗୀ ବିବାହକୁ ସମର୍ଥନ କରି ସେ ବେଶ୍ ଚର୍ଚ୍ଚାରେ ଥିଲେ। ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ଏହା ଉପରେ କୌଣସି ମନ୍ତବ୍ୟ ରଖୁ ନ ଥିବାବେଳେ ଏଭଳି କରି ବାଇଡେନ ରାଷ୍ଟ୍ରପତିଙ୍କୁ ଅଣଦେଖା କରୁଥିବା ଆଲୋଚନା ହୋଇଥିଲା। କିନ୍ତୁ ପରେ ଓବାମା ସମଲିଙ୍ଗୀ ବିବାହ ସପକ୍ଷରେ ମତ ରଖିଥିଲେ।

## ବାଇଡେନ୍‌ଙ୍କୁ ଶୁଭେଚ୍ଛା

ବିଦାୟ ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ୍ ଏକ ଅବସରକାଳୀନ ବାର୍ତ୍ତା ନୂଆ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପାଇଁ ରଖିଛନ୍ତି। 'ଗୁଡ୍ ଲକ୍' କହି ସେ ଶୁଭେଚ୍ଛା ଜଣାଇଛନ୍ତି। ଆମକୁ ନୂଆ ସରକାର ମିଳିବାକୁ ଯାଉଛନ୍ତି। ଦେଶକୁ ସୁରକ୍ଷିତ ଓ ସମୃଦ୍ଧଶାଳୀ କରି ରଖିବାରେ ତାଙ୍କୁ ସଫଳତା ମିଳୁ ବୋଲି ଟ୍ରମ୍ପ୍ କହିଛନ୍ତି। କିନ୍ତୁ ଏଥିରେ ଟ୍ରମ୍ପ୍ ବାଇଡେନଙ୍କ ନାଁ ନେଇ ନ ଥିଲେ। କେବଳ ଆଗାମୀ ପ୍ରଶାସନ ଓ ନୂଆ ସରକାର ଉଚ୍ଚାରଣ କରି ଏହି ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ନିଜ ସରକାର ଅମଳରେ ତାଙ୍କ ସଫଳତାର ଗାଥା ମଧ୍ୟ ଟ୍ରମ୍ପ୍ ବଖାଣିଥିଲେ। ତାଙ୍କ ସମୟରେ କୌଣସି ଯୁଦ୍ଧର ଆରମ୍ଭ ହୋଇନାହିଁ ଏବଂ ଏଥିପାଇଁ ସେ ଗର୍ବିତ ବୋଲି କହିଥିଲେ। ଏଥିସହ ଟ୍ରମ୍ପ୍ କହିଥିଲେ ଯେ, ଏବେ ଆରମ୍ଭ ମାତ୍ର। ଆଗକୁ ମଧ୍ୟ ତାଙ୍କ ଆନ୍ଦୋଳନ ଜାରି ରହିବ।



ତାମିଲନାଡୁର ତିରୁଭରୁର ହେଉଛି ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ମା' ଶ୍ୟାମଳା ଗୋପାଳନଙ୍କ ଗାଁ। ଏଠାରେ ହାରିସ୍‌ଙ୍କ ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ଉଲ୍ଲସିତ ଗ୍ରାମବାସୀ ତାଙ୍କ ଫଟୋ ଥିବା ପ୍ଲାକାର୍ଡ ଧରିଛନ୍ତି।

## 'ହାରିସ୍ ହୋଇପାରନ୍ତି ରାଷ୍ଟ୍ରପତି'



ପ୍ରଥମ ଭାରତୀୟ ବଂଶୋଦ୍ଭବ ମହିଳା ଭାବେ ଆମେରିକା ଉପରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିବା କମଳା ହାରିସ୍‌ଙ୍କ ତାମିଲନାଡୁ ସ୍ଥିତ ଥୁଲାସେନ୍ଦ୍ରାପୁରମ୍ ଗ୍ରାମରେ ଲୋକେ ଉତ୍ସବ ପାଳିଛନ୍ତି। ଆସନ୍ତା ୪ ବର୍ଷ ମଧ୍ୟରେ ଭାରତ ପ୍ରତି ସମର୍ଥନ ରହିଲେ ହାରିସ୍ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ହୋଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି। ତାଙ୍କ ସଫଳତା କାମନା କରାଯାଇ ମନ୍ଦିରରେ ପୂଜାର୍ଚ୍ଚନା ମଧ୍ୟ କରାଯାଇଛି। ପ୍ରାୟ ଦଶନ୍ଧି ପୂର୍ବରୁ ହାରିସ୍‌ଙ୍କ ଅଜା ତାମିଲନାଡୁ ପଳାଇ ଆସିଥିଲେ। ହାରିସ୍‌ଙ୍କ ସ୍ୱର୍ଗତା ମା' ମଧ୍ୟ ଭାରତରେ ଜନ୍ମ ଗ୍ରହଣ କରିଥିଲେ। ଜାମାଇକାର ଜଣେ ବ୍ୟକ୍ତିଙ୍କୁ ହାରିସ୍‌ଙ୍କ ମା' ବିବାହ କରିଥିଲେ।

# ୩ ବିଲେଇଙ୍କୁ ବିଷ ଦେଇ ହତ୍ୟା, ପଡ଼ୋଶୀଙ୍କ ନାଁରେ ମାମଲା

**କଟକ ସଦର, ୨୦।୧(ଡି.ଏନ୍.ଏ)**

ପଶୁଙ୍କ ପ୍ରତି ନିଷ୍ଠୁରତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଟକ ସଦର ଥାନା ଅନ୍ତର୍ଗତ ମୁଗଭଙ୍ଗା ଅଞ୍ଚଳରେ। ୩ଟି ପୋଷା ବିଲେଇଙ୍କୁ ଜଣେ ପଡ଼ୋଶୀ ବିଷ ଦେଇ ମାରିଦେଇଥିବା ଅଭିଯୋଗ ହୋଇଛି। ନୀଳିମା ଦଳେଇଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ପଡ଼ୋଶୀ ଦିଲ୍ଲୀପ ଦଳେଇଙ୍କ ନାମରେ ଏକ ମାମଲା(ନଂ.୪୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ନୀଳିମା ଦଳେଇ କରିଥିବା ଅଭିଯୋଗ ଅନୁସାରେ ମଙ୍ଗଳବାର ସେ ଏବଂ ତାଙ୍କ ସ୍ୱାମୀ କିଛି କାର୍ଯ୍ୟରେ ବାହାରକୁ ଯାଇଥିବାବେଳେ ପଡ଼ୋଶୀ ଦିଲ୍ଲୀପ ଓରଫ ବୁଢ଼ା ୩ଟି ପୋଷା ବିଲେଇଙ୍କୁ ଖାଦ୍ୟରେ ବିଷ ମିଶାଇ ଦେଇଥିଲେ। ଫଳରେ ବିଲେଇଙ୍କ ମୃତ୍ୟୁ ଘଟିଛି। ପୂର୍ବରୁ ଅଭିଯୁକ୍ତ ଦିଲ୍ଲୀପ ବିଲେଇଙ୍କୁ ମାରି ଦେବାକୁ ଧମକ ଦେଇଥିଲେ। ଆମର ଅନୁପସ୍ଥିତିରେ ସୁଯୋଗ ନେଇ ଦିଲ୍ଲୀପ ପୋଷା ବିଲେଇଙ୍କ ଉପରେ ଏଭଳି ଅମାନବୀୟ କାର୍ଯ୍ୟ କରିଛନ୍ତି ବୋଲି ନୀଳିମା ଅଭିଯୋଗ କରିଛନ୍ତି। ପଶୁ ନିର୍ଯାତନା ନିରୋଧୀ ଆଇନକୁ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି। ତେଣୁ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରିଣୀ ନିବେଦନ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# କୃଷିଭିତ୍ତିକ ଉଦ୍ୟୋଗକୁ ଗୁରୁତ୍ୱ

**ଭୁବନେଶ୍ୱର,୨୦।୧(ବ୍ୟୁରୋ):** କୃଷିଭିତ୍ତିକ ଉଦ୍ୟୋଗକୁ ଅଧିକ ଗୁରୁତ୍ୱ ଦେବାକୁ ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ର ଅଧ୍ୟକ୍ଷ ଅସୀତ ତ୍ରିପାଠୀ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ତ୍ରିପାଠୀ ବରଗଡ ଜିଲାର ବିଭିନ୍ନ ସ୍ଥାନ ଗସ୍ତ କରିବା ସହ ସର୍କିଟ ହାଉସ ଠାରେ ସେଠାକାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାରେ ପନିପରିବା, ଉଦ୍ୟାନ କୃଷି, କୃଷି ଉତ୍ପାଦ ପ୍ରକ୍ରିୟାକରଣ, ମାଛ, ଛତୁ ଏବଂ ମିଠା ମକା ଚାଷ କରିବା ପାଇଁ ବ୍ୟାପକ ସୁଯୋଗ ରହିଛି। ଏହି ଉଦ୍ୟୋଗୁଡିକ ଯୁବତୀଯୁବକଙ୍କୁ ଆକୃଷ୍ଟ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ମୁଣ୍ଡପିଛା ଆୟ ମଧ୍ୟ ବୃଦ୍ଧି ପାଇବ। ଏଥିପାଇଁ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡିକୁ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରିଥିଲେ।

# ସେନାକୁ ଆହୁରି ଆଧୁନିକୀକରଣ କରିବାକୁ ପଡ଼ିବ

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**




ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି ସୂଚନା ଦେଉଛନ୍ତି।

- ସୈନିକ ସ୍କୁଲ ପରିଦର୍ଶନ କଲେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ
- ଓଡ଼ିଶାର ପ୍ରତି ଗାଁରୁ ଜଣେ ସେନାରେ ଭର୍ତ୍ତି ହେବାକୁ ଆହ୍ୱାନ
- ପାଠ୍ୟକ୍ରମରେ ସୈନ୍ୟବାହିନୀକୁ ସ୍ଥାନ ଦେବାକୁ ପରାମର୍ଶ

ସୀମା ଉପରେ ଚାଇନା ଓ ପାକିସ୍ତାନ ସହ ଲଢ଼ିବାକୁ ହେଲେ ଆମକୁ ଆହୁରି ପ୍ରସ୍ତୁତ ହେବାକୁ ପଡିବ। ସେନାକୁ ଆଧୁନିକୀକରଣ କରିବା ସହ କାରିଗରି କ୍ଷେତ୍ରରେ ଉନ୍ନତି ଆଣିବାକୁ ହେବ। ଭାରତୀୟ ସେନାର ନୂଆ ଉପମୁଖ୍ୟ ଭାବେ ଦାୟିତ୍ୱ ନେବାକୁ ଯାଉଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ଚଣ୍ଡିପ୍ରସାଦ ମହାନ୍ତି ବୁଧବାର ସୈନିକ ସ୍କୁଲ ପରିଦର୍ଶନ ଅବସରରେ ଗଣମାଧ୍ୟମକୁ ଏହା କହିଛନ୍ତି।

ସେ କହିଲେ, ଦିଲ୍ଲୀ ଯିବା ପରେ ଓଡ଼ିଶା ପାଇଁ ଯାହା ମୋ ଦ୍ୱାରା ହୋଇପାରିବ ସେଇଟା ମୁଁ ପାରୁପାର୍ଯ୍ୟନ୍ତ ଚେଷ୍ଟା କରିବି। ଯଦି ଓଡ଼ିଶା ପାଇଁ କିଛି କରିପାରେ, ତାହା ମୋର ସୌଭାଗ୍ୟ ହେବ ବୋଲି କହିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ବହୁତ ଚ୍ୟାଲେଞ୍ଜ ରହିବ। ତେବେ ଭାରତ-ଚାଇନା ବିବାଦକୁ ନେଇ ପ୍ରତିକ୍ରିୟା ରଖି ସେ କହିଛନ୍ତି, ଚାଇନା ଭାରତ ଉପରେ ଆକ୍ରମଣ କରିବା ପୂର୍ବରୁ ଶହେଥର ଚିନ୍ତା କରିବ। ଭାରତ ପରମାଣୁ ସମ୍ପନ୍ନ ରାଷ୍ଟ୍ର ଓ ଭାରତୀୟ ସେନା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ସେନା। ଏବେ ବିଶ୍ୱରେ ଯୁଦ୍ଧକୌଶଳରେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ପଡ଼ୋଶୀ ରାଷ୍ଟ୍ର ଚାଇନା ନିଜ ସେନାକୁ ଆଧୁନିକୀକରଣ କରିବା ସହ ପାକିସ୍ତାନ ସେନାକୁ ମଧ୍ୟ ଆଧୁନିକୀକରଣ କରିବାରେ ସହଯୋଗ କରୁଛି। କିନ୍ତୁ ପଡ଼ୋଶୀ ରାଷ୍ଟ୍ରଠାରୁ ଭାରତୀୟ ସେନା ଅଧିକ ଆଧୁନିକ। ଭାରତୀୟ ଯବାନ ଯେଉଁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଓ ଉପକରଣ ସବୁ ବ୍ୟବହାର କରୁଛନ୍ତି ତାହା ବେଶ୍ ଶକ୍ତିଶାଳୀ। ଏହାଛଡ଼ା ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ଭାରତୀୟ ଯବାନ ପ୍ରସ୍ତୁତ ବୋଲି ଚଣ୍ଡି ପ୍ରସାଦ କହିଛନ୍ତି। ସେହିପରି ଅଧିକ ମାତ୍ରାରେ ଓଡ଼ିଆ ଯୁବପିଢ଼ି ସେନାରେ ସାମିଲ ହେବାକୁ ସେ ଆହ୍ୱାନ ଦେବା ସହ ଓଡ଼ିଶାର ପ୍ରତି ଗାଁରୁ ଜଣେ ସେନାରେ ଭର୍ତ୍ତି ହୋଇ ଅନ୍ୟମାନଙ୍କ ପାଇଁ ରୋଲ୍ ମଡେଲ ହେବା ଉଚିତ ବୋଲି କହିଛନ୍ତି।

ସେ କହିଲେ, ଓଡ଼ିଶାର କଳିଙ୍ଗ ରେଜିମେଣ୍ଟ ସମ୍ପର୍କରେ ଏବେ ଅବଗତ ହୋଇଛି। କିନ୍ତୁ ବର୍ତ୍ତମାନ ସମୟରେ ଆମେ ରେଜିମେଣ୍ଟ ସଂଖ୍ୟା ବଢ଼ାଇବାକୁ ଗୁରୁତ୍ୱ ଦେଉନାହୁଁ। ଭିତ୍ତିଭୂମିର ଉନ୍ନତି, ଆଧୁନିକୀକରଣ ଉପରେ ଗୁରୁତ୍ୱ ଦେଉଛୁ। ଓଡ଼ିଶାରେ ପାଠ୍ୟକ୍ରମରେ ସୈନ୍ୟ ବାହିନୀ ସମ୍ପର୍କରେ ରହିବା ଉଚିତ। ଓଡ଼ିଶା ଲୋକଙ୍କ ସେନା ଉପରେ ଜ୍ଞାନ ଓ ସଚେତନତାର ଅଭାବ ରହିଛି। ତେଣୁ ଶିକ୍ଷା ଓ ଏନ୍‌ସିସିରେ ଯୋଗଦେଲେ ଏ ସମ୍ପର୍କରେ ଜାଣିହେବ ବୋଲି ଚଣ୍ଡିପ୍ରସାଦ ମତବ୍ୟକ୍ତ କରିଛନ୍ତି। ଓଡ଼ିଶାକୁ ବର୍ଷେ ପରେ ଆସିଛନ୍ତି। ଓଡ଼ିଶାର ଉନ୍ନତୀକରଣକୁ ସେ ପ୍ରଶଂସା କରିବା ସହ ପୁରୀର ଭିତ୍ତିଭୂମିରେ ଯେଉଁ ବିକାଶ ହୋଇଛି ତାହାକୁ ଦେଖି ସେ ଅଧିକ ଖୁସିବ୍ୟକ୍ତ କରିଛନ୍ତି।





*Terms and Conditions apply. Husqvarna models available for sale in select KTM stores. Please call your nearest KTM store to check availability. Products shown are for illustration purposes only and may not be an exact representation of the product. Actual colours, accessories may vary.

**Authorized Dealers for KTM India:** Berhampur KTM 9337281516 • Balugaon KTM 7978116791 **Authorised Dealers for BAJAJ Auto Ltd.:** Berhampur: Aska Road SISIRABHA BAJAJ 9238311111 • Kodasingh BAJAPAYEE BAJAJ 9938449988 • Balugaon BHARAT BAJAJ 7381099441. Rayagada SITA RAMA BAJAJ – 7205631185.

**ଆଜିର ମନ୍ତବ୍ୟ**

ସେନା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ସରକାରୀ ଗୁପ୍ତ ତଥ୍ୟ ପ୍ରଘଟ କରିବା ଦେଶଦ୍ରୋହ।
**–ଏ.କେ. ଆଣ୍ଟୋନି, କଂଗ୍ରେସ ନେତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଭୂମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରୁଷି ଯାଇ ବାଡ଼ି ଦୁଆରେ ବସେ,**
**କେହି ନ ଡାକିଲେ ମନକୁ ଆସେ।**

ସାଧାରଣତଃ ମାନ ଅଭିମାନ ବା ରାଗ ରୁଷା ନିଜ ଲୋକଙ୍କ ଉପରେ ହିଁ କରାଯାଇଥାଏ। ତେବେ ହରଘଡ଼ି ରୁଷୁଥିବା ବ୍ୟକ୍ତିଙ୍କୁ କେହି ଖୋସାମତ କରିବା ଆଦୌ ଉଚିତ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ରଙ୍କ ସଞ୍ଚିଥିଲା ଧନ,**
**ତାକୁ ମୂଷା କଲା ଜଳପାନ।**

ଯାହା ପାଖରେ ଯେଉଁଟା ଯେତେ ଅଭାବ ତା' ପାଇଁ ସେଇଟା ସେତେ ମୂଲ୍ୟବାନ୍। ଅଭାବୀ ବ୍ୟକ୍ତି ପକ୍ଷେ ଦୁଃଖ କଷ୍ଟରେ ପେଟରୁ କାଟି ଗଚ୍ଛିତ ରଖିଥିବା ଧନ ପ୍ରତି ମନରେ ଅହେତୁକ ଦୁର୍ବଳତା ଭାବ ରହିବା ସ୍ୱାଭାବିକ। ଏପରି ସ୍ଥଳେ ସେହି ଧନକୁ ଆତ୍ମସାତ୍ କରିନେବା ଅମାନବିକତା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ,ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ହ୍ୱାଇଟ୍ ହାଉସ୍ ଛାଡ଼ିଲେ ଟ୍ରମ୍ପ୍

ୱାଶିଂଟନ,୨୦।୧: ଆମେରିକାର ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ସେ ହ୍ୱାଇଟ୍ ହାଉସ୍ ଛାଡ଼ିଛନ୍ତି। ଏହି ୪ ବର୍ଷ ଅତି ଚମତ୍କାର ଥିଲା ବୋଲି ଟ୍ରମ୍ପ୍ ବିଦାୟ ନେବାବେଳେ ୱାଶିଂଟନ ବାହାରେ ଥିବା ଜଏଣ୍ଟ ବେସ୍ ଆଣ୍ଡ୍ରୁଜ୍‌ରେ ଉପସ୍ଥିତ ନିଜ ଷ୍ଟାଫ୍, ସମର୍ଥକ ଓ ପରିବାର ସଦସ୍ୟଙ୍କ ଆଗରେ କହିଛନ୍ତି। ବିଦାୟ ସମ୍ବର୍ଦ୍ଧନା ନେଇ ଫ୍ଲୋରିଡା ଅଭିମୁଖେ ଯାତ୍ରା ଆରମ୍ଭ ପାଇଁ ଏୟାର ଫୋର୍ସ ୱାନ୍‌ରେ ଚଢ଼ିବା ପୂର୍ବରୁ ଟ୍ରମ୍ପ୍ କହିଥିଲେ, ଆପଣମାନଙ୍କ ପାଇଁ ମୁଁ ସବୁବେଳେ ଲଢ଼େଇ କରିବି। କୌଣସି ରୂପେ ପୁଣି ଫେରିବି। ନୂଆ ପ୍ରଶାସନକୁ ଶୁଭେଚ୍ଛା ଜଣାଇବାକୁ ଟ୍ରମ୍ପ୍ କହିଥିଲେ, ଗ୍ରେଟ୍ ଲକ୍ ଆଣ୍ଡ ଗ୍ରେଟ୍ ସକ୍‌ସେସ୍। ୧୫୦ରୁ ଊର୍ଦ୍ଧ୍ୱ ବର୍ଷ ପରେ ଟ୍ରମ୍ପ୍ ହେଉଛନ୍ତି ପ୍ରଥମ ବିଦାୟୀ ରାଷ୍ଟ୍ରପତି, ଯିଏ ତାଙ୍କର ଉତ୍ତରାଧିକାରୀଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇନାହାନ୍ତି।

## ପ୍ରଥମ ପୃଷ୍ଠାରୁ...

### ସରକାରଙ୍କ ପଛଘୁଞ୍ଚା...

ଆଲୋଚନାକୁ କେନ୍ଦ୍ର ଏଡାଇଯାଇଥିବା କୃଷକ ନେତାମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ କୃଷି ଆଇନକୁ ନେଇ ଅଚଳାବସ୍ଥା ଲାଗି ରହିଥିବାବେଳେ ଦିଲ୍ଲୀ ସୀମାରେ ଚାଷୀଙ୍କ ଆନ୍ଦୋଳନ ଦୁଇମାସରେ ପହଞ୍ଚିବାକୁ ଯାଉଛି। ଉକ୍ତ ଆଇନ ବିରୋଧରେ ଏକାଧିକ ପିଟିଶନ୍‌ର ଶୁଣାଣି କରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଅଚଳାବସ୍ଥାର ସମାଧାନ ଲାଗି ସର୍ବୋଚ୍ଚ ଅଦାଲତ ଏକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। କେତେଜଣ କୃଷକଙ୍କ ପାଖକୁ ଏନ୍ଆଇଏ ନୋଟିସ୍ ପଠାଇଥିବାରୁ ଆଲୋଚନା ବେଳେ ଚାଷୀ ନେତାମାନେ ଉକ୍ତ ପ୍ରସଙ୍ଗ ଉଠାଇଥିଲେ। ଏ ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ସରକାରଙ୍କ ପ୍ରତିନିଧିମାନେ କହିଥିଲେ। ସରକାରଙ୍କ ପକ୍ଷରୁ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ରେଳ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ତଥା ପଞ୍ଜାବ ଏମ୍‌ପି ସୋମ ପ୍ରକାଶ ଆଲୋଚନାରେ ଭାଗ ନେଇଥିଲେ। ଏହା ପୂର୍ବରୁ ସେମାନେ ବରିଷ୍ଠ ଭାଜପା ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ। ଦଶମ ପର୍ଯ୍ୟାୟ ଆଲୋଚନା ୧୯ରେ ହେବା ପାଇଁ ପୂର୍ବରୁ ସ୍ଥିର ହୋଇଥିବାବେଳେ ପରେ ଏହାକୁ ବୁଧବାରକୁ ଘୁଞ୍ଚାଇ ଦିଆଯାଇଥିଲା।

### ଚାଲିଗଲେ ଚକୁଳିଆ ...

ତେବେ ଏହା ଗ୍ୟାସ୍‌ଜନିତ ବୋଲି ଭାବି ସେ ଶୁଟିଂ ଶେଷ କରିଥିଲେ। ମାତ୍ର ସ୍ୱାସ୍ଥ୍ୟବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ପ୍ରଥମେ କଟକ ଏସ୍‌ସିବି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଥିଲା। ହେଲେ ସେଠାରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଶୁଟିଂ ସେଟ୍‌ରେ ହୃଦ୍‌ଘାତର ମିଛିମିଛିକା ଅଭିୟନ କରୁ କରୁ ତାଙ୍କର ସତସତିକା ହୃଦ୍‌ଘାତ ହେବା ଘଟଣା କେବଳ ଓଡ଼ିଆ ଫିଲ୍ମ କି ଟେଲିଭିଜନ ଇଣ୍ଡଷ୍ଟ୍ରି ନୁହେଁ, ସମଗ୍ର ରାଜ୍ୟବାସୀଙ୍କୁ ସ୍ତମ୍ଭିଭୂତ କରିଛି। ତାଙ୍କ ପାର୍ଥିବ ଶରୀରକୁ ହସ୍ପିଟାଲରୁ କଟକସ୍ଥିତ ବାସଭବନ ଅଭିମୁଖେ ନିଆଯିବା ସମୟରେ ବହୁସଂଖ୍ୟାରେ ପ୍ରଶଂସକ ଏବଂ ଓଡ଼ିଆ ଚଳଚ୍ଚିତ୍ର ଓ ଧାରାବାହିକ ଜଗତର ବହୁ କଳାକାର ତାଙ୍କର ଶେଷଦର୍ଶନ କରିଥିଲେ। ରବିଙ୍କ ଦେହାନ୍ତ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୋକ ବ୍ୟକ୍ତ କରିଛନ୍ତି। ରବି ମିଶ୍ର ନିଜ ନିଖୁଣ ଅଭିନୟ ଦ୍ୱାରା ଅନେକଙ୍କ ଲୋକପ୍ରିୟ ହୋଇଥିଲେ। ଚଳଚ୍ଚିତ୍ର ଓ ଧାରାବାହିକରେ ସେ ଛାଡ଼ିଥିବା ଛାପ ସର୍ବଦା ସ୍ମରଣୀୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। ଉଭୟ ମଞ୍ଚ, ଚଳଚ୍ଚିତ୍ର ଓ ଟେଲି ଧାରାବାହିକରେ ଅଭିନୟ କରି ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି ରବି ମିଶ୍ର। ନବେ ଦଶକରେ ଦୂରଦର୍ଶନରେ ପ୍ରସାରିତ ଲୋକପ୍ରିୟ ଧାରାବାହିକ 'ଗୋପାଳ ରହସ୍ୟ'ର ମୁଖ୍ୟ ଚରିତ୍ରରେ ତାଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଏହି ଧାରାବାହିକ ମାଧ୍ୟମରେ ସେ ବର୍ଷବର୍ଷ ଧରି ଲୋକଙ୍କୁ ହସାଇଥିଲେ। ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ସେ ଜଣେ ଲୋକପ୍ରିୟ ଅଭିନେତା ଥିଲେ। ଚରିତ୍ର ଅଭିନୟ ସହ ହାସ୍ୟରସାତ୍ମକ ଭୂମିକା ଆଦି ସବୁଥିରେ ପାରଙ୍ଗମ ଥିଲେ। ଏକାଧିକ ଫିଲ୍ମରେ ଅଭିନୟ କରି ସେ ଓଡ଼ିଆ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ଗାଁ ଗାଁରେ, ଘରେ ଘରେ ଚକୁଳିଆ ପଣ୍ଡା ଭାବେ ସେ ସ୍ୱତନ୍ତ୍ର ପରିଚୟ ପାଇଥିଲେ। ତାଙ୍କ ମୃତ୍ୟୁରେ ସିନେ ଇଣ୍ଡଷ୍ଟ୍ରିରେ ଶୋକର ପରିବେଶ ସୃଷ୍ଟି ହୋଇଥିବାବେଳେ ଧାରାବାହିକର ଶେଷ ଶୁଟିଂ ସମୟରେ ତାଙ୍କ ସହ ଅଭିନୟ କରିଥିବା ଅଭିନେତ୍ରୀ ଲିପ୍ସା ମିଶ୍ର ଭାବବିହ୍ୱଳ ହୋଇ କହିଛନ୍ତି, ଗତକାଲି ଶୁଟିଂର ଶେଷ ଦୃଶ୍ୟ ତାଙ୍କ ସହିତ ମୋର ଥିଲା। ଉକ୍ତ ଦୃଶ୍ୟରେ ସେ ତାଙ୍କର ଦେହ ଖରାପ ଥିବାର ଅଭିନୟ କରିଥିଲେ। ହେଲେ ମିଛିମିଛିକା ଅଭିନୟ ସତ ହୋଇଯିବ ବୋଲି କେହି ଭାବି ନ ଥିଲେ। ମଧ୍ୟରାତ୍ରିରେ ତାଙ୍କର ଦେହାନ୍ତ ଖବର ଶୁଣିବାପରେ ଆମେ ସମସ୍ତେ ମର୍ମାହତ । ସେ ଜଣେ ଭେଟେରାନ୍ ଅଭିନେତା ଥିଲେ। ସର୍ବୋପରି ସେ ଜଣେ ଭଲ ମଣିଷ ଥିଲେ। ତାଙ୍କ ବିୟୋଗରେ ଓଡ଼ିଆ ସିନେ ଓ ଟେଲି ଇଣ୍ଡଷ୍ଟ୍ରିରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା ସେ କହିଛନ୍ତି।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କୁ ...

ପୋଲସରା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, ଖଲ୍ଲିକୋଟ ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନ, ବେଗୁନିଆପଡା ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ପ୍ରମୁଖ ପହଞ୍ଚି ସମସ୍ତ ରାସ୍ତାକୁ ସିଲ୍ କରିବା ସହ ତଦନ୍ତ ଚଳାଇଥିଲେ। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ଗାଁ ଶ୍ମଶାନରେ ଦାହ କରାଯାଇଛି। ଘଟଣାପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ପହଞ୍ଚି ଘଟଣାକୁ ନିନ୍ଦା କରିବା ସହ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏନେଇ ଦେବରାଜଙ୍କ ପୁଅ ରାଜେଶ ସନ୍ଧ୍ୟାରେ ବେଗୁନିଆପଡ଼ା ଫାଣ୍ଡିରେ ଏତଲା ଦେଇଛନ୍ତି। ଗୁଳିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ପୋଲିସ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ କିଛି କହିବାକୁ ମନାକରିଛି। ନିକଟସ୍ଥ ପେଟ୍ରୋଲ ଟାଙ୍କିରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଜବତ କରି ତଦନ୍ତ ଚଳାଇଛି। ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଦେବରାଜ ୨୦୦୨ରୁ ୦୭ ପର୍ଯ୍ୟନ୍ତ ବେଗୁନିଆପଡ଼ା ବ୍ଲକ ଅଧ୍ୟକ୍ଷ ଥିଲେ। ତାଙ୍କର ଏକ କ୍ରଶର ୟୁନିଟ୍ ସହ ଟ୍ରାକ୍ଟର ଓ ଟିପ୍ପର ଆଦି ଅଛି।

### ବାଇଡେନ୍, ହାରିସ୍...

ଆମେରିକା ଅନେକ ଥର ପରୀକ୍ଷାର ସମ୍ମୁଖୀନ ହୋଇଛି। ସବୁ ଚ୍ୟାଲେଞ୍ଜରେ ବିଜୟୀ ହୋଇଛି। ଆଜି ଆମେ ଜଣେ ପ୍ରାର୍ଥୀଙ୍କ ନୁହେଁ, ବରଂ ଗଣତନ୍ତ୍ରର ବିଜୟ ଉତ୍ସବ ମନାଉଛେ। ବାଇଡେନ୍‌ଙ୍କ ଶପଥ ପୂର୍ବରୁ ୫୬ ବର୍ଷୀୟା କମଳା ହାରିସ୍ ପ୍ରଥମ ଭାରତୀୟ ବଂଶୋଦ୍ଭବ, କୃଷ୍ଣକାୟ ଓ ମହିଳା ଉପରାଷ୍ଟ୍ରପତି ରୂପେ ଶପଥ ନେଇଥିଲେ। ସୁପ୍ରିମକୋର୍ଟର ପ୍ରଥମ ଲାଟିନା ସଦସ୍ୟା ବିଚାରପତି ସୋନିଆ ସୋଟୋମେୟର ତାଙ୍କୁ ଶପଥ ପାଠ କରାଇଥିଲେ। ହାରିସ୍ ଦୁଇଟି ବାଇବେଲ ଧରି ଶପଥ ନେଇଥିଲେ। ଗୋଟିଏ ଘନିଷ୍ଠ ପାରିବାରିକ ବନ୍ଧୁ ରେଜିନା ଶେଲ୍ଟନଙ୍କର ହୋଇଥିବାବେଳେ ଅନ୍ୟଟି ସୁପ୍ରିମକୋର୍ଟର ପ୍ରଥମ ଆଫ୍ରିକୀୟ–ଆମେରିକୀୟ ବିଚାରପତିଙ୍କର।

ଶପଥ ଗ୍ରହଣ ପରେ ବାଇଡେନ୍ ଓ ହାରିସ୍ ଏକ ପାରମ୍ପରିକ ପାସ୍ ଇନ୍ ରିଭ୍ୟୁରେ ଯୋଗଦେଇଥିଲେ। କ୍ୟାପିଟୋଲ୍‌ର ଇଷ୍ଟ ଫ୍ରଣ୍ଟରେ ହୋଇଥିବା ଏହି ପାରମ୍ପରିକ ସାମରିକ କାର୍ଯ୍ୟକ୍ରମ ନୂଆ କମାଣ୍ଡର–ଇନ୍–ଚିଫ୍‌ଙ୍କୁ ଶାନ୍ତିପୂର୍ଣ୍ଣ କ୍ଷମତା ହସ୍ତାନ୍ତରର ପ୍ରତୀକ ଭାବେ ତାତ୍ପର୍ଯ୍ୟପୂର୍ଣ୍ଣ। ଏହା ପରେ ରାଷ୍ଟ୍ରପତି ବାଇଡେନ୍, ଫାଷ୍ଟ ଲେଡି ଜିଲ୍ ବାଇଡେନ୍, ଉପରାଷ୍ଟ୍ରପତି କମଳା ହାରିସ୍, ଫାଷ୍ଟ ସେକେଣ୍ଡ ଜେଣ୍ଟଲମ୍ୟାନ୍ ଡୋଉଗ୍ ଏମ୍‌ହୋଫ୍ ଭର୍ଜିନିଆସ୍ଥିତ ଆର୍ଲିଂଟନ ନ୍ୟାଶନାଲ ସିମେଟେରିକୁ ଯାଇ ଅଜ୍ଞାତ ସୈନ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ସେମାନେ ପ୍ରେସିଡେନ୍ସିଆଲ ଏସ୍କର୍ଟରେ ହ୍ୱାଇଟ୍ ହାଉସ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଏହି ଅବସରରେ 'ପରେଡ୍ ଆକ୍ରସ୍ ଆମେରିକା'ର ଆୟୋଜନ କରାଯାଇଥିଲା। ଏଥିରେ ଦେଶର ୫୬ ରାଜ୍ୟ ଓ ଭୂଖଣ୍ଡ ପକ୍ଷରୁ ପ୍ରଦର୍ଶନ କରାଯାଇଥିଲା।

ଏହି ଉତ୍ସବରେ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା, ଜର୍ଜ ଡବ୍ଲ୍ୟୁ. ବୁଶ୍, ବିଲ୍ କ୍ଲିଣ୍ଟନ, ପୂର୍ବତନ ଫାଷ୍ଟ ଲେଡି ମିଶେଲ ଓବାମା, ଲଉରା ବୁଶ୍ ଓ ହିଲାରୀ କ୍ଲିଣ୍ଟନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସିନେଟ୍ ରିପବ୍ଲିକାନ୍ ନେତା ମିଚ୍ ମେକ୍‌କୋନେଲ, ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ରିପବ୍ଲିକାନ୍ ନେତା କେଭିନ ମେକ୍‌କାର୍ଥି, ହାଉସ୍ ସ୍ପିକର ନେନ୍ସି ପେଲୋସି ଓ ସିନେଟ୍ ଡେମୋକ୍ରାଟ୍ ନେତା ଚୁକ୍ ସ୍କୁମର ମଧ୍ୟ ଶପଥଗ୍ରହଣ ଉତ୍ସବରେ ଉପସ୍ଥିତ ଥିଲେ। ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶପଥ ଗ୍ରହଣ ଉତ୍ସବରେ ଅନୁପସ୍ଥିତ ରହିଥିଲେ। ତେବେ ହ୍ୱାଇଟ୍ ହାଉସ୍ ଛାଡ଼ି ଫ୍ଲୋରିଡାସ୍ଥିତ ନିଜ ମାର୍–ଏ–ଲାଗୋ ରିସର୍ଟକୁ ଯିବାର ଅବ୍ୟବହିତ ପୂର୍ବରୁ ୭୪ ବର୍ଷୀୟ ଟ୍ରମ୍ପ୍ ଏକ ବିଦାୟୀ ଭିଡିଓ ଜାରି କରି ନୂଆ ପ୍ରଶାସନକୁ ଶୁଭେଚ୍ଛା ଜଣାଇଥିଲେ।

କ୍ୟାପିଟୋଲ ବିଲ୍ଡିଂରେ ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କଟ୍ଟରପନ୍ଥୀ ସମର୍ଥକମାନେ ଦଙ୍ଗା ଭିଆଇବାର ଦୁଇ ସପ୍ତାହ ପରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଟ୍ରମ୍ପ୍‌ଙ୍କ ସଶସ୍ତ୍ର ସମର୍ଥକମାନେ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ଲାଗି ହିଂସା ଭିଆଇପାରନ୍ତି ବୋଲି ଗୋଇନ୍ଦା ସଂସ୍ଥା ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ପକ୍ଷରୁ ସତର୍କ କରାଯାଇଥିଲା। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ଲାଗି ଅଭୂତପୂର୍ବ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଏହି ଐତିହାସିକ ସମାରୋହରେ ୨୫,୦୦୦ରୁ ଊର୍ଦ୍ଧ୍ୱ ନ୍ୟାଶନାଲ ଗାର୍ଡଙ୍କୁ ମୁତୟନ କରାଯାଇଥିଲା। ଏହାବାଦ ୧୦,୦୦୦ରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା। ସମ୍ପୂର୍ଣ୍ଣ କ୍ୟାପିଟୋଲ ହିଲ୍, ପେନ୍‌ସିଲଭାନିଆ ଆଭିନ୍ୟୁର ଏକ ବୃହତ୍ ଅଂଶ ଓ ହ୍ୱାଇଟ୍ ହାଉସ୍‌କୁ ସର୍ବସାଧାରଣ ପ୍ରବେଶକୁ ନିଷିଦ୍ଧ କରିବା ଲାଗି ୮ ଫୁଟ୍ ଉଚ୍ଚର ଏକ ଲୁହା ବ୍ୟାରିକେଡ୍ ନିର୍ମାଣ କରାଯାଇଥିଲା। ଫଳରେ ରାଜଧାନୀ ୱାଶିଂଟନ ଏକ ସେନା ଛାଉଣୀ ପାଲଟିଯାଇଥିଲା। ଏହାବାଦ୍ ଶାନ୍ତିପୂର୍ଣ୍ଣ କ୍ଷମତା ହସ୍ତାନ୍ତରକୁ ସୁନିଶ୍ଚିତ କରିବା ଲାଗି ୱାଶିଂଟନ ଡିସିକୁ ଏକ ଦୁର୍ଗରେ ପରିଣତ କରିବା ସହ ୫୦ ଷ୍ଟେଟ୍ କ୍ୟାପିଟୋଲ୍‌ରେ ହାଇଆଲର୍ଟ ଜାରି କରାଯାଇଥିଲା।

### ଆଜିଠୁ ସହଜ ...

ଜିଲାପାଳ ସମର୍ଥ ବର୍ମା, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ ଏବଂ ଏସ୍‌ପି କନୱର ବିଶାଲ ସିଂ ବଡଦାଣ୍ଡରେ ବୁଲି ଦର୍ଶନ ଓ ପୋଲିସ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଏବଂ ଏସ୍‌ପିଙ୍କ ସମେତ ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି, ସେମାନଙ୍କ ସମସ୍ୟା ବୁଝିବା, ଭକ୍ତ ଏସ୍‌ଓପି ମାନି ଦର୍ଶନ କରିବା, ବ୍ୟାରିକେଡ୍, ପାନୀୟଜଳ ଆଦି ବ୍ୟବସ୍ଥା ନେଇ ବୈଠକରେ ଆଲୋଚନା କରାଯାଇଥିଲା।

ଏସ୍‌ପି କହିଛନ୍ତି ଯେ, ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ସହାୟତା କରିବା ଲାଗି ୨୫ଜଣ ପୋଲିସ କର୍ମଚାରୀ ନିୟୋଜିତ ହେବେ। ସ୍ୱାସ୍ଥ୍ୟଗତ କିମ୍ବା ଅନ୍ୟ କୌଣସି ସମସ୍ୟା ହେଲେ ଏମାନେ ତୁରନ୍ତ ସେବା ଯୋଗାଇ ଦେବେ। ବ୍ୟାରିକେଡ୍ ମଧ୍ୟରେ ୪ଟି ସ୍ଥାନରେ ପାନୀୟଜଳ ବ୍ୟବସ୍ଥା ହୋଇଛି। କେତୋଟି ଏନ୍‌ଜିଓକୁ ପରିଚାଳନା ବ୍ୟବସ୍ଥାରେ ସାମିଲ କରାଯାଇଛି। ସମ୍ପୃକ୍ତ ଏନ୍‌ଜିଓଗୁଡ଼ିକ ଶୃଙ୍ଖଳିତ ଦର୍ଶନ ଓ ଟ୍ରାଫିକ୍ ବ୍ୟବସ୍ଥା ନେଇ ସହଯୋଗ କରିବେ। ପୂର୍ବରୁ ୧୮ ପ୍ଲାଟୁନ୍ ଫୋର୍ସ ମୁତୟନ ନେଇ ଘୋଷଣା ହୋଇଥିଲା। ଏବେ ଏହାକୁ ବଢ଼ାଇ ୨୫ ପ୍ଲାଟୁନ୍ କରି ଦିଆଯାଇଛି। ୮୦ ଏସ୍‌ଆଇ ଏବଂ ଏଏସ୍‌ଆଇ, ୧୨ ଇନ୍ସପେକ୍ଟର, ୬ ଡିଏସ୍‌ପି ଓ ୨ଜଣ ଅତିରିକ୍ତ ଏସ୍‌ପି ଦାୟିତ୍ୱରେ ରହିବେ।

### ଉଜୁଡ଼ିପାରେ ରବି ...

ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା କୃଷି ପାଣିପାଗବିତ୍ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଅକ୍ଟୋବର ପୂର୍ବରୁ ଯେଉଁମାନେ ଡାଲି ଜାତୀୟ ଓ ତୈଳବୀଜ ଫସଲ କରିଛନ୍ତି, ସେଗୁଡ଼ିକ କିଛିମାତ୍ରାରେ ଉତ୍ପାଦନ ହେଲେ ମଧ୍ୟ ନଭେମ୍ବରରେ ବୁଣାଯାଇଥିବା ଫଳସ ଉତ୍ପାଦନ କମିବ। ବିରି ଓ ମୁଗ ଫସଲ ଭଲ ଫୁଲ ଓ ଫଳ ଧରିବ ନାହିଁ। ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହୋଇପାରେ। ଅନ୍ୟପକ୍ଷରେ ଚଳିତ ବର୍ଷ ନ ହେବାରୁ ଶୀତ ମଧ୍ୟ ଆଶାନୁରୂପ ହୋଇନାହିଁ। ଅଧିକ ଦିନ ଶୀତ ନ ଥିବାରୁ ଡାଲିଜାତୀୟ ଫସଲ ପାଇଁ ଆବଶ୍ୟକ ହେଉଥିବା କାକର ମଧ୍ୟ ମିଳୁ ନାହିଁ। ଫଳରେ ଉକ୍ତ ଜମିଗୁଡ଼ିକରେ ଡାଲିଜାତୀୟ ଫସଲ ବିଶେଷ ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି। ରାଜ୍ୟ ସରକାର ଚଳିତ ବର୍ଷ ରବି ଋତୁରେ ୨୦ ଲକ୍ଷ ମେଟ୍ରିକ ଟନ୍ ଶସ୍ୟ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ବର୍ଷା ଅଭାବରୁ ଏହି ଲକ୍ଷ୍ୟ ପୂରଣ ନେଇ ଆଶଙ୍କା ସୃଷ୍ଟି ହୋଇଛି।

ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ପାଣିପାଗ ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ କହିଛନ୍ତି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ଆଗାମୀ ମାସଗୁଡ଼ିକରେ ଆହୁରି ଦେଖିବାକୁ ମିଳିବ। ଚଳିତ ବର୍ଷ ମାର୍ଚ୍ଚ ଓ ଏପ୍ରିଲରେ ପ୍ରଚଣ୍ଡ ଖରା ହେବାର ଆଭାସ ମିଳିଲାଣି। ଫେବୃୟାରୀ ୧୦ରୁ ତାତି ବଢ଼ିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଫେବୃୟାରୀ ଶେଷ ବେଳକୁ ଦିନର ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ପାଖାପାଖି ରହିବ ବୋଲି ଅନୁମାନ କରାଯାଉଛି। ମାର୍ଚ୍ଚ ପ୍ରଥମ ସପ୍ତାହ ବେଳକୁ ଏହା ୪୦ ଡିଗ୍ରୀକୁ ଛୁଇଁବା ସମ୍ଭାବନା ରହିଛି। ବର୍ଷା ନ ଥିବାରୁ ଭୂପୃଷ୍ଠ ଶୁଖିଲା ରହିଛି। ଏଥିଯୋଗୁ ଗରମ ବଢ଼ିପାରେ ବୋଲି ପାଣିପାଗ ବିଶାରଦ ଅନୁମାନ କରିଛନ୍ତି।

### ତୈଳ ଦର ଚାପ...

୭୬ ପଇସାରୁ ୭୭ ପଇସାକୁ ବୃଦ୍ଧିପାଇଛି। ସେହିପରି ଡିଲକ୍ସ ବସ୍ କିଲୋମିଟର ପିଛା ୧ ଟଙ୍କା ୭ ପଇସାରୁ ୧ ଟଙ୍କା ୯ ପଇସା ଏବଂ ଏସି ଡିଲକ୍ସ ବସ୍ କିଲୋମିଟର ପିଛା ୧ଟଙ୍କା ୨୯ ପଇସାରୁ ୧ ଟଙ୍କା ୩୧ ପଇସାକୁ ବୃଦ୍ଧି ପାଇଛି। ୨୦୨୦ ଡିସେମ୍ବର ୭ ସୁଦ୍ଧା ଡିଜେଲ ଦର ୮୦.୪୨ ଟଙ୍କା ଥିବା ବେଳେ ୨୦୨୧ ଜାନୁୟାରୀ ୨୦ ସୁଦ୍ଧା ତାହା ୮୨.୧୧ ଟଙ୍କାକୁ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ଭଡ଼ା ବୃଦ୍ଧି କରାଯାଇଥିବା ସୂଚନା ଦିଆଯାଇଛି।

ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ତୈଳ ଦର ୨ ଟଙ୍କା କମ୍ କିମ୍ବା ବେଶି ହେଲେ ବସ୍ ଭଡ଼ା ମଧ୍ୟ ସେହି ଆଧାରରେ ୧ରୁ ୨ ପଇସା କମ୍ ବେଶି ହୋଇଥାଏ। ବୁଧବାର ବସ୍ ଭଡ଼ା ବୃଦ୍ଧିକୁ ନେଇ ରାଜ୍ୟ ବସ୍ ମାଲିକ ସଂଘ ଖୁସି ନାହିଁ। କରୋନା ମହାମାରୀ ବେଳେ ଅଧିକାଂଶ ବସ୍ ଫାଙ୍କାରେ ଯାଉଛି। କମ୍ ଯାତ୍ରୀ ଯାଉଥିବାରୁ ତେଲ ଖର୍ଚ୍ଚ ଓ କର୍ମଚାରୀମାନଙ୍କ ଖର୍ଚ୍ଚ ଉଠୁନାହିଁ। ଏପରିସ୍ଥଳେ ଭଡ଼ା ବୃଦ୍ଧି ହେବା ଦ୍ୱାରା ଯାତ୍ରୀ ସଂଖ୍ୟା କମିପାରେ। ଭଡ଼ା ବୃଦ୍ଧି କରିବା ପରିବର୍ତ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତୈଳ ଉପରେ ନେଉଥିବା ଟିକସ ଛାଡ଼ କରନ୍ତୁବୋଲିସଂଘରମୁଖପାତ୍ରଦେବାଶିଷନାୟକକହିଛନ୍ତି। ଅନ୍ୟପକ୍ଷରେକରୋନାସମୟରେଲୋକମାନଙ୍କରଆର୍ଥିକ ଅବସ୍ଥା ଭଲ ନ ଥିବା ବେଳେ ବାରମ୍ବାର ବସ୍ ଭଡ଼ା ବୃଦ୍ଧି ଯାତ୍ରୀଙ୍କ ଉପରେ ବୋଝ ଉପରେ ନଳିତାବିଡ଼ା ହୋଇଛି।


# classifieds

**Everyday**
**0674-2580101, 2549302**



**automobile**

**HIRE**

Hywa, Dala body Truck 10/12/14/16 chaka required, monthly tonej basis. Mob: 9040400085, 7008390351. D-19635



**real estate**

**SALE**

ଭୁବନେଶ୍ୱର New Rly Station ପାଖରେ 30ft road yellowzone plot sqft.-500/- first possession/ registration. 6371406921. D-69363

**6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112.** D-70163

ସାଲେପୁର ଶିଶୁ ମନ୍ଦିର ନିକଟରେ ଘରବାରି SC plot 85 ଡିସିମିଲ ବିକ୍ରିହେବ। 8260525897. D-19637

**Bhubaneswar Chintamaniswar Station ପାଖରେ yellowzone ଘରବାରି plot ବିକ୍ରିହେବ। 9861302460, 6370621085.** D-70159

**ଭୁବନେଶ୍ୱର ସୁନ୍ଦରପଦା Hi-Tech ଛକ ପାଖରେ ଘରବାରି boundary wall plot ମିଳୁଅଛି। 8338932027.** D-70156

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70094

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Immediate Construction Plotting Nakhara @780000, Sundarpada @240000, Saivihar S-3000000. 9437522338** D-19563

**ଭୁବନେଶ୍ୱର ଖଣ୍ଡଗିରିରୁ 10K.M distance ରେ ପିତାପଲ୍ଲୀ ଛକ NHକୁ ଲାଗି boundary, patta, registry cost ଏବଂ ମୋରମ୍ filling ସହ sqft. 1100/-ରେ ମିଳୁଛି। 9090963952.** D-70153

**କଟକ Highcourtରୁ 8K.M. ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ 200mtr ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 6372930002.** D-70148

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

**ଭୁବନେଶ୍ୱର ଜଟଣୀ ଗେଟ୍‌ରୁ 800mtr 100ft ପିଚୁରୋଡ୍‌କୁ ଲାଗି 30'ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ boundary plot ବିକ୍ରିହେବ। 9439116553.** D-70147

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

ଜାଗମରାରେ 30ft. ରୋଡ୍‌କୁ ଲାଗି 19600 Sq.ft. Plot ବିକ୍ରିହେବ। Contact: 9778928492. D-70214

C.V. Raman ପାଖରେ 4000 Sq.ft. ଘରବାରି Plot ବିକ୍ରିହେବ। Contact: 9778928492. D-70215

**Plot for sale near Oxford College, Bhingarpur, Kuranga 25' Road (Ready for Construction) 9861302460, 6370354458.** D-70161

Boundary land for sale near Murgabadi, Baripada. Contact: 9337016210. D-19660



**healthcare**

Revitalize your self with our ayurvedic massage and refreshment, Call: 7381239385. D-70091

Get refreshment Body Massage by Expert Therapist. Contact for: 6371537969. D-70099

Experience full body massage with expert therapists. Call: 7377048581. D-70092

Newly open SPA offer @799/-, positively health benefits, Jaydev Bihar. 7846814019. D-59974

Swarna SPA newly open positively health benefits with expert therapist. 9556978408. D-70097

Rejuvenate and Ayurvedic full body massage by smart therapist. 9348123330. D-70098

Newly open full body massage ladies and gents. 9337349409. D-70412


**ସବିତାବାଳା ନାୟକଙ୍କ ଡକ୍ଟରେଟ ଲାଭ**



ଗବେଷିକା ସବିତାବାଳା ନାୟକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଓଡ଼ିଆ ନାଟକ ବିଭାଗରେ ଗବେଷଣା କରି ଡକ୍ଟରେଟ ଡିଗ୍ରୀ ଲାଭ କରିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରଫେସର ଡ. ସମର ମୁଦାଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "ଭିନ୍ନ ରୂପ, ଭିନ୍ନ ସ୍ୱର: ସୁବୋଧ ପଟ୍ଟନାୟକଙ୍କ ନାଟକ" ଶୀର୍ଷକ ଚର୍ଚ୍ଚା ନିବନ୍ଧଟି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ବୈରାଗୀ ଚରଣ ଜେନା ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ ଉଚ୍ଚ ପ୍ରଶଂସିତ ହୋଇଥିଲା । ଡ. ସବିତାବାଳା ନାୟକ, ବିଜୁନଗର, ଝାରସୁଗୁଡ଼ା ନିବାସୀ ଶ୍ରୀଯୁକ୍ତ ଭାଗୀରଥି ନାୟକ ଓ ଶ୍ରୀମତୀ ରଂଜୁଲତା ନାୟକଙ୍କ କନିଷ୍ଠ କନ୍ୟା ତଥା ଜଟଣୀ, ଖୋର୍ଦ୍ଧା ନିବାସୀ ସ୍ୱର୍ଗତ ବିଶ୍ୱମ୍ଭର ରାଉତରାୟ ଓ ଶ୍ରୀମତୀ ସରୋଜିନୀ ରାଉତରାୟଙ୍କ କନିଷ୍ଠ ପୁତ୍ରବଧୂ ଏବଂ ଝାରସୁଗୁଡ଼ା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଅର୍ଥ ବିଭାଗରେ କାର୍ଯ୍ୟରତ ଶ୍ରୀଯୁକ୍ତ ନଳିନୀକାନ୍ତ ରାଉତରାୟଙ୍କ ସହଧର୍ମିଣୀ ଅଟନ୍ତି । ତାଙ୍କର ଏଇ ସଫଳତା ପାଇଁ ନିବନ୍ଧର ତତ୍ତ୍ୱାବଧାରକ ପୂଜ୍ୟଗୁରୁ ଡ. ସମର ସାର୍, ପିତାମାତା, ପତି ଓ ପରିବାରବର୍ଗଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଏହା ସମ୍ଭବ ହୋଇଥିବାରୁ ନିଜକୁ ଧନ୍ୟ ମନେକରୁଛନ୍ତି ।

ଧ-୧୯୬୬୭

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବିଶିଷ୍ଟ ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସି ସମ୍ମାନ, ପ୍ରତିଷ୍ଠା ଲାଭ କରିବେ। ଉଚ୍ଚଶିକ୍ଷା, ସନ୍ତାନଙ୍କ ସମସ୍ୟା ସମାଧାନ ଓ ବନ୍ଧୁ ସହ ଆଲୋଚନା କ୍ଷେତ୍ରରେ ସମସ୍ୟା ଆସିପାରେ। ଭଲ କଥା କହିଲେ ମଧ୍ୟ ତାହାକୁ ଅନ୍ୟମାନେ ଭିନ୍ନାର୍ଥରେ ଗ୍ରହଣ କରିପାରନ୍ତି। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ।

**ବୃଷ**
କୃତିତ୍ୱର ପୁରସ୍କାର ସ୍ୱରୂପ ବିଭିନ୍ନ କ୍ଷେତ୍ରରୁ ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇବେ। ସହକର୍ମୀଙ୍କ ମାଧ୍ୟମରେ ପ୍ରତ୍ୟେକ କାମକୁ ସୁରୁଖୁରୁରେ କରାଇନେଇପାରନ୍ତି। ପାରିବାରିକ ଅଶାନ୍ତି କାରଣରୁ ମାନସିକ ଉଦ୍‌ବେଗ ବଢ଼ିପାରେ । କଳା, ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ**
ଶାରୀରିକ ସ୍ୱାସ୍ଥ୍ୟ ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିବ, ତଥାପି ପୁଷ୍ୟାନକ୍ଷତ୍ରର କୌଣସି ପ୍ରକାର ଅସୁବିଧା ହେବନାହିଁ । ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ସରକାରୀ କ୍ଷେତ୍ରରୁ ଋଣସୂତ୍ରରେ ଅର୍ଥଲାଭର ଆଶା ରହିଛି ।

**କର୍କଟ**
ସାହାଯ୍ୟ, ସହଯୋଗ ଦ୍ୱାରା ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ ହେବ। ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେଇପାରନ୍ତି। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ। ନିର୍ମାଣ, ଯୋଗାଯୋଗ, ପ୍ରେସ୍ କ୍ଷେତ୍ରରେ କାମଗୁଡ଼ିକ ସମ୍ପନ୍ନ ହୋଇପାରିବ।

**ସିଂହ**
ପାରିବାରିକ ଅଶାନ୍ତି ମନ ଭିତରେ ଭରି ରହିଥିଲେ ମଧ୍ୟ କୌଣସି କାର୍ଯ୍ୟ ଅଟକିବ ନାହିଁ। କୌଣସି ନୂତନ ଯୋଜନାରମ୍ଭ ସହଯୋଗ ଅଭାବରୁ ମଉଳି ଯିବାକୁ ବସିପାରେ। ଈର୍ଷାପରାୟଣ ମନୋଭାବ ନେଇ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ ନାହିଁ। ନିଜ ଦୋଷରୁ କେତେକ ସୁଯୋଗ ହାତଛଡ଼ା ହୋଇପାରେ ।

**କନ୍ୟା**
ଯାହା କରିବାକୁ ଯୋଜନା କରୁଛନ୍ତି ତାହା ସଫଳ ହେବା କଷ୍ଟକର ହୋଇପାରେ। ନିଜର ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି । ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ତୁଳା**
କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିବ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳିନେବେ। ମାଲିମକଦ୍ଦମା, ବନ୍ଧୁଙ୍କ ସହ ଆଲୋଚନା ମୂଲ୍ୟହୀନ ହୋଇ ନ ପାରେ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତିରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା**
ହାତପାହାନ୍ତାରୁ ସବୁ ସୁବିଧାସୁଯୋଗ ପାଇଯିବେ। ଯାହାକୁ ନିଜର ମନେକରୁଛନ୍ତି ସେହିମାନଙ୍କର ହିଁ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାରେ ଗାତ୍ରଦାହ ସୃଷ୍ଟି ହେବ। ଆପୋସ ଆଲୋଚନାରେ ଘରୋଇ ସମସ୍ୟାର ସମାଧାନ କରିପାରିବେ। କଳା,ସାହିତ୍ୟ, ସାମ୍ବାଦିକତା, ପ୍ରଶାସନରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ଧନୁ**
କଥାର କଠୋରତା ସବୁ ବିଷୟକୁ ପିତା କରିଦେଇପାରେ। ଅର୍ଥନୈତିକ, ସାମାଜିକ ସ୍ଥିତି ମଜଭୁତ ରହିବ। ଉତ୍ତରାଷାଢ଼ା ନକ୍ଷତ୍ର ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସମାଧାନ କରିବାରେ ସଫଳ ହେବ। ବ୍ୟବସାୟ, ନିର୍ମାଣ, ପରିବହନ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମକର**
ଏକାଧିକ କାର୍ଯ୍ୟରେ ଅନୁପ୍ରବେଶ କୌଣସିଟାରେ ମଧ୍ୟ ସଫଳତା ଦେବ ନାହିଁ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁଙ୍କୁ ବିଭିନ୍ନ ବିନୟପୂର୍ଣ୍ଣ କଥା କହି ସଫଳତା ହାସଲ କରିବେ । ଶିଳ୍ପ, ବାଣିଜ୍ୟ ଓ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବାକୁ ଆପ୍ରାଣ ଚେଷ୍ଟା କରିପାରନ୍ତି।

**କୁମ୍ଭ**
ଏଣେ ପାଇଲେ ତେଣେ ଖର୍ଚ୍ଚର ବାଟ ଖୋଲିଯିବ, ଫଳରେ ହାତ ଫାଙ୍କା ରହିବ । ପରିବାରର ସମସ୍ୟାକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ବାଦବିବାଦ କ୍ରମେ ଜଟିଳ ହୋଇପାରେ, କିନ୍ତୁ ପୂର୍ବଭାଦ୍ରପଦ୍ ନକ୍ଷତ୍ର ଖର୍ଚ୍ଚାନ୍ତ ହୋଇ ସଫଳତା ହାସଲ କରିବେ। ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଆଶା ପୂରଣ କରିପାରନ୍ତି।

**ମୀନ**
ମନକୁ ଯେପରି ଆସୁଛି ସେପରି କରିଚାଲନ୍ତୁ କିଛି ଅସୁବିଧା ହେବ ନାହିଁ। ବିଶେଷ କାରଣ ନ ଥାଇ ମଧ୍ୟ ଆଜି ପରିବାରରେ ଟଣାଓଟରା ଲାଗିପାରେ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। ଋଣ ପରିଶୋଧ ପାଇଁ ବ୍ୟଗ୍ରତା, ସମ୍ପର୍କୀୟଙ୍କ ଅଭିଯୋଗ ଏବଂ ପଡ଼ୋଶୀଙ୍କ ଟାହିଟାପରା ମନକୁ ବିଭ୍ରାନ୍ତ କରିବାର ସୂଚନା ରହିଛି।

ଆଜି ପୌଷ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ, ଗୁରୁବାର, ଜାନୁୟାରୀ ୨୧ ତାରିଖ, ରାଶି ନକ୍ଷତ୍ର–ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୮ ଗତେ ଦିବା ଘ.୦୭।୫୬ ମଧ୍ୟେ, ଘ.୧୦।୫୨ ଗତେ ଘ.୦୧।୦୪ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୧।୨୦.ଗତେ ଘ.୦୨।୪୩ ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୬୮,୫୨,୧୭୩ | ୨୦,୭୨,୦୬୧ | ୬,୯୪,୬୮,୧୪୩ |
| ଭାରତ | ୧,୦୬,୦୬,୨୧୫ | ୧,୫୨,୮୦୨ | ୧,୦୨,୫୬,୪୧୦ |
| ଓଡ଼ିଶା | ୩,୩୩,୭୨୩ | ୧୯୦୨(+୫୩) | ୩,୩୦,୩୨୧ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ବାମପନ୍ଥୀ ମାଓବାଦୀ କାର୍ଯ୍ୟକଳାପ ରୋକିବାକୁ ରଣନୀତି

## ଡିଜିପି-ବିଏସ୍ଏଫ୍ ଡିଜି ଆଲୋଚନା: ଲାଲ୍‌ଗଡ଼କୁ ମାଓବାଦୀମୁକ୍ତ ପାଇଁ ସଂକଳ୍ପ

ଭୁବନେଶ୍ୱର,୨୦।୧(ବ୍ୟୁରୋ)


ବିଏସ୍ଏଫ୍ ମହାନିର୍ଦ୍ଦେଶକ ରାକେଶ ଆସ୍ଥାନା ବୁଧବାର ଓଡ଼ିଶା ଗସ୍ତରେ ଆସି ପୋଲିସ ଡିଜି ଅଭୟଙ୍କ ସହ ଭୁବନେଶ୍ୱରରେ ଆଲୋଚନା କରିଛନ୍ତି।

ରାଜ୍ୟରେ ବାମପନ୍ଥୀ ମାଓବାଦୀଙ୍କ କାର୍ଯ୍ୟକଳାପକୁ ରୋକିବାକୁ ଆରମ୍ଭ ହୋଇଛି ନୂଆ ରଣନୀତି। ଏନେଇ ବିଏସ୍ଏଫ୍ ମହାନିର୍ଦ୍ଦେଶକ ରାକେଶ ଆସ୍ଥାନା ବୁଧବାର ଓଡ଼ିଶା ଗସ୍ତରେ ଆସି ପୋଲିସ ଡିଜି ଅଭୟଙ୍କ ସହ ଆଲୋଚନା କରିଛନ୍ତି। ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ୍‌ରେ ଅନୁଷ୍ଠିତ ବୈଠକରେ ଏହା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଆଗାମୀ ରଣନୀତିକୁ ସଫଳ କରିବା ପାଇଁ ଦୃଢ଼ ସଂକଳ୍ପ ନେବାକୁ ବିଏସ୍ଏଫ୍ ଡିଜି ଆସ୍ଥାନା ଆହ୍ୱାନ ଦେଇଛନ୍ତି। ଡିଜିପି ଅଭୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶା ପୋଲିସର ବରିଷ୍ଠ ଅଧିକାରୀ, ଇଣ୍ଟେଲିଜେନ୍ସି ବିଏସ୍ଏଫ୍‌ର ଅଧିକାରୀମାନେ ରାଜ୍ୟକୁ ମାଓବାଦୀମୁକ୍ତ କରିବା ନେଇ ଦୃଢ ସଂକଳ୍ପ ନେଇଥିଲେ। ଆସ୍ଥାନା ବାମପନ୍ଥୀ ଆତଙ୍କବାଦ ବା ମାଓବାଦୀ କାର୍ଯ୍ୟକଳାପ ଉପରେ ସମ୍ପୂର୍ଣ୍ଣ ରୋକ୍ ଦେବାନେଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ଡିଜିପି ଓ ଉପସ୍ଥିତ ବରିଷ୍ଠ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ରାଜ୍ୟ ପୋଲିସ ଓ ବିଏସ୍ଏଫ୍ ଅଧିକାରୀମାନେ ରାଜ୍ୟରେ ବର୍ତ୍ତମାନର ବାମପନ୍ଥୀ ମାଓବାଦୀଙ୍କ ଉପସ୍ଥିତି ଓ ପରିସ୍ଥିତି ସମ୍ବନ୍ଧୀୟ ପ୍ରସଙ୍ଗ ସଂକ୍ରାନ୍ତରେ ସୂଚନା ଦେଇଥିଲେ। ବିଶେଷକରି ଲାଲ୍‌ଗଡ଼ରେ ନିୟୋଜିତ ବିଏସ୍ଏଫ୍ କମ୍ପାନୀଗୁଡିକ କିପରି ବିପଦକୁ ମୁକାବିଲା କରିବା ଦିଗରେ ସଫଳ ରଣନୀତିକୁ କାର୍ଯ୍ୟକ୍ଷମ କରାଯାଇପାରିବ ତାହା ଉପରେ ଆଲୋଚନାରେ ଫୋକସ୍ ରହିଥିଲା। ମାଓବାଦୀଙ୍କ ଉପସ୍ଥିତି ଓ ବେଶ୍ ପ୍ରଭାବ ରହିଥିବା ଅଞ୍ଚଳରେ ବିଏସ୍ଏଫ ଯବାନଙ୍କ ପୁନଃ ମୁତୟନକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ରାଜ୍ୟ ପୋଲିସ ଓ ବିଏସ୍ଏଫ୍ ମଧ୍ୟରେ ଉଚିତ ସମନ୍ୱୟରେ ଲାଲ୍‌ଗଡ଼କୁ ମାଓବାଦୀମୁକ୍ତ କରିବାର ଗୁରୁଦାୟିତ୍ୱକୁ ଠିକ ଭାବେ ତୁଲାଇବାକୁ ଅଧିକାରୀମାନେ ଦୃଢ ସଂକଳ୍ପ ନେଇଛନ୍ତି।

# ରଡ୍‌ରେ ପିଟି ମା'ଙ୍କୁ ହତ୍ୟା

## ନିଶାସକ୍ତ ପୁଅର ଉନ୍ମତ୍ତକାଣ୍ଡ

କବିସୂର୍ଯ୍ୟନଗର,୨୦।୧

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବାଲିଛାଇ ଫାଣ୍ଡି ଅଧୀନ ବଣପଲ୍ଲୀ ଗ୍ରାମରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ନିଶାସକ୍ତ ପୁଅ ରଡ୍‌ରେ ପିଟି ମା'ଙ୍କୁ ହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ସରସ୍ୱତୀ ପଲେଇ (୬୮)। ଏ ନେଇ ସରସ୍ୱତୀଙ୍କ ସ୍ୱାମୀ ପାଣ ପଲେଇଙ୍କ ଅଭିଯୋଗକ୍ରମେ ନଂ.୨୦/୨୧ରେ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ପୁଅ ସନ୍ନ୍ୟାସୀ ପଲେଇ (୪୦)ଙ୍କୁ ପୋଲିସ ବୁଧବାର କବିସୂର୍ଯ୍ୟନଗର ମର୍ଦ୍ଦରାଜ ହାଇସ୍କୁଲ ଆଗରୁ ଗିରଫ କରିଛି। ଆସିକା ଡାକ୍ତରଖାନାରେ ସରସ୍ୱତୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ନ୍ୟାସୀଙ୍କ ସ୍ତ୍ରୀ ୨ ପୁଅଙ୍କୁ ଧରି ଶ୍ୱଶୁରଙ୍କ ସହ ମଧୁପଲ୍ଲୀସ୍ଥିତ ବାପଘରକୁ ଯାଇଥିଲେ। ସରସ୍ୱତୀ ରାତିରେ ଦାଣ୍ଡଘରେ ଶୋଇଥିଲେ। ବିଳମ୍ବିତ ରାତିରେ ସନ୍ନ୍ୟାସୀ ନିଶାସକ୍ତ ଅବସ୍ଥାରେ ଆସି କୌଣସି କଥାକୁ ନେଇ ମା'ଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେ ମା'ଙ୍କ ଚୁଟି ଘୋଷାଡ଼ି ଅନ୍ୟ ଏକ ଘରକୁ ନେଇ ଏକ ରଡ୍‌ରେ ମୁଣ୍ଡକୁ ପିଟିଥିଲେ। ପରେ ଟାକୁ ଓ କୋଡ଼ି ବେଣ୍ଟରେ ଆକ୍ରମଣ କରିଥିଲେ। ଫଳରେ ଅତ୍ୟଧିକ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ସରସ୍ୱତୀଙ୍କ ମୃତ୍ୟୁ ଘଟିଥିଲା। ପରେ ସନ୍ନ୍ୟାସୀ ମଧୁପଲ୍ଲୀ ଯାଇ ସ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ କହିବା ସହ ଅନ୍ୟ ସମ୍ପର୍କୀୟଙ୍କୁ ମଧ୍ୟ ଜଣାଇଥିଲେ। ହତ୍ୟାକାଣ୍ଡ ନେଇ ଗ୍ରାମବାସୀଙ୍କଠାରୁ ଖବରପାଇ ବାଲିଛାଇ ଫାଣ୍ଡି ଅଧିକାରୀ ଉମାଚରଣ ପ୍ରହରାଜ, କବିସୂର୍ଯ୍ୟନଗର ଆଇଆଇସି ପ୍ରଭାତ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ କରିଥିଲେ। ହତ୍ୟାରେ ବ୍ୟବହୃତ ରଡ୍, ଟାକୁ ଓ କୋଡ଼ି ବେଣ୍ଟକୁ ପୋଲିସ ଜବତ କରଛି।

# ସଞ୍ଜୀବ ମିତ୍ତଲ ସମ୍ବଲପୁର ବିଶ୍ୱବିଦ୍ୟାଳୟର ନୂଆ କୁଳପତି

ଭୁବନେଶ୍ୱର/ସମ୍ବଲପୁର,୨୦।୧(ବ୍ୟୁରୋ)



ସଞ୍ଜୀବ ମିତ୍ତଲ

ସମ୍ବଲପୁର ବିଶ୍ୱବିଦ୍ୟାଳୟର ନୂତନ କୁଳପତି ହେଲେ ପ୍ରଫେସର ସଞ୍ଜୀବ ମିତ୍ତଲ। ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଅଧିନିୟମ ୨୦୨୦ ଅନୁସାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ବୁଧବାର ପ୍ରଫେସର ମିତ୍ତଲଙ୍କୁ ଏହି ନୂଆ ନିଯୁକ୍ତି ପ୍ରଦାନ କରିଛନ୍ତି। କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ୪ବର୍ଷ ପାଇଁ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟ କରିବେ। ବର୍ତ୍ତମାନ ସେ ଦିଲ୍ଲୀସ୍ଥିତ ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ୬୨ବର୍ଷୀୟ ପ୍ରଫେସର ମିତ୍ତଲଙ୍କ ୨୯ବର୍ଷର ଅଧ୍ୟାପନା ଅଭିଜ୍ଞତା ଥିବାବେଳେ ୧୩ବର୍ଷ ପ୍ରଫେସର ଭାବେ କାର୍ଯ୍ୟ କରିଛନ୍ତି। ସେ ନାକ୍ ଆକ୍ରିଡେଶନ ବୋର୍ଡର ସଦସ୍ୟ ମଧ୍ୟ ଥିଲେ। ତାଙ୍କର ୧୧୧ଟି ଲେଖା ବିଭିନ୍ନ ପୁସ୍ତକ ଓ ଜର୍ନାଲରେ ପ୍ରକାଶ ହୋଇଛି।

# ଚିଲ୍‌ଡ୍ରେନ୍ କୋର୍ଟକୁ ଗଲା ପରୀ ହତ୍ୟା ମାମଲା

**ନୟାଗଡ଼ ଅଫିସ,୨୦।୧:** ବହୁଚର୍ଚ୍ଚିତ ପରୀ ହତ୍ୟା ମାମଲା ଚିଲ୍‌ଡ୍ରେନ କୋର୍ଟକୁ ସ୍ଥାନାନ୍ତର ହୋଇଛି। ବୁଧବାର ଜୁଭେନାଇଲ ଜଷ୍ଟିସ ବୋର୍ଡ(କିଶୋର ନ୍ୟାୟ ପରିଷଦ)ରେ ଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ଦ୍ୱାରା ଧାରା ୧୫ ଅନୁସାରେ ବାଳସୁଧାର ଗୃହରେ ଥିବା କଲେଜ ଛାତ୍ରଙ୍କୁ ପଚରାଉଚୁରା କରାଯାଇଥିଲା। ଏହାପରେ ଜୁଭେନାଇଲ ଜଷ୍ଟିସ ବୋର୍ଡ ସେହି ମାମଲାକୁ ଚିଲଡ୍ରେନ କୋର୍ଟକୁ ସ୍ଥାନାନ୍ତର କରିଛନ୍ତି। ଚିଲ୍‌ଡ୍ରେନ କୋର୍ଟରେ କଲେଜ ଛାତ୍ରଙ୍କୁ ହାଜର କରାଯାଇଛି। ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୫ରେ ହେବ। ଅନ୍ୟପକ୍ଷେ କଲେଜ ଛାତ୍ରଙ୍କ ସ୍ୱରର ସ୍ତର ନିରୀକ୍ଷଣ (ଲୟାର ଭଏସ୍ ଆନାଲିସିସ୍) ପାଇଁ ଏସ୍ଆଇଟି କରିଥିବା ଆବେଦନ ଓ ରିମାଣ୍ଡ ସମୟରେ କଲେଜ ଛାତ୍ରଙ୍କୁ ମାଡ ଓ ନିର୍ଯାତନା ଅଭିଯୋଗର ଶୁଣାଣି ଚିଲଡ୍ରେନ କୋର୍ଟରେ ହେବ ବୋଲି ବୋର୍ଡଙ୍କ ନିର୍ଦ୍ଦେଶ ରହିଥିବା ସରକାରୀ ଓକିଲ ବଳଭଦ୍ର ମହାନ୍ତି ସୂଚନା ଦେଇଛନ୍ତି। କଲେଜ ଛାତ୍ରଙ୍କ ଓକିଲ ଚନ୍ଦ୍ର ବିଜୟୀ ମିଶ୍ର କହିଛନ୍ତି, ୧୬ରୁ ୧୮ ବର୍ଷ ମଧ୍ୟରେ ପିଲାଟିର ବୟସ ରହିଛି। ପୁଣି ତାଙ୍କ ନାଁରେ ଗୁରୁତର ଅଭିଯୋଗ ଆସିଛି। ଏଣୁ ଆଇନ ମୁତାବକ ଜୁଭେନାଇଲ ଜଷ୍ଟିସ ବୋର୍ଡରୁ ମାମଲା ଚିଲଡ୍ରେନ କୋର୍ଟକୁ ସ୍ଥାନାନ୍ତରିତ କରାଯାଇଛି।



ନିଜ ଭିତରେ ଆଲୋକ ଜଳି ଉଠିବା ପର୍ଯ୍ୟନ୍ତ ତୁମେ ତୁମ ନିଜ ପାଇଁ କେତେକ ନୀତି ସ୍ଥିର କରିନିଅ । କିନ୍ତୁ ସେହି ନୀତିଗୁଡ଼ିକ ଯେପରି ତୁମକୁ ବାନ୍ଧି ନ ପକାଏ ବା ତୁମକୁ ଗୋଟିଏ ଜାଗାରେ ଲାଖି ନ ରଖାଏ ! –ଶ୍ରୀମା



# ବାର୍ଡ ଫ୍ଲୁର ନୂଆ ରୂପ



ମାନେକା ଗାନ୍ଧୀ

ଏହି ଲେଖା ତୁମେ ପଢ଼ିବାବେଳକୁ ବାର୍ଡ ଫ୍ଲୁରେ ଲକ୍ଷ ଲକ୍ଷ କୁକୁଡ଼ା ମରି ଯାଇଥିବେ । କେତେକ ସ୍ୱାଭାବିକ ଭାବେ ମରିଥିବେ ତ ଅନ୍ୟମାନଙ୍କୁ ବାଡେଇ କିମ୍ବା ଗଳାଚିପି ମରାଯାଇଥିବ । ପ୍ରକୃତରେ ଫ୍ଲୁ ଆକ୍ରାନ୍ତଙ୍କ ମଧ୍ୟରୁ ଖୁବ୍ କମ୍ କୁକୁଡ଼ାଙ୍କୁ ପୋଡ଼ି କିମ୍ବା ମାଟିରେ ପୋତି ମାରି ଦିଆଯାଏ । ହେଲେ ଏମାନଙ୍କ ମଧ୍ୟରୁ ଅଧିକାଂଶ କୁକୁଡ଼ାଙ୍କୁ କୁକୁଡ଼ା ଫାର୍ମ ମାଲିକ କମ୍ ଦାମ୍‌ରେ ବିକ୍ରି କରିଥାନ୍ତି, ଯାହାକୁ ତୁମେ କିଣି ଖାଇଥାଅ । ବାର୍ଡ ଫ୍ଲୁ ହେଲେ କୁକୁଡ଼ା ମାଂସରେ କିଛି ଫରକ୍ ପଡେନାହିଁ ଓ ଏହାକୁ ରାନ୍ଧି ଖାଇଲେ ଶରୀରର କ୍ଷତି କରିବ ନାହିଁ ବୋଲି ଖବରକାଗଜଗୁଡ଼ିକରେ ପ୍ରକାଶିତ ତଥ୍ୟକୁ ନେଇ ତୁମମାନଙ୍କ ମଧ୍ୟରୁ ଅନେକେ ଯୁକ୍ତି ବାଢନ୍ତି । ଏ ଯୁକ୍ତିର କିଛି ମୂଲ୍ୟ ନାହିଁ । ଲୋକମାନଙ୍କୁ ମାଂସ ଯୋଗାଇ ଦେବାରେ ଦୁଇଟି ପାର୍ଟି ଆଗ୍ରହୀ ଥିବା ଲକ୍ଷ୍ୟ କରାଯାଏ । ପ୍ରଥମେ କୁକୁଡ଼ା ଶିଳ୍ପ ପୂରା ଦେବାଳିଆ ନ ହେବା ଲକ୍ଷ୍ୟରେ କୁକୁଡ଼ା ବିକ୍ରି କରିଥାନ୍ତି ଓ ସେହି ମୃତ ରୋଗଣା କୁକୁଡ଼ାଗୁଡ଼ିକୁ ତୁମେ କିଣିବାରେ ଲାଗିଯାଅ । ଦ୍ୱିତୀୟ ପାର୍ଟି ହେଉଛି ସରକାରଙ୍କ ପଶୁପାଳନ ମନ୍ତ୍ରଣାଳୟ । ଏହା ଜଣାଇ ଦେବାକୁ ଚାହେଁ ଯେ,ଭାରତରେ ଅଧିକ କୁକୁଡ଼ା ଓ କଂସେଇଖାନା ରହିଛି । ଲୋକମାନେ ଯେତେ ଅଧିକ କୁକୁଡ଼ା ଖାଇବେ ମନ୍ତ୍ରଣାଳୟ ସେତେ ସଫଳ ବୋଲି ମନେକରେ । କେତେ ଲୋକ ଏହାକୁ ଖାଇ ରୋଗରେ ପଡୁଛନ୍ତି ସେ ତଥ୍ୟ ଜାଣିବା ଏମାନଙ୍କ ଅଧିକାର ନୁହେଁ । କୁକୁଡ଼ା ରୋଗଗ୍ରସ୍ତ ହୋଇଥାଆନ୍ତୁ କିମ୍ବା ହୋଇ ନ ଥାଆନ୍ତୁ, ଲୋକମାନେ ଏହାକୁ କେତେ କିଣୁଛନ୍ତି ତାହା ଜାଣିବା ଏମାନଙ୍କ ଅଧିକାର । ରୋଗଗ୍ରସ୍ତ ଲୋକମାନଙ୍କ ଚିକିତ୍ସା କରିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କାର୍ଯ୍ୟ । ସେଥିପାଇଁ ଏହି ଦୁଇ ପାର୍ଟି କେବେ ବି ଏଥିରେ ମୁଣ୍ଡ ଖେଳାନ୍ତି ନାହିଁ । ଏହି ସମୟରେ ପ୍ରକାଶିତ ପ୍ରତ୍ୟେକ ଆର୍ଟିକିଲ୍ ଦର୍ଶାଇବ ଯେ,କୌଣସି ଲୋକଙ୍କଠାରେ କେବେ ବି ବାର୍ଡ ଫ୍ଲୁ ଦେଖାଦେଇନି କି ପକ୍ଷୀଠାରୁ ମଣିଷଙ୍କୁ ଏହା ସଂକ୍ରମିତ ହୋଇପାରିବ ନାହିଁ । କିନ୍ତୁ ଏହି କଥାର ଆଦୌ ସତ୍ୟତା ନାହିଁ । ଯଦି ପକ୍ଷୀଠାରୁ ମଣିଷଙ୍କୁ ବାର୍ଡ ଫ୍ଲୁ ସଂକ୍ରମିତ ହୁଏ ନାହିଁ,ତେବେ କାହିଁକି ଇନ୍‌ଫେକ୍ସିୟସ ଆଣ୍ଡ୍ କଣ୍ଟାଜିନିୟସ୍ ଡିଜିଜ୍ ପ୍ରିଭେନ୍‌ଶନ ଆକ୍ଟ ୨୦୦୯ ଅନୁଯାୟୀ ପକ୍ଷୀଗୁଡ଼ିକୁ ମରାଯାଉଛି । ତୁମେ ଭାବୁଛ କି ପକ୍ଷୀଟିଏ ସଂକ୍ରମିତ ହେଲେ ସରକାର ତା'ଯତ୍ନ ନେବେ ? କେବେ ନୁହେଁ । ସେମାନଙ୍କ ନିଦ ସେତିକିବେଳେ ଭାଙ୍ଗିବ ଯେତେବେଳେ ପକ୍ଷୀଙ୍କଠାରୁ ଲୋକଙ୍କୁ ରୋଗ ସଂକ୍ରମିତ ହେବ । ୧୯୯୭ରେ ପ୍ରଥମେ ଏହା ୧୮ ଜଣଙ୍କଠାରେ ଦେଖାଯାଇଥିଲା । ଏମାନେ ହଂକଂର ଏକ ଜିଅନ୍ତା ପକ୍ଷୀ ମାର୍କେଟରେ କାମ କରୁଥିଲେ । ସଂକ୍ରମିତ ୧୮ ଜଣଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା । ସେତେବେଳେ ଠାବ କରାଯାଇଥିବା ଏଚ୍‌୫ଏନ୍‌୧ ଷ୍ଟ୍ରେନ୍ ଏବେ ଭାରତରେ ଦେଖାଯାଇଥିବା ଭୂତାଣୁ ସହ ସମାନ, ଯାହା ଅଧିକ କୁକୁଡ଼ାଙ୍କ ମୃତ୍ୟୁର କାରଣ ହେଉଛି ।

ଦେଶ ସାରା ବାର୍ଡ ଫ୍ଲୁ ବ୍ୟାପିଯାଇଛି । ହିମାଚଳପ୍ରଦେଶଠାରୁ ଆରମ୍ଭ କରି କେରଳ ଯାଏ ସବୁଠି ଲକ୍ଷ ଲକ୍ଷ କୁକୁଡ଼ା ମାରି ଦିଆଯାଉଛି । ତୁମକୁ ଭୟରେ ଥରହର କରୁଥିବା କୋଭିଡ୍ ଭଳି ଏହା ମଧ୍ୟ ଏକ ସଂକ୍ରମଣକାରୀ ଫ୍ଲୁ ଡିଜିଜ୍ (ବାର୍ଡ ଇନ୍‌ଫ୍ଲୁଏଞ୍ଜା) । ଇନ୍‌ଫ୍ଲୁଏଞ୍ଜା ଟାଇପ୍-ଏ ଭାଇରସ୍‌ର ବହୁ ପ୍ରକାର ଷ୍ଟ୍ରେନ୍ ରହିଛି । ପ୍ରଥମେ ଭାରତକୁ ଆସିଲାବେଳେ ଏହା ଥିଲା ଏଚ୍‌୧ଏନ୍‌୧ । ୧୪ ବର୍ଷ ପରେ ଏହାର ପରିବର୍ତ୍ତିତ ରୂପକୁ ଏବେ ଏଚ୍‌୫ଏନ୍‌୧ ଏବଂ ଏଚ୍‌୮ଏନ୍‌୧ ବୋଲି କୁହାଯାଉଛି । ସେଫିଲ୍‌କୁ ଯେମିତି ବିଦେଶୀମାନଙ୍କ ରୋଗ କୁହାଯାଉଛି, ସେମିତି ସବୁ ଦେଶର ସରକାର ବିଶ୍ୱାସ କରୁଛନ୍ତି ଯେ,ବାର୍ଡ ଫ୍ଲୁ ବିଦେଶରୁ ସେମାନଙ୍କ ଦେଶକୁ ପକ୍ଷୀମାନଙ୍କ ଦ୍ୱାରା ଆସୁଛି । ସେମାନଙ୍କ ଧାରଣା ଯେ,ବହିରାଗତ ସଂକ୍ରମିତ ପକ୍ଷୀମାନେ କୁକୁଡ଼ା ଫାର୍ମଗୁଡ଼ିକ ଉପରେ ମଳତ୍ୟାଗ କରିବା ଦ୍ୱାରା ଏହି ରୋଗ ବ୍ୟାପୁଛି । ସେହି ସବୁ ଦେଶରେ କେବେ ବି ବାର୍ଡ ଫ୍ଲୁ ହୋଇ ନ ଥାଇପାରେ,କିନ୍ତୁ ସେଠାରୁ ପକ୍ଷୀଗୁଡ଼ିକ ଭାରତକୁ ଆସିଲେ ସେମାନଙ୍କଠାରେ ଏହି ଭୂତାଣୁ ଦେଖାଯାଉଛି ! ମୋତେ ଲାଗୁଛି କୁକୁଡ଼ା ଫାର୍ମଗୁଡ଼ିକରୁ ବହିରାଗତ ପକ୍ଷୀମାନଙ୍କୁ ଏହି ଭୂତାଣୁ ଯାଉଥିବାର ଅଧିକ ସମ୍ଭାବନା ରହିଛି । ଫାର୍ମରେ ଥିବା କୁକୁଡ଼ାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ନ ଥିବାରୁ ସେମାନେ ମରିଯାଉଛନ୍ତି । ଆମେରିକାର ସେଣ୍ଟର୍ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନ୍‌ଶନ (ସିଡିସି) ଅନୁସାରେ କୁକୁଡ଼ାମାନଙ୍କଠାରେ ଦେଖାଦେଇଥିବା ଏଚ୍‌୫ଏନ୍‌୧ ଭାଇରସ୍‌ର ପେଣ୍ଠସ୍ଥଳ କୁହାଯାଉଥିବା ୬ଟି ଦେଶ ମଧ୍ୟରେ ଭାରତ ରହିଛି ଶୀର୍ଷରେ । ଅନ୍ୟ ଦେଶଗୁଡ଼ିକ ହେଉଛନ୍ତି ଚାଇନା, ବାଂଲାଦେଶ, ଭିଏତ୍‌ନାମ, ଇଣ୍ଡୋନେସିଆ ଏବଂ ଇଜିପ୍ଟ । ଏହି ସବୁ ଦେଶରେ କୁକୁଡ଼ାମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ । ଏମାନଙ୍କୁ କାହିଁକି ଏଭଳି ରଖାଯାଇଛି ଓ ଏମାନେ କାହିଁକି ଶୀଘ୍ର ବାର୍ଡ ଫ୍ଲୁର ଶିକାର ହେଉଛନ୍ତି ତାହା ବି ବୁଝିହେଉ ନାହିଁ ।

ଭାରତର କୁକୁଡ଼ାଫାର୍ମଗୁଡ଼ିକ ପୃଥିବୀର ନର୍କ ସଦୃଶ । ଏଠାରେ କୁକୁଡ଼ାମାନଙ୍କୁ ଅସ୍ୱାସ୍ଥ୍ୟକର ଛୋଟ ପିଞ୍ଜରାରେ ରଖାଯାଇଥାଏ,ଯେଉଁଠି ଏମାନେ ଭଲ ଭାବେ ଚଳପ୍ରଚଳ ହୋଇପାରନ୍ତି ନାହିଁ । ଏମାନଙ୍କ ଥଣ୍ଟ ଓ ପଞ୍ଝା କାଟିଦିଆଯାଏ ,ଶରୀର ସାରା କ୍ଷତ ହୋଇଥାଏ । ଅନେକଙ୍କଠାରେ ଏନ୍‌ସେଫାଲୋମାଇଲିଟିସ,ଚିକେନ ଆନେମିଆ ଭାଇରସ୍ ଇନ୍‌ଫେକସନ, କ୍ଲେମାଇଡିୟୋସିସ୍, ଇନ୍‌ଫେକ୍ସିୟସ ବ୍ରୋଙ୍କାଇଟିସ, ଇନ୍‌ଫେକ୍ସିୟସ ବର୍ସଲ ଡିଜିଜ୍, ଇନଫେକ୍ସିୟସ କୋରାଇଜା, ଇନ୍‌ଫେକ୍ସିୟସ ଲାରିଙ୍ଗୋଟ୍ରାକିଟିସ୍, ଟିକ୍ ଫିଭର କିମ୍ବା ସ୍ପାଇରୋଚେଟୋସିସ୍, ଆଭିୟାନ ଲ୍ୟୁକୋସିସ୍ ଆଦି ରୋଗ ଦେଖାଯାଇଥାଏ । ଏମାନଙ୍କର ସବୁବେଳେ ପତଳା ଝାଡ଼ା ଲାଗିରହେ । କୋସିଡିଆ ପାରାସାଇଟ୍ ସଂକ୍ରମିତ ହୋଇ ଅନେକଙ୍କର ପତଳାଝାଡ଼ାରେ ରକ୍ତ ପଡ଼େ । ଅଧିକାଂଶ କୁକୁଡ଼ା ବହୁ କଷ୍ଟରେ ଚାଲନ୍ତି ଏବଂ ଅନେକଙ୍କର ଅସ୍ଥି ଦୁର୍ବଳ ଥାଏ । ଏମାନଙ୍କ ଶରୀର ସାରା ଭାତୁଡ଼ି ଦେଖିବାକୁ ମିଳେ ଏବଂ ଆଖିରୁ ଏକ ପ୍ରକାର ଘନ ତରଳ ବାହାରେ ଏବଂ ବେକ ଓ ଗୋଡରେ ଥିବା ବ୍ରଣଗୁଡ଼ିକରେ ପୂଯ ଭରି ରହିଥାଏ । ଅନେକ ଡାଇବେଟିସ କିମ୍ବା ଯକ୍ଷ୍ମାରେ ପୀଡ଼ିତ ଥାଆନ୍ତି ଓ ଫାର୍ମରେ ପରିବ୍ୟାପ୍ତ ବିଷାକ୍ତ ଆର୍ଦ୍ରବାୟୁ ଗ୍ରହଣ କରିଥାନ୍ତି ଏବଂ ଶୁଖିଲା ମଳର ଦୁର୍ଗନ୍ଧକୁ ବି ନିଃଶ୍ୱାସରେ ନିଅନ୍ତି । ଭିଟାମିନ ଏ' ଏବଂ ମାଙ୍ଗାନିଜ ଅଭାବରୁ କୁକୁଡ଼ାମାନଙ୍କ ଆଖି ଫୁଲି ଯିବା ସହ ଛୋଟେଇ ଛୋଟେଇ ଚାଲିଥାଆନ୍ତି । ଏମାନେ କାଶନ୍ତି ଓ ଛିଙ୍କନ୍ତି । ଏମାନଙ୍କ ଶରୀରରେ ରାଉଣ୍ଡ ୱର୍ମ ଓ ଟେପ୍ ୱର୍ମ ରହିଥାନ୍ତି, ଲୋମରେ ଉକୁଣି ଓ ପୋକ ଭର୍ତ୍ତି ହୋଇଥାନ୍ତି । ଏହି କୁକୁଡ଼ାମାନେ ଆଣ୍ଟିବାୟୋଟିକ୍ସରେ ହିଁ ବଞ୍ଚନ୍ତି ଏବଂ କରତଗୁଣ୍ଡ ମିଶା ଶୁଖିଲା ଖାଦ୍ୟ ଖାଇଥାନ୍ତି । ଅନେକ ସମୟରେ ହାର୍ଟ ଆଟାକ୍‌ରେ ଏମାନଙ୍କର ମୃତ୍ୟୁ ହୋଇଥାଏ । ସମୟେ ସମୟେ କୁକୁଡ଼ା ସଂକ୍ରାମକ ବସନ୍ତ ଏବଂ ହଇଜା କିମ୍ବା ରାନିକେତ ଡିଜିଜ୍‌ରେ ପୂରା ପଦା ହୋଇଯାଆନ୍ତି । କେମିତି ଭାବୁଛନ୍ତି, ଏହି ରୋଗଣା କୁକୁଡ଼ାମାନଙ୍କୁ ବାର୍ଡ ଫ୍ଲୁ ହେଉ ନ ଥିବ ।

କୁକୁଡ଼ା ଫାର୍ମଗୁଡ଼ିକର କର୍ମଚାରୀମାନେ ବାର୍ଡ ଫ୍ଲୁରେ ପୀଡ଼ିତ ହୁଅନ୍ତି । ଯେମିତି କୋଭିଡ୍ ଆରମ୍ଭ ହୋଇ ସଂକ୍ରମିତ ହେଲା ଠିକ୍ ସେମିତି ଏହା ସଂକ୍ରମିତ ହୋଇଥାଏ । ଯେଉଁମାନେ ସଂକ୍ରମିତ କୁକୁଡ଼ାଙ୍କ ମାଂସ ଓ ଅଣ୍ଡା ଖାଆନ୍ତି, ସେମାନେ ବାର୍ଡ ଫ୍ଲୁରେ ସଂକ୍ରମିତ ହୋଇଥାନ୍ତି । କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପ୍ରକାଶ କଲା ଯେ, ମାଂସକୁ ୬୦ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ତାପମାତ୍ରାରେ ରୋଷେଇ କରି ଖାଇଲେ ଫ୍ଲୁ ଭାଇରସ୍‌ରେ ସଂକ୍ରମିତ ହେବାର କୌଣସି ପ୍ରମାଣ ନାହିଁ । କିନ୍ତୁ କହିବାକୁ ଭୁଲିଗଲା ଯେ, ରୋଷେଇ ଘରଯାଏ ମାଂସକୁ କିପରି ଅଣାଯାଏ । ତୁମେ କଞ୍ଚା କୁକୁଡ଼ା ମାଂସ ରାସ୍ତାକଡ଼ ଦୋକାନରୁ କିଣି ହାତରେ ଧରିଥାଅ । ଫ୍ରିଜ୍ ତଥା ବିଭିନ୍ନ ବାସନରେ ରଖିଥାଅ । ଏଗୁଡ଼ିକୁ ଡବ୍ଲ୍ୟୁଏଚ୍‌ଓ ସ୍ଥିରୀକୃତ ତାପମାତ୍ରାରେ ଫୁଟନ୍ତା ପାଣିରେ ନ ଧୋଇ ଟ୍ୟାପ୍ ପାଣିରେ ଧୁଆଯାଏ । ତାହାକୁ କାଟି ଏକାଠି କରିବା ପରେ ରନ୍ଧାଯାଏ । ସେତେବେଳକୁ ଭାଇରସ୍ ବହୁ ଜାଗାରେ ରହିଯାଆନ୍ତି ଏବଂ ତୁମେ ଏହାର ବାହକ ହୋଇପାର ।

ଏପରି କି ଡବ୍ଲ୍ୟୁଏଚ୍‌ଓ ତା'ପୂର୍ବ ସ୍ୱର ଦୁର୍ବଳ କରିବା ସହ ସତର୍କ କରିଦେଇଛି ଯେ, ଏବେ ବାର୍ଡ ଫ୍ଲୁର ଯେଉଁ ନୂଆ ପରିବର୍ତ୍ତିତ ଭାଇରସ୍ ଦେଖାଦେଇଛି ତାହା ଆଉ ଏକ ମାହାମାରୀ ଆଣିପାରେ । ମଣିଷଙ୍କ ପାଇଁ ଏଚ୍‌୫ଏନ୍‌୧ ଭୂତାଣୁ ଭାରି ସାଂଘାତିକ ବୋଲି ପ୍ରମାଣ ମିଳିସାରିଲାଣି । ବାର୍ଡ ଫ୍ଲୁ ଯେବେ ମଣିଷଙ୍କୁ ସଂକ୍ରମିତ ହୁଏ, ତାହା ଶ୍ୱାସନଳୀକୁ ପ୍ରଭାବିତ କରିଥାଏ ଓ ଏ ସମ୍ପର୍କିତ ରୋଗ ସୃଷ୍ଟି କରେ । କୋଭିଡ୍-୧୯ ଭାଇରସ୍‌ରେ ଯେଭଳି ଜଣଙ୍କଠାରେ ଆକ୍ୟୁଟ ରେସ୍‌ପିରେଟୋରି ଡିସ୍‌ଟ୍ରେସ ସିଣ୍ଡ୍ରୋମ ଲକ୍ଷଣ ଦେଖାଯାଏ ଠିକ୍ ସେମିତି ଏଚ୍‌୫ଏନ୍‌୧ ଭୂତାଣୁ କ୍ଷେତ୍ରରେ ଦେଖାଯାଇଥାଏ । ତୁମଠାରେ ଏହି ଭୂତାଣୁ ପ୍ରଭାବରେ ଜ୍ୱର, କାଶ ଓ ଗଳାଫୁଲା ସମସ୍ୟା ଦେଖାଦେବ । ପେଟ ଯନ୍ତ୍ରଣା ହେବା ସହ ପତଳା ଝାଡ଼ା ଆରମ୍ଭ ହୋଇଯିବ । ଏସବୁ ଲକ୍ଷଣ ଠିକ୍ କୋଭିଡ୍-୧୯ ଲକ୍ଷଣ ସହ ସମାନ । ଭାରତରେ ଏହାର ପରୀକ୍ଷା କରାଯାଇନାହିଁ । ତୁମଠାରେ କୋଭିଡ୍ କିମ୍ବା ବାର୍ଡ ଫ୍ଲୁ ରହିଛି କି ନାହିଁ ତାହା ଜାଣିବାକୁ ଏବେ ସରକାରୀ ପରୀକ୍ଷାଗାରଗୁଡ଼ିକ ପରୀକ୍ଷା ଆରମ୍ଭ କରୁଛନ୍ତି । ଏଚ୍‌୫ଏନ୍‌୧ ଭୂତାଣୁ ସଂକ୍ରମଣ ପାଇଁ କୌଣସି ଟିକା କି ଚିକିତ୍ସା ନାହିଁ । ଏଣୁ ନିଜକୁ ରକ୍ଷା କରନ୍ତୁ । କୁକୁଡ଼ା ମାଂସ କିମ୍ବା ଅଣ୍ଡା ଖାଆନ୍ତୁ ନାହିଁ । ରାସ୍ତା କଡ଼ରେ ବେଆଇନ ଭାବେ ଖୋଲା ଯାଇଥିବା ମାଂସ ଦୋକାନ ବନ୍ଦ କରାଯାଉ, ଯେମିତି ମୁଁ ମୋ ନିର୍ବାଚନ ମଣ୍ଡଳୀରେ ବନ୍ଦ କରିସାରିଛି ।

Email: gandhim@nic.in

## ଦୃଷ୍ଟି ଓ ଦୃଷ୍ଟିଭଙ୍ଗୀ



ଘାସିରାମ ପଣ୍ଡା

ଚଉଦ୍ଦରି ମସିହା ପୂର୍ବରୁ ଆମ ଗାଁରେ ବିଦ୍ୟାଳୟ ନ ଥିଲା । ଗାଁ ଲୋକଙ୍କ ପ୍ରୟାସରେ ଝାଟିମାଟିର ଘର କରି ଚାଳିଆରେ ବିଦ୍ୟାଳୟ ଆରମ୍ଭ ହୋଇଥିଲା । ଏଇ ବିଦ୍ୟାଳୟରେ ହିଁ ଆମେମାନେ ପାଠ ପଢ଼ିଛୁ । କେତେ ବର୍ଷ ପରେ ଯାଇ ବିଦ୍ୟାଳୟକୁ ସରକାର ହାତକୁ ନେଲେ । ସେ ଯାଏ ତ ପୁଣି ଗାଁ ଲୋକ ଚଳଉଥିଲେ । କେତେ ପିଲା ଏଠି ପାଠ ପଢି ମଣିଷ ହୋଇଛନ୍ତି । ଏଇ ବର୍ଷ କମ୍ ପିଲା ଅଛନ୍ତି ବୋଲି କହି ସରକାର ବିଦ୍ୟାଳୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟ ବନ୍ଦ ହୋଇଗଲେ ଆମ ଗାଁର ଆଉ କ'ଣ ମାନସମ୍ମାନ ରହିବ ! ସରକାର ବରଂ ସାହାଯ୍ୟ ନ କରନ୍ତୁ, ଆମେ ଆରମ୍ଭ କରିଥିବା ବିଦ୍ୟାଳୟ ଆମକୁ ଫେରାଇ ଦିଅନ୍ତୁ । ଆମ ସହିତ ଆଲୋଚନା କଲାବେଳେ ଆବେଗଭରା କଣ୍ଠରେ ଏକା ନିଃଶ୍ୱାସରେ ଏତକ କହିଗଲେ ବରଗଡ ଜିଲା ଅମ୍ବାଭୋନା ବ୍ଲକର ରାମଖୋଲ ଗାଁ ନିବାସୀ ଭୈରବ ପାତ୍ର ।

ଲୋକଙ୍କ ପ୍ରୟାସରେ ପ୍ରାଥମିକଠୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ବିଦ୍ୟାଳୟ ସ୍ଥାପନ କରିବାର ଅନେକ ଉଦାହରଣ ଆମ ରାଜ୍ୟରେ ଅଛି । ପରେ ସରକାର ନୀତି ପ୍ରଣୟନ ପୂର୍ବକ ଏହି ସବୁ ବିଦ୍ୟାଳୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଅନେକ ବିଦ୍ୟାଳୟକୁ ସରକାର ନିଜ ଅଧୀନକୁ ବି ନେଇ ଆସିଛନ୍ତି । ପରବର୍ତ୍ତୀ ସମୟରେ ଶିକ୍ଷାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଆଭିମୁଖ୍ୟ ରଖି ସରକାର କଳାପଟା ଅଭିଯାନ, ଜିଲା ପ୍ରାଥମିକ ଶିକ୍ଷା ଅଭିଯାନ, ସର୍ବ ଶିକ୍ଷା ଅଭିଯାନ ପ୍ରଭୃତି କାର୍ଯ୍ୟକ୍ରମ ପ୍ରଚଳନ କରିଥିଲେ । ଏହି ସମୟରେ ଆବଶ୍ୟକତା ଭିତ୍ତିରେ ଅନେକ ନୂତନ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ୨୦୦୯ ମସିହାରେ ଶିକ୍ଷାକୁ ମୌଳିକ ଅଧିକାର ଭାବରେ ଗ୍ରହଣ କରାଯାଇ ସମ୍ବିଧାନ ସଂଶୋଧନ ହେଲାପରେ ଅତି ବେଶିରେ ଏକ କିଲୋମିଟର ଭିତରେ ପ୍ରାଥମିକ ଓ ତିନି କିଲୋମିଟର ଭିତରେ ଉଚ୍ଚ ପ୍ରାଥମିକ ଶିକ୍ଷାର ବନ୍ଦୋବସ୍ତ କରାଯିବା ଉପରେ ଗୁରୁତ୍ୱ ଦିଆଗଲା । ଏହାଦ୍ୱାରା ସମସ୍ତଙ୍କ ପାଖରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଉପଲବ୍ଧ କରାଯାଇପାରିବାର ଏକ ଦୃଷ୍ଟିଭଙ୍ଗୀ ଥିଲା ।

କିଛି ବର୍ଷ ହେଲା ଏହାର ଏକ ବିପରିତ ଧାରା ଆରମ୍ଭ ହୋଇଛି । କମ୍ ଉପସ୍ଥାନ ଆଳରେ ପର୍ଯ୍ୟାୟ କ୍ରମେ ବିଦ୍ୟାଳୟଗୁଡିକୁ ବନ୍ଦ କରିଦିଆଯାଉଛି । ଏହା କେବଳ ଯେ ଓଡ଼ିଶାରେ ହେଉଛି ତାହା ନୁହେଁ, ନୀତି ଆୟୋଗଙ୍କ ନେତୃତ୍ୱରେ ଏହି ପ୍ରକ୍ରିୟାରେ ଅନେକ ରାଜ୍ୟ ସାମିଲ ହୋଇଛନ୍ତି । ସଷ୍ଟେନେବଲ ଆକ୍ସନ ଫର ଟ୍ରାନ୍ସଫରମିଂ ହ୍ୟୁମାନ କ୍ୟାପିଟାଲ (ସାଥ) ନାମରେ ନୀତି ଆୟୋଗଙ୍କ ଏହି ପ୍ରାୟୋଗିକ ପରିକଳ୍ପନା ଓଡ଼ିଶା ସମେତ ଅନେକ ରାଜ୍ୟରେ ଆରମ୍ଭ ହୋଇଛି । ଏହାଦ୍ୱାରା ଗୁଣାତ୍ମକ ଶିକ୍ଷା ପ୍ରତି ଦୃଷ୍ଟି ଦିଆଯାଇ ପାରିବ ବୋଲି ହେଉଥିବା ଯୁକ୍ତି ଏକ ଭ୍ରମ ମାତ୍ର । ନିକଟରେ ୨୦ ବା ତା'ଠୁ କମ୍ ଉପସ୍ଥାନ ଥିବା ବିଦ୍ୟାଳୟକୁ ବନ୍ଦ କରିବା ନିର୍ଦ୍ଦେଶନାମା ଆସିବା ପରେ ରାଜ୍ୟରେ ହଇଚଇ ହୋଇଥିଲା । ପରିଣାମ ସ୍ୱରୂପ ବିଦ୍ୟାଳୟ ବନ୍ଦ ପ୍ରସଙ୍ଗରେ ବିଭାଗ ତରଫରୁ ଡିସେମ୍ବର ୧୫ରେ ଏକ ସଂଶୋଧନ ପ୍ରସ୍ତାବ ଅଣାଯାଇଛି । ଗତ ବିଧାନସଭା ଅଧିବେଶନ ସମୟରେ ବିଧାୟକମାନଙ୍କୁ ଆଶ୍ୱସ୍ତ କରିବାକୁ ଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ମୁତାବକ ଆଦିବାସୀ ଅଧ୍ୟୁଷିତ ଜିଲା ଓ ଅବିଭକ୍ତ କୋରାପୁଟ - ବଲାଙ୍ଗୀର-କଳାହାଣ୍ଡି ଜିଲାଗୁଡ଼ିକରେ ୨୦ ବଦଳରେ ୧୫ରୁ କମ୍ ଉପସ୍ଥାନ ଥିବା ବିଦ୍ୟାଳୟଗୁଡ଼ିକୁ ବନ୍ଦ କରାଯିବ ବୋଲି ଏଥିରେ କୁହାଯାଇଛି । ଏହା ଏହି ପ୍ରସଙ୍ଗରେ ଏକ ସାମୟିକ ଆଶ୍ୱସ୍ତି । କିନ୍ତୁ ବିଦ୍ୟାଳୟ ବନ୍ଦ ପ୍ରସଙ୍ଗରେ ସରକାରଙ୍କ ଦୃଷ୍ଟିଭଙ୍ଗୀ ନ ବଦଳିଲେ ରାଜ୍ୟରେ ଶୈଶବ ବିପର୍ଯ୍ୟସ୍ତ ହେବ ।

ଡିସେମ୍ବର ୨୮ର କ୍ୟାବିନେଟ ବୈଠକରେ ଗୃହୀତ ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଙ୍ଗ ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା ପ୍ରତି ଆସ୍ଥା ପ୍ରକଟ କରିବାରେ ସହାୟକ ହେବ । ହେଲେ ଗାଁ ବିଦ୍ୟାଳୟ ବନ୍ଦ ହେବାରୁ ପଢିବା ପାଇଁ ଦୂର ବାଟ ଯିବାକୁ ପଡୁଥିବାରୁ ପିଲାମାନେ ପ୍ରାଥମିକରୁ ପାଠ ଛାଡୁଛନ୍ତି । ମେଡିକାଲ ଓ ଇଞ୍ଜିନିୟରିଙ୍ଗ ପାଠ ସେମାନଙ୍କ ପାଇଁ ଆକାଶ କଇଁଆ ଚିଲିକା ମାଛ ହୋଇଯିବ । ଏଣୁ ବିଦ୍ୟାଳୟ ବନ୍ଦର ନିଷ୍ପତ୍ତି ସମୟରେ ଉପସ୍ଥାନ ଅପେକ୍ଷା ଦୂରତାକୁ ମାନକ ଆକାରରେ ନିଆଯାଉ । ବିଦ୍ୟାଳୟ ବନ୍ଦକୁ ଯୁକ୍ତିନିଷ୍ଠ କରିବା ପାଇଁ ୨୦୧୮ ମେ ୧୪ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରେସିଓନାଲାଇଜେଶନ ନୀତି ପ୍ରଣୟନ କରିଛନ୍ତି । ବିଦ୍ୟାଳୟ ବନ୍ଦ ପରେ ପାଖ ବିଦ୍ୟାଳୟକୁ ଯିବା ପାଇଁ ରାଜ୍ୟ ରାଜପଥ, ଜାତୀୟ ରାଜପଥ, ରେଳ ଲାଇନ, ନଦୀ, ଜଙ୍ଗଲ, ପାହାଡ ଅତିକ୍ରମ କରିବାକୁ ପଡୁଥିଲେ ମୂଳ ବିଦ୍ୟାଳୟକୁ ବନ୍ଦ କରାଯିବ ନାହିଁ ବୋଲି ଏଥିରେ ଉଲ୍ଲେଖ ଅଛି । ଏତକ ଅନୁପାଳନ ହେଲେ ଆଦିବାସୀ ଅଞ୍ଚଳରେ ଅନେକ ବିଦ୍ୟାଳୟ ବନ୍ଦରୁ ବର୍ତ୍ତିଯିବେ । ଯେତେ ଅଧିକ ପିଲା ଶିକ୍ଷା ପରିସରକୁ ଆସିବେ ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଚାଲାଣ, ଅପପୁଷ୍ଟି ଭଳି ସମସ୍ୟାରୁ ସେତେ ଅଧିକ ଆମେ ସେମାନଙ୍କୁ ଦୂରେଇ ରଖିପାରବା । ଏଣୁ ଶିକ୍ଷା ସମ୍ପର୍କିତ ନିଷ୍ପତ୍ତି ନେଲାବେଳେ ସରକାର ଦୃଷ୍ଟି ଅପେକ୍ଷା ଦୃଷ୍ଟିଭଙ୍ଗୀକୁ ଶାଣିତ କଲେ ଋଦ୍ଧିମନ୍ତ ଶୈଶବ ଗଠନରେ ସହାୟକ ହୋଇପାରିବେ ।

ସୁବର୍ଣ୍ଣପୁର, ମୋ: ୭୯୭୮୭୪୬୮୫୧

## ଏଇ ଭାରତରେ

୮୩ ବର୍ଷ ବୟସରେ ଚାଷକାର୍ଯ୍ୟ କରିବା କଥା କେବେ ଭାବି ପାରୁଛନ୍ତି ! ହେଲେ କେରଳର କୋଝିକୋଡ଼େ ନିବାସୀ ଚିଦାମ୍ବରମ୍ ନାୟାର ଏହି ପରିଣତ ବୟସରେ ଜୈବିକ ଚାଷ କରୁଛନ୍ତି । ସ୍କୁଲ ଶିକ୍ଷକରୁ ଅବସର ନେବା ପରେ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି । ତାଙ୍କ ସ୍ୱାସ୍ଥ୍ୟ ରହସ୍ୟ ପଛରେ ରହିଛି ତାଙ୍କ ସନ୍ତୁଳିତ ଖାଦ୍ୟ । କ୍ଷେତରୁ ଯାହା ଉତ୍ପାଦନ କରନ୍ତି ତାହା ସେ ଖାଇଥାଆନ୍ତି । ଶହେ ଛୁଇଁବାକୁ ଆଉ ୭ ବର୍ଷ ଥିବାବେଳେ କାହାର ସହଯୋଗ ନ ନେଇ ସବୁ କାମ କରିପାରୁଛନ୍ତି । ପିଲାଟି ଦିନରୁ ସେ ଚାଷକାର୍ଯ୍ୟରେ ଅଭ୍ୟସ୍ତ ଥିବା ଯୋଗୁ ଏହା ସମ୍ଭବ ହୋଇପାରୁଛି । ଛୋଟବେଳେ ସେ ତାଙ୍କ ଘର ଅଗଣାରେ ଏକ ପରିବା ଉଦ୍ୟାନ କରିବା ପରେ ଚାଷ ପ୍ରତି ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା । ତା'ପରେ ସେ ତାଙ୍କ ଜମିରେ ଚାଷକାର୍ଯ୍ୟ ଆରମ୍ଭ କରିଥିଲେ । ଚିଦାମ୍ବରମ୍ ଶିକ୍ଷକ ଭାବେ ୨୭ ବର୍ଷ ରହିଥିଲେ ମଧ୍ୟ ଚାଷକୁ ଛାଡ଼ି ନ ଥିଲେ । କ୍ଷେତରୁ ଫେରିବା ପରେ ସ୍କୁଲକୁ ଠିକ୍ ସମୟରେ ଯାଉଥିଲେ । ସ୍କୁଲରୁ ଫେରି ପୁଣି କ୍ଷେତରେ ପହଞ୍ଚି ଯାଉଥିଲେ । ସେ ୭ ଏକର ଜମିରେ ୩୫୦ ନଡ଼ିଆ ଗଛ ଲଗାଇବା ସହ ବିଭିନ୍ନ ପ୍ରକାର ପନିପରିବା ଓ ମସଲା ଚାଷ କରୁଛନ୍ତି । ଘର ପାଇଁ କିଛି ରଖିବା ପରେ ଅବଶିଷ୍ଟ ଉତ୍ପାଦକୁ ବଜାରରେ ବିକ୍ରି କରିଦିଅନ୍ତି । ସେ ପ୍ରତିଦିନ ରାତି ୯ଟା ପୂର୍ବରୁ ଶୋଇ ସକାଳ ୬ଟାରେ ଉଠି ଗାଧୋଇବା ପରେ ତାଙ୍କ ଫାର୍ମକୁ ଚାଲିଯାଆନ୍ତି । ଘରକୁ ଖାଇବା ଓ ଶୋଇବାକୁ କେବଳ ଆସିଥାଆନ୍ତି । ଆଉ ତାଙ୍କର ବାକିତକ ସମୟ ଫାର୍ମରେ କଟେ । ଏହି ପରିଣତ ବୟସରେ ସୁସ୍ଥ ଜୀବନ ଲାଗି କୃଷି ହିଁ ତାଙ୍କ ପାଇଁ ବ୍ୟାୟାମର ଏକ ଶ୍ରେଷ୍ଠ ବିକଳ୍ପ ବୋଲି କହନ୍ତି ଚିଦାମ୍ବରମ୍ ।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜାନୁୟାରୀ ୧୯୯୬

- ଉତ୍ତର-ଦକ୍ଷିଣବୁରୁଣ୍ଡିର ଏକ ଶରଣାର୍ଥୀ ଶିବିର ଉପରେ ସରକାରୀ ସୈନ୍ୟମାନେ ଆକ୍ରମଣ କରି ୨୦ ଜଣ ହୁଟୁଙ୍କୁ ହତ୍ୟା କରିଛନ୍ତି ।
- ହାୱାଲା ମାମଲାରେ ଅଭିଯୁକ୍ତ ଭାଜପା ନେତା ତଥା ବିହାର ବିଧାନସଭାର ବିରୋଧୀ ଦଳ ନେତା ଯଶୋବନ୍ତ ସିହ୍ନା ବିଧାନସଭାରୁ ଇସ୍ତଫା ଦେଇଛନ୍ତି ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | C | 7 | | 5 | | | 3 | | | | |
| | 6 | | 9 | | D | | 4 | | | 8 | C | | | B |
| 8 | 0 | | | | | | C | D | | 7 | 1 | | 9 | 5 |
| | | | | 2 | | 8 | 0 | | A | D | | | | |
| | | A | | | | | | | | 9 | | E | | |
| | | 5 | | | 2 | | 8 | | | | A | | | |
| | | E | | | | | | 7 | | 5 | 2 | 1 | | D |
| C | 1 | 4 | | 3 | | | | | E | | | A | | |
| | | | | | | | B | 5 | | | | | 4 | |
| 0 | 8 | | 6 | | | | | | | | | 7 | | 9 |
| | | | 3 | | | | | 2 | | 4 | 6 | | 8 | |
| | | | | 7 | E | 0 | | 4 | D | | | 9 | | |
| | | | | 9 | | A | | | | | 7 | | | |
| | C | | D | 1 | A | | 7 | | 9 | 2 | B | 3 | | |
| B | A | 2 | C | 0 | | 6 | | | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 8 | C | 0 | B | 9 | 6 | E | 1 | 7 | 2 | D | 3 | 5 | 4 |
| 7 | 3 | D | 6 | A | C | 4 | 9 | 2 | 5 | 0 | 8 | 1 | B | E |
| 1 | 2 | 5 | D | 4 | 8 | A | 7 | 3 | B | E | 9 | 6 | C | 0 |
| E | 0 | B | 2 | 5 | 3 | 8 | D | C | 6 | 4 | 1 | 7 | A | 9 |
| 6 | 9 | 4 | 1 | 7 | E | B | 0 | 5 | 3 | C | A | 2 | 8 | D |
| 2 | 1 | E | C | 0 | 7 | D | 5 | 9 | 8 | 6 | 4 | B | 3 | A |
| C | 4 | 6 | 8 | 1 | 2 | 3 | A | E | 0 | D | B | 9 | 7 | 5 |
| 5 | 7 | A | 3 | D | 4 | C | 8 | B | 1 | 9 | 2 | 0 | E | 6 |
| 0 | D | 9 | B | 6 | A | 2 | 4 | 7 | E | 3 | 5 | 8 | 1 | C |
| 8 | B | 3 | 9 | E | 5 | 1 | 6 | 0 | A | 7 | C | 4 | D | 2 |
| 3 | E | 7 | 4 | 2 | B | 9 | C | 8 | D | A | 0 | 5 | 6 | 1 |
| D | 6 | 2 | E | 8 | 0 | 5 | 3 | 4 | C | 1 | 7 | A | 9 | B |
| 4 | 5 | 0 | A | C | D | 7 | 1 | 6 | 9 | B | 3 | E | 2 | 8 |
| 9 | A | 1 | 5 | 3 | 6 | 0 | B | D | 2 | 8 | E | C | 4 | 7 |
| B | C | 8 | 7 | 9 | 1 | E | 2 | A | 4 | 5 | 6 | D | 0 | 3 |

ଗତକାଲିର ଉତ୍ତର

# କର୍ମରୁ ଆନନ୍ଦ



ପ୍ର. ଶରତଚନ୍ଦ୍ର ରଥ

କର୍ମରୁ ଆନନ୍ଦ- ଏକ ତତ୍ତ୍ୱ ମାତ୍ର ନୁହେଁ ଏକ ଅନୁଭବ । ସମସ୍ତଙ୍କର ଏ ଅନୁଭବ ନ ଥାଏ ଯଦିଓ ବହୁତ ଲୋକ ବହୁ କର୍ମ କରୁଥାନ୍ତି । ଏ ଅନୁଭବ ନ ଥିବାର କାରଣ ସେମାନେ ଆନନ୍ଦକୁ ଅଧିକ ଗୁରୁତ୍ୱ ଦିଅନ୍ତି କର୍ମ ଅପେକ୍ଷା । ଆନନ୍ଦକୁ ଏଠାରେ ଖୁସି ଅଥବା ଆତ୍ମସନ୍ତୋଷ ଅର୍ଥରେ କୁହାଯାଉଛି । ସେମାନଙ୍କର କର୍ମ କରିବାର ଲକ୍ଷ୍ୟ ନ ଥାଏ, ଲକ୍ଷ୍ୟ ଥାଏ କର୍ମକୁ ଶିଡି କରି ଫାଇଦା ଉଠାଇବାର ଛାତରେ ପହଞ୍ଚିବା । ଏ ଫାଇଦା ପଇସା ପତ୍ରର ଫାଇଦା ହୋଇପାରେ ଯେଉଁଥିପାଇଁ ଲାଞ୍ଚ ନେବାର ପ୍ରବଣତା ବଢେ, କ୍ଷମତାର ଫାଇଦା ହୋଇପାରେ ଯେଉଁଥିପାଇଁ ଜଣକୁ ଥରକ ବଦଳରେ ପାଞ୍ଚ ଥର ଦଉଡାଇବାକୁ ଇଚ୍ଛା ସୃଷ୍ଟି ହୁଏ, ଆତ୍ମ ପ୍ରଚାରର ଫାଇଦା ହୋଇପାରେ ଅର୍ଥାତ୍ କର୍ମକୁ ମାଧ୍ୟମ କରି ନିଜର ପ୍ରଶସ୍ତିଗାନ କରାଇବାରେ ଓ ବହୁବାର ଅଯଥାରେ ମଞ୍ଚାସୀନ ହେବାରେ, ପ୍ରଶଂସାର ଫାଇଦା ହୋଇପାରେ ଅର୍ଥାତ୍ କର୍ମକୁ ମାଧ୍ୟମ କରି କାହା ପାଇଁ କ'ଣ ଟିକିଏ ଉପକାର କରି ପ୍ରଶଂସା ଯୋଗାଡ କରିବାରେ, ପ୍ରତିଶୋଧ ପରାୟଣତାର ଆନନ୍ଦ ଅର୍ଥାତ୍ କର୍ମଦ୍ୱାରା ଅନ୍ୟକୁ ଅସୁବିଧାରେ ପକାଇ ଅଥବା ଅନ୍ୟର କ୍ଷତି କରି ପୈଶାଚିକ ଆନନ୍ଦ ପାଇବାରେ ଇତ୍ୟାଦି ଇତ୍ୟାଦି । ପ୍ରକୃତରେ ଏଥିରେ କିଛି ହେଲେ ଯଥାର୍ଥ ଆନନ୍ଦ ଅଥବା ଆତ୍ମସନ୍ତୋଷ ନୁହେଁ । ଏହାଦ୍ୱାରା ନିଜର ତ କିଛି ବିକାଶ ଘଟେ ନାହିଁ, ସମାଜର ମଧ୍ୟ କିଛି କଲ୍ୟାଣ ହୁଏ ନାହିଁ । ପ୍ରକୃତରେ ଆତ୍ମସନ୍ତୋଷ ଓ ଆତ୍ମବିକାଶ ନିମନ୍ତେ କର୍ମ ଅଭିପ୍ରେତ । ସେ କର୍ମ ଯାହା ହେଉ ନା କାହିଁକି ଜୋତା ସିଲାଇରୁ ଚଣ୍ଡୀପାଠ ପର୍ଯ୍ୟନ୍ତ ସବୁ କଥା କର୍ମର ଅନ୍ତର୍ଭୁକ୍ତ । ପ୍ରତ୍ୟେକ କର୍ମର ମହତ୍ତ୍ୱ ଅଛି ବ୍ୟକ୍ତିର ବିକାଶ ପାଇଁ ଏବଂ ସମାଜର ବିକାଶ ଲାଗି ।

କର୍ମରୁ ଆନନ୍ଦ ପାଇବାକୁ ହେଲେ କର୍ମର ପ୍ରଭୁ ହେବାକୁ ପଡିବ ନଚେତ କର୍ମ ହୋଇଯିବ ପ୍ରଭୁ, କର୍ମୀ ହୋଇଯିବ ଦାସ । କର୍ମର ପ୍ରଭୁ ହେବାକୁ ହେଲେ ପ୍ରଥମ କଥାଟି ହେଉଛି ଯାହାକୁ ଯେଉଁ କର୍ମଟି ମିଳିଛି ସେ ତାକୁ ଆନନ୍ଦରେ ଗ୍ରହଣ କରିବ । ତାକୁ ସେ କର୍ମଟି ପ୍ରଦତ୍ତ ହୋଇଛି ବୋଲି ଭାବିବାକୁ ପଡିବ । ସେ କର୍ମକୁ ଖୁସିର ସହିତ ସମ୍ପାଦନ କରିବାକୁ ହେବ । କର୍ମ ହିଁ ବ୍ୟକ୍ତି ଜୀବନର ମାର୍ଗଦର୍ଶୀ ବତିଘର ବୋଲି ମାନିବାକୁ ହେବ । ପ୍ରକୃତରେ ଆଗ୍ରହର ସହିତ ନିଜକୁ ମିଳିଥିବା ଅଥବା ନିଜକୁ ପ୍ରଦତ୍ତ ହୋଇଥିବା କର୍ମର ଯେଉଁ ସନ୍ତୋଷ ମିଳେ ତାହାର ତୁଳନା ନାହିଁ ।

ମୁଁ ଆଗରୁ କହିଛି ସମସ୍ତଙ୍କ ଜୀବନରେ ସେ ସୌଭାଗ୍ୟ ଆସେ ନାହିଁ । କାରଣ ସେମାନେ ନିଜ ନିଜର କର୍ମ ଉପରେ ଆଦୌ ସନ୍ତୁଷ୍ଟ ନ ଥାନ୍ତି । ଅମନଯୋଗୀ ହୋଇ ଯାନ୍ତ୍ରିକ ଭାବେ କର୍ମକରି ତହିଁରୁ ଫାଇଦା ଉଠାଇବାରେ ଲାଗିଥାନ୍ତି । ସେମାନଙ୍କ କର୍ମମୟ ଜୀବନ ହୋଇଯାଏ ଯାନ୍ତ୍ରିକ ଶ୍ରମମୟ ଜୀବନ ମାତ୍ର, ଏହା ଅକ୍ଷରେ ଅକ୍ଷରେ ସତ । ଏଇ ଯେମିତି ଜଣେ ପ୍ରକୃତ ଶିକ୍ଷକଙ୍କୁ ଅର୍ଥାତ୍ ଯଥାର୍ଥ ଶିକ୍ଷକଙ୍କୁ ଶିକ୍ଷାଦାନରୁ ଯେଉଁ ଆନନ୍ଦ ମିଳେ ତାହାର ତୁଳନା ନାହିଁ । ଅଧ୍ୟାପକଙ୍କୁ ଅଧ୍ୟାପନାରୁ ଯେଉଁ ଆତ୍ମସନ୍ତୋଷ ମିଳେ ତାହା ଅବର୍ଣ୍ଣନୀୟ । ବିନା ପାରିତୋଷିକ ଅଥବା ଦରମାରେ ଚାକିରି କରିବା କଥା ମୁଁ ଆଦୌ କହୁ ନାହିଁ ମାତ୍ର ଦରମାର ଆନନ୍ଦଠାରୁ ପାଠପଢାର ଆନନ୍ଦ ଯେଉଁଠାରେ ଅଧିକ ହୁଏ ସେହି କଥା ଏଠାରେ କୁହାଯାଉଅଛି । ସେ ଆଉ ଏକ ଦିବ୍ୟ ଆନନ୍ଦ ତାହା ସମସ୍ତେ ଜାଣନ୍ତି ନାହିଁ । ଯେଉଁମାନେ ଜାଣନ୍ତି ସେମାନେ ଜାଣନ୍ତି ।

ଆଜିକାଲି ସିନା ସରକାରୀ ସ୍ତରରେ ଛାତ୍ରୀଛାତ୍ରଙ୍କ ପାଇଁ ପାଠପଢା କ୍ଷେତ୍ରରେ ଏତେ ସୁବିଧା ହେଲାଣି ମାତ୍ର ଦିନ ଥିଲା ଯେତେବେଳେ ଶିକ୍ଷକମାନେ କେତେକେତେ ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ କେତେ ସୁବିଧା କରି ଦେଉଥିଲେ । ସେମାନଙ୍କ ଆର୍ଥିକ ଅଭାବ ଅସୁବିଧା ଦୂର କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରୁଥିଲେ । ଏ ତ ଗୋଟିଏ କଥା, ଅସଲ କଥାଟି ହେଉଛି ଶିକ୍ଷାଦାନ ସମୟରେ ଶିକ୍ଷକମାନେ ନିଜକୁ ଭୁଲି ଯାଆନ୍ତି । ଏବେ ମଧ୍ୟ ପାଠପଢ଼ାରେ ମଜ୍ଜିଯିବା ଶିକ୍ଷକ ଅନେକ ଅଛନ୍ତି ।

ଡାକ୍ତରୀ ବିଦ୍ୟା ସହିତ ଜନସେବାର ମନୋଭାବ ଅଙ୍ଗାଙ୍ଗୀ ଭାବେ ଜଡିତ । ତେଣୁ ତ ଡାକ୍ତରମାନଙ୍କୁ ଈଶ୍ୱରଙ୍କ ପ୍ରତିନିଧି ବୋଲି କୁହାଯାଏ । ଆଧିବ୍ୟାଧିର ନିରାକରଣ ସେମାନଙ୍କର ସେବାର ଲକ୍ଷ୍ୟ । ଆଧି ହେଉଛି ମନର ବ୍ୟାଧି ଏବଂ ବ୍ୟାଧି ହେଉଛି ଶରୀରର ବ୍ୟାଧି । ଯାନ୍ତ୍ରିକ ଭାବେ ଔଷଧ ଲେଖି ଦେଲେ ଡାକ୍ତରୀ ବିଦ୍ୟା ସମ୍ପୂର୍ଣ୍ଣ ହୁଏ ନାହିଁ, ଏହା ସହିତ ରୋଗୀର ମନୋବଳ ତଥା ଆତ୍ମବିକାଶ ବଢାଇବା ଦିଗରେ ଯେତିକି ସମ୍ଭବ ସେତିକି ପ୍ରୟାସ ମିଶିବା ଦରକାର । ରୋଗୀର ସେବା ଯେ ଈଶ୍ୱରଙ୍କ ସେବା ଏକଥା ଭାବିବାରେ ଡାକ୍ତରମାନେ ଯେଉଁ ଆତ୍ମସନ୍ତୋଷ ପାଆନ୍ତି ତାହା ଅନ୍ୟ ଡାକ୍ତରମାନେ ପାଆନ୍ତି ନାହିଁ । ଡାକ୍ତରୀ ବିଦ୍ୟା ହେଉଛି ସେବାର ବିଦ୍ୟା । ଚାକିରି ସହିତ ସେବା ମନୋବୃତ୍ତି ମିଶିଲେ ସେ ଡାକ୍ତରମାନେ ଗଭୀର ଆତ୍ମସନ୍ତୋଷ ପାଇଥାନ୍ତି । ସେପରି ଡାକ୍ତରଙ୍କର ଆଜି ମଧ୍ୟ ଅଭାବ ନାହିଁ । ଆଜି ସମଗ୍ର ପୃଥିବୀ ଆତଙ୍କିତ କରୋନାର ପ୍ରଭାବରେ । କରୋନା ଶତ୍ରୁ ରୂପରେ ପୃଥିବୀକୁ ଆକ୍ରମଣ କରୁଛି । ଏତେବେଳେ ଡାକ୍ତରମାନେ, ସେବିକାମାନେ, ସ୍ୱାସ୍ଥ୍ୟକର୍ମୀମାନେ, ସଫେଇ କର୍ମୀମାନେ ଅଣ୍ଟାଭିଡି ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇ କରୋନା ସହ ସଂଗ୍ରାମ ଚଳାଇଛନ୍ତି । ତେଣୁ ତ ସେମାନଙ୍କୁ କରୋନା ଯୋଦ୍ଧା ବୋଲି କୁହାଯାଉଛି । କେବଳ ଶିକ୍ଷକ ଅଥବା ଡାକ୍ତର ନୁହନ୍ତି ବ୍ୟବସାୟୀଟିଏ, ଯନ୍ତ୍ରୀଟିଏ, କୃଷକଟିଏ, ଶ୍ରମିକଟିଏ ମଧ୍ୟ ଆତ୍ମସନ୍ତୋଷର ଅଧିକାରୀ ହେବାକୁ ଯୋଗ୍ୟ । କୃଷକ ଭାଇମାନେ କୃଷିକୁ ଜୀବିକା ଅର୍ଜନର ଉପାୟ କରିବା ସହିତ କୃଷିକର୍ମରୁ ଅସୀମ ଆନନ୍ଦ ପାଉଛନ୍ତି । ଶ୍ରମିକ ଭାଇମାନେ ପାରିଶ୍ରମିକ ସହିତ ଶ୍ରମରୁ ସନ୍ତୋଷ ଲାଭ କରନ୍ତି ।

ଏ ଲେଖକ ଏମିତି ଲୋକଙ୍କୁ ଦେଖିଛି ଯେ ଅନ୍ୟର ବଗିଚାର ମାଳୀ ମାତ୍ର ଫୁଲଗଛ ଓ ଫୁଲମାନେ ତାଙ୍କର ହାତର ସ୍ପର୍ଶକୁ ଅନାଇଥାନ୍ତି । ମାଳୀ ଜାଣନ୍ତି ଯେ, ସେ ବଗିଚା ତାଙ୍କର ନୁହେଁ, ସେ ବଗିଚାର ମାଲିକ ନୁହନ୍ତି ତଥାପି କର୍ମର ଆନନ୍ଦ ତାଙ୍କୁ ଉତ୍ସାହିତ କରେ, ଉଚ୍ଛାଟିତ କରେ । ଦରମାଠାରୁ ବେଳେ ବେଳେ ଆନନ୍ଦ ବଳାଇଯାଏ, ସେ ଆନନ୍ଦ ପାଇଁ ଭାଷା ନାହିଁ । ତାହା କେବଳ ଅନୁଭବର ବିଷୟ ।

ଏମିତି ଲୋକ ଅଛନ୍ତି ଯେଉଁମାନେ ଘରୋଇ ବାସନ ମଜା ଓ ଘର ସଫା ପାଇଁ ବାହାରୁ ଆସନ୍ତି, ସେମାନେ ସେଇ କାମ ଏତେ ଆଗ୍ରହ ସହିତ କରିଥାନ୍ତି ମନେହେବ ସତେ ଅବା ସେମାନେ ନିଜ ଘର କାମ କରୁଛନ୍ତି । କର୍ମରୁ ଆନନ୍ଦର ସ୍ୱାଦ ସେମାନେ ଜାଣିଥାନ୍ତି । ଜଗତର ସମସ୍ତ କର୍ମ ପରିପୂର୍ଣ୍ଣତାର ଅପେକ୍ଷାରେ ରହିଛି । ପରିପୂର୍ଣ୍ଣତାର ପ୍ରୟାସୀ ସେହି ରଥକୁ ଟିକିଏ ଆଗକୁ ନେବାର ଦାୟିତ୍ୱ ପ୍ରତ୍ୟେକ କର୍ମୀ ହାତରେ ପ୍ରଦାନ କରାଯାଇଛି । ପାରିଶ୍ରମିକ ଅଥବା ପାରିତୋଷିକ ସହିତ ଆଗ୍ରହ ମିଶାଇ ଯଦି କର୍ମଟି କରାଯାଏ, ତେବେ ସେ ରଥର ଗତି ତ୍ୱରାନ୍ୱିତ ହେବ । ପ୍ରତ୍ୟେକ କର୍ମର ପରିପୂର୍ଣ୍ଣତା ଆସିବ । ବ୍ୟକ୍ତି ଆନନ୍ଦ ପାଇବା ସହିତ ସମାଜ ସମୃଦ୍ଧ ହେବ ଏବଂ ସାର୍ବଜନୀନ ବିକାଶ ସମ୍ପୂର୍ଣ୍ଣ ହେବ ।

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର
ମୋ-୯୪୩୭୭୫୬୨୪୦

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକ ଆନ୍ଦୋଳନର ଗତି କୁଆଡ଼େ

ମହାଶୟ,

କୃଷକସମାଜ ଦେଶର ଖାଦ୍ୟାଭାବ ସମସ୍ୟା ଦୂର କରିବା ପାଇଁ ସବୁଜ ବିପ୍ଳବକୁ ବାସ୍ତବରେ ରୂପାୟନ କଲେ । ଫଳରେ ଖାଦ୍ୟାଭାବ ଦୂର ହେଲା । ଖାଦ୍ୟ ବଳକା ହେବାରୁ ରପ୍ତାନି କରାଗଲା । ଆଧୁନିକ କୃଷିରେ ସାର-ବିହନ-ଔଷଧ ବାବଦରେ ଅଧିକ ଖର୍ଚ୍ଚ ହେଲା କିନ୍ତୁ ଚାଷୀ ତା' ଉତ୍ପାଦନ ପାଇଁ ଅଭାବୀ ବିକ୍ରି ଯୋଗୁ କ୍ଷତି ସହୁଛନ୍ତି । ଦିନକୁ ଦିନ କୃଷି ପ୍ରତି କୃଷକମାନେ ବିମୁଖ ହୋଇ କୃଷିବୃତ୍ତିକୁ ଛାଡି ଦେଉଛନ୍ତି । ସରକାର ସବୁଜ ବିପ୍ଳବର ସ୍ରଷ୍ଟା ଏମ୍.ଏସ୍.ସ୍ୱାମୀନାଥନଙ୍କ କମିଟି ଉତ୍ପାଦନଠାରୁ ବିପଣନ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ବାଟ ନିର୍ଦ୍ଦେଶ କରିଛନ୍ତି । ଏମ୍‌ଏସ୍‌ପିରେ ଚାଷୀଙ୍କୁ ଦେଢଗୁଣ ଦାମ ଦିଆଯାଉ । ମୋଦି ସରକାର ସ୍ୱାମୀନାଥନ କମିଟିର ସୁପାରିସକୁ କାର୍ଯ୍ୟକାରୀ ନ କରି କୃଷକଙ୍କ ଆୟ ୨ଗୁଣ କରିବା ପାଇଁ ୩ଟି କୃଷି ଆଇନ ଘୋଷଣା କଲାପରେ ଦେଶରେ କୃଷକ ଆନ୍ଦୋଳନ ଆରମ୍ଭ ହୋଇ ଏବେ ଅନେକ ଦିନ ଅତିକ୍ରାନ୍ତ ହେଲାଣି, ସମାଧାନ ବାଟ ଖୋଲୁ ନାହିଁ । ସମାଧାନ ନ ହେଲେ ଆନ୍ଦୋଳନ ବ୍ୟାପକ ହେବାର ଆଶଙ୍କା ରହିଛି ।

-ରାମଚନ୍ଦ୍ର ପାଲଟାସିଂହ, ଖୋର୍ଦ୍ଧା

### ଚିରନ୍ତନୀ

ଏ ବନ ଛାୟେ ଯା'ନ୍ତି ଚଳି
ଦିଓଟି ପ୍ରିୟ ସଖୀ
ସହଜ ଗତି ଗ୍ରାମର ବାଳା
ଏ ପଥେ ପାଦ ରଖି । -(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସମୁଦ୍ରକୂଳରେ ସାରା


ସାରା ଅଲ୍ଲୀ ଖାନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କୁ କିଏ ନ ଜାଣେ। ସାରା ଦେଖିବାକୁ ଯେମିତି ସୁନ୍ଦରୀ ଡ୍ୟାନ୍ସ ଏବଂ ଅଭିନୟ ସେତିକି ଦମ୍‌ଦାର। ଏବେ ସାରା ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ୍। କିଛି ନା କିଛି ଫଟୋ ଏବଂ ଭିଡିଓ ପୋଷ୍ଟ କରି ଫ୍ୟାନ୍‌ମାନଙ୍କ ସହିତ ଜଡ଼ିତ ରହିଥାନ୍ତି। ନିକଟରେ ସାରାଙ୍କର କିଛି ଫଟୋ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ସେ ସମୁଦ୍ର କୂଳରେ ବସିଥିବାର ଦେଖିବାକୁ ମିଳିଛି। ଏଥିରେ ସେ ଏକ ମଲ୍ଟି କଲର୍ ଡ୍ରେସ ପିନ୍ଧିଛନ୍ତି। ଏହି ଫଟୋକୁ ସେ ନିଜେ ତାଙ୍କ ଇନ୍‌ଷ୍ଟା ଆକାଉଣ୍ଟରେ ଶେୟାର କରିଛନ୍ତି। ବର୍ତ୍ତମାନସୁଦ୍ଧା ଏହି ଫଟୋକୁ ୮ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ଫଟୋରେ ସାରାଙ୍କ ଗ୍ଲାମର୍ସ ଲୁକ୍ ଦେଖିବାକୁ ମିଳିଛି। ଆଉ ଏକ ଫଟୋରେ ସାରା ସୂର୍ଯ୍ୟାସ୍ତ ଉପଭୋଗ କରିବା ସହ ଫ୍ୟାନ୍‌ମାନଙ୍କ ପାଇଁ ଇନ୍‌ଷ୍ଟା ଷ୍ଟୋରୀରେ ଲେଖିଛନ୍ତି। ପ୍ରକୃତିର ଏପରି ଦୃଶ୍ୟକୁ ଉପଭୋଗ କରୁଥିବାରୁ ମୁଁ ବହୁତ ଖୁସି। ସେ ଆଉ ମଧ କହିଛନ୍ତି ବ୍ୟସ୍ତତା ଭରା ଜୀବନରୁ ସମୟ ବାହାରକରି ମୁଁ ସମୁଦ୍ରକୂଳରେ ବସିବାକୁ ଆସିଥାଏ। ଏଠାରେ ବସିଲେ ମୋତେ ବହୁତ ଭଲ ଲାଗେ ବୋଲି ସେ ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି। ୱାର୍କଫ୍ରଣ୍ଟ କଥା କହିଲେ ସାରାଙ୍କର ନିକଟରେ କୁଲୀ ନଂ-୧ ରିଲିଜ୍ ହୋଇଛି। ଏଥିରେ ସାରା ମୁଖ୍ୟ ଭୂମିକାରେ ଥିବାବେଳେ ତାଙ୍କ ଅପୋଜିଟ୍‌ରେ ବରୁଣ ଧୱନ ଅଛନ୍ତି। ଦୁହିଁଙ୍କୁ ଏକାସାଥିରେ ଦର୍ଶକ ଖୁବ୍ ପସନ୍ଦ କରୁଛନ୍ତି। ଏହାପରେ ସାରା 'ଅତରଙ୍ଗୀ' ଫିଲ୍ମରେ ନଜର୍ ଆସିବେ। ଏଥିରେ ସାରା, ଅକ୍ଷୟ କୁମାର ଏବଂ ଧନୁଷଙ୍କ ସହ ମୁଖ୍ୟଭୂମିକାରେ ନଜର୍ ଆସିବେ।

# ଥାଳି ଖାଲି କଲେ ବୁଲେଟ୍

**ପୁଣେ:** କରୋନା ମହାମାରୀ ପ୍ରଭାବରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି ହୋଟେଲ ଶିଳ୍ପ। ଅନ୍‌ଲକ୍ ପରେ ଯଦିଓ ଏବେ ରେଷ୍ଟୁରାଣ୍ଟ, ଭୋଜନାଳୟ ଖୋଲିବାକୁ ଅନୁମତି ମିଳିଛି, ତଥାପି ଭୟ ଛାଡ଼ିନି। ସାମାଜିକ ଦୂରତ୍ୱ ନିୟମ, କୋଭିଡ୍ କଟକଣା ଲାଗି ବ୍ୟବସାୟ ଆଗଭଳି ହେଉନାହିଁ। ଲୋକମାନେ ସଙ୍କୋଚବୋଧ କରୁଛନ୍ତି। ଏପରି ସ୍ଥିତିରେ ରେଷ୍ଟୁରାଣ୍ଟ ମାଲିକ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ଆପଣାଉଛନ୍ତି ନୂଆ ତରିକା। କିଏ ଅଫର ଦେଉଛନ୍ତି ତ ଆଉ କିଏ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରୁଛନ୍ତି। ଧିମା ପଡ଼ିଥିବା ହୋଟେଲ ବ୍ୟବସାୟକୁ ବଳ ଦେବାକୁ ପୁଣେର ରେଷ୍ଟୁରାଣ୍ଟ ମାଲିକ ଅତୁଲ ବାଇକର୍ ଆରମ୍ଭ କରିଛନ୍ତି ବୁଲେଟ୍ ଥାଳି। ଅର୍ଥାତ୍ ଏଠାରେ ପରଷା ଯାଉଥିବା ଏକ ଥାଳିକୁ ସମ୍ପୂର୍ଣ୍ଣ ଶେଷ କଲେ ରୟାଲ୍ ଏନ୍‌ଫିଲ୍ଡ ବୁଲେଟ୍ ଜିତିବାର ସୁଯୋଗ ମିଳୁଛି। ଅତୁଲଙ୍କ ଏଭଳି ଅଫର ଗ୍ରାହକଙ୍କୁ ଆକୃଷ୍ଟ କରୁଥିବାବେଳେ ତାଙ୍କ ରେଷ୍ଟୁରାଣ୍ଟକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା।



ପୁଣେର ବଡ଼ଗାଁଅଞ୍ଚଳରେ ରହିଛି ଶିବରାଜ ରେଷ୍ଟୁରାଣ୍ଟ, ଯାହାର ମାଲିକ ହେଉଛନ୍ତି ଅତୁଲ। ଏବେ ଏହି ହୋଟେଲକୁ ନେଇ ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା। ଶିବରାଜ ରେଷ୍ଟୁରାଣ୍ଟରେ ଏବେ ଏକ ଅଫର ଚାଲିଛି। ଏଠାକୁ ଆସୁଥିବା ଗ୍ରାହକଙ୍କୁ ପରଷାଯାଉଛି ସ୍ୱତନ୍ତ୍ର ଆମିଷ ଥାଳି। ପ୍ଲେଟ୍ ଖାଲି କରୁଥିବା ଗ୍ରାହକଙ୍କୁ ୨ଲକ୍ଷ ଟଙ୍କାର ରୟାଲ ଏନ୍‌ଫିଲ୍ଡ ବୁଲେଟ୍ ଦିଆଯିବ ବୋଲି ଘୋଷଣା କରାଯାଇଛି। ତେବେ ଏଥିଲାଗି ସର୍ତ୍ତ ରହିଛି। ସମ୍ପୂର୍ଣ୍ଣ ଥାଳି ଜଣେ ବ୍ୟକ୍ତି ହିଁ ଖାଇପାରିବେ। ଏଥିଲାଗି ତାଙ୍କୁ ୬୦ ମିନିଟ୍ ସମୟ ମିଳିବ। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ରେଷ୍ଟୁରାଣ୍ଟ ବାହାରେ ଅତୁଲ ଛିଡ଼ା କରାଇଛନ୍ତି ୫ ବୁଲେଟ୍। ମେନୁ କାର୍ଡରେ ମଧ୍ୟ ଏହି ପ୍ରତିଯୋଗିତା ବିଷୟରେ ଉଲ୍ଲେଖ କରାଯାଇଛି।

ଏହି ପ୍ରତିଯୋଗିତା ଲାଗି ପ୍ରତି ଆମିଷ ଥାଳିର ମୂଲ୍ୟ ରହିଛି ୨୫୦୦ ଟଙ୍କା। ବୁଲେଟ୍ ଥାଳିରେ ମଟନ, ମାଛ, ସମେତ ୧୨ ପ୍ରକାର ବ୍ୟଞ୍ଜନ ପରଷା ଯାଉଛି। ତନ୍ଦୁରି ଚିକେନ, ଡ୍ରାଏ ମଟନ, ଗ୍ରୀନ୍ ମଟନ, ଚିକେନ ମସଲା, ଫ୍ରାଏଡ୍ ଫିଶ୍, ପ୍ରନ୍ ବିରିୟାନି ଆଦି ରହିଛି। ଥାଳିରେ ରହୁଥିବା ଖାଦ୍ୟର ଓଜନ ହାରାହାରି ୪ କେଜି। ଏସବୁ ବ୍ୟଞ୍ଜନ ପ୍ରସ୍ତୁତିରେ ୫୫ଜଣ ନିୟୋଜିତ ହୋଇଛନ୍ତି। ଅତୁଲଙ୍କ କହିବା କଥା ଅଦ୍ୟାବଧି ମାତ୍ର ଜଣେ ଗ୍ରାହକ ପ୍ରତିଯୋଗିତାରେ ବିଜୟୀ ହୋଇ ବୁଲେଟ୍ ଜିତିଛନ୍ତି। ସୋଲାପୁର ଜିଲାର ସୋମନାଥ ପାୱାର ଘଣ୍ଟାଏରୁ କମ୍ ସମୟ ଭିତରେ ପୂରା ବୁଲେଟ୍ ଥାଳି ସଫା କରିଦେଇଥିଲେ। ହୋଟେଲରେ ଦୈନିକ ୬୦ରୁ ଊର୍ଦ୍ଧ୍ୱ ବୁଲେଟ୍ ଥାଳି ଅର୍ଡର ଆସୁଛି। ଏଥିପୂର୍ବରୁ ମଧ୍ୟ ଶିବରାଜ ରେଷ୍ଟୁରାଣ୍ଟ ଗ୍ରାହକଙ୍କୁ ନିଆରା ଅଫର ଦେଇ ଚର୍ଚ୍ଚାର ପରିଧିକୁ ଆସିଥିଲା। ଏଠାରେ ପରଷା ଯାଉଥିବା ରାବଣ ଥାଳି, ପହିଲିମାନ ମଟନ ଥାଳି, ବକାସୁର ଚିକେନ ଥାଳି, ସରକାର ମଟନ ଥାଳି ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସୁଛି।

# ଜୀବନ ବଦଳାଇଦେଲା କରୋନା

**ଲଣ୍ଡନ:** କରୋନା ମହାମାରୀ ସମଗ୍ର ବିଶ୍ୱକୁ କ୍ଷତି ପହଞ୍ଚାଇଥିବା ବେଳେ କେତେଜଣଙ୍କୁ ନୂଆ ଜୀବନ ବି ଦେଇଛି। ଇଂଲଣ୍ଡରେ ରହୁଥିବା ୨୧ ବର୍ଷୀୟା ଓଲିଭିୟା ଇବିଟସନଙ୍କ କ୍ଷେତ୍ରରେ ଏମିତି କିଛି ଘଟିଛି। ଓଲିଭିୟା ଜଣେ ଅଭ୍ୟାସଗତ ନିଶାଡ଼ି। ୧୫ବର୍ଷର ହୋଇଥିବାବେଳେ ସେ ମଦ୍ୟପାନ ଅଭ୍ୟାସରେ ପଡ଼ିଯାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଲା। ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିରେ କବଳିତ ହୋଇ ସେ କୋମାକୁ ଚାଲି ଯାଇଥିଲେ। ଏଥିରୁ ସାମାନ୍ୟ ସୁସ୍ଥ ହୋଇଥିଲେ ମଧ ୨୦୧୯ରେ ପୁଣିଥରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଗଲା। ଅନ୍ୟପଟେ ମାର୍ଚ୍ଚ ୨୦୨୦ରେ ଇଂଲଣ୍ଡରେ କାୟା ବିସ୍ତାର କଲା କରୋନା। ଦେଶରେ ଲକ୍‌ଡାଉନ ଘୋଷଣା କରାଗଲା। ଗୃହବନ୍ଦୀ ଜୀବନ ଓଲିଭିୟାଙ୍କ ମଧରେ ସକାରାତ୍ମକ ଭାବନା ଜାଗ୍ରତ କଲା। ସେ ହୃଦ୍‌ବୋଧ କଲେ ଜଙ୍କ୍‌ଫୁଡ ଏବଂ ମଦ ଯୋଗୁ ତାଙ୍କ ଓଜନ ବଢ଼ିଯାଉଛି। ସେ ଗ୍ରୀନ-ଟି ପିଇବାକୁ ଲାଗିଲେ। ବ୍ୟାୟାମ ମଧ କଲେ। କିଛିଦିନ ମଧରେ ତାଙ୍କ ଓଜନ କମିବାରେ ଲାଗିଛି। ଓଲିଭିୟା କୁହନ୍ତି, କରୋନା ତାଙ୍କ ଜୀବନ ବଦଳାଇ ଦେଇଛି। ସେ ନୂଆ ଜୀବନ ପାଇଛନ୍ତି। ଲକ୍‌ଡାଉନ୍ ତାଙ୍କ ପାଇଁ ଖୁସି ଆଣିଦେଇଛି।



DSPL-158

## ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୧
"ସଡ଼କ ସୁରକ୍ଷା - ଜୀବନ ରକ୍ଷା"

## ମଦ୍ୟପ ଗାଡ଼ିଚାଳକ ସମାଜର ଶତ୍ରୁ




ମଦ୍ୟପାନ କରି ଗାଡ଼ି ଚାଳନା କଲେ .....
➢ ପୋଲିସ ଦ୍ୱାରା ଗିରଫ
➢ ୧୦,୦୦୦/- ଟଙ୍କା ଜରିମାନା
➢ ୬ ମାସ ଜେଲଦଣ୍ଡ
➢ ୩ ମାସ ଡ୍ରାଇଭିଂ ଲାଇସେନ୍ସ ନିଲମ୍ବନ




ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଅନଲାଇନ ମାଧ୍ୟମରେ କୁଇଜ୍ ପ୍ରତିଯୋଗିତା, ଚିନ୍ତାଧାରା (**Short Video**) ପ୍ରତିଯୋଗିତା, ଜିଙ୍ଗଲ ଏବଂ କାର୍ଟୁନ/ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହେଉଅଛି। ଏହି ପ୍ରତିଯୋଗିତାଟି ତା.୧୯.୦୧.୨୦୨୧ରିଖ ଠାରୁ ଆରମ୍ଭ ହୋଇ ତା.୨୮.୦୧.୨୦୨୧ରିଖ ପର୍ଯ୍ୟନ୍ତ ଚାଲିବ। ସମୁଦାୟ ପ୍ରାୟ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। କୁଇଜ୍ ପ୍ରତିଯୋଗିତାରେ ପ୍ରତ୍ୟେକ ଦିନ ୫ ଜଣ ପ୍ରତିଯୋଗୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ପୁରସ୍କାର ଦିଆଯିବ। ନିୟମିତ ଭାଗ ନେଇଥିବା କୁଇଜ୍ ପ୍ରତିଯୋଗୀଙ୍କୁ ସୁପର ରାଉଣ୍ଡରେ ଚୟନ କରାଯିବ। କୁଇଜ୍ ସୁପର ରାଉଣ୍ଡର ଏବଂ ଚିନ୍ତାଧାରା (**Short Video**) ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ରଥମ ପୁରସ୍କାର ଭାବେ ୫୦୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୩୦୦୦୦ ଟଙ୍କା ଏବଂ ତୃତୀୟ ପୁରସ୍କାର ୨୦୦୦୦ ଟଙ୍କା ସହିତ ପ୍ରମାଣପତ୍ର ପ୍ରଦାନ କରାଯିବ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆମ ୱେବସାଇଟ **www.odisharoadsafety.org** କୁ **visit** କରନ୍ତୁ।

**ପରିବହନ ଆୟୁକ୍ତ, ଓଡ଼ିଶା**

For updates and alerts, follow us on
www.facebook.com/OdishaSTA https://twitter.com/STAOdisha
Subscribe us on
YouTube State Transport Authority Odisha

**ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି**

OIPR-38003/13/0003/2021

ଝିଅଟିଏ ରତ୍ନଟିଏ
ଝିଅଟିଏ ଖୁସି ଦିଏ

DSPL-159

## ଅଲ୍ଟ୍ରାସାଉଣ୍ଡ୍ କ୍ଲିନିକ୍ ଓ ମେସିନ୍‌ର ପଞ୍ଜିକରଣ ସମ୍ପର୍କିତ ଜରୁରୀ ସୂଚନା

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା.୨୨.୦୧.୨୦୨୧ ରିଖ ଠାରୁ ପି.ସି.ପି.ଏନ୍.ଡି.ଟି ଆଇନ୍ ଅର୍ନ୍ତଗତ, ସମସ୍ତ ଅଲ୍ଟ୍ରାସାଉଣ୍ଡ୍ କ୍ଲିନିକ୍ ଓ ମେସିନ୍‌ର ପଞ୍ଜିକରଣ ତଥା ନବୀକରଣକୁ ରାଜ୍ୟ ସରକାର **online** ମାଧ୍ୟମରେ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ଆବେଦନକାରୀ, ଅଲ୍ଟ୍ରାସାଉଣ୍ଡ୍ କ୍ଲିନିକ୍ ଓ ମେସିନ୍‌ର ପଞ୍ଜିକରଣ ଅବା ନବୀକରଣ ନିମନ୍ତେ ପି.ସି.ପି.ଏନ୍.ଡି.ଟି **website: www.pndtorissa.gov.in** ରେ ଉପଲବ୍ଧ ନିୟମାବଳୀ ଅନୁଯାୟୀ **online** ମାଧ୍ୟମରେ ଆବେଦନ କରିପାରିବେ। ଆବେଦନକାରୀ ପଞ୍ଜିକରଣ / ନବୀକରଣ ପାଇଁ **"Form A"** ସହିତ ସମସ୍ତ ଆବଶ୍ୟକୀୟ ନଥିପତ୍ର (documents) ସଂଲଗ୍ନ କରିବା ବାଧ୍ୟତାମୂଳକ।

ତା.୨୨.୦୧.୨୦୨୧ ରିଖ ଠାରୁ କୌଣସି ଆବେଦନ **offline** ରେ ଗ୍ରହଣ କରାଯିବ ନାହିଁ।

ନିର୍ଦ୍ଦେଶକ, ପରିବାର କଲ୍ୟାଣ-ତଥା-
ରାଜ୍ୟ ସମୁଚିତ ପ୍ରାଧିକାରୀ, ପି.ସି.ପି.ଏନ୍.ଡି.ଟି

କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ପାଳନ କରନ୍ତୁ




OIPR-10003/13/0049/2021

facebook.com/HFWOdisha
http://www.health.odisha.gov.in/
@HFWOdisha

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

## କେନାଲରୁ ମୃତ ନବଜାତ କନ୍ୟା ଜବତ

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ା ଥାନା ଖୋଲଖାଲି ଗ୍ରାମ ନିକଟସ୍ଥ କେନାଲ ଗାତରୁ ବୁଧବାର ଅପରାହ୍ନରେ ଏକ ନବଜାତ ଶିଶୁ କନ୍ୟାକୁ ପୋଲିସ ଜବତ କରିଛି। ଭୋରରେ କେହି ଶିଶୁ କନ୍ୟାକୁ କେନାଲ ଗାତରେ ଫୋପାଡ଼ି ଦେଇଥିଲେ। ସକାଳେ ସେହି ରାସ୍ତା ଦେଇ ଯାଉଥିବା ଲୋକେ ଏହା ଦେଖିବା ପରେ ଘଟଣା ପ୍ରଚାରିତ ହୋଇଥିଲା। ପୋଲିସ ପହଞ୍ଚି ଦମକଳବାହିନୀ ସହାୟତାରେ ମୃତ ଶିଶୁ କନ୍ୟାକୁ ସେଠାରୁ ଜବତ କରି ବୁଗୁଡ଼ା ମେଡିକାଲକୁ ନେଇଥିଲା।

**ସଂକ୍ଷେପରେ**

### ମୋରମ ବୋଝେଇ ଗାଡ଼ି ଜବତ

ଆସିକା,୨୦।୧(ଡି.ଏନ୍.ଏ.): ଆସିକା ଥାନା ଢୁଙ୍କୁଣି ଗ୍ରାମ ନିକଟ ପାହାଡ଼ରୁ ସୋମବାର ବିଳମ୍ବିତ ରାତିରେ ବେଆଇନ ଭାବେ ଏକ ହାଇୱାରେ ମୋରମ ଚାଲାଣ ହେଉଥିବା ଖବରପାଇ ଅତିରିକ୍ତ ତହସିଲଦାର ଆଶୁତୋଷ ଗୌରବ କରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଉକ୍ତ ଗାଡ଼ି ଅଟକ ରଖିଥିଲେ। ଗାଡି ମାଲିକ ପ୍ରଶାସନିକ ଅଧିକାରୀଙ୍କୁ ବେଖାତିର କରି ଜୋରଜବରଦସ୍ତ ଗାଡି ନେଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ପୋଲିସ ଯାଇ ଉକ୍ତ ଗାଡିକୁ ଜବତ କରିଛି। ଆସିକା ତହସିଲଦାରଙ୍କ ପକ୍ଷରୁ ଏନେଇ ଥାନାରେ ଅଭିଯୋଗ କରାଯାଇଛି। ନଂ.୨୮/୨୧ରେ ମାମଲା ରୁଜୁ ହୋଇଛି। ମୋରମ ବୋଝେଇ ଗାଡିର ମାଲିକ ଜଣେ ପୋଲିସ କର୍ମଚାରୀ ହୋଇଥିବାରୁ ଘଟଣା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅଣାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

### ମହିଳାଙ୍କୁ ଆକ୍ରମଣ ମାମଲା ଅଭିଯୁକ୍ତଙ୍କୁ ୬ ମାସ ଜେଲ ଦଣ୍ଡାଦେଶ

ଦିଗପହଣ୍ଡି,୨୦।୧(ଡି.ଏନ.ଏ.): ଜଣେ ମହିଳାଙ୍କୁ ଅସଦାଚରଣ, ଆକ୍ରମଣ କରିବା ମାମଲାର ଶୁଣାଣି କରି ଦିଗପହଣ୍ଡି ମାଜିଷ୍ଟ୍ରେଟ ସଞ୍ଜୟ ଶୁଭବ୍ରତ ଆଚାର୍ଯ୍ୟ ବୁଧବାର ଅଭିଯୁକ୍ତଙ୍କୁ ୬ ମାସ ଜେଲ ଦଣ୍ଡାଦେଶର ରାୟ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ହେଲେ ଦିଗପହଣ୍ଡି ଥାନା ଭୀଷ୍ମଗିରି ଗ୍ରାମର ନରସିଂହ ମହାନ୍ତି। ନଂ. ଜି. ଆର - ୧୮୬/୧୦ ଅନୁଯାୟୀ ୭ ସାକ୍ଷୀଙ୍କ ବୟାନ ଆଧାରରେ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ୨୦୧୦ ଜୁନ୍ ୩୦ ତାରିଖରେ ଭୀଷ୍ମଗିରି ଗାଁର ଜଣେ ମହିଳା ଘର ବାରଣ୍ଡାରେ ଠିଆ ହୋଇଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପଡୋଶୀ ନରସିଂହ ଏବଂ ତାଙ୍କ ସ୍ତ୍ରୀ ପୂର୍ଣ୍ଣବାସୀ ଉକ୍ତ ମହିଳାଙ୍କୁ ଗାଳି ଗୁଲଜ କରିଥିଲେ। ସେ ପ୍ରତିବାଦ କରିବାରୁ ଉଭୟେ ତାଙ୍କ ଚୁଟି ଧରି ଟାଣି ନେବାସହ ଗାଁ ଡ୍ରେନ୍‌ରେ ପକାଇ ମାଡ଼ ମାରିଥିଲେ। ପରେ ନରସିଂହ ତାଙ୍କୁ ଅସଦାଚରଣ କରିଥିବା ନେଇ ଥାନାରେ ଏତଲା ହୋଇଥିଲା। ୨୦୨୦ ଡିସେମ୍ବର ୨୩ ତାରିଖରେ ଏହି ମାମଲାର ଶୁଣାଣି କରାଯାଇ ଅଭିଯୁକ୍ତ ପୂର୍ଣ୍ଣବାସୀଙ୍କ ବିରୋଧରେ ଆବଶ୍ୟକ ପ୍ରମାଣ ନ ମିଳିବାରୁ ମାଜିଷ୍ଟ୍ରେଟ ତାଙ୍କୁ ନର୍ଦ୍ଦୋଷରେ ଖଲାସ କରିଥିଲେ। ମୁଖ୍ୟ ଅଭିଯୁକ୍ତ ନରସିଂହ କୋର୍ଟରେ ଅନୁପସ୍ଥିତ ଥିବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ୱାରେଣ୍ଟ ବଳରେ ବୁଧବାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରିଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ନକୁଳ ପ୍ରଧାନ ଏବଂ କ୍ୟାଡ଼ର ଏପିପି ବିପ୍ଳବ କୁମାର ମୁଦୁଲି ମାମଲା ପରିଚାଳନା କରୁଥିଲେ।

### ଲକ୍ଷ୍ମୀଦତ୍ତ ହତ୍ୟା ମାମଲାରେ ସାକ୍ଷ୍ୟ ଗ୍ରହଣ

ଛତ୍ରପୁର,୨୦।୧(ଡି.ଏନ.ଏ): ଛତ୍ରପୁର ଏନ୍‌ଏସିର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ୨୦୧୭ ସେପ୍ଟେମ୍ବର ୧୬ରେ ତାଙ୍କ ଘର ଆଗରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ଏହି ମାମଲାର ବିଚାର ବୁଧବାର ଛତ୍ରପୁର ଏଡିଜେ କୋର୍ଟରେ ଆରମ୍ଭ ହୋଇଛି। ମୃତ ଲକ୍ଷ୍ମୀଦତ୍ତଙ୍କ ଭାଇ ତଥା ଏତଲାକାରୀ ଦେବୀଦତ୍ତ ପ୍ରଧାନ ସାକ୍ଷ୍ୟ ପ୍ରଦାନ କରିଥିଲେ। ଛତ୍ରପୁର ଏଡିଜେ ରାଜା ରଞ୍ଜନ ପାଢୀ ସାକ୍ଷ୍ୟ ଗ୍ରହଣ କରିଥିଲେ। ଏହି ମାମଲାରେ ୫୪ ଜଣ ସାକ୍ଷୀ ରହିଛନ୍ତି। ହତ୍ୟା ମାମଲାରେ ୨୧ ଜଣ ଗିରଫ ହୋଇଥିଲେ। ସ୍ପେଶାଲ ପିପି ତ୍ରିଲୋଚନ ପରିଡା ଏହି ମାମଲାର ପରିଚାଳନା କରିଥିଲେ।

### ଜଳ ସ୍ୱଚ୍ଛତା ଦିବସ ପାଳିତ

ହିଞ୍ଜିଳିକାଟୁ,୨୦।୧(ଡି.ଏନ୍.ଏ.): 'ମୋ ସ୍ୱାଭିମାନ, ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଜରିଆରେ ଜଳ ସ୍ୱଚ୍ଛତା ଦିବସ ହିଞ୍ଜିଳିକାଟୁ ବ୍ଲକର ୧୧ ପଞ୍ଚାୟତରେ ପାଳିତ ହୋଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଦୁର୍ବନ୍ଧ ଗ୍ରାମରେ ଜଳ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତସ୍ତରରେ ଗଠିତ ସ୍ୱଚ୍ଛତା କମିଟି, ସ୍ୱେଚ୍ଛାସେବୀ ଓ ଜନ ପ୍ରତିନିଧିଙ୍କ ଦ୍ୱାରା ସ୍ୱଚ୍ଛତା ରାଲି ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଉପସ୍ଥିତ ଲୋକଙ୍କୁ ପରିବେଶ ଓ ଜଳର ସ୍ୱଚ୍ଛତା ରକ୍ଷା ନିମନ୍ତେ ଶପଥ ପାଠ କରାଯାଇଥିଲା। ଜଳ ଉତ୍ସଗୁଡ଼ିକୁ ଦୂଷିତ ନ କରିବାକୁ ଲୋକଙ୍କୁ ବୁଝାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ୨ୟ ପର୍ଯ୍ୟାୟରେ ପଞ୍ଚାୟତର ପ୍ରତି ଘରକୁ ୨ଟି ଲେଖାଏ ଡଷ୍ଟବିନ ବଣ୍ଟନ କାର୍ଯ୍ୟକ୍ରମକୁ ଜିଲାପାଳ ଉଦଘାଟନ କରିଥିଲେ।

# ଗଳାବାଟ ସିଲ୍, ଖୋଲୁନି ବନ୍ଦ ଫାଟକ

**ଏମ୍‌କେସିଜି ମେଡିକାଲ**

ବ୍ରହ୍ମପୁର ଅଫିସ,୨୦।୧

ବ୍ରହ୍ମପୁର ବଡ଼ମେଡିକାଲ ପରିସରକୁ ଜବରଦଖଲ ମୁକ୍ତ କରିବା ସହ ଅବାଧ ପ୍ରବେଶ ଉପରେ ରୋକ୍ ଲଗାଇବା ପାଇଁ ଜିଲା ପ୍ରଶାସନ ତରଫରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। କିଛିଦିନ ତଳେ ଜବରଦଖଲ ଉଚ୍ଛେଦ କରାଯାଇ ସମସ୍ତ ଦୋକାନ ଭଙ୍ଗା ଯାଇଥିଲା। ଏହା ସହିତ ବିଭିନ୍ନ ସ୍ଥାନରେ ଥିବା ଗଳାବାଟଗୁଡ଼ିକ ମଧ୍ୟ ସିଲ୍ କରାଯାଇଛି। ହେଲେ ସାଧାରଣ ଲୋକ ତଥା ରୋଗୀଙ୍କୁ ନେବା ଆଣିବା ପାଇଁ ରହିଥିବା ବନ୍ଦ ଫାଟକ ଖୋଲିବା ଦିଗରେ ପ୍ରଶାସନ ତରଫରୁ ଅଦ୍ୟାବଧି କୌଣସି ପ୍ରକାର ଉଦ୍ୟମ ଆରମ୍ଭ ହୋଇନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବଡ଼ ମେଡିକାଲକୁ ପ୍ରବେଶ କରିବା ପାଇଁ ଦୁଇଟି ମୁଖ୍ୟ ରାସ୍ତା ରହିଛି। ଗୋଟିଏ ରାସ୍ତା ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ଦେଇ ମେଡିକାଲକୁ ଯିବା ପାଇଁ ମୁଖ୍ୟ ଫାଟକ ରହିଥିବା ବେଳେ ନୂଆ ବସ୍‌ଷ୍ଟାଣ୍ଡ ପଟେ ଦ୍ୱିତୀୟ ରାସ୍ତା ରହିଛି। ହେଲେ ନୂଆ ବସ୍‌ଷ୍ଟାଣ୍ଡ ପଟ ଫାଟକ ବହୁ ଦିନ ହେଲା ବନ୍ଦ ହୋଇ ରହିଛି। ଫାଟକରେ ବର୍ତ୍ତମାନ ତାଲା ଝୁଲୁଛି। ଫଳରେ ସେହି ରାସ୍ତା ଦେଇ ଆମ୍ବୁଲାନ୍ସ ଯାତାୟାତ କରିପାରୁ ନାହିଁ। ନୂଆ ବସ୍‌ଷ୍ଟାଣ୍ଡ ପଟ ଗେଟ୍ ଖୋଲାଯିବା ଦାବିରେ ବିଭିନ୍ନ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଅନଶନ, ଧାରଣା, ଆନ୍ଦୋଳନ ବିଗତ ଦିନରେ ହୋଇ ସାରିଛି। ଏପରିକି ଏହି ଫାଟକ ତୁରନ୍ତ ଖୋଲିବା ପାଇଁ ଲୋକାୟୁକ୍ତ ନିର୍ଦ୍ଦେଶ ଦେବା ପରେ ମେଡ଼ିକାଲ କଲେଜ କର୍ତ୍ତୃପକ୍ଷ ନିର୍ଦ୍ଦେଶକୁ ଚାଲେଞ୍ଜ କରି ହାଇକୋର୍ଟରେ ରିଟ୍ ପିଟିଶନ୍ ଦାଏର କରିଥିଲେ। ସେ ସମୟରେ ମେଡିକାଲ ଗେଟ୍ ବନ୍ଦ ରଖିବା ସପକ୍ଷରେ ସ୍ଥାନୀୟ ବିଧାୟକ ଓ କର୍ପୋରେଟର ମତ ଦେଇଥିବା ନେଇ ମଧ୍ୟ କୋର୍ଟରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏହି ଆବେଦନର ଶୁଣାଣି କରି ହାଇକୋର୍ଟ ଲୋକପାଳଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଦେଇଥିବାରୁ ବର୍ତ୍ତମାନ ସୁଦ୍ଧା ମେଡିକାଲ ପଛପଟ ଗେଟ୍ ଖୋଲା ଯାଉନାହିଁ। ଆମ୍ବୁଲାନ୍ସ ସେବା କ୍ଷେତ୍ରରେ ମଧ୍ୟ ଫାଟକ ଖୋଲା ଯାଉନାହିଁ। ଆସ୍କାରୋଡ୍ ପଟୁ ଆସୁଥିବା ଆମ୍ବୁଲାନ୍ସ ଓ ୧୦୮ ଆମ୍ବୁଲାନ୍ସକୁ ଗେଟ୍‌ବଜାର-ନୂଆ ବସ୍‌ଷ୍ଟାଣ୍ଡ ରାସ୍ତାରେ ପଛପଟ ଫାଟକ ଦେଇ ମେଡିକାଲ ଭିତରକୁ ଛଡ଼ାଗଲେ କିଛି ଅସୁବିଧା ହୁଅନ୍ତା ନାହିଁ। ଦରକାର ସମୟରେ ଫାଟକ ଖୋଲି ଭିତରକୁ ଆମ୍ବୁଲାନ୍ସ ଛାଡ଼ିବା ପରେ ପୁନର୍ବାର ଗେଟ ବନ୍ଦ କରାଗଲେ ରୋଗୀମାନେ ଉପକୃତ ହୁଅନ୍ତେ। ଆମ୍ବୁଲାନ୍ସ ସେବା ପାଇଁ ମଧ୍ୟ ବନ୍ଦ ଫାଟକକୁ ଖୋଲା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରସାଦ ପାଣିଗ୍ରାହୀ କହିଛନ୍ତି। ଅବଶ୍ୟ ମେଡିକାଲ କଲେଜ ଓ ହସ୍ପିଟାଲର ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିରୁ ଆଗତ ଏକ ରିଟ୍ ପିଟିଶନ୍ ଉପରେ ଶୁଣାଣି କରି ହାଇକୋର୍ଟ ଦେଇଥିବା ରାୟକୁ ସମ୍ମାନ ଜଣାଇ ଫାଟକ ବନ୍ଦ ରଖାଯାଇଛି। ହେଲେ ଆମ୍ବୁଲାନ୍ସକୁ ମଧ୍ୟ ଏହି ବାଟ ଦେଇ ଯିବାକୁ ବାରଣ କରିବା ଯୁକ୍ତିଯୁକ୍ତ ନୁହଁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ବୌଦ୍ଧ, କନ୍ଧମାଳ, ରାୟଗଡ଼ା ଜିଲା ସମେତ ମୋହନା, ଭଞ୍ଜନଗର, ସୋରଡ଼ା, ଆସିକା, ବୁଗୁଡ଼ା, ଦିଗପହଣ୍ଡି, ହିଞ୍ଜିଳିକାଟୁ ଆଦି ଅଞ୍ଚଳରୁ ପ୍ରତିଦିନ ଆମ୍ବୁଲାନ୍ସରେ ଆସୁଥିବା ରୋଗୀ ହଟହଟା ହେଉଥିବା ଦେଖିବାକୁ ମିଳିଛି। କାରଣ ମେଡିକାଲର ପଛପଟ ଗେଟ୍ ଖୋଲା ନ ଥିବାରୁ ଆମ୍ବୁଲାନ୍ସ ଗେଟବଜାର ଛକ ଠାରୁ ନୂଆ ବସ୍‌ଷ୍ଟାଣ୍ଡ ବାଟେ ନ ଆସି ସିଟି ହସ୍ପିଟାଲ ରୋଡ୍, ଷ୍ଟେଟ୍ ବ୍ୟାଙ୍କ ଛକ, ଉତ୍କଳଆଶ୍ରମ ରୋଡ୍, ଟାଟା ବେଞ୍ଚ ଟ୍ରାଫିକ୍ ଛକ ଓ କୋର୍ଟପେଟା ଟ୍ରାଫିକ୍ ଛକ ଦେଇ ମୁଖ୍ୟଦ୍ୱାର ବାଟେ ମେଡିକାଲରେ ପହଞ୍ଚୁଛି। ସହରର ସବୁଠୁ ବ୍ୟସ୍ତବହୁଳ ଏହି ରାସ୍ତାରେ ଆମ୍ବୁଲାନ୍ସ ଆସି ମେଡିକାଲରେ ପହଞ୍ଚିଲା ବେଳକୁ ବହୁ ବିଳମ୍ବ ହୋଇଯାଉଛି। ଯଦ୍ୱାରା ଅନେକ ସମୟରେ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡୁଛି। ଏମିତିକି ଦୁର୍ଘଟଣାରେ ଶିକାର ହୋଇଥିବା ବ୍ୟକ୍ତିଙ୍କ ଜୀବନ ମଧ୍ୟ ଚାଲି ଯାଉଥିବା ନେଇ ଅଭିଯୋଗ ହେଉଛି। ତେଣୁ ରୋଗୀଙ୍କ ସ୍ୱାର୍ଥ ପାଇଁ ଅନ୍ତତଃ ଆମ୍ବୁଲାନ୍ସ ନିମନ୍ତେ ନୂଆ ବସ୍‌ଷ୍ଟାଣ୍ଡ ପଟ ଗେଟ ଖୋଲାଯାଉ ବୋଲି ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ଡା.ସନ୍ତୋଷ କୁମାର ମିଶ୍ର କୁହନ୍ତି, କୋର୍ଟ ନିର୍ଦ୍ଦେଶରେ ୨୦୦୬-୦୭ ରୁ ଏହି ଫାଟକ ବନ୍ଦ ରଖାଯାଇଛି। ଫାଟକ ଖୋଲିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଲେ ରୋଗୀମାନଙ୍କ ଯାତାୟାତ ପାଇଁ ତାହା ଖୋଲାଯିବ ବୋଲି ସେ କହିଛନ୍ତି।




ବନ୍ଦ ରହିଥିବା ଏମକେସିଜି ମେଡିକାଲ ଫାଟକ

### ଫୋନ୍ ପେ'ରେ ୧୯ ହଜାର ଲୁଟ୍

ଦିଗପହଣ୍ଡି,୨୦।୧(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ଧର୍ମପୁର ଗ୍ରାମର ଜଣେ କର୍ମଜୀବୀ ମହିଳାଙ୍କଠାରୁ ଫୋନ୍ ପେ' ମାଧ୍ୟମରେ ଦୁର୍ବୃତ୍ତ ୧୯ ହଜାର ଟଙ୍କା ଲୁଟି ନେଇଥିବା ବୁଧବାର ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ମୋନିକା ରାଉତ ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ମୋନିକା ଗାଁରେ ଟେଲରିଂ କରି ଚଳୁଥିଲେ। ଗତ ମଙ୍ଗଳବାର ତାଙ୍କ ମୋବାଇଲ ଫୋନକୁ ଜଣେ ଅଣ ଓଡ଼ିଆ ବ୍ୟକ୍ତିଙ୍କ କଲ ଆସିଥିଲା। ସେ ନିଜକୁ ଫୋନ୍ ପେ' କଷ୍ଟମର କେୟାରର ପରିଚୟ ଦେଇ ଫୋନ୍ ପେ ତରଫରୁ ଗୋଟିଏ ଗିଫ୍ଟ ଭାଉଚର ମିଳିଛି ବୋଲି କହିଥିଲେ। ମୋନିକା ଏହାକୁ ବିଶ୍ୱାସ କରି ଫୋନ ପେ ଆପ୍ଲିକେଶନ୍ କ୍ଲିକ୍ କରି ଅଜଣା ବ୍ୟକ୍ତିଙ୍କ କହିବା ପ୍ରକାରେ ଫୋନ୍ ବ୍ୟବହାର କରିଥିଲେ। ପରେ ମୋନିକାଙ୍କ ଆକାଉଣ୍ଟରୁ ପ୍ରଥମେ ୯ ହଜାର, ପରେ ୧ ହଜାର ଓ କିଛିକ୍ଷଣ ପରେ ପୁଣି ୯ ହଜାର ଟଙ୍କା ଏପରି ମୋଟ ୧୯ ହଜାର ଟଙ୍କା କଟିଯାଇଥିବା ଜାଣି ସେ ଫୋନ ସୁଇଚ୍ ଅଫ୍ କରି ଦେଇଥିଲେ। ମୋନିକାଙ୍କ ସ୍ୱାମୀ ଏହା ଜାଣିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଫୋନ୍ କରି ଟଙ୍କା ଫେରାଇବାକୁ ଅନୁରୋଧ କରିଥିଲେ ମଧ୍ୟ ଆଉ ଟଙ୍କା ମିଳି ନ ଥିଲା।

## ୱାର୍ଡ ସମସ୍ୟା ନେଇ କମିଶନରଙ୍କୁ ଦାବିପତ୍ର



ୱାର୍ଡ଼ ବାସିନ୍ଦାଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ।

ବ୍ରହ୍ମପୁର ଅଫିସ, ୨୦।୧

ବ୍ରହ୍ମପୁର ମହାନଗର ନିଗମର ୩୭ ନଂ. ୱାର୍ଡ଼ରେ ଡ୍ରେନ୍ ସମସ୍ୟାକୁ ନେଇ ବୁଧବାର ସ୍ଥାନୀୟ ବାସିନ୍ଦା ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ୱାର୍ଡ଼ର ସୁବାସ ନଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଲାଇନ୍‌ରେ ଦୀର୍ଘ ଦିନ ଧରି ଡ୍ରେନ୍‌ରେ ପାଣି ନିଷ୍କାସନ ନ ହେବାରୁ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ସହ ବିଷଧର ସରିସୃପ ବଂଶ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବୁଧବାର ଲୋକେ କମିଶନରଙ୍କୁ ଭେଟି ଅବଗତ କରିଥିଲେ। ଏ ନେଇ କମିଶନର ନିଜେ ଏହି ୱାର୍ଡ଼କୁ ଯାଇ ବୁଲି ଦେଖିବା ପରେ ଡ୍ରେନ୍ ପାଣି ନିଷ୍କାସନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଦାବିପତ୍ର ପ୍ରଦାନ ସମୟରେ ଶିଳ୍ପାଞ୍ଚଳ ଭାଜପା ମଣ୍ଡଳ ସଭାପତି ଶିବ ଶଙ୍କର ନାୟକଙ୍କ ସମେତ ଭଗବାନ ମହାନ୍ତି, ଉଦୟନାଥ ପାତ୍ର, ସୁମିତ୍ ପାତ୍ର, ପ୍ରଶାନ୍ତ କୁମାର ମିଶ୍ର, ନିକୁଞ୍ଜ ବିହାରୀ ପଣ୍ଡା ଓ ମମତା ପାଢୀଙ୍କ ସମେତ ଅଞ୍ଚଳର ବହୁ ଲୋକ ଉପସ୍ଥିତ ଥିଲେ।

### ମଦ ଦୋକାନରୁ ଲୁଟ୍

ଗଞ୍ଜାମ,୨୦।୧(ଡି.ଏନ.ଏ.)

ରମ୍ଭା ଥାନା ଅନ୍ତର୍ଗତ ହୁମ୍ମାଠାରୁ ଅଳ୍ପ ଦୂରରେ ଥିବା ଏକ ବିଦେଶୀ ମଦ ଦୋକାନରୁ ମଙ୍ଗଳବାର ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗେଟ୍ ଓ ଗ୍ରିଲ କାଟି ଦୋକାନରେ ପଶି ପ୍ରାୟ ୮୬ ପ୍ୟାକେଟ ମଦ, ୧୦ହଜାର ଟଙ୍କା, ସିସିଟିଭି ଓ ହାର୍ଡ଼ଡିସ୍କ ନେଇଯାଇଥିବା ସେଲ୍ସମ୍ୟାନ ମାନସ ସାହୁ କହିଛନ୍ତି। ଏ ନେଇ ରମ୍ଭା ଥାନାରେ ସେ ଏତଲା ଦେଇଛନ୍ତି। ଲୁଟ୍ ସାମଗ୍ରୀର ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଦୋକାନ ମାଲିକ କହିଛନ୍ତି। ଆଡିଶନାଲ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, ରମ୍ଭା ଥାନା ଆଇଆଇସି କୃଷ୍ଣ ଚନ୍ଦ୍ର ସେଠୀ ପ୍ରମୁଖ ପହଞ୍ଚି ଛାନଭିନ କରିଛନ୍ତି। ଗତ ରାତି ପ୍ରାୟ ସାଢେ ୩ଟାରେ ମଦ ଦୋକାନ ଆଗରେ ଏକ ପିକ୍‌ଅପ୍ ଥିବା ଜଣେ ବ୍ୟକ୍ତି ଦେଖିଥିବା ପୋଲିସ ଜାଣିବା ପରେ ତାଙ୍କୁ ଓ ଦୋକାନର ୩ ସେଲ୍ସମ୍ୟାନଙ୍କୁ ପଚରାଉଚୁରା କରିଛି।

## ବିଧାୟକ ରମେଶ କୋର୍ଟରେ ହାଜର

**ଦୁଇଟି ମାମଲାରେ ଚାର୍ଜଫ୍ରେମ୍**

ବ୍ରହ୍ମପୁର ଅଫିସ,୨୦।୧

ସାନଖେମୁଣ୍ଡି ବିଧାୟକ ରମେଶ ଜେନା ବୁଧବାର ଏଡିଜେ-୩ ନିରଞ୍ଜନ ଜେନାଙ୍କ କୋର୍ଟରେ ହାଜର ହୋଇଥିଲେ। ତାଙ୍କ ନାମରେ ରୁଜୁ ହୋଇଥିବା ଦୁଇଟି ମାମଲାର ବିଚାର ପାଇଁ ଚାର୍ଜଫ୍ରେମ୍ କରାଯାଇଥିଲା। ଏହି ସମୟରେ ଅନ୍ୟ ୮ ଅଭିଯୁକ୍ତ ମଧ୍ୟ କୋର୍ଟରେ ହାଜର ହୋଇଥିଲେ। ୨୦୧୪ ଅକ୍ଟୋବର ୨୪ରେ ପାଟପୁର ଥାନା ଅନ୍ତର୍ଗତ କଙ୍କୋରଡ଼ାରେ ଥିବା ଏକ ବିଦେଶୀ ମଦ ଦୋକାନ ମାଲିକ ସନ୍ତୋଷ ସାହୁଙ୍କୁ ଦାଦାବଟି ଦାବି କରି ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ପୋଲିସ ବିଧାୟକ ରମେଶଙ୍କ ନାମ ଯୋଡ଼ିଥିଲା। ସେହିପରି ୨୦୧୪ ଅକ୍ଟୋବର ୨୫ ତାରିଖରେ ସାନଖେମୁଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ ବିଶ୍ୱାଳଙ୍କ ବିରୋଧରେ ଅନାସ୍ଥାପ୍ରସ୍ତାବ ଆଗତ ହୋଇଥିଲା। ଏହି ସମୟରେ କିଛି ଲୋକ ସେଠାରେ ଆତଙ୍କରାଜ ସୃଷ୍ଟି କରିଥିଲେ। ଏହି ଘଟଣାରେ ମଧ୍ୟ ପୋଲିସ ବିଧାୟକ ରମେଶଙ୍କ ନାମ ଯୋଡ଼ିଥିଲା। ଏହି ଉଭୟ ମାମଲାରେ ବୁଧବାର ଚାର୍ଜଫ୍ରେମ୍ ହୋଇଛି। ଏହି ସମୟରେ ବିଧାୟକ ରମେଶଙ୍କ ସମେତ ଅନ୍ୟତମ ଅଭିଯୁକ୍ତ କ୍ଷେତ୍ର ସାହୁ, ଶ୍ରୀକାନ୍ତ ମହାନ୍ତି, ଆନନ୍ଦ ପଣ୍ଡା, ରାମକୃଷ୍ଣ ପାଢ଼ୀ, ଦୀପକ ଚୌଧୁରୀ, ଭିକି ପାଢ଼ୀ, ଦିବାକର ପାଣିଗ୍ରାହୀ ଓ ଜଗନ୍ନାଥ ସାବତ ଉପସ୍ଥିତ ଥିଲେ। ଆସନ୍ତା ୫ ତାରିଖରେ ଉଭୟ ମାମଲାର ସାକ୍ଷୀ ବିଚାର ଆରମ୍ଭ ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ମୁଦାଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ବିଷୋୟୀ, ନିର୍ମଳ ସାହୁ ଓ ସରୋଜ ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ।

## ଅପମୃତ୍ୟୁ ହେଲା ହତ୍ୟା ମାମଲା, ୨ଅଟକ

**ଯୁବକଙ୍କ ମୃତ୍ୟୁ ଘଟଣା**

ବ୍ରହ୍ମପୁର ଅଫିସ,୨୦।୧

ରାସ୍ତା କଡ଼ରୁ ଉଦ୍ଧାର ହୋଇଥିବା ଜନୈକ ଯୁବକ ରବି ପ୍ରଧାନ (୨୮)ଙ୍କର ମଙ୍ଗଳବାର ମୃତ୍ୟୁ ଘଟିଥିଲା। ସଦର ଥାନା ପୋଲିସ ଏନେଇ ନଂ.୪/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ବୁଧବାର ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆଧାରରୁ ଏହା ହତ୍ୟା ଘଟଣା ବୋଲି ପୋଲିସ ସ୍ପଷ୍ଟ କରିଥିଲା। ଥାନାରେ ପୂର୍ବରୁ ରୁଜୁ ହୋଇଥିବା ଅପମୃତ୍ୟୁ ମାମଲା ଏବେ ନଂ.୨୫/୨୧ ହତ୍ୟା ମାମଲାରେ ପରିଣତ ହୋଇଛି ବୋଲି ସଦର ଏସ୍‌ଡ଼ିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ବୁଧବାର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ୨ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି।

ଘଟଣାରୁ ପ୍ରକାଶ, ପୁରୁଣା ଡେଙ୍ଗାପଦର ଗ୍ରାମର କାଳୀଚରଣ ପ୍ରଧାନଙ୍କ ପୁଅ ରବି ଧାନ ଓ ଚାଉଳ ବ୍ୟବସାୟ କରୁଥିଲେ। ତାଙ୍କ ଗ୍ରାମର ରାଜେନ୍ଦ୍ର ପାତ୍ର ସୋମବାର ବଲାଙ୍ଗୀର ଯିବା ପାଇଁ ବାହାରିଥିଲେ। ରବି ତାଙ୍କୁ ବାଇକ୍‌ରେ ବ୍ରହ୍ମପୁର ଆଣି ବସ୍‌ରେ ବସାଇଥିଲେ। ସେବେଠାରୁ ସେ ଆଉ ଘରକୁ ଫେରି ନ ଥିଲେ। ଅନ୍ୟପଟେ ସୋମବାର ରାତିରେ କଲୁଆ ଛକରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଜଣେ ଯୁବକଙ୍କୁ ସେହି ରାସ୍ତାଦେଇ ଯାଉଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ପରେ ସେମାନେ ଆମ୍ବୁଲାନ୍ସରେ ତାଙ୍କୁ ଏମ୍‌କେସିଜି ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ରବିଙ୍କୁ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସୂଚନା ପାଇଛି।

### ବିଦ୍ୟୁତ୍ କର୍ମଚାରୀଙ୍କୁ ଗାଳିଗୁଲଜ

ଆସିକା,୨୦।୧(ଡି.ଏନ.ଏ)

ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ସୋମବାର ବିଦ୍ୟୁତ ବିଭାଗର ଜଣେ ଲାଇନମ୍ୟାନ ନିଜ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ଧମକ ଦିଆଯାଇଛି। ଏ ନେଇ ଲାଇନମ୍ୟାନ କେଶବ ଚନ୍ଦ୍ର ନାୟକ ଆସିକା ପୋଲିସରେ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ ସେହି ଗ୍ରାମରେ ବିଦ୍ୟୁତ ବିଲ ପୈଠ କରୁନଥିବା ଓ ହୁକ ପକାଇ ଲାଇନ ନେଉଥିବା ଗ୍ରାହକଙ୍କ ବିଦ୍ୟୁତ ସଂଯୋଗ କାଟିବା ଲାଗି ଲାଇନମ୍ୟାନ କେଶବ ଯାଇଥିବା ବେଳେ ସଂପୃକ୍ତ ପଞ୍ଚାୟତର ଜଣେ ନିର୍ବାଚିତ ପ୍ରତିନିଧିଙ୍କ ସ୍ୱାମୀ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ନଂ. ୨୭/୨୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

## ଟ୍ରାଫିକ ପୋଲିସ, ହୋମ୍‌ଗାର୍ଡଙ୍କ କାର୍ଯ୍ୟକୁ ପ୍ରଶଂସା

ଫୁଲବାଣୀ ଅଫିସ, ୨୦।୧

କନ୍ଧମାଳ ଜିଲା ଫୁଲବାଣୀ ସହର ଗାନ୍ଧୀ ଛକରେ କାର୍ଯ୍ୟରତ ଜଣେ ଟ୍ରାଫିକ ପୋଲିସ ଏବଂ ୨ ହୋମଗାର୍ଡ ଝାଡୁରେ ରାସ୍ତା ସଫେଇ କରି ପ୍ରଶଂସାର ପାତ୍ର ହୋଇଛନ୍ତି। ବୁଧବାର ଏକ ଦମ୍ପତି ତାଙ୍କ ଛୋଟ ପିଲାକୁ ନେଇ ବାଇକ୍‌ରେ ଯାଉଥିଲେ। ଗାନ୍ଧୀ ଛକଠାରେ ରାସ୍ତା ନିର୍ମାଣ କାର୍ଯ୍ୟ ପରେ ପଡ଼ିଥିବା ବାଲିରେ ଚକା ସ୍ଲିପ୍ କରିବାରୁ ଗାଡି ବାଇକ୍ ସହ ସେମାନେ ତଳେ ପଡ଼ିଯାଇଥିଲେ। ସୌଭାଗ୍ୟବଶତଃ ପିଲା ସହ ଦମ୍ପତି ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଏହି ଘଟଣା ସେଠାରେ କାର୍ଯ୍ୟରତ ଥିବା ଟ୍ରାଫିକ ପୋଲିସ ସୁବ୍ରତ କୁମାର ନାୟକଙ୍କ ମନକୁ ଆନ୍ଦୋଳିତ କରିଥିଲା। ତେଣୁ ସେ ତାଙ୍କ ଅନ୍ୟ ସହକର୍ମୀ ମହିଳା ହୋମଗାର୍ଡଙ୍କୁ ଡାକି ଝାଡୁ ମଗାଇ ରାସ୍ତାରୁ ବାଲି ସଫା କରିଥିଲେ। ସୂଚନାଯୋଗ୍ୟ, କିଛି ଦିନ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ ସହରର ରାସ୍ତା ମରାମତି ହୋଇଥିଲା। ପିଚୁ କାମ ସରିବା ପରେ ଠିକାଦାର ରାସ୍ତା ଉପରେ ବାଲି ପକାଇଥିଲେ। ଗାନ୍ଧୀ ଛକରେ ମଧ୍ୟ ବାଲି ପଡିଥିବା ଯୋଗୁ ଅନେକ ଗାଡି ବୁଲାଣି ନେବା ବେଳେ ଚକା ସ୍ଲିପ୍ ହେଉଥିଲା। ସେଠାରେ କାର୍ଯ୍ୟରତ ଟ୍ରାଫିକ ପୋଲିସ ନାୟକ ରାସ୍ତାରୁ ବାଲି ସଫା କରିବା ପାଇଁ ମ୍ୟୁନିସିପାଲିଟି ଅଧିକାରୀ ଏବଂ ଠିକାଦାରଙ୍କୁ ଜଣାଇଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା।



ସୁବ୍ରତ ଏବଂ ଦୁଇ ମହିଳା ହୋମଗାର୍ଡ ରାସ୍ତା ସଫା କରୁଛନ୍ତି।

## ଛାତ୍ରଙ୍କ ମାନବିକତା

ବ୍ରହ୍ମପୁର ଅଫିସ,୨୦।୧

ବିଶ୍ୱବିଦ୍ୟାଳୟ ଓ ବିମାନପଡ଼ିଆ ରାସ୍ତାରେ ବୁଧବାର ଏକ ଅଟୋ ଓଲଟି ଡ୍ରାଇଭରଙ୍କ ଉପରେ ଚାପିହୋଇ ରହିଥିବା ବେଳେ କେତେଜଣ ଏମ୍‌ବିଏ ବିଭାଗର ଛାତ୍ର ଦେଖି ଡ୍ରାଇଭରଙ୍କୁ ଉଦ୍ଧାର କରି ମାନବିକତା ଦେଖାଇଥିଲେ। ସ୍ଥାନୀୟ ରଙ୍ଗେଇଲୁଣ୍ଡା ଗ୍ରାମର ଏ. ଗଣପତି ରାଓ ଅଟୋ (ନଂ. ଓଆର ୦୭ ଜେଡ୍ ୨୮୮୩)ରେ ସେହି ରାସ୍ତା ଦେଇ ଯାଉଥିବା ବେଳେ କୌଣସି କାରଣରୁ ଅଟୋ ଓଲଟି ତାଙ୍କ ଉପରେ ଚାପିହୋଇ ରହିଥିବା ବେଳେ ଏମ୍‌ବିଏ ବିଭାଗର କେତେକ ଛାତ୍ର ଘଟଣା ସ୍ଥଳରେ ପହଞ୍ଚି ଗାଡିଟିକୁ ଉଠାଇ ଗଣପତିଙ୍କୁ ସ୍ଥାନୀୟ ମେଡିକାଲ୍‌କୁ ପଠାଇଥିଲେ।



ଓଲଟି ପଡ଼ିଥିବା ଅଟୋ।

## ଘୋଷଣା ହୋଇପାରୁନି ନୂଆ କାର୍ଯ୍ୟକର୍ତ୍ତାଙ୍କ ନାମ

**ଭାଜପା ଗଞ୍ଜାମ ସାଙ୍ଗଠନିକ ଜିଲା**

ବ୍ରହ୍ମପୁର ଅଫିସ,୨୦।୧

ଗଞ୍ଜାମ ସାଂଗଠନିକ ଜିଲା ଭାଜପାର ନୂଆ କାର୍ଯ୍ୟକର୍ତ୍ତା ଗଠନ ହୋଇନାହିଁ। ରାଜ୍ୟ ସଂଗଠନ ପକ୍ଷରୁ ଗତ ସାଧାରଣ ନିର୍ବାଚନରେ ଗୋପାଳପୁର ଆସନରୁ ଦଳୀୟ ପ୍ରାର୍ଥୀ ହୋଇଥିବା ବିଭୂତି ଜେନାଙ୍କୁ ସଭାପତି କରାଯାଇଛି। ଏହାର ୩ ମାସ ବିତିବା ପରେ ବି ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା ହୋଇନାହିଁ। ତାଲିକା ପ୍ରସ୍ତୁତ ହୋଇ ରାଜ୍ୟ ସଂଗଠନର ଅନୁମୋଦନ ହୋଇଛି। ଚଳିତ ମାସ ୯ ତାରିଖରେ ବ୍ରହ୍ମପୁର ଗସ୍ତରେ ଆସିଥିବା ରାଜ୍ୟ ପ୍ରଭାରୀ ପୁରନ୍ଦେଶ୍ୱରୀଙ୍କ ସହ ସାକ୍ଷାତ କରାଯାଇଥିଲା। ତେବେ ତାଲିକା ବିବାଦୀୟ ହୋଇଥିବାରୁ ଘୋଷଣା କରାଯାଉ ନ ଥିବା ଆଭ୍ୟନ୍ତରୀଣ ସୂତ୍ରରୁ ଜଣାପଡ଼ିଛି।

ସୂଚନାନୁସାରେ, ଗଞ୍ଜାମରେ ଭାଜପାର ଦୁଇ ସାଂଗଠନିକ ଜିଲା ରହିଛି। ଖଲ୍ଲିକୋଟ, କବିସୂର୍ଯ୍ୟନଗର, ହିଞ୍ଜିଳି, ପୋଲସରା, ସୋରଡ଼ା, ଭଞ୍ଜନଗର, ସାନଖେମୁଣ୍ଡି ଓ ଆସିକା ବିଧାନସଭା କ୍ଷେତ୍ରକୁ ନେଇ ଘୁମୁସର ଜିଲା ହୋଇଛି। ସେହିପରି ଛତ୍ରପୁର, ଗୋପାଳପୁର, ଦିଗପହଣ୍ଡି, ବ୍ରହ୍ମପୁର ଓ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ଗଠନ ହୋଇଛି ଗଞ୍ଜାମ ସାଂଗଠନିକ ଜିଲା। ଦଳରେ ସର୍ବଦା ସକ୍ରିୟ ଭାବେ ସଂଗଠନ କାର୍ଯ୍ୟ କରୁଥିବା କେତେକ କର୍ମୀଙ୍କୁ ନୂଆ ଟିମ୍‌ରେ ନିଆଯାଇ ନ ଥିବାରୁ ବିବାଦ ସୃଷ୍ଟି ହୋଇଥିବା ଚର୍ଚ୍ଚାର ପରିସରକୁ ଆସିଛି।

ଅପରପକ୍ଷରେ ବ୍ରହ୍ମପୁରରେ ଗଞ୍ଜାମ ସଂଗଠନ କାର୍ଯ୍ୟାଳୟ ଖୋଲାଯାଇଛି। ଗତ ୯ ତାରିଖରେ ଏହାକୁ ପୁରନ୍ଦେଶ୍ୱରୀ ଉଦ୍‌ଘାଟନ କରିଥିଲେ। ଗତ ଲୋକ ସଭା ନିର୍ବାଚନରେ ବ୍ରହ୍ମପୁର ଆସନରୁ ପ୍ରାର୍ଥୀ ହୋଇଥିବା ଭୃଗୁ ବକ୍ସିପାତ୍ର ଦୀର୍ଘଦିନରୁ ସ୍ଥାନୀୟ ନୀଳାଞ୍ଚଳ ନଗରରେ କାର୍ଯ୍ୟାଳୟ ଖୋଲିଛନ୍ତି। ସେହିପରି ଗଞ୍ଜାମର ପୂର୍ବତନ ସଭାପତି ତଥା ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ହୋଇଥିବା କାହ୍ନୁ ଚରଣ ପତି ତାଙ୍କ ଗାନ୍ଧୀନଗର ବାସଭବନରେ ଆଉ ଏକ ପାର୍ଟି ଅଫିସ କରିଛନ୍ତି। ତେଣୁ ଭାଜପାରେ ଗୋଷ୍ଠୀ ବିବାଦ ଥିବା ହେଉଛି ଚର୍ଚ୍ଚା। ଗଞ୍ଜାମ ଜିଲା ସଭାପତି ଜେନାଙ୍କ କହିବାନୁସାରେ, ପ୍ରସ୍ତୁତ ନୂଆ ଟିମ୍‌ରେ ସଂଶୋଧନ କରାଯାଉଥିବାରୁ ଘୋଷଣା ବିଳମ୍ବ ହୋଇଛି। ଖୁବଶୀଘ୍ର ଜିଲା କାର୍ଯ୍ୟକର୍ତ୍ତାଙ୍କ ନାମ ପ୍ରକାଶ କରାଯିବ। ସଂଗଠନ ମଜଭୁତ କରିବା ଲକ୍ଷ୍ୟରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ ଦ୍ୱୟ ନିଜସ୍ୱ କାର୍ଯ୍ୟାଳୟ ଖୋଲିଥିବା ବିଭୂତି ସ୍ପଷ୍ଟ କରିଦେଇଛନ୍ତି।

## କୃଷି ଆଇନ, ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଦାବି

ସୋରଡା,(ଡି.ଏନ୍.ଏ.): କୃଷକ ବିରୋଧୀ ଆଇନ, ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଦାବିରେ ବୁଧବାର ପୂର୍ବାହ୍ନରେ ଅଖିଳ ଭାରତ କିଷାନ ମଜଦୁର୍ ସଭା ପକ୍ଷରୁ ସୋରଡ଼ା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏହା ପୂର୍ବରୁ କୃଷକମାନଙ୍କ ଏକ ପଦୁଆର ସ୍ଥାନୀୟ ନୂଆ ବସଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା କରି ତହସିଲ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବରିଷ୍ଠ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ ଓ ପ୍ରତାପ ଚନ୍ଦ୍ର ନାୟକ, ରଘୁନାଥ ନାୟକ, ସଂଗ୍ରାମ ନାୟକ, କାଳି ଚରଣ ନାୟକ, ଲକ୍ଷ୍ମୀ ନୃସିଂହ ରଥ, କୁଶନାଥ ପ୍ରଧାନ ପ୍ରମୁଖ କେନ୍ଦ୍ର କୃଷି ଆଇନ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ବ୍ଲକର ବହୁ ଗ୍ରାମରୁ କୃଷକମାନେ ବିକ୍ଷୋଭରେ ଯୋଗଦେଇଥିଲେ।

# ୫ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

### ଟଙ୍କା ନେଇ ଜାଲ୍ ଶ୍ରମିକ କାର୍ଡ ଦେବା ପ୍ରସଙ୍ଗ

ଛତ୍ରପୁର,୨୦।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଟଙ୍କା ନେଇ ଜାଲ୍ ଶ୍ରମିକ ପରିଚୟପତ୍ର ଦିଆଯିବା ଘଟଣାର ଖୋଳତାଡ ଆରମ୍ଭ ହୋଇଛି। ଗତ ୩ ଦିନ ହେଲା ଜିଲା ଶ୍ରମ ଅଧିକାରୀ ଓ ତାଙ୍କ ଟିମ୍ ଜିଲାର ବିଭିନ୍ନ ସ୍ଥାନକୁ ଯାଇ ତଦନ୍ତ କରିବା ସହ ତଥ୍ୟ ସଂଗ୍ରହ କରୁଛନ୍ତି। ଏଭଳି ସ୍ଥିତିରେ ବୁଧବାର ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତର ଦେଉଳପଲ୍ଲୀ ଓ କରଞ୍ଜରା ଗ୍ରାମରେ ବହୁ ଲୋକଙ୍କୁ ନକଲି ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିବା ଅଭିଯୋଗ ଆସିଛି। ଲୋକେ ଠକାମିର ଶିକାର ହୋଇଥିବା ନେଇ ଗତ ୫ ଦିନ ହେଲା ଅଭିଯୋଗ ହେଉଥିଲେ ମଧ୍ୟ ଏ ନେଇ ଥାନାରେ ଅଭିଯୋଗ ହୋଇନି କି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି। ଜିଲାର ଅଧିକାଂଶ ପଞ୍ଚାୟତରେ ଲୋକଙ୍କଠାରୁ ଟଙ୍କା ନେଇ ଜାଲ୍ ଶ୍ରମିକ ପରିଚୟପତ୍ର ଦିଆଯାଇଛି। ବିଭିନ୍ନ ଇଣ୍ଟରନେଟ୍ ସେଣ୍ଟର ଓ ଜନସେବା କେନ୍ଦ୍ର ଲୋକଙ୍କୁ ଏପରି ଠକିଥିବା ଜଣାପଡିଛି। ଜାଲ ଶ୍ରମିକ କାର୍ଡ ଘଟଣାରେ ଶ୍ରମ ବିଭାଗ ପକ୍ଷରୁ ଛତ୍ରପୁର ଓ ପୁରୁଷୋତ୍ତମପୁର ବ୍ଲକର ବିଭିନ୍ନ ଜନସେବାକେନ୍ଦ୍ର ଯାଇ ବିଭିନ୍ନ ତଥ୍ୟ ସଂଗ୍ରହ ସହ କେତେଜଣ ହିତାଧିକାରୀଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ଠକାମି କରିଥିବା କେତେଜଣ ଏବେ ଫେରାର ଥିବା ବେଳେ ଅନ୍ୟ କେତେଜଣ ଶ୍ରମିକମାନଙ୍କୁ ଟଙ୍କା ଫେରାଇ ସେମାନଙ୍କଠାରୁ ଜାଲ ଶ୍ରମିକ କାର୍ଡ ନେଇଯାଇଥିବା ତଦନ୍ତ ବେଳେ ଜଣାପଡିଛି। ସୂଚନାଯୋଗ୍ୟ, ସରକାରୀ ସହାୟତା ପାଇଁ ଆବେଦନ କରିବାକୁ କେତେଜଣ ହିତାଧିକାରୀ ଛତ୍ରପୁରସ୍ଥିତ ଜିଲା ଶ୍ରମ କାର୍ଯ୍ୟାଳୟକୁ ଆସିଥିବାବେଳେ ସେମାନଙ୍କ ଶ୍ରମିକ କାର୍ଡ ଜାଲ୍ ବୋଲି ଜଣାପଡିଥିଲା। ଏହାପରେ ଖୋଳତାଡ ଆରମ୍ଭ ହୋଇଛି।

## ଲାଞ୍ଚ ନେଇ ଧରାପଡ଼ିଲେ ଓଭରସିୟର

ଦାରିଙ୍ଗବାଡ଼ି,୨୦।୧(ଡି.ଏନ.ଏ)


ବଟକୃଷ୍ଣ କଟା

ଦାରିଙ୍ଗବାଡ଼ି ଉଦ୍ୟାନ ବିଭାଗ ଓଭରସିୟର ଏକ ବିଲ୍ କରିବାକୁ ଜଣେ ଚାଷୀଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଛନ୍ତି। ସେହେଲେ ବଟକୃଷ୍ଣ କଟା ବୋଲି ଭିଜିଲାନ୍ସ ବିଭାଗ ଇନ୍ସପେକ୍ଟର ପୁଲସ୍ତି ଛତ୍ରିୟା କହିଛନ୍ତି।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ, ସିଆଙ୍ଗବାଲି ପଞ୍ଚାୟତ ପଞ୍ଚୁପଲ୍ଲି ଗ୍ରାମର ପୁରେ ପ୍ରଧାନଙ୍କୁ ଆମ୍ବ ବଗିଚା କରିବାକୁ ସରକାର ଅର୍ଥ ମଞ୍ଜୁର କରିଥିଲେ। ପ୍ରାୟ ୮ଶହ ଆମ୍ବଚାରା ପୁରେ ରୋପଣ କରିଥିଲେ। ବିଲ୍ କରିବାକୁ ଉଦ୍ୟାନ ବିଭାଗର ଓଭରସିୟର ବଟକୃଷ୍ଣ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ହେଲେ ସେ ଟଙ୍କା ଦେଇ ନପାରିବାରୁ ବିଲ୍ ହୋଇ ପାରିନଥିଲା। ଏନେଇ ପୁରେ ଫୁଲବାଣୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ପ୍ରକାରେ ବୁଧବାର ଫୁଲବାଣୀ ଭିଜିଲାନ୍ସ ଟିମ୍ ଦାରିଙ୍ଗବାଡ଼ି ଉଦ୍ୟାନ ବିଭାଗ ନିକଟରେ ଛପି ରହିଥିଲେ। ପୁରେ ଭିଜିଲାନ୍ସ ଦ୍ୱାରା ପ୍ରଦତ୍ତ କେମିକାଲ ବୋଳା ୧୦ହଜାର ଟଙ୍କା ନେଇ ଓଭରସିୟର ବଟକୃଷ୍ଣ କଟାଙ୍କୁ ଦେଇଥିଲେ। ସେ ଟଙ୍କା ରଖିବା ପରେ ଭିଜିଲାନ୍ସ ଚଢାଉ କରି ତାଙ୍କଠାରୁ କେମିକାଲବୋଳା ଟଙ୍କା ଜବତ କରିଥିଲା। ଏହାପରେ ତାଙ୍କୁ ଭିଜିଲାନ୍ସ ଜିଲା କାର୍ଯ୍ୟାଳୟ ଫୁଲବାଣୀକୁ ନେଇ ଅଧିକ ପଚରାଉଚରା ଚାଲିଛି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଅଫିସ୍‌ରେ ନଂ.୧/୨୧ରେ ମାମଲା ରୁଜୁ କରାଯାଇଥିବା ଇନ୍ସପେକ୍ଟର ଛତ୍ରିଆ କହିଛନ୍ତି।

### ସଂକ୍ଷେପରେ

## ପ୍ରଦୀପ, ମନୋଜଙ୍କ ଜାମିନ ଖାରଜ

ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲା

ଛତ୍ରପୁର,୨୦।୧(ଡି.ଏନ୍.ଏ.): ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲାରେ ସଂସ୍ଥାର ମୁଖ୍ୟ ପ୍ରଦୀପ ସେଠୀ ଓ ତାଙ୍କ ସହଯୋଗୀ ମନୋଜ ପଟ୍ଟନାୟକଙ୍କ ଜାମିନ ଆବେଦନ ଖାରଜ ହୋଇଛି। ବୁଧବାର ଛତ୍ରପୁର ଏସ୍‌ଡିଜେଏମ୍ ସନ୍ତୋଷ କୁମାର ପାଣିଗ୍ରାହୀ ଏହାର ଶୁଣାଣି କରି ଜାମିନ୍ ଆବେଦନ ଖାରଜ କରିଦେଇଛନ୍ତି। ଦିନକୁ ଦିନ ସମାଜରେ ଠକେଇ ମାମଲା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଭଳି କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ନିହାତି ଜରୁରୀ। ଯଦି ବର୍ତ୍ତମାନ ସ୍ଥିତିରେ ଅଭିଯୁକ୍ତଦ୍ୱୟଙ୍କୁ ଜାମିନ ପ୍ରଦାନ କରାଯିବ ଏହା ସମାଜରେ ଏକ ଖରାପ ଉଦାହାରଣ ସୃଷ୍ଟି କରିବ। ତେଣୁ ଜାମିନ୍ ପ୍ରଦାନ କରାଯାଇପାରିବ ନାହିଁ ବୋଲି ସେ କହିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାରେ କ୍ୟାଡର ଏପିପି ରାଜେଶ କୁମାର ମିଶ୍ର ଯୁକ୍ତି ଉପସ୍ଥାପନ କରିଥିଲେ। ପ୍ରକାଶ ଯେ, ଛତ୍ରପୁର ବଜାରରେ ରହିଥିବା ଅର୍ଥତତ୍ତ୍ୱ ସଂସ୍ଥା ଶାଖାରେ କଣମଣା ଗ୍ରାମର ଦେବରାଜ ୨୦୧୦ ଡିସେମ୍ବର ୧ରେ ୧ ଲକ୍ଷ ଟଙ୍କା ଜମା କରିଥିଲେ। ଉକ୍ତ ସଂସ୍ଥା ନଭେମ୍ବର ୨୦୧୨ରୁ ବନ୍ଦ ହୋଇଯାଇଥିଲା। ଏହା ଜାଣିବା ପରେ ଦେବରାଜ ଉକ୍ତ ସଂସ୍ଥା ବିରୋଧରେ ୨୦୧୩ ମେ ୧୦ରେ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୬୮/୧୩ରେ ମାମଲା ରୁଜୁ କରିଥିଲା। ଏହି ମାମଲା ବର୍ତ୍ତମାନ କୋର୍ଟ ଜିଆର ନଂ.୧୩୫/୧୩ରେ ଚାଲୁ ରହିଛି।

## ବାଇକ୍ ଆରୋହୀଙ୍କଠାରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୁଟ୍

ଗୋପାଳପୁର,୨୦।୧: ଗୋଳନ୍ଥରା ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ବାଇକ୍ ଆରୋହୀଙ୍କଠାରୁ ଦୁର୍ବୃତ୍ତମାନେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଝାମ୍ପି ନେଇଛନ୍ତି। ଏଥିରେ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ପଲାସା ଅଞ୍ଚଳର ଦୁଇଜଣ ବ୍ୟକ୍ତି ଏକ ବାଇକ୍‌ରେ ବ୍ରହ୍ମପୁର ବଡ଼ବଜାର ଅଞ୍ଚଳର ଲକ୍ଷ୍ମୀ କମ୍ପ୍ଲେକ୍ସକୁ ଆସିଥିଲେ। ସେଠାରୁ ଦୁଇ ଲକ୍ଷ ଟଙ୍କା ଧରି ଫେରୁଥିବା ବେଳେ ୩ଜଣ ଦୁର୍ବୃତ୍ତ ସେମାନଙ୍କ ପିଛା କରି ଗୋଳନ୍ଥରା ଥାନାଠାରୁ ପ୍ରାୟ ୩୦୦ ମିଟର ଦୂର ଘାଟିକାଲୁଆ ନିକଟରେ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ଫଳରେ ବାଇକ୍ ଆରୋହୀ ରାସ୍ତା କଡ଼ରେ ପଡ଼ି ଗୁରୁତର ହୋଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଟଙ୍କା ଝାମ୍ପି ନେଇପଳାଇଥିଲେ। ଗୋଳନ୍ଥରା ପୋଲିସ ଓ କନିଷ୍ଠି ଅଗ୍ନିଶମ କର୍ମଚାରୀ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଘଟଣାର ତଦନ୍ତ ଚଳାଇଛି।

## ଶିକ୍ଷାବିତ୍‌ଙ୍କ ପରଲୋକ

ଶେରଗଡ,୨୦।୧(ଡି.ଏନ୍.ଏ.): ବରିଷ୍ଠ ଶିକ୍ଷାବିତ୍ ତଥା ସାମାଜିକକର୍ମୀ ଶେରଗଡ ବଡଦାଣ୍ଡସାହିର ସତ୍ୟନାରାୟଣ ପାତ୍ରଙ୍କ ବୁଧବାର ସନ୍ଧ୍ୟାରେ ୭୨ ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛିଦିନ ହେଲା ଅସୁସ୍ଥତା ଯୋଗୁ ବ୍ରହ୍ମପୁରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତଦେହ ରାତିରେ ଶେରଗଡରେ ପହଞ୍ଚିବାପରେ ପାଇକସାହି ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ନେତା ତାଙ୍କ ଶେଷ ଦର୍ଶନ କରିଥିଲେ।

## ଟ୍ରକ୍ ଧକ୍କାରେ ବ୍ଲକ କନିଷ୍ଠ ଯନ୍ତ୍ରୀ ଗୁରୁତର



ପାତ୍ରପୁର, ୨୦।୧(ଡି.ଏନ.ଏ.): ଟ୍ରକ୍ ଦୁର୍ଘଟଣାରେ ବୁଧବାର ପାତ୍ରପୁର ବ୍ଲକ ଅଫିସରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ତ୍ରିଲୋଚନ ବେହେରା ଗୁରୁତର ହୋଇଛନ୍ତି। କନିଷ୍ଠ ଯନ୍ତ୍ରୀ ନିଜ ଗ୍ରାମରୁ ଅଫିସକୁ ଆସୁଥିବା ସମୟରେ ଚିକିଟି ବ୍ଲକ ପିତାତଳି ଗ୍ରାମ ନିକଟସ୍ଥ ରାସ୍ତା ସାମ୍ନାପଟୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ପଡ଼ିଥିବା କନିଷ୍ଠ ଯନ୍ତ୍ରୀଙ୍କୁ ଉଦ୍ଧାର କରି ଚିକିଟି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ରଘୁନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ: କାଦପଡ଼ା ଚାମ୍ପିୟନ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ବୁଗୁଡ଼ା,୨୦।୧(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ଘୋଳପୁର ରଘୁନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ କାଞ୍ଚି ଷ୍ଟାଡିୟମରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କାନକୁଟୁରୁ ଟିମ୍ ଏବଂ କାଦପଡ଼ା ଟିମ ମଧ୍ୟରେ ହୋଇଥିଲା। ପ୍ରଥମେ କାଦପଡ଼ା ବ୍ୟାଟିଂ କରି ୧୫ ଓଭରରେ ୪ ଉଇକେଟ ବିନିମୟରେ ୨୬୮ ରନ କରିଥିବା ବେଳେ ଜବାବରେ କାନକୁଟୁରୁ ୧୫ ଓଭରରେ ୬ ଉଇକେଟ ହରାଇ ୧୨୩ ରନ କରିଥିଲା। ଫଳରେ କାଦପଡ଼ା ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଭାପତି ସାନୋତା ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ ଏବଂ ସମ୍ମାନିତ ଅତିଥି ଭାବେ ଭାଜପା ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ପ୍ରମୋଦ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଖଟୁଆ, ଲକ୍ଷ୍ମଣ ପ୍ରଧାନ ଯୋଗ ଦେଇଥିଲେ। ଉତ୍ସବରେ କାଦପଡ଼ା ଟିମକୁ ଚାମ୍ପିୟନ ସିଲଡ ପ୍ରଦାନ ସହ ନଗଦ ୧୦ ହଜାର ଟଙ୍କା ଏବଂ କାନକୁଟୁରକୁ ରନର୍ସଅପ ଟ୍ରଫି ସହ ୬ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଭାବେ ବୁବୁଙ୍କୁ ପୁରସ୍କୃତ କରାଯାଇଥିଲା।

## ୪୫ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୦।୧

ଅବକାରୀ ଗୁଇନ୍ଦା ବିଭାଗ ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଖେଳପଡ଼ିଆ ନିକଟରୁ ଜଣେ ଯୁବକଙ୍କଠାରୁ ୪୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ସମ୍ପୃକ୍ତ ଯୁବକ ଆଙ୍କୋଲି ନିଗମ ନଗରର ମଦନମୋହନ ଶବରଙ୍କୁ ଗିରଫ କରାଯାଇଛି। ବଡ଼ ଡାକ୍ତରଖାନା ପଡ଼ିଆ ରାସ୍ତାରେ ବ୍ରାଉନ୍ ସୁଗାର ଧରି ଜଣେ ଯୁବକ ଛିଡ଼ା ହୋଇଥିବା ସୂଚନା ପାଇ ଅବକାରୀ ଗୁଇନ୍ଦା ବିଭାଗ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ, ଏସ୍‌ଆଇ ବିଶ୍ୱଜିତ ଦାଶ ପ୍ରମୁଖ ସେଠାରେ ଚଢ଼ାଉ କରିଥିଲେ। ସନ୍ଦେହରେ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ଯାଞ୍ଚ କରିବା ପରେ ତାଙ୍କ ନିକଟରୁ ବ୍ରାଉନ୍ ସୁଗାର ମିଳିଥିଲା। ପୁରୀରୁ ଏହି ବ୍ରାଉନ୍ ସୁଗାର ଆଣି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଇଥାନ୍ତା ବୋଲି ତଦନ୍ତରୁ ଜଣାପଡ଼ିଛି।

## ରାଜସ୍ୱ ନିରୀକ୍ଷକଙ୍କ ଦକ୍ଷତା ବୃଦ୍ଧି କରାଯିବ


ଉପ ଜିଲାପାଳ ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି।

ଭଞ୍ଜନଗର,୨୦।୧(ଡି.ଏନ.ଏ)

ଭଞ୍ଜନଗର ଉପଖଣ୍ଡରେ କାର୍ଯ୍ୟରତ ଶତାଧିକ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ ଦକ୍ଷତା ବୃଦ୍ଧି କରାଯିବ। ଏନେଇ ଶୁକ୍ରବାର ଓ ଶନିବାର ୨ଦିନ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହେବ। ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଆର୍‌ଆଇମାନଙ୍କୁ ତାଲିମ ପ୍ରଦାନ କରାଯିବ। ତେଣୁ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ବୁଧବାର କଲେଜ ପରିଦର୍ଶନରେ ଯାଇ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। କରୋନା କଟକଣା ଯୋଗୁ ସାମାଜିକ ଦୂରତ୍ୱ ବଜାୟ ରଖି ତାଲିମ ପ୍ରଦାନ କରାଯିବ। ଉପ ଜିଲାପାଳଙ୍କ ଗସ୍ତ ସମୟରେ ଅଧ୍ୟକ୍ଷ ଡ.ନୀଳାଞ୍ଚଳ ମୁନି, ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ହାଇଦ୍ରାବାଦ ଦମ୍ପତି

ପାରଳାଖେମୁଣ୍ଡି,୨୦।୧(ଡି.ଏନ୍.ଏ.)

ଗଜପତି ଜିଲା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୨୦ତମ ଶିଶୁକୁ ଭାରପ୍ରାପ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ପୋଷ୍ୟ ସନ୍ତାନ ଭାବେ ହାଇଦ୍ରାବାଦର ଜନୈକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍‌ବେଳେ ଜିଲାର ବିଭିନ୍ନ ସ୍ଥାନରୁ ଶିଶୁମାନଙ୍କୁ ଉଦ୍ଧାର କରି ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ସାଲୋମ, ପାରଳାଖେମୁଣ୍ଡିରେ ରଖାଯିବାସହ ସେମାନଙ୍କ ଆଡପ୍‌ସନ୍ ପାଇଁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ରର ପୋର୍ଟାଲ୍‌ରେ ତଥ୍ୟ ଅପଲୋଡ଼ କରାଯାଇଥିଲା। ଶିଶୁ ମଙ୍ଗଳ ସମିତି ଆଇନତଃ ଶିଶୁଟିକୁ ମୁକ୍ତ ଘୋଷଣା କରିଥିଲେ। ହାଇଦ୍ରାବାଦ୍‌ର ଦମ୍ପତି ଶିଶୁଟିକୁ ପସନ୍ଦ କରି ନେବାକୁ ସ୍ଥିର କରିଥିଲେ। ଏହାପରେ ଦସ୍ତାବିଜ ପ୍ରସ୍ତୁତ ହୋଇଥିଲା। ସମସ୍ତ ଦସ୍ତାବିଜ୍ ଭାରପ୍ରାପ୍ତ ଜିଲାପାଳ ଯାଞ୍ଚ କରିବା ପରେ ଶିଶୁଟିକୁ ସମ୍ପୃକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ହସ୍ତାନ୍ତରବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ନିସାନ ସାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ପୋଷ୍ୟ ସନ୍ତାନ ଗ୍ରହଣ କରୁଛନ୍ତି ଦମ୍ପତି।

## ରାୟଗଡ଼ରେ ସଡ଼କ ସୁରକ୍ଷା ସପ୍ତାହ

ରାୟଗଡ଼(ଗଜପତି),୨୦।୧

ଗଜପତି ଜିଲା ରାୟଗଡ ସଦର ସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ବୁଧବାର ୩୨ତମ ସଡକ ସୁରକ୍ଷା ସପ୍ତାହ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ରାୟଗଡ଼ ଥାନାଧିକାରୀ ଶ୍ରବଣ କୁମାର ମହାରଣା ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ବ୍ଲକରେ ପରିକ୍ରମା କରି ହେଲ୍‌ମେଟ ବ୍ୟବହାର କରିବା, ଦୁଇ ଚକିଆ ଯାନରେ ଦୁଇ ଜଣରୁ ଅଧିକା ଯାତ୍ରା ନ କରିବା, ନିଶାସକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ସିଟ୍ ବେଲ୍ଟ ବାନ୍ଧିବା ଆଦି ବିଭିନ୍ନ ଟ୍ରାଫିକ୍ ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ ଏଏସ୍‌ଆଇ କୃଷ୍ଣ ଚନ୍ଦ୍ର ମଲିକ, ଏସ୍‌ଆଇ ପାଣିଗ୍ରାହୀଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଓ ରାୟଗଡ଼ ଅଟୋ ସଂଘ ସଦସ୍ୟ ସହଯୋଗ କରିଥିଲେ।



ସଡ଼କ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରାଯାଉଛି।

## କାଶୀନଗର ପଞ୍ଚାୟତ ସମିତି ବୈଠକ

କାଶୀନଗର,୨୦।୧


ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

କାଶୀନଗର ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷ ଚିତ୍ରି ସୀମାଦ୍ରିଙ୍କ ଅଧ୍ୟକ୍ଷତାରେ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୀମାଞ୍ଚଳ ମହାନ୍ତି, ପାରଳା ବିଧାୟକ କେ.ନାରାୟଣ ରାଓ, ଜିଲା ପରିଷଦର ଜୋନ-୧ ସଭ୍ୟା ସୁକାନ୍ତି ଶବର ଓ ବ୍ଲକର ସମସ୍ତ ଅଫିସର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ପ୍ରଥମେ କରୋନାରେ ଜୀବନ ହାରିଥିବା ଯୋଦ୍ଧାଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗତ ୧୮ ତାରିଖରେ ହୋଇଥିବା ଟିକାକରଣ ସମୀକ୍ଷା କରାଯିବା ସହ ଆଗାମୀ ୨୧ ତାରିଖରେ ଖାଣ୍ଡବାଠାରେ ପ୍ରଥମ ପର୍ଯ୍ୟାୟ ଓ କାଶୀନଗରଠାରେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ କରାଯିବ ଏବଂ ୨୫ ତାରିଖରେ ହାଡୁଭାଙ୍ଗି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ହେବାକୁ ଥିବା ୬ଟି ରାସ୍ତା ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲିଛି, ଚଳିତ ମାସ ୨୨ ତାରିଖରେ ଟେଣ୍ଡର ଖୋଲିବ ଓ ତାପରେ କାମ ଆରମ୍ଭ ହେବ ଆଦି ବିଷୟରେ ଆଲୋଚନା କରାଯାଇଥିଲା।

## ସୀମା ବିବାଦ ନେଇ ବୈଠକ

ପାରଳାଖେମୁଣ୍ଡି,୨୦।୧(ଡି.ଏନ୍.ଏ.)

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଓଡ଼ିଶା ଓ ଆନ୍ଧ୍ର ସୀମାନ୍ତକୁ ନେଇ ଲାଗି ରହିଥିବା ବିବାଦ ସମାଧାନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଗଜପତି ଜିଲା ରାଜସ୍ୱ ଅଧିକାରୀ ଓ ସୀମାନ୍ତ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲାର ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଉଭୟ ରାଜ୍ୟର ପଟ୍ଟା ଓ ମାନଚିତ୍ର ଉପରେ ଅନୁଧ୍ୟାନ କରାଯାଇଥିଲା। ପ୍ରକାଶ ଯେ, ପାରଳାଖେମୁଣ୍ଡି ସୀମାନ୍ତରେ ଥିବା ଓଡ଼ିଶାର ୧୨ଏକର ଜମିକୁ ଆନ୍ଧ୍ର ପ୍ରଦେଶର ଲୋକେ ନିଜର କହି ଜବରଦସ୍ତ ଚାଷ କରୁଛନ୍ତି। ମାତ୍ର ସେହି ଜମିକୁ ଓଡ଼ିଶା ସରକାର କେତେକ ଭୂମିହୀନଙ୍କୁ ଚାଷ ପାଇଁ ପଟ୍ଟା ଦେଇଥିଲେ। ଏହାକୁ ନେଇ ବହୁଦିନ ହେଲା ବିବାଦ ଲାଗି ରହିଛି।

## ଆକ୍ରମଣ ମାମଲା, ୫ ଗଲେ ଜେଲ

ଦିଗପହଣ୍ଡି,୨୦।୧(ଡି.ଏନ.ଏ.)

ପାଟପୁର ଥାନା ଖଳିଙ୍ଗି ଗ୍ରାମର ବିପ୍ର ସେଠୀ ଓ ତାଙ୍କ ପୁଅ ଅନୀଲଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ୫ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଳିଙ୍ଗି ଗ୍ରାମର ବଲ୍ଲଭ ନାହକ, ରାଜୁ ନାହକ, ପହଲା ନାହକ, ବୁଲୁ ନାହକ ଓ ପ୍ରମୋଦ ନାହକ। ବିପ୍ର ଗତ ୬ ମାସ ପୂର୍ବେ ବଲ୍ଲଭଙ୍କଠାରୁ ୨୦ ହଜାର ଟଙ୍କା ଧାର ନେଇଥିଲେ। ସୋମବାର ବିପ୍ର ଓ ଅନୀଲ ବଲ୍ଲଭଙ୍କୁ ଟଙ୍କା ଫେରାଇବାକୁ ଯାଇଥିଲେ। କିନ୍ତୁ ବଲ୍ଲଭ ୧ ବର୍ଷ ହେବା ପରେ ସୁଧ ସହ ମୂଳ ଟଙ୍କା ରଖିବି କହିଥିଲେ। ବିପ୍ର ଏନେଇ ପ୍ରତିବାଦ କରିବାରୁ ବଲ୍ଲଭ ଏଥିରେ ରାଗିଯାଇ ସମ୍ପର୍କୀୟଙ୍କ ସମେତ ଉଭୟ ବାପ, ପୁଅଙ୍କୁ କାଠ ଫାଳିଆରେ ସଂଘବଦ୍ଧ ଆକ୍ରମଣ କରିବା ସହ ତାଙ୍କଠାରୁ ୨୫,୧୦୦ ଟଙ୍କା ଜୋର୍ ଜବରଦସ୍ତ ଛଡାଇ ନେଇ ଯାଇଥିଲେ। ପରେ ଗୁରୁତର ବାପ, ପୁଅଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଫେରି ଥାନାରେ ଏତଲା ଦେଇଥିଲେ।

## ଜେଜେମା’ କୋଳରେ ମା’ବାପା ଛେଉଣ୍ଡ ଭଉଣୀଭାଇ

### ସରକାରୀ ସହାୟତା ଦାବି

ଖଜୁରିପଡ଼ା/ବଲସକୁମ୍ପା,୨୦।୧(ଡି.ଏନ୍.ଏ.)

ସଂସାର କ’ଣ ଜାଣିବା ଆଗରୁ ମା’-ବାପା ଆଗପଛ ହୋଇ ଚାଲିଗଲେ ଆରପାରିକୁ। ଅଳିଅଝଟ କରି ଜେଜେ, ଜେଜେ ମା’ଙ୍କ କୋଳରେ ବଢିଲେ ଭାଇ, ଭଉଣୀ। ମାତ୍ର ବୟସାଧିକ ଯୋଗୁ ଆଉ ସେମାନଙ୍କ ବୋଝ ସମ୍ଭାଳି ପାରୁନାହାନ୍ତି। ଏବେ ଭବିଷ୍ୟତ ଚିନ୍ତା ଘାରିଛି ଜ୍ୟୋତିପ୍ରଭା ଗଣ୍ଡା (୧୧) ଓ ଭାଇ ଓମ୍‌ପ୍ରକାଶ (୮)ଙ୍କୁ। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ବାରିକୁମ୍ପା (କାଣ୍ଡିଆନାଲ) ଗ୍ରାମରେ।

କାଣ୍ଡିଆନାଲର ମୁରଲୀ ଗଣ୍ଡା ଓ ସ୍ତ୍ରୀ ଅମ୍ବିକା। ଗୋଟିଏ ଝିଅ ଓ ଗୋଟିଏ ପୁଅକୁ ନେଇ ହସଖୁସିରେ ଚାଲିଥିଲା ସଂସାର। ୫ଜୁନ୍ ୨୦୧୪ରେ ବିଦ୍ୟୁତ୍ ଆଘାତରେ ମୂରଲିଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀ ମୃତ୍ୟୁର ବର୍ଷେ ନପୁରୁଣୁ ବ୍ରେନ୍ ମ୍ୟାଲେରିଆରେ ୧୧ ମାର୍ଚ୍ଚ ୨୦୧୫ରେ ଆରପାରିକୁ ଚାଲିଗଲେ ଅମ୍ବିକା। ୬ବର୍ଷର ଝିଅ ଓ ୩ ବର୍ଷର ପୁଅକୁ ଟେକିଦେଇ ଗଲେ ଶାଶୁ ବିଛଣା ଗଣ୍ଡା (୬୦), ଶ୍ୱଶୁର ଶ୍ରୀକୃଷ୍ଣ ଗଣ୍ଡା (୬୪)ଙ୍କ ହାତରେ। ୫ବର୍ଷ ହେଲା ସେମାନେ କାମଧନ୍ଦା କରି ନାତି ନାତୁଣିଙ୍କ ଅଳିଅଝଟ ସହି ପାଠ ପଢାଉଛନ୍ତି। ମାତ୍ର ବୟସ ବଢୁଥିବାବେଳେ ବିଭିନ୍ନ ସମୟରେ ରୋଗଗ୍ରସ୍ତ ହେଉଥିବାରୁ ଚିନ୍ତା ମଧ୍ୟ ବଢୁଛି। କେତେବେଳେ କ’ଣ ଘଟିଲେ ନାତୁଣି, ନାତି କେମିତି ବଞ୍ଚିବେ ସେ ଚିନ୍ତା ଏବେ ଘାରିଛି। ଜେଜେ ମା’ ଓ ଜେଜେଙ୍କ ଏପରି ଅବସ୍ଥା ଦେଖି ଜ୍ୟୋତିପ୍ରଭା ଓ ଓମ୍‌ପ୍ରକାଶ ମଧ୍ୟ ଚିନ୍ତାରେ। ମୁରଲି ବିଦ୍ୟୁତ୍ ଆଘାତରେ ମରିଥିଲେ ମଧ୍ୟ ପରିବାରକୁ କୌଣସି ସହାୟତା ମିଳିନାହିଁ। ଭତ୍ତା ୫୦୦ ଟଙ୍କା ଏବଂ ରାଶନ କାର୍ଡରେ ଚାଉଳ ୨୦ କେଜି ମିଳୁଛି। ସେଥିରେ ପରିବାର ଚଳିବା ସମ୍ଭବ ହେଉନାହିଁ। ସରକାରଙ୍କ ତରଫରୁ ବହୁବର୍ଷ ପୂର୍ବେ ଘରଖଣ୍ଡେ ମିଳିଥିଲା ତାହା ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ କାନ୍ଥ ଫାଟି ଆଁ କଲାଣି। ଅଭାବ ଅସୁବିଧା ମଧ୍ୟରେ ଭାଇ ଭଉଣୀ ଦୁହେଁ ପାଖ ସ୍କୁଲରେ ପଢୁଛନ୍ତି। ଘରକୁ ଫେରିଲେ ଜେଜେ ଜେଜେ ମା’ଙ୍କୁ କାମରେ ସାହାର୍ଯ୍ୟ କରନ୍ତି। ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସହ ଭାଇଭଉଣୀଙ୍କ ପାଠ ପଢିବା ପାଇଁ ସହାୟତା କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ଏବଂ ସରକାର ଦୃଷ୍ଟିଦେଇ ଏହି ପରିବାରକୁ ଘର ଖଣ୍ଡେ ସହ ମାଗଣା ୩୫ କେଜି ଚାଉଳ ଦେବାକୁ ୱାର୍ଡମେମ୍ବର ଗୁରେଖ ଗଣ୍ଡା ଅନୁରୋଧ କରିଛନ୍ତି।


ଜେଜେ, ଜେଜେମା’ଙ୍କ ପାଖରେ ମା’ ବାପା ଛେଉଣ୍ଡ ନାତୁଣି ନାତି।

# କଲମ ଓ କରତ-ଉଭୟରେ ମୋର ଆନନ୍ଦ

ଡ. ଅଜୟ କୁମାର ମିଶ୍ରଙ୍କ ଜନ୍ମ ୧ ମାର୍ଚ୍ଚ ୧୯୫୯ରେ, ଜଗତ୍‌ସିଂହପୁରରେ। ଓଡ଼ିଆ ଭାଷା-ସାହିତ୍ୟରେ ଅଧ୍ୟାପନା ଓ ଅବସର ପରେ ଅକ୍ଷୟମୁଖୀ ଲୋକ-ସଂସ୍କୃତିର ଗ୍ରନ୍ଥକର୍ତ୍ତା। ଅନୁଚାହାନ ତାଙ୍କ ଏକକ 'ମିଶ୍ରଶାଳ' ଆଜି ପାଲଟିଛି ସଂସ୍କୃତି-ସୁରକ୍ଷା-ଅଭିଯାନର ବିରଳ ଉଦାହରଣ। ତାଙ୍କ ସହ ସାକ୍ଷାତ୍କାରରେ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ...

## ସୃଜନ-ଆଳାପ



ଅଜୟ କୁମାର ମିଶ୍ର

**ପ୍ର:** ଆପଣଙ୍କ ଦୃଷ୍ଟିରେ ସବୁ ପଦାର୍ଥରେ ପ୍ରାଣ ପ୍ରାଚୁର୍ଯ୍ୟ ରହିଛି। ଆଖି ସାମ୍ନାରେ କୌଣସି ବି ପଦାର୍ଥ ପରିତ୍ୟକ୍ତ ନୁହେଁ। ଆପଣ କ'ଣ କହିବେ?

**ଉ:** ମୋ' ଦୃଷ୍ଟିରେ କୌଣସି ପଦାର୍ଥ ପରିତ୍ୟଜ୍ୟ ନୁହେଁ। ଛୋଟଛୋଟ ଫିଙ୍ଗା ଫୋପଡ଼ା ଜିନିଷ ଅନେକ ସମୟରେ ବିଶେଷ କାମରେ ଆସିଥାଏ। ନିଜ ବଗିଚାର ଗଛଗୁଡ଼ିକ ମରିଗଲେ ଆମେ ତାକୁ ରାସ୍ତାକଡ଼ରେ ଫିଙ୍ଗିଦେଉ, ରାସ୍ତାରେ ଆବର୍ଜନା ଜମେ। ମାତ୍ର ମୁଁ ସବୁ ଗଛକୁ କାଟି ଗୁଣ୍ଡ କରି କୁଣ୍ଡରେ ରଖେ, ଅଳ୍ପଦିନ ପରେ ତାହା ଜୀବସାର ଖତରେ ପରିଣତ ହୁଏ। ନୂଆଗଛ ଏଇ ଖତ ଯୋଗେ ଉର୍ବର ହୋଇ ବଢ଼େ। ଏମିତି ଆମର ନିତିଦିନିଆ ଜୀବନରେ ଅନେକ ଘଟଣାରେ ଆମେ ପରିତ୍ୟକ୍ତ ବସ୍ତୁକୁ ନୂଆ କିଛି କରିପାରିବା।

**ପ୍ର:** ଜୀବନ ସର୍ବଦା ଅସ୍ଥିର। ଏଇ ଅସ୍ଥିରତାକୁ ସ୍ରଷ୍ଟାଟିଏ ସ୍ଥିର କରି ଧରି ରଖିପାରେ। କ'ଣ କହିବେ ଆପଣ?

**ଉ:** ମୁଁ କହିବି, ଅସ୍ଥିରତା ଭିତରେ ସ୍ଥିରତା ସୃଷ୍ଟି କରିବା, ଅବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ମଣିଷର ଦାୟିତ୍ୱ ହେବା ଦରକାର। ଚିରାଫଟା ଲୁଗାପଟାରେ କନ୍ଥା ପ୍ରସ୍ତୁତ କରାଯାଏ ନା ନାହିଁ! ମୁଁ ପିଲାଦିନରୁ କେମିତି କେଜାଣି ଏଥିପ୍ରତି ସଚେତନ ହୋଇଆସିଛି। ଏହି ସଚେତନତା ବୟସ ବଢ଼ିବା ସଙ୍ଗେ ସଙ୍ଗେ ପ୍ରକାରର ଅଭ୍ୟାସରେ ପରିଣତ ହୋଇଯାଇଛି। ମତେ ପ୍ରକୃତି ଓ ପ୍ରାକୃତିକ ସଂପଦ ମୋହଗ୍ରସ୍ତ କରିଛି। ଓଡ଼ୁଆ ପତ୍ର, ଫଳ ସବୁକୁ ମୁଁ ପୁନର୍ବାର କୌଣସି ନା କୌଣସି କାମରେ ଲଗାଏ।

**ପ୍ର:** ଅବସର ଅବସାଦ ନୁହେଁ, ଆପଣ ନିଜେ ହିଁ ଏହାର ଦୃଷ୍ଟାନ୍ତ। ଏକଥା ପାଠକଙ୍କୁ କିପରି ବୁଝାଇବେ?

**ଉ:** ପ୍ରକୃତରେ ଅବସର କାହିଁ? ଜନ୍ମରୁ ଜୁଇ ଯାଏ ତ ଅନବସର। ବୃତ୍ତିଜୀବୀଙ୍କ ପାଇଁ ଅବସର ସରକାରୀ ମରଣ। ଆଇନଜୀବୀଟିଏ-ତାଙ୍କର ଅବସର କାହିଁ, ଚିକିତ୍ସକଙ୍କ ଅବସର କାହିଁ? ତେବେ ବୃତ୍ତିଭିତ୍ତିକ ଜୀବନ ତ ସରିଯାଏ, ପୁଣି ମଣିଷର ବୃକ୍ଷର ତାହି କାଟିଦିଆଯାଏ, ମୂଳ ଗଣ୍ଡିରୁ କୁଆଁ ବାହାରେ, ଗଛ ପୁଣି ଡାଳ ମେଲେ, ପତ୍ର ଫୁଲ ବି ଦିଏ। ମଣିଷ ଗଛଟି ସେମିତିକା। ଅବସର କାହିଁ?

**ପ୍ର:** ଶିକ୍ଷାଦାନ, ସଂପାଦନ ସନ୍ଦର୍ଭ, ଦୃଶ୍ୟଶ୍ରାବ୍ୟ ସଂଳାପ ଓ ଆଲେଖ୍ୟ ରଚନା ସହିତ ହସ୍ତକର୍ମ ତଥା ପଲ୍ଲିପ୍ରାଣତା, ଏତେଗୁଡ଼ିଏ କର୍ମଜାଲ ମଧ୍ୟରେ ବୁଡ଼ି ରହିବା ଆୟାସସାଧ୍ୟ। କେମିତି ରଖିଛନ୍ତି ସମତୁଲତା?

**ଉ:** ଏଥିରେ ଚକିତ ହେବାର ନାହିଁ। ଏ ସବୁଭିତରେ ଥାଇ ବିଚିତ୍ରତା ହୃଦୟକୁ କରୁନାହିଁ। ଆମ ପିଲାବେଳେ ଗୁଡ଼ା ପାଇଁ କେଉଟ ଘରକୁ ଯାଉଛି। ଦେଖୁଛି ଅକ୍ଷର ପରିଚୟହୀନ କେଉଟ ଗୁଣୀଆ ଗୋଟାଏ ହାତ ଜିଙ୍ଗାରେ, ଗୋଟାଏ ହାତରେ ଜୁଲିଭାବେ ଧାନ ଭାଙ୍ଗୁଛି, ଢିଙ୍କି ପାହାଚକୁ ଅନେକ ସମ-ସମୟରେ ଜିଙ୍ଗାରେ ଗୁଡ଼ା ଜାଲୁଥିବ, ଅଡ଼ାରେ ମାପ କରି ଆମଭଳି ଗ୍ରାହକଙ୍କୁ ଦେଉଥିବ, ତେଣେ ପୁଣି ଜୋଡ଼ୁଆଙ୍କୁ ପ୍ରବାସ କରାଉଥିବ। ତା'ଠୁ ଅଧିକ ଆମେ କ'ଣ କରୁଛେ? ଏବେ ହାତରେ ପର୍ଯ୍ୟାପ୍ତ ସମୟ, ସକାଳୁ ବଗିଚା କାମ, ଦଶଟାରୁ ଗୋଟାଏ ପର୍ଯ୍ୟନ୍ତ କାଠ କାମ, ତିନିଟାରୁ ପାଞ୍ଚଟା ପର୍ଯ୍ୟନ୍ତ ସନ୍ଦର୍ଭ ପ୍ରସ୍ତୁତି ଓ ଅନ୍ୟାନ୍ୟ କର୍ମ, ସନ୍ଧ୍ୟାରୁ ପାଠ କାମ। ଦୃଢ଼ ଇଚ୍ଛାଶକ୍ତି, ଶାରୀରିକ ଶ୍ରମ ଓ ମାନସିକ ପ୍ରସ୍ତୁତି ରହିଲେ ସବୁକିଛି ସହଜ ହୋଇଯାଏ।

**ପ୍ର:** ଡ. ଅଜୟ ମିଶ୍ର ଆପଣଙ୍କ ଆଖିରେ କ'ଣ? ଶିକ୍ଷାବିତ୍, ପ୍ରବାଚକ, ସାହିତ୍ୟ ସମାଲୋଚକ, ନାଟ୍ୟ ଗବେଷକ, କଥାକାର, ବ୍ୟଙ୍ଗକାର, ବିଶ୍ୱକର୍ମା ନା ସର୍ବଗୁଣସଂପନ୍ନ?

**ଉ:** ଆଦୌ ସର୍ବଗୁଣସଂପନ୍ନ ନୁହେଁ। ସାହିତ୍ୟର ବିବିଧ ବିଭାଗରେ କାମ କରିଛି। ବିଦ୍ୟାଳୟରେ ଛାତ୍ରାବସ୍ଥାରୁ କବିତାରୁ ବ୍ରହ୍ମା-ବିଷ୍ଣୁ କରିଥିଲି। ପରେପରେ ଅନ୍ୟାନ୍ୟ ସର୍ଜନକର୍ମ। ଯାହା ଲେଖିଚି ତାହା ସାହିତ୍ୟ କି ନୁହେଁ, ସମୟ କହିବ। ଗବେଷଣାରେ ବୁଡ଼ି ରହିବାରେ ଅମାପ ଆନନ୍ଦ। ବାକି ପ୍ରବାଚକ-ଅଧ୍ୟାପକଟିଏ ବହୁପାଠୀ ହେଲେ, ପାଞ୍ଚ କଥା ଅଭ୍ୟାସ କଲେ କହିବା ଆଦୌ ବିଚିତ୍ର ନୁହେଁ। ଲେଖାରେ ସେବା ଚାଲିଛି, ବଚନ ସେବାରେ ଅସୁବିଧା କୁଆଡୁ ଆସନ୍ତା?

ବିଶ୍ୱକର୍ମା; ସେଇଟା କ'ଣ ମୋ' ପକ୍ଷରେ ସଂଭବ! ଅତି ମଫସଲ ଗାଁରେ ମୋର ବାଲ୍ୟକାଳ, ପିଏଚ୍.ଡି. ଥେସିସ୍ ବିନା ବିଜୁଳି ଆଲୁଅରେ ସାରିଥିଲି। ସେମନ୍ତ ଗାଁ ମୋ' ଜୀବନର ସ୍ମୃତି-ସଂପତ୍ତି। ସେଇ ଗାଁ-ଜୀବନରେ ମୋ' ଚଲାଫେରା ଭିତରେ ହଳ-ଲଙ୍ଗଳ, ଶଗଡ଼, ହାଣ୍ଡି-ପଲମ-ମାଠିଆ, ଦା' କତୁରି, ଖଣତି ଭିତରେ ଆମ ଜୀବନ। ଯାକୁ ତିଆରିବାରେ କେତେଟା ଯନ୍ତ୍ର ହେଲେ କାମ ଶେଷ। ଯାକୁ ଆମେ କ'ଣ ବିଶ୍ୱକର୍ମା କର୍ମ କହିବା, ବରଂ ନଜର ରଖି ଏକଲବ୍ୟ ଭଳି କିଛି ଶିଖିବା। କଲମ ଓ କରତ-ଉଭୟରେ ମୋର ଆନନ୍ଦ, ମଗଜରୁ କଲମ ଚାଲେ, ହାତରେ ଚାଲେ କରତ।

**ପ୍ର:** ହସ୍ତଶିଳ୍ପ(ମିଶ୍ରଶାଳ)ର ହେତୁ ଓ ବିସରଣ ସଂପର୍କରେ କିଛି କହନ୍ତୁ?

**ଉ:** ବୃତ୍ତି ଜୀବନରୁ ଅବସର ନେଲା ପରେ ଆରମ୍ଭ କଲି ପ୍ରବୃତ୍ତିର ଖେଳ। ପିଲାକାଳର ଅଭ୍ୟାସ ମନେପଡ଼ିଲା। ଏଣୁ ତିଆରିଲି ଅନେକ ଜିନିଷ, ତାହା ପୁଣି ଫିଙ୍ଗା ଫୋପଡ଼ା ସାଧାରଣଙ୍କ ପାଇଁ ଅଦରକାରୀ ହୋଇ ପଡୁଥିବା ଦ୍ରବ୍ୟରେ। ଲୋକ-ସାହିତ୍ୟ ଅଧ୍ୟାପନା କାଳରେ ଲୋକୋପକରଣ କଥା କହିଲେ ଶିକ୍ଷାର୍ଥୀମାନେ ଆଶ୍ଚର୍ଯ୍ୟ ହୋଇ ଅନାନ୍ତି। ଏରୁଣ୍ଡିବନ୍ଧ କ'ଣ ଜାଣନ୍ତିନି, ଚାଷ ସରଞ୍ଜାମ କ'ଣ ଚିହ୍ନନ୍ତିନି-ଏମିତି ଅନେକ। ଭାବିଲି, ଏ ହେଉଛି ସେଇ ବିକଳ ସମୟ; ଯାହା ପରମ୍ପରାକୁ ଅପସାରିତ କରୁଛି। ତେଣୁ ପରମ୍ପରାକୁ ଛୋଟଛୋଟ ଉଦାହରଣ ରୂପରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ନେଇ ଆରମ୍ଭ କଲି ଶଗଡ଼, ସବାରି, ଡେଙ୍ଗା, ସେଣା, ସେତୁଅ, କଠଉ, କାଠୁଆ ଏମିତି ଅନେକ ଜିନିଷ।

**ପ୍ର:** ପରିବାର ଏ କ୍ଷେତ୍ରରେ ଅନୁପୂରକ ନା ପରିପୂରକ?


**ଉ:** ପ୍ରଥମେ ଭାବିଲେ ଏଇଟା ମୋର ପାଗଳାମି। ଚାକିରି ସରିଲା, ଲୋକଟା ପାଗଳ ହୋଇଗଲା। କଲମ ଧରିବା ହାତ କରତ ଧରିବାକୁ, ରିଫିଲ୍ ଭରିବା ହାତ ରନ୍ଦାପାତକୁ ଧାର କରିବା ଦେଖି, କମ୍ପ୍ୟୁଟରରେ ଟାଇପ୍ କରୁଥିବା ଲୋକ କଣ୍ଟା ପିଟିବା ଦେଖି ପରିବାରରେ ବିଚଳନ ଦେଖାଦେଲା। ରାଗ-ରୋଷ ବି ଆରମ୍ଭ ହେଲା। ମାତ୍ର ପରେ ମୋ' ହାତଗଢ଼ା ଜିନିଷ ଦେଖି ସମସ୍ତେ ଖୁସି ହେଲେ। ପତ୍ନୀ ସହଯୋଗ କରି ଚା, ପାନ ଯୋଗାଇଲେ, ପୁଅବୋହୂ ଜିନିଷର ଫଟୋ ଉଠାଇ ହ୍ୱାଟ୍‌ସଆପ୍‌ରେ ଛାଡ଼ିଲେ, ପ୍ରସାରଣରେ ସହଯୋଗ କଲେ। ସେମାନଙ୍କ ଭ୍ରାନ୍ତି ତୁଟିଲା।



ଖୁଆ ଓ ଦଧିଭାଣ୍ଡ



ତାଟ-ଶଗଡ଼



କୂଅ-ଶଗଡ଼ି

**ପ୍ର:** ଆଗାମୀ ପିଢ଼ିକୁ କ'ଣ କହିବେ ଏଇ ପରିପ୍ରେକ୍ଷୀରେ?

**ଉ:** ଆଗାମୀ ପିଢ଼ି ଅନ୍ତତଃ ଶେଷ ଜୀବନ ପର୍ଯ୍ୟନ୍ତ କିଛି ନା କିଛି ସର୍ଜନ କର୍ମରେ ବ୍ୟସ୍ତ ରହିଲେ, ଅବସାଦ ନ ଥିବ, ଅବସନ୍ନତା ନ ଥିବ। ଆମ ଅତୀତ, ଆମ ପରମ୍ପରା ପୁଣି ନୂତନ ବିଭାରେ ଆଭାଦୀପ୍ତ ହୋଇପାରିବ।

ମୋ: ୯୪୩୭୯୨୦୪୯୬

## କ ବି ତା

### ଜାମୁକୋଳି

ମୋନାଲିସା ମିଶ୍ର

ଜାଣି ନଥିଲି
ମୁଁ ବି ତୋ' ପରି
ନୀଳ ରଙ୍ଗର
ଦଲ୍‌ଦଲ୍ ଦରବଟିଏ ବୋଲି

ମୁଁ ତ ମୋର
ଠିକ୍ ତୋର ସେଇ
ଡାଳପତ୍ରର ସ୍ୱର୍ଗ ପରି
କୁନି ଫ୍ରକ୍‌କୁ
ଘିରିଘିରି ଘେର କରି
ରଚୁଥିଲି
ଏକ ଫୁଲପକା ଆକାଶ।

ଆଉ ଠିକ୍ ସେମିତି
ସାରା ରାତି ଉଜାଗର ରହିରହି
ଅଗଣାରେ, ଏରୁଣ୍ଡିରେ
ପାପୁଲିରେ ପଣତରେ
ଖଞ୍ଜିଖଞ୍ଜି ଟିକିଟିକି
ସପନ ପଦୁଅଁ
ଶୂନ୍‌ଶାନ୍ ପବନ ସାଥିରେ
ଟପ୍‌ଟପ୍, ଛମ୍‌ଛମ୍
ଯୋଡୁଥିଲି ଗୀତ

ଏମିତି ତ ଲାଗୁଥିଲା
ଧୋବ ଖଇ ପରି ଖିଲ୍‌ଖିଲ୍
ଏଇ ଯେତେ ହସବିଛୁଡ଼ା ସକାଳ
ସବୁ ଯେମିତି ଗୋଟେ ଗୋଟେ
ମୁଗ୍ଧ ପ୍ରଜାପତିଙ୍କର
ଉନ୍ମୁକ୍ତ ପର

କାଠି କି କୁଟା
ଜାମୁଡାଳ କି ପକ୍ଷୀ ପର
ସବୁ ଯେମିତି
ଡେଣା ଗୋଟିଏ ଗୋଟିଏ
ଶୁଭ୍ର ପରୀମାନଙ୍କର

ମୁଁ କି ଜାଣିଥିଲି
କାଳେକାଳେ ଭାଗ୍ୟ ମୋର
ଏମିତି ପଡ଼ିଥାଏ ମଝି ନଈରେ!
ସେ ନଈରେ ପୁଣି
କୁମ୍ଭୀରଟିଏ ଲୁଚିଥାଇ ପାରେ
ସେ କୁମ୍ଭୀରର
ମୁନିଆ ଦାନ୍ତ ସନ୍ଧିରେ
ଖିନ୍‌ଭିନ୍ ହେଇ
ମୁଁ ଏମିତି ବଦଳି ଯାଇପାରେ
ଗଳିତ ମାଂସଖଣ୍ଡ
କେତୋଟିରେ?

ମୁଁ କି ଜାଣିଥିଲି ଲୋ
ଜାମୁଡାଳି
କାଳେକାଳେ
ହାଡ଼ ଦୁଇଖଣ୍ଡରେ ହିଁ
ଖେଳ ଖେଳାଯାଏ ବୋଲି
ପରୀ ନୁହେଁ ମୁଁ
ଛକିଛକି ପଶାପାଲିଟିଏ ବୋଲି!
ମୁଁ କି ଜାଣିଥିଲି ଲୋ
ଜାମୁଡାଳି!

ମୋ: ୯୯୩୭୩୮୪୭୫୯

## କାଳକାଳକୁ



"ଯଦି ସ୍ୱାଧୀନତାର
ଅର୍ଥ ବୋଲି କିଛି ଥାଏ,
ତେବେ ତାହା ହେଉଛି
ଲୋକଙ୍କୁ ସେଇୟା କହିବାର ହକ୍,
ଯାହା ସେମାନେ
ଶୁଣିବାକୁ ଚାହାନ୍ତି ନାହିଁ।"
– ଜର୍ଜ ଅରୱେଲ୍

**ଜର୍ଜ ଅରୱେଲ୍‌ଙ୍କ** ଜନ୍ମ ୨୫ ଜାନୁୟାରୀ ୧୯୦୩ରେ, ବିହାରର ମୋତିହାରୀରେ। ତାଙ୍କର ପୂରା ନାଁ ଏରିକ୍ ଆର୍ଥର୍ ବ୍ଲେୟର ଓ ଛଦ୍ମନାମ ଜର୍ଜ ଅରୱେଲ୍। ପ୍ରସିଦ୍ଧ ଏହି ବ୍ରିଟିଶ୍ ଲେଖକଙ୍କର ବିଶ୍ୱବିଦିତ ଗ୍ରନ୍ଥ ମଧ୍ୟରେ ରହିଛି- 'ବର୍ମିଜ୍ ଡେଜ୍' (୧୯୩୪), 'ଆନିମାଲ୍ ଫାର୍ମ' (୧୯୪୫), 'ହ୍ୱାଇ ଆଇ ରାଇଟ୍' (୧୯୪୬) ଓ 'ଉଣେଇଶ୍ ଶହ ଚୌରାଅଶୀ' (୧୯୪୯)। ସମର-ସାମ୍ବାଦିକ (War-Journalist) ଭାବେ ତାଙ୍କର ଥିଲା ଏକ ସ୍ୱତନ୍ତ୍ର ପରିଚୟ। ବହୁମୁଖୀ ପ୍ରତିଭାର ଅଧିକାରୀ ଏହି ଲେଖକଙ୍କର ପରଲୋକ ହୋଇଥିଲା ୨୧ ଜାନୁୟାରୀ ୧୯୫୦ରେ।

## ପୁସ୍ତକ ପରିଚୟ

### ଅଭିଳଷିତ

**ସମ୍ପାଦନା:** ବିଜୟାନନ୍ଦ ସିଂହ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ
**ପ୍ରକାଶକ:** ସେକ୍ ମତଲୁବ୍ ଅଲି ସ୍ମୃତି ସଂସଦ, ମାହାଙ୍ଗା, କଟକ
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୩୫୦/-



୩୭୬ ପୃଷ୍ଠା ସମ୍ବଳିତ ରୟାଲ୍ ଡିମାଇ ସାଇଜ୍‌ର ସେକ୍ ମତଲୁବ୍ ଅଲି ସ୍ମୃତି-ସ୍ମାରକୀ "ଅଭିଳଷିତ" ଶୀର୍ଷକରେ ପ୍ରକାଶ ପାଇଛି। ମତଲୁବ୍ ବାବୁ ଥିଲେ ଏକାଧାରରେ ସୃଜନଶୀଳ ସ୍ରଷ୍ଟା, ଦୂରଦ୍ରଷ୍ଟା ସଂସ୍କୃତି-ସଂଗଠକ ଓ ଅନୁଭବୀ ରାଜନେତା। ଏ ସବୁ ସତ୍ତ୍ୱେ ସେ ଥିଲେ ମାହାଙ୍ଗାର ଗରିମା। ତୀବ୍ର ସଂଘର୍ଷମୟ ଥିଲା ତାଙ୍କ ରାଜନୈତିକ ଜୀବନ, କିନ୍ତୁ ମୂଲ୍ୟବୋଧ-ରାଜନୀତିର ବିରଳ ପ୍ରତୀକ ଏହି ନେତାଙ୍କର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପ୍ରତି ତିଳେ ମାତ୍ର ଅସୂୟାଭାବ ନ ଥିଲା। ରାଜନୀତିରେ ଏହାହିଁ ଥିଲା ତାଙ୍କର ବଡ଼ପଣ। ସ୍ୱ-ଅଞ୍ଚଳର ସାରସ୍ୱତ ବରପୁତ୍ରମାନଙ୍କୁ କାଳବକ୍ଷରେ ସ୍ମରଣୀୟ ରଖିବା ଦିଗରେ ତାଙ୍କ ପ୍ରତିବଦ୍ଧତାର ତୁଳନା ନାହିଁ, ଯାହାର ଉଦାହରଣ ହେଉଛି ବୈଷ୍ଣବ ପାଣିଙ୍କ ଜୟନ୍ତୀ ପାଳନର ପାର୍ବିକ-ପରିକଳ୍ପନା। 'ଉର୍ମି' ଓ 'ଆଗାମୀ ଶତାବ୍ଦୀ' ଭଳି ପତ୍ରିକାର ସେ ଥିଲେ ନିଷ୍ଠାପର ସମ୍ପାଦକ। ଗାନ୍ଧୀଙ୍କ ଜୀବନୀ ଓ କୃତି ଆଧାରିତ ଏକ କବିତା ସଂକଳନକୁ ରୂପଦେବାର ଅନ୍ତିମ ପର୍ଯ୍ୟାୟରେ ତାଙ୍କର ବିୟୋଗ ହେଲା। ହାତରେ ଲେଖନୀ ଓ ମନରେ ନାନା ଅଭିଳାଷକୁ ଅପ୍ରକଟ ରଖି ଅକସ୍ମାତ୍ ଚାଲିଯାଇଥିବା ମତଲୁବ୍ ବାବୁଙ୍କ ଶତାଧିକ ସ୍ମୃତି-ଚାରଣର ଦଲିଲ୍ ଏହି ବହିଟି ତାଙ୍କୁ ଆଉଥରେ ଚିହ୍ନିବାରେ ସବୁ ପିଢ଼ିର ପାଠକଙ୍କ ପାଇଁ ଯେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ।

### ସାହିତ୍ୟ: ସୃଜନ ଓ ସମୀକ୍ଷା

**ଲେଖକ:** ସୌଭାଗ୍ୟବନ୍ତ ମହାରଣା
**ପ୍ରକାଶକ:** ଜ୍ଞାନଯୁଗ ପବ୍ଲିକେଶନ, ନୟାପଲ୍ଲୀ, ଭୁବନେଶ୍ୱର-୧୫
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୨୩୫/-



ଆଲୋଚ୍ୟ ପୁସ୍ତକଟି ହେଉଛି ଲେଖକଙ୍କର ପଞ୍ଚମ ସମାଲୋଚନାଗ୍ରନ୍ଥ, ଯହିଁରେ ଅଛି କିଛି ମୌଳିକ ପ୍ରବନ୍ଧ ଓ କାବ୍ୟ ସମୀକ୍ଷା। ଓଡ଼ିଆ ସାହିତ୍ୟର ପ୍ରବୀଣ କବିଙ୍କ ସହିତ ଯୁବ କବିଙ୍କର ୨୫ଟି ସଂକ୍ଷିପ୍ତ କାବ୍ୟ ସମୀକ୍ଷା ଗ୍ରନ୍ଥରେ ସନ୍ନିବେଶିତ। ଆଲୋଚ୍ୟ ବରିଷ୍ଠ କବିମାନଙ୍କ ଭିତରେ ଅଛନ୍ତି ମାୟାଧର ମାନସିଂହ, ବିନୋଦ ନାୟକ, ଫନୀ ମହାନ୍ତି, ହୃଷୀକେଶ ମଲ୍ଲିକ, ମମତା ଦାଶ ଓ ତପନ ପଟ୍ଟନାୟକ ପ୍ରମୁଖ। ଯୁବ କବିମାନଙ୍କ ମଧ୍ୟରେ ରହିଛନ୍ତି ସସ୍ମିତା ଷଡ଼ଙ୍ଗୀ, କମଳ କୁମାର ମହାନ୍ତି, ଈପ୍‌ସିତା ଷଡ଼ଙ୍ଗୀ, ଅଙ୍ଗୁରବାଳା ପରିଡ଼ା, ଶୁଭଶ୍ରୀ ଲେଙ୍କା, ବିଜୟଲକ୍ଷ୍ମୀ ପରିଡ଼ା ଓ ମୁକୁଳ ମିଶ୍ର ପ୍ରମୁଖ। ଆଲୋଚନାର ପରିସରଭୁକ୍ତ ହୋଇଛି ଗାଳ୍ପିକା ଗାୟତ୍ରୀ ସରାଫ୍‌ଙ୍କ ଗଳ୍ପଗ୍ରନ୍ଥ 'ଇଟାଭାଟିର ଶିଳ୍ପୀ'। ଆଲୋଚକ କବି ହୋଇଥିବାରୁ ତାଙ୍କର ଏ ସମାଲୋଚକୀୟ କୃତି ସ୍ୱାଦ ଓ ସମ୍ବୋଧନରେ ନିଆରା। ସଠିକ୍ ଓଡ଼ିଆ ସମାଲୋଚନାର ଘୋର ଅଭାବ କାଳରେ ମହାରଣାଙ୍କର ଏ ବହିଟି ଦେଶୀୟ ସମୀକ୍ଷା କ୍ଷେତ୍ରକୁ ଅବଶ୍ୟ ସ୍ୱାଗତଯୋଗ୍ୟ।

## ଟୁରିଷ୍ଟ

ଭୀମ ପୃଷ୍ଟି

ଗଳ୍ପ

ଯେତେଥର ଲହଡ଼ି ମାଡ଼ି ଆସୁଥିବ, ସମୁଦ୍ର ଯେପରି ଗୋଟିଏ କଥା କହୁଥିବ। ସୋନାଲିର କଥା।

ବର୍ଷକ ତଳେ ସମୁଦ୍ରକୂଳରେ ଟୁରିଷ୍ଟମାନଙ୍କୁ ଶଙ୍ଖ ବିକୁଥିବା ପିଲାଟିର ସମୁଦ୍ରର ନିତିଦିନିଆ ଶବ୍ଦର ଅର୍ଥ କିଛି ନ ଥିଲା। ପିଲାଟି ନିଜକୁ ମନେ କରୁଥିଲା, ସେ ଜଣେ ଶଙ୍ଖବିକାଳି। ଭୋକ ପାଇଁ ଖାଦ୍ୟ ଦରକାର, ଖାଦ୍ୟ ପାଇଁ ଟଙ୍କା, ଟଙ୍କା ପାଇଁ ବ୍ୟବସାୟ-ଏହା ହିଁ ଥିଲା ଦିନେ ତା'ର ଚିନ୍ତାଭାବନାର ଜଗତ।

ସେତେବେଳେ ଟୁରିଷ୍ଟମାନଙ୍କୁ ଦେଖି ସେ ଅନୁମାନ କରିନିଏ ସେମାନଙ୍କ ମତଲବ। କେଉଁ ଗ୍ରାହକ ସୌଖୀନ ଶଙ୍ଖଟେ କିଣି ଡ୍ରଇଂରୁମ୍‌ରେ ସଜାଇବାକୁ ଚାହେଁ, କିଏ ଚାହେଁ ନିଜ ଠାକୁରଘର ପାଇଁ ଜୋର୍‌ରେ ବାଜୁଥିବା ଶଙ୍ଖ। ଆଉ କିଏ କିଏ କେବଳ ତା' ଭଳିକି ଭଳି ଶଙ୍ଖ ଶବ୍ଦ ଶୁଣିବା ପାଇଁ ଶଙ୍ଖ ମୂଲାଏ। ଶବ୍ଦ ଶୁଣେ। 'ହଉ ରଖ'-କହି ବାଟଭାଙ୍ଗି ଚାଲିଯାଏ। ସେ କଙ୍କାଳ ବଙ୍କେଇ ପେଟରୁ ପବନ କାଢ଼ି ଶଙ୍ଖରେ ପୂରେଇ ଯେତେ ଜୋର୍‌ରେ ଶବ୍ଦ କରିପାରିବ, ସେତେ ତା'ର ଶଙ୍ଖର କାଟ୍‌ତି ବଢ଼ିବ। ସେ ତାହା ହିଁ କରେ। କେତେ ଯେ ତା'ର ନିରର୍ଥକ ଶଙ୍ଖ ଶବ୍ଦ ସମୁଦ୍ରରେ ମିଳେଇଯାଏ। ବେଳେବେଳେ ଶଙ୍ଖ ମୁହଁରେ ଦେଇ ବଜାଏ ନାହିଁ, ନିଜେ ବାଜି ଉଠେ। ଗ୍ରାହକ କୁହେ-'ଭଲ ଭଲ।' କିଏ କିଣେ, କିଏ କିଣିବାର ବାହାନା ବନାଏ।

ଏବେ ଗ୍ରାହକ ପଚାରନ୍ତି- ଏ ଶଙ୍ଖର ଦାମ୍ କେତେ? ଉତ୍ତର ନ ପାଇ ଫେରିଯାଉଥାନ୍ତି। ଥାଏ ସେ ଅନ୍ୟମନସ୍କ। ସମୁଦ୍ର ପରି। କେବଳ ତା' ଭିତରେ ହେଉଥାଏ ଘୋ ଘୋ। ସେ କଳ୍ପନାରେ କଲିକତାକୁ କଲେ। ଏଠି ସମୁଦ୍ରକୂଳରେ ଛିଡ଼ା ହୋଇ ସେ କଲିକତାର ଛନ୍ଦୁଣିମନ୍ଦୁଣି କାଳ୍ପନିକ ରାସ୍ତାରେ ବାଟ ଚାଲୁଥାଏ। ଦିନେ ଦିନେ ଗୋଟିଏ ବି ଶଙ୍ଖ ବିକିପାରେନା। ସନ୍ଧ୍ୟା ସନ୍ଧ୍ୟା ହରଚଣ୍ଡୀସାହିର ତା' ଭଡ଼ାଘରକୁ ଫେରିଆସେ। ଦୁଆରବନ୍ଧ ଉପରେ ଘର ଚାବିକାଠି ରଖି ମା' ଯାଇଥାଏ ଶ୍ରୀମନ୍ଦିରକୁ ଘିଅବତି ବିକି। ପିଲାଟି ଘର ଖୋଲି ବତି ଜଳାଏ। ଛୋଟ ଟିଣବାକ୍ସରୁ ବାହାର କରେ ଚାରିଭାଙ୍ଗର ଛୋଟ ଖଣ୍ଡେ କାଗଜ। ସେ କେବଳ ତାକୁ ଛୁଏଁ। ତା' ଭାଷା ସେ ପଢ଼ିପାରେନା। ସେ କାଗଜ ଟୁକୁଡ଼ାର ଅନ୍ଧ ଅକ୍ଷର ଉପରେ ହାତ ଚଳାଏ, ପୁଣି ଚାରି ଭାଙ୍ଗ କରି ଟିଣ ବାକ୍ସରେ ସାଇତି ରଖେ।

-'ଆଜି କେତେ ବିକିଲୁ?' ମନ୍ଦିରରୁ ଫେରି ପଚାରେ ମା'। ପିଲାଟି ନିଜ ବିଭୋରତାରେ ଥାଏ ଚୁପ୍। ବତି ନିଅ, ବତି ନିଅ ଚିଲେଇ ଚିଲେଇ ଆସିଥିବା ମା' ଚୁପ୍‌ରେ ନିଜକୁ ରୋକେ, ରୋଷେଇ ପାଇଁ ପିଢ଼ା ଉପରେ ବସେ ଓ ଚୁଲି ଲଗାଏ।

ପିଲାଟି ଆଉ ଘରେ କ'ଣ କରନ୍ତା? ଶ୍ରୀକୃଷ୍ଣ ସିନେମାହଲ ଗଳିରେ ଭାଇନା ପାନ ଦୋକାନରୁ ଦେଢ଼ ଟଙ୍କାର ଭାଙ୍ଗ ଲଗାଇ ବଡ଼ଦାଣ୍ଡରେ ଟହଲମାରେ। ଅନ୍ୟଠୁ ବେହିପୋ ଶୁଣେ। କାହାକୁ ବେହିପୋ କହେ। ବଡ଼ଦାଣ୍ଡର ସାଇକେଲ, ରିକ୍ସାର ଟିଂ ଟିଂ, କୁଷ୍ଠରୋଗୀଙ୍କ 'ହେ ବାପା, ହେ ମା'-ଛଟକ ଚିତ୍କାର, ମନ୍ଦିର ଭିତରେ ବଡ଼ସିଂହାର ବେଶ ପାଇଁ ଗହଳି ଭିତରେ ସେ ଏକା ହୁଏ। ପୁଣି ହସେ। କିଏ କହିଲା ସେ ଏକା? ତା' ପାଖାପାଖି ଅଛି ଅନ୍ୟ ଜଣେ। ସେ ଏବେ ଏକା ନୁହେଁ- ଏ ପାଇଁ ମନେମନେ ହସେ। ରାତି ଦଶରେ ଘରକୁ ଫେରିଆସେ। ଗୋଡ଼ ଲମ୍ବେଇ ଢୋଳଉଥାଏ ମା'। ଭାଙ୍ଗ ଓ ସ୍ୱପ୍ନର ପାରିଧିରୁ ଫେରିଆସିଲେ ପୁଅ, ଢୋଳଭାଙ୍ଗେ ମା' ଓ ବାଢ଼ିବସେ ଭାତ।

ଖରାଦିନ ହେଲେ ସମୁଦ୍ରକୂଳରେ ବଢ଼ିଯାଏ ଟୁରିଷ୍ଟଙ୍କ ଜୁଆର। ଶଙ୍ଖ ଭଲ ବିକ୍ରି କରିବାର ବେଳା ସିଏ। ଅନ୍ୟ ଶଙ୍ଖ ବିକାଳିଙ୍କ ସହ ପ୍ରତିଯୋଗିତା କରି ଆହୁରି ଆହୁରି କଙ୍କାଳ ବଙ୍କେଇ କୁନ୍ଥେଇ ଶଙ୍ଖ ମୁହଁରେ ପବନ ଛାଡ଼ି, ଗ୍ରାହକଙ୍କ କଥାର ଚାତୁରିରେ ଦୌଡ଼ାଦୌଡ଼ି କରି ବିକିବାକୁ ହୁଏ।

ଗରାଖ ମିଳେ ନାହିଁ, ହେଲେ ଏବେ ପିଲାଟି ଶଙ୍ଖକୁ ଚିଲେଇ, ଦୌଡ଼ାଦୌଡ଼ି କରି ବେପାର କରିବ କ'ଣ। ପ୍ରତିଟି ଟୁରିଷ୍ଟ ବଙ୍ଗାଳୀ ପରିବାର ଭିତରୁ ସେ ଖୋଜିହୁଏ ଚିହ୍ନାମୁହଁ। ତା'ର ବିଶ୍ୱାସ-ଗତବର୍ଷ ଭଳି ସବୁ ଖରାଛୁଟିରେ ସେମାନେ ଆସିବେ। ସମୁଦ୍ରକୂଳ ନୁହେଁ, ଜଗନ୍ନାଥ ନୁହେଁ, ସେମାନେ ପହଞ୍ଚି ଏଠି ତାକୁ ହିଁ ଖୋଜିବେ। ତା'ର ସାମ୍‌ନାସାମ୍‌ନି ହେଲେ ପଚାରିବେ- 'କେମନ ଆଛେ?'

ବର୍ଷକ ତଳେ ଏମିତି ଖରାଛୁଟିରେ ସେମାନେ ଆସିଥିଲେ। ସମୁଦ୍ରକୂଳରେ କଟାଇଥିଲେ ପାଞ୍ଚଟା ଅପରାହ୍ଣ। ସେହି ପାଞ୍ଚଦିନରେ ପାଞ୍ଚପଇସିଟିଏ ରୋଜଗାର କରିପାରି ନଥିଲା ପିଲାଟି। ମାତ୍ର ପଚିଶ ମିନିଟ୍ ସେମାନଙ୍କ ସହ ଭାବଦୋସ୍ତି। କେଉଁ ଅଜଣା ମୋହରେ ସେହି ପରିବାର ପାଇଁ ସେ ପାଲଟି ଯାଇଥିଲା ଗୋଟେ ଟୁରିଷ୍ଟ ଗାଇଡ୍।

ସେମାନେ ଫେରିଯିବେ। ତା' ଆଗ ଦିନ। ସେ ପରିବାରରେ ତା'ରି ବୟସର ଯେଉଁ ସୋନାଲି, ଯିଏ ସମୁଦ୍ରକୁ ଛୁଏଁ ପୁଣି ଡରି ହଟି ଆସେ। ଯିଏ ଚମତ୍କାର ଗୀତଗାଏ ପୁଣି ନୀଳଫ୍ରକ୍ ଉଡ଼େଇ ବାଲିକଙ୍କଡ଼ା ପଛରେ ଧାଏଁ। ସେହି ସୋନାଲି। ସମସ୍ତଙ୍କ ଅଲକ୍ଷ୍ୟରେ ସେହି ସୋନାଲି ତା' ହାତକୁ ବଢ଼ାଇ ଦେଇଥିଲା ଯାହା, ତାହା ଏ ପିଲାଟି ସାଇତି ରଖିଥିବା ଚାରିଭାଙ୍ଗ କାଗଜ।

ଏବେ ଯେଉଁଦିନ ଭଲ ବେପାର କରିପାରେନା, ଫେରିଆସେ ତା'ର ହରଚଣ୍ଡୀ ସାହିର ଭଡ଼ାଘରକୁ। କବାଟ ଖୋଲି ସେ ବତି ଲଗାଏ। ଟିଣ ବାକ୍ସରୁ ବାହାର କରେ ସେ ଚାରିଭାଙ୍ଗର କାଗଜ। ତା'ର ମୂଳ ଅକ୍ଷରର ଧାଡ଼ି ଉପରେ ହାତ ଛୁଇଁଛୁଇଁ ଯାଏ। ପ୍ରଥମ ଧାଡ଼ିକୁ ଛୁଏଁ। କୁହେ-ସୋନାଲି।



ପ୍ରଥମ ଧାଡ଼ିରୁ ସେ ଯେପରି ସୋନାଲିକୁ ଛୁଏଁ ଓ ପୂର୍ତ୍ତି ହୁଏ। କାଗଜର ଦ୍ୱିତୀୟ ଧାଡ଼ିଠୁ ଚତୁର୍ଥ ଧାଡ଼ି ଯାଏ ଆଙ୍ଗୁଠି ଛୁଇଁ ଛୁଇଁ ଯାଏ। ଖୁସି ହୁଏ ଏହି ସବୁ ଧାଡ଼ି ବୋଧେ ସୋନାଲିର ଘରବାଡ଼ିର ଠିକଣା। ଏହି ଛୋଟ କାଗଜ ଟୁକୁଡ଼ାଟି ପାଇଁ ପିଲାଟି ଆତ୍ମବିଶ୍ୱାସ ତିଆରି କରେ। ତା' ପାଖରେ ଗୋଟେ ଠିକଣା ଅଛି। ଠିକଣାଟେ ଅଛି ବୋଲି ତା' ହାତପାହାନ୍ତାରେ ଅଛି ସୋନାଲି। ଅଧାରୁ କମ୍ ଘିଅବତି ମନ୍ଦିରରେ ବିକା ହୋଇଥାଏ। କାଖରୁ ଓହ୍ଲେଇ ଘିଅବତିର ପସରା ତଳେ ଥୋଇଲାବେଳେ ମା' ଧଇଁସଇଁ। ସେତିକିବେଳେ ଏ ପିଲା କହୁଛି- 'ଏଠି ଶଙ୍ଖ ବେପାର ଭଲ ଚାଲୁନି। ଭାବୁଛି କଲିକତା ଯିବି।' କିଏ କାହାକୁ ଏକଥା କହିଲା? ମନ୍ଦିରରେ "ହେ ମା' ମାନେ, ହେ ମାଉସୀମାନେ ଘିଅବତି ନିଅ। ସଳିତା ନିଅ" ବୋଲି ଚିଲେଇ ଚିଲେଇ ଫେରିଥିବା ମା' ଗାରେଢ଼େଇ ଚାହିଁଲା ସେ ମଉନମୁହାଁ ଟୋକାକୁ। ଆକାଶରୁ ଖସିପଡ଼ିଲା ପରି ପଚାରିଲା,

-'କଲିକତା? ସେଠି ତ ଆମର ନିଜର କେହି ନାହିଁ।'

-'ମୋର ନିଜର ଜଣେ ଅଛି, ତାଙ୍କ ପରିବାର ସହ ମୋର ଚିହ୍ନାଜଣା। ଏହି ଦେଖ ସେମାନଙ୍କ ଠିକଣା।' ମା' ଆଡ଼ ନଜରରେ ସେ କାଗଜଖଣ୍ଡକୁ ଚାହିଁଲା। ତେଢ଼ାମେଢ଼ା ଅକ୍ଷରରୁ ଅନ୍ଦାଜ ଲଗେଇ ପଚାରିଲା-'ବଙ୍ଗାଳୀ ଯାତ୍ରୀ କିରେ?'

-'ହଁ, ହଁ। ପିଲାଟି ଉତ୍ସାହିତ ହୋଇଛି ତ ମା' ସେ ପ୍ରସଙ୍ଗରେ ପାଣି ଫଟେଇ ଦେଲା-ଯାତ୍ରୀ ତ ଯାତ୍ରୀ, ସେମାନଙ୍କ ଠିକଣା ପୁଣି କ'ଣରେ।' ପିଲାଟି ତା' ମା'କୁ ଘୋଡ଼ାଗୀତରେ ବୁଝାଇଲା-'ତୁ କ'ଣଟା ଜାଣିଛୁ?'

'ମନ୍ଦିରରେ ତୁ ଯାତ୍ରୀ ଦେଖୁଛୁ ତୀର୍ଥଯାତ୍ରୀ। ସମୁଦ୍ରକୂଳକୁ ସବୁ ଟୁରିଷ୍ଟ ଆସନ୍ତି। ଟୁରିଷ୍ଟ କ'ଣ ତୁ ବୁଝିପାରିବୁନି।' କୌଣସି ବନ୍ଧନ ବାଧା ମାନିବାକୁ ସେ ଚାହେଁନା। ତା' ସ୍ୱପ୍ନକୁ ନେଇ ସେ ଏଠୁ ସେଠିକୁ ଉଡ଼ିଯିବାକୁ ଚାହେଁ। ତା' ମନ ହାଲୁକା, ଦେହର ଖଞ୍ଜା ସବୁ ଫାଟି ଫାଟି ଯାଉଥାଏ। ତହିଁ ପରଦିନ ସମୁଦ୍ରକୂଳରେ ମୋତେ ଖୋଜିଛି। ଦେଖା ହେଉ ହେଉ ଚାରିଭାଙ୍ଗର କାଗଜ ଖଣ୍ଡିକ ମୋ' ହାତକୁ ବଢ଼େଇ ଦେଇଛି- 'ଆପଣ ତ ବେଶ୍ ବଙ୍ଗଳା ପଢ଼ିପାରନ୍ତି। ପଢ଼ନ୍ତୁ ତ ଏ ଠିକଣାଟା। ତାକୁ ଓଡ଼ିଆରେ ଲେଖିଦିଅନ୍ତୁ।'

ମୁଁ ସେ ସୋନାଲିମନସ୍କ ଶଙ୍ଖ ବିକାଳି ପିଲାଟିକୁ ଚାହିଁଲି। ଗତ ଆଠ ଦଶ ଦିନ ସମୁଦ୍ରକୂଳରେ ଘୂରି ବୁଲିବା ଭିତରେ ସେ ପିଲାଟି ସହିତ ମୋର ପରିଚୟ ହୋଇଛି। ସେହି ସାନ ପିଲାଟି ସହିତ ମୋର ବଢ଼ିଛି ବନ୍ଧୁତା। ସୋନାଲିର ପରିବାର ଉପରେ ମୋ' ସାଙ୍ଗରେ ଯେତେବେଳେ ଗପ ମାରିଛି, ତା' ଆଖି କିପରି ଭାବୁକତାରେ ବୁଜିବୁଜି ପଡ଼େ ମୁଁ ଜାଣେ। ସେ ସୋନାଲି କଥା ମୋ' ପାଖରେ ଲୁଚାଏ, ସୋନାଲି କଥା ବେଶି ହିଁ କୁହେ। ଶେଷରେ ମୋତେ ଧରାଇ ଦେଇଛି ସୋନାଲି ହାତଲେଖା କାଗଜ। କହୁଛି-ଠିକଣା ପଢ଼ିଦିଅ। - ଓଡ଼ିଆରେ ସୋନାଲିର ଠିକଣା ଲେଖିଦିଅ। ମୁଁ ସେହି କାଗଜର ପାଞ୍ଚଧାଡ଼ିରେ ଆଖି ପକେଇ ସାଙ୍ଗେ ସାଙ୍ଗେ ବୁଝିନେଲି ଏବେ ଏ ପିଲାଟିର ଅବସ୍ଥା କ'ଣ ହେବ?

-'ପଢ଼ନ୍ତୁ ଠିକଣା।'

ଜିଗର ଲଗାଇ ମୋ' ପଛରେ ପଡ଼ିଥିଲା ସେ ପିଲା। ମୁଁ ସେହି କାଗଜଖଣ୍ଡକ ଧରିଥାଏ। ଇଚ୍ଛା ହେଉଥାଏ ତାକୁ ଟିକିଟିକି କରି ଚିରି ଢେଉ ଆଡ଼କୁ ଫିଙ୍ଗିଦେବି। ହେଲେ ତା' ପରେ କ'ଣ ହେବ? ଏ ପିଲା ଆହୁରି ସନ୍ଦେହରେ ଛଟପଟେଇବ। ହୁଏତ ଏ ସମୁଦ୍ର କୂଳରେ କଙ୍କାଳ ବଙ୍କେଇ ଶଙ୍ଖ ଫୁଙ୍କିଲା ପରି କାନ୍ଦିବ, କି ତା' ପରେ ଶଙ୍ଖ ବିକା ଛାଡ଼ି ପାଗଳ ପରି ଲହଡ଼ିରେ ଧୋଇଯିବା ପାଇଁ ଓଦାବାଲିରେ ସୋନାଲି ସୋନାଲି ଲେଖିଚାଲିବ।

ମୁଁ ତା' ପର କଥାସବୁ ପିଲାଟି ପାଇଁ ଭାବି ନେଉଥାଏ। ହେଲେ ସେ ନଛୋଡ଼ବନ୍ଦା-'ଆପଣଙ୍କ ପାଖରେ କ'ଣ ପେନ୍ ନାହିଁ? ଏହି ପରା ଛାତି ପକେଟରେ ପେନ୍ ଖୋସିଛନ୍ତି। ଠିକଣାଟା ଓଡ଼ିଆରେ ଲେଖି ଦେଉନାହାନ୍ତି।' ମୁଁ ତାକୁ ଚଲେଇ ଚଲେଇ ରେଲବାଇ ହୋଟେଲ ସିଧା ସମୁଦ୍ରକୂଳକୁ ନେଇଗଲି। ଛିଡ଼ା କରେଇ ଦେଲି 'ସ୍ୟାଣ୍ଡ୍ ଆର୍ଟ' ତିଆରି ଚାଲିଥିବା ଜାଗାଟାରେ। ସୁଦର୍ଶନ ପଟ୍ଟନାୟକଙ୍କ ଷ୍ଟୁଡେଣ୍ଟ୍‌ସମାନେ ଆଣ୍ଠେଇପଡ଼ି ତିଆରି କରୁଥାନ୍ତି ଟ୍ରେଡ ସେଣ୍ଟର୍‌ର ବାଲୁକା ସ୍ଥାପତ୍ୟ।

-'ଦେଖ୍! ଦଳେ ମଣିଷ ଭାଙ୍ଗିଲେ ଏଇଟାକୁ। ଦଳେ ମଣିଷ ବାଲିରେ ତିଆରି କରୁଛନ୍ତି ଏଇଟାକୁ। ଏହା ମଧ୍ୟ ରହିବନି। ଶେଷକୁ ସମୁଦ୍ର ଲହଡ଼ି ମଧ୍ୟ ଏଇଟାକୁ ଭାଙ୍ଗିଦେବ।'

-ମୁଁ ମୋ' ଗୋଲିଆମିଶା ଦର୍ଶନରେ ପିଲାଟିକୁ ନଶ୍ୱରତା ଆଡ଼କୁ ନେଇଗଲାବେଳେ ପିଲାଟି ଲଗାଇଥାଏ- 'ଆପଣ ଯଦି ଠିକଣାଟା ନ ପଢ଼ି ୟାଡୁସ୍ୟାଡୁ କହୁଥିବେ? ଦିଅନ୍ତୁ ସେ କାଗଜ। ମୁଁ ଆଉ କାହାକୁ ପଢ଼ାଏ।'

ସେ ପିଲାକୁ ନେଇ ମୋତେ, ମୋତେ ନେଇ ସେ ପିଲାଟିର ଅବସ୍ଥା କଥା ଚିନ୍ତା କରି ମୋତେ ହସ ଲାଗିଲା- ଦଳେ ନିର୍ବୋଧ କେବଳ ସମୁଦ୍ରକୂଳରେ ଚାଲ୍‌ବୁଲ କରନ୍ତି। ଦଳେ ପାଗଳ ହେବାକୁ ସମୁଦ୍ରକୂଳକୁ ଆସନ୍ତି।

-'ଆପଣ ଠିକଣା ପଢୁଛନ୍ତି ନା ହସୁଛନ୍ତି?'

ଶଙ୍ଖ ଦି' ଚାରିଟା ହାତରେ ଧରି, କାନ୍ଧରେ ଝୁଲେଇ ଶଙ୍ଖଭରା ଗୋଟେ ଓଜନଦାର ବ୍ୟାଗ୍ ସେ ପିଲାଟି ମୋ' ଅନ୍ୟମନସ୍କତାକୁ ଯେପରି ହାଣି ଚାଲିଥାଏ। ମୁଁ ପିଲାଟିକୁ ତା' ବାଟରେ ଚାଲିଯିବାକୁ ଛାଡ଼ିଦେଲି। କହିଲି- 'ଏଇଟା ଠିକଣା ନୁହେଁ। ଗୋଟେ କବିତା।'

-"ଦେଖନ୍ତୁ ତା' ଭିତରେ ଠିକଣା ଥିବ।'- ମୋ' କଥାକୁ ଯେପରି ବିଶ୍ୱାସ କରିବାକୁ ପ୍ରସ୍ତୁତ ନଥିଲା ସେ ପିଲା। ବଙ୍ଗଳା ଭାଷା ପଢ଼ିପାରୁ ନଥିବା ଯୋଗୁ ସାଇତି ରଖିଥିବା ଅକ୍ଷର ସହିତ ଆଶା ବାନ୍ଧି ବସିଥିବା ପିଲାଟି କାନ୍ଧରେ ହାତ ପକେଇ କହିଲି- "ତୁମେ କି ଜାଣ, ଏବେ ତ କବିତା ତଳେ ଠିକଣାଟା ହିଁ ଗୁରୁତ୍ୱପୂର୍ଣ୍ଣ। ଏଇଟା କିନ୍ତୁ ସୁଦ୍ଧୁ ଗୋଟେ କବିତା। ଠିକଣା ନଥିବା କବିତା। ତୁମ ପାଇଁ ସୋନାଲିର କବିତା ଇଏ।"

'ତୋମାର୍ ଶଙ୍ଖେର ଶବଦ
ଯେଖାନେ ଭାସିୟା ଏସେ
ସେଇଖାନେ ଆମାର ଉପସ୍ଥିତି।
ଯତ ଦିନ ସମୁଦ୍ର ଥାକ୍‌ବେ ଏଖାନେ
ତତୋ ଦିନ ତୋମାକେ ଆମାର ଭାଲୋବାସା।'।

ମୋ: ୯୪୩୭୫୩୧୩୯୭

**ନୂଆ ରେକର୍ଡ ସ୍ତରରେ ପୁଞ୍ଜିବଜାର**

ପୁଞ୍ଜିବଜାରରେ ପୁଣି ଥରେ ଭଲ କାରବାର ହେଉଥିବା ନଜରକୁ ଆସିଛି। ଫଳରେ ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ରେକର୍ଡ ସ୍ତରରେ ରହିଛି। ସେନ୍‌ସେକ୍ସ ୩୯୩.୮୩% ବଢ଼ି ୪୯,୭୯୨.୧୨ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୧୨୩.୫୫ ପଏଣ୍ଟ ଉର୍ଦ୍ଧ୍ୱରେ ରହିବା ଯୋଗୁ ୧୪,୬୪୪.୭୦ ପଏଣ୍ଟରେ ବନ୍ଦ ହୋଇଛି। ଏଭଳି ସମୟରେ ଏସିଆର ଶେୟାର ବଜାରଗୁଡ଼ିକରେ ବୃଦ୍ଧି ପରିଲକ୍ଷିତ ହୋଇଛି।

# ଭାରତୀୟଙ୍କ ଲାଗି ସୁଯୋଗ

ନୂଆଦିଲ୍ଲୀ,୨୦।୧







- ଗ୍ରୀନ୍ କାର୍ଡ ପ୍ରକ୍ରିୟା ସରଳ ହୋଇପାରେ
- ଭିଜା ନିୟମ କୋହଳ ହେବା ଆଶା
- ନିଯୁକ୍ତି କ୍ଷେତ୍ରରେ ଭାରତୀୟ ପାଇବେ ଲାଭ

ଜୋ ବାଇଡେନ୍ ଆମେରିକା ରାଷ୍ଟ୍ରପତି ହେବା ପରେ ସେଠାକୁ ଯାଇ କାମ କରିବା ଏବଂ ନାଗରିକତା ଗ୍ରହଣ କରିବାକୁ ଚାହୁଁଥିବା ଭାରତୀୟଙ୍କ ଲାଗି ନୂଆ ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଉଛି। ବାଇଡେନ୍ ଏକ ଇମିଗ୍ରେସନ ବିଧେୟକ ଆଣିବାକୁ ଯାଉଛନ୍ତି। ଉକ୍ତ ବିଧେୟକକୁ ଯଦି ସେଠାକାର କଂଗ୍ରେସ ଅନୁମୋଦନ ଦିଏ ତେବେ ଗ୍ରୀନ୍ କାର୍ଡ ପ୍ରକ୍ରିୟା ଆହୁରି ସରଳ ହୋଇଯିବ। ଆମେରିକାରେ ନାଗରିକତା ନେବା ଲାଗି କମ୍ ସମୟ ମଧ୍ୟ ଲାଗିବ। ଏହାଦ୍ୱାରା ଭାରତୀୟମାନେ ବୃହତ୍ ସଂଖ୍ୟାରେ ଲାଭବାନ୍ ହେବେ ବୋଲି ଆଶା କରାଯାଉଛି।

ଏଚ୍-୧ ବି ଭିଜାଧାରୀଙ୍କ ସ୍ୱାମୀ କିମ୍ବା ସ୍ତ୍ରୀ ଆମେରିକାରେ ରହି କାମ କରିବା ଅନୁମତିକୁ ପ୍ରତ୍ୟାହାର କରିବା ଲାଗି ପୂର୍ବର ଟ୍ରମ୍ପ ପ୍ରଶାସନ ପ୍ରସ୍ତାବ ରଖିଛି। ଏହି ପ୍ରସ୍ତାବକୁ ମଧ୍ୟ ବାଇଡେନ୍ ପ୍ରତ୍ୟାହାର କରିପାରନ୍ତି। ଏମ୍ପ୍ଲୟମେଣ୍ଟ ଇମିଗ୍ରେଶନ ବ୍ୟାକଲଗ୍‌କୁ କମାଇବା ଦିଗରେ ମଧ୍ୟ ନିଷ୍ପତ୍ତି ଆସିପାରେ। ବଜାର ବିଶେଷଜ୍ଞଙ୍କ କହିବା ମୁତାବକ, ଭାରତ ଏବଂ ଚାଇନା ଭଳି ବ୍ୟାକ୍‌ଲଗ ଦେଶଗୁଡ଼ିକ ଲାଗି ଗ୍ରୀନ୍ କାର୍ଡର ପ୍ରତୀକ୍ଷା ଅବଧି କମିବ। ୱାଶିଂଟନ ପୋଷ୍ଟର ଏକ ରିପୋର୍ଟ ମୁତାବକ, ଜୋ ବାଇଡେନ୍‌ଙ୍କ ଶପଥ ପରେ ତୁରନ୍ତ ଏଭଳି ବିଧେୟକ ଆସିପାରେ। ଏହାକୁ ଶୀଘ୍ର କଂଗ୍ରେସକୁ ପଠାଇ ଦିଆଯିବ। ସିନେଟ ଏବଂ ହାଉସ ଅଫ୍ ରିପ୍ରେଜେଣ୍ଟେଟିଭରେ ଏହା ଯଦି ପାସ୍ ହୋଇଯାଏ ତେବେ ଏହାକୁ ଶୀଘ୍ର ମଞ୍ଜୁରୀ ମଧ୍ୟ ଦିଆଯିବ। ପରେ ଏହା ଆଇନରେ ମଧ୍ୟ ରୂପାନ୍ତରିତ ହେବ।

ଗ୍ରୀନ୍ କାର୍ଡ ଆବେଦନ କରିଥିବା ଦେଶଗୁଡ଼ିକ ଲାଗି ବର୍ତ୍ତମାନ ସୀମା ଧାର୍ଯ୍ୟ ହୋଇଛି। ଫଳରେ ଭାରତୀୟଙ୍କୁ ଗ୍ରୀନ୍ କାର୍ଡ ପାଇବା ଲାଗି ଏକ ଦଶନ୍ଧିରୁ ଅଧିକ ସମୟ ଲାଗିଯାଉଛି। ରୋଜଗାର ସମ୍ପର୍କିତ ଇମିଗ୍ରେଶନ ମାମଲାରେ ୨୦୨୦ରେ ଗ୍ରୀନ୍ କାର୍ଡର ପ୍ରତୀକ୍ଷା ସୂଚୀ ୧୨ ଲକ୍ଷ ଟପିଯାଇଛି। ପ୍ରଥମ ଥର ଲାଗି ପ୍ରତୀକ୍ଷା ସୂଚୀ ଏତେ ଲମ୍ବା ହୋଇଛି। ୟୁଏସ୍‌ର ସିଟିଜେନଶିପ ଆଣ୍ଡ ଇମିଗ୍ରେଶନ ସର୍ଭିସେସ୍ (ୟୁଏସ୍‌ସିଆଇଏସ୍) ମୁତାବକ, ଏହି ସୂଚୀର ପ୍ରାୟ ୬୮% ବା ୮ ଲକ୍ଷ ଭାରତରୁ ବୋଲି ଜଣାପଡ଼ିଛି।

ଏଚ୍-୪ ଏମ୍ପ୍ଲୟମେଣ୍ଟ ଅଥରାଇଜେଶନ ଡକ୍ୟୁମେଣ୍ଟ(ଏଚ୍-ଇଏଡି) ଭିଜା କ୍ଷେତ୍ରରେ ସବୁଠାରୁ ଅଧିକ ଲାଭ ଭାରତୀୟମାନେ ଉଠାଉଛନ୍ତି। ଏହା ମଧ୍ୟରେ ଅଧିକାଂଶ ମହିଳା ଭିଜାଧାରୀ ରହିଛନ୍ତି। ୨୦୧୫ ପରେ ୧.୨ ଲକ୍ଷ ଏହି ବର୍ଗରେ ଭିଜା ଜାରି ହୋଇଛି। ଏହାର ୯୦%ରୁ ଉର୍ଦ୍ଧ୍ୱ ଭିଜା ଭାରତକୁ ମିଳିଛି।

ପ୍ରସ୍ତାବିତ ବିଧେୟକ ମୁତାବକ ସ୍ୱାମୀ, ସ୍ତ୍ରୀ ଏବଂ ଶିଶୁଙ୍କ ଉପରେ କୋଟା ଲାଗୁ ହେବ ନାହିଁ। ସେହିଭଳି ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ କିମ୍ବା ମ୍ୟାଥମେଟିକ୍ସ ବିଷୟରେ ପିଏଚ୍.ଡି. ଡିଗ୍ରୀ ରଖିଥିବା ବ୍ୟକ୍ତିବିଶେଷଙ୍କ ଉପରେ ଭିଜା ସୀମା ଲାଗୁ ହେବନାହିଁ। କେତେଜଣ ବିଶେଷଜ୍ଞ କହିଛନ୍ତି, ନିୟମ ପରିବର୍ତ୍ତନରେ ସମୟ ଲାଗିପାରେ। ଏହା କିଛି ମାସ ମଧ୍ୟରେ ହୁଏତ ହୋଇପାରେ। କଂଗ୍ରେସକୁ ବିଧେୟକ ପଠାଇବା ଲାଗି ବାଇଡେନ୍ ଏବେ ପ୍ରସ୍ତୁତି ଆରମ୍ଭ କରିଥିବା ଶୁଣାଯାଉଛି। ପରିବର୍ତ୍ତନ ଲାଗି କିଛି ନିୟମକୁ ହଟାଇବାକୁ ପଡ଼ିପାରେ। କରୋନା ଭାଇରସ୍ ଏବଂ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ଟ୍ରମ୍ପ ଏପ୍ରିଲ ୨୦୨୦ରୁ ଡିସେମ୍ବର ମଧ୍ୟରେ ଗ୍ରୀନ୍ କାର୍ଡ ଏବଂ ଏଚ୍-୧ ବି ଭିଜା ଜାରି କରିବା ଉପରେ ରୋକ୍ ଲଗାଇଥିଲେ। ପରେ ଏହାକୁ ୨୦୨୧ ମାର୍ଚ୍ଚ ଯାଏ ବଢ଼ାଯାଇଥିଲା।

# ୟୁଏସ୍ ଶେୟାର ବଜାରରେ ରେକର୍ଡ

ନୂଆଦିଲ୍ଲୀ,୨୦।୧




ବାଇଡେନ୍ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହେବା ପରଠାରୁ ଶପଥ ଗ୍ରହଣ କରିବା ପୂର୍ବ ସମୟ ଯାଏ ଆମେରିକା ଶେୟାର ବଜାର ରେକର୍ଡ ସ୍ତରରେ ରହିଥିଲା। ବିଶ୍ୱ ସ୍ତରର ରିସର୍ଚ୍ଚ ସଂସ୍ଥା ସିଏଫ୍‌ଆର୍‌ଏ ମୁତାବକ ଏହି ସମୟରେ ଏସ୍ ଆଣ୍ଡ ପି ଇଣ୍ଡେକ୍ସ ୧୩% ବଢ଼ିଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ଘୋଷଣା ପରେ ଶପଥ ଗ୍ରହଣ ହେବା ଯାଏ ସେଠାକାର ଶେୟାର ବଜାରର ହୋଇଥିବା ଅଭିବୃଦ୍ଧି ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ଉର୍ଦ୍ଧ୍ୱରେ ରହିଛି। ଏହା ପୂର୍ବରୁ ପୁରୁଣା ରେକର୍ଡ ଜନ୍ ଏଫ୍.କେନେଡିଙ୍କ ନାମରେ ରହିଥିଲା। ୨୦ ଜାନୁୟାରୀ ୧୯୬୧ରେ କେନେଡି ଶପଥ ନେଇଥିଲେ। ସେହି ସମୟରେ ତାଙ୍କ ଜିତିବା ଏବଂ ଶପଥ ନେବା ସମୟର ୭୩ ଦିନ ମଧ୍ୟରେ ଏସ୍ ଆଣ୍ଡ ପି ୫୦୦ ସୂଚକାଙ୍କ ୮.୮% ବଢ଼ିଥିଲା। ତାଙ୍କ ଶପଥ ନେବାର ପରବର୍ତ୍ତୀ ୧୦୦ ଦିନରେ ବଜାର ୮.୯% ଉର୍ଦ୍ଧ୍ୱରେ ରହିଥିଲା।

୨୦୧୬ରେ ଯେତେବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚନରେ ହିଲାରୀ କ୍ଲିଣ୍ଟନଙ୍କୁ ହରାଇଥିଲେ ତାଙ୍କ ଶପଥ ନେବା ସମୟ ଯାଏ ଶେୟାର ବଜାରରେ ୬% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଟ୍ରମ୍ପଙ୍କ କାର୍ଯ୍ୟକାଳର ପ୍ରଥମ ୧୦୦ ଦିନରେ ବଜାର ଆଉ ୫% ବଢ଼ିଥିଲା। ଟ୍ରମ୍ପ୍ ଏବଂ ବାଇଡେନ୍‌ଙ୍କ କ୍ଷେତ୍ରରେ ଏକ ପାର୍ଥକ୍ୟ ଦେଖାଯାଇଥାଏ। ଟ୍ରମ୍ପଙ୍କୁ ଏକ ମଜଭୁତ ଅର୍ଥ ବ୍ୟବସ୍ଥା ମିଳିଥିଲା। ମାତ୍ର ବାଇଡେନ୍ ଏଭଳି ଏକ ସମୟରେ ରାଷ୍ଟ୍ରପତି ଭାର ସମ୍ଭାଳିଛନ୍ତି ଯେତେବେଳେ କି କରୋନା ସାରା ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ସଙ୍କଟ ସ୍ଥିତିକୁ ଠେଲିଦେଇଛି।

୨୦୦୦ ନଭେମ୍ବରରେ ଯେତେବେଳେ ଜର୍ଜ ଡବ୍ଲ୍ୟୁ. ବୁଶ୍ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ ତାଙ୍କ ଶପଥ ନେବା ଯାଏ ସେଠାକାର ଶେୟାର ବଜାର ୬% ହ୍ରାସ ହୋଇଥିଲା। ୨୦୦୮ ନଭେମ୍ବରରେ ବାରାକ ଓବାମା ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ୨୦୦୯ରେ ସେ ଶପଥ ନେଇଥିଲେ। ସେହି ସମୟରେ ବଜାର ୨୦% ହ୍ରାସ ହୋଇଥିଲା। ଲେହମ୍ୟାନ ବ୍ରଦର୍ସ ଘଟଣା କାରଣରୁ ସେହି ସମୟରେ ନିବେଶକ ଆଶଙ୍କାରେ ରହିଥିଲେ।


No. E-533:-

TERMS & CONDITIONS

GOVERNMENT OF ODISHA
HEALTH & FAMILY WELFARE DEPARTMENT

TENDER DOCUMENT FOR PROVIDING OF MANPOWER TO THE PMRU UNDER DIRECTORATE OF DRUGS CONTROL, ODISHA FOR A PERIOD OF ONE YEAR FROM THE DATE OF APPROVAL OF TENDER

| | |
|---|---|
| ➢ Date of commencement of sale of the tender document: | 28/01/2021 To 02/02/2021 |
| ➢ Cost of Tender Paper (Non-refundable): | Rs.1,050/- (Including of G.S.T.) |
| ➢ Pre Bid Conference: | 03/02/2021 at 03 PM |
| ➢ Last Date & Time for Receipt of Tender: | 05/02/2021 up to 05 PM |
| ➢ Date & Time of Opening of Tender (Cover A): | 08/02/2021 at 03 PM |
| ➢ Date & Time of Opening of Tender (Cover B): | 12/02/2021 at 03 PM |
| ➢ Place of opening of tender/ Pre Bid Conference: & Address for Communication: Receipt of Tender Documents | Directorate of Drugs Control, Odisha Near Sainik School, New Nandankanan Road, Bhubaneswar-751017 Ph.: 0674-2300494, 2303646/FAX: 0674-23002624 Email- drugscontrolorissa@gmail.com, dcaodisha@nic.in Website: http://dcaodisha.nic.in |

DIRECTORATE OF DRUGS CONTROL, ODISHA, BHUBANESWAR OIPR-10004/11/0002/2021


## ଭର୍ଚୁଆଲ ମିଟ୍‌ରେ ଦେଖାଦେଲେ ଜ୍ୟାକ୍ ମା

**ନୂଆଦିଲ୍ଲୀ,୨୦।୧–** ପ୍ରାୟ ୩ ମାସ ଆତ୍ମଗୋପନ ରହିବା ପରେ ଆଲିବାବାର ପ୍ରତିଷ୍ଠାତା ଜ୍ୟାକ୍ ମା ପୁଣି ଥରେ ଏକ ଭର୍ଚୁଆଲ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିବା ଜଣାପଡ଼ିଛି। ଚାଇନାର ସରକାରୀ ଖବରକାଗଜ ଏ ସମ୍ପର୍କିତ ଏକ ଭିଡିଓ ଜାରି କରିଛି। ପ୍ରାୟ ୧୦୦ ଗ୍ରାମୀଣ ଶିକ୍ଷକଙ୍କୁ ସେ ସମ୍ବୋଧିତ କରିଥିବା ନଜର ଆସିଛନ୍ତି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ଆଲିବାବା ଶେୟାର ୮.୫% ବଢ଼ିଛି। ଇଂରାଜୀ ଶିକ୍ଷକରୁ ଉଦ୍ୟୋଗୀ ହୋଇଥିବା ଜ୍ୟାକ୍ ବିଶ୍ୱର ଜଣେ ଜଣାଶୁଣା ବିଲିୟନେୟାର। ଆଲିବାବା ଗ୍ରୁପ୍‌ର ସେ ଅଧ୍ୟକ୍ଷ ଥିବା ବେଳେ ସେ ୩ ମାସ ନିଖୋଜ ହେବା ଖବର ବେଶ୍ ଚର୍ଚ୍ଚାରେ ରହିଥିଲା। ଚାଇନାର ପୁରୁଣା କାଳିଆ ଆର୍ଥିକ ନିୟମ ଏବଂ ସରକାରୀ ବ୍ୟାଙ୍କକୁ ଅକ୍ଟୋବରରେ ଟାର୍ଗେଟ କରିବା ପରେ ସେ ବିବାଦୀୟ ହୋଇ ପଡ଼ିଥିଲେ। ଆଲିବାବାର ସହଯୋଗୀ କମ୍ପାନୀ ଆଣ୍ଟ ଗ୍ରୁପ୍ ଦୁନିଆର ସବୁଠୁ ବଡ ଆଇପିଓ ଆଣିବାକୁ ଯୋଜନା ରଖିଥିଲେ ମଧ୍ୟ ଚାଇନା ସରକାର ଏହା ହେବାକୁ ଦେଇ ନ ଥିଲେ। ପରେ ପରେ ଆଲିବାବା ଉପରେ ବିଭିନ୍ନ ନିୟମ ଉଲ୍ଲଂଘନ ଦର୍ଶାଇ ଚଢ଼ାଉ କରାଯାଇଥିଲା।



## ସୋମାନିର ନୂଆ ଶୋ'ରୁମ୍

ଭୁବନେଶ୍ୱର,୨୦।୧

ଟାଇଲ୍ସ ଏବଂ ସେରାମିକ୍‌ର ପ୍ରମୁଖ ବ୍ରାଣ୍ଡ ସୋମାନି ପକ୍ଷରୁ ଏହାର ନୂଆ ଶୋ'ରୁମ୍ ସୋମାନି ଷ୍ଟୁଡିଓ ବୁଧବାର ସ୍ଥାନୀୟ ଲୁଇସ୍‌ରୋଡ୍‌ସ୍ଥିତ ଗ୍ୟାରେଜ ଛକର ମହାବୀର ସେରାମିକ୍ସଠାରେ ଖୋଲିଛି। ସୋମନି ସେରାମିକ୍ସର ଉପସଭାପତି ସୁଜିତ କୁମାର ମହାନ୍ତି, ରାଜ୍ୟ ମୁଖ୍ୟ ଶନ୍ତବରଣ ମିଶ୍ର ଏବଂ ସଂଗ୍ରାମ କେଶରୀ ନାୟକ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୧୫ ଶହ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଥିବା ଏହି ଶୋ'ରୁମ୍‌ରେ ଗ୍ରାହକ ଗୋଟିଏ ଛାତ ତଳେ ବିଭିନ୍ନ ବର୍ଗର ଟାଇଲ୍ସ ପାଇପାରିବେ। ସେହିଭଳି ଫ୍ଲୋର, ୱାଲ ଏବଂ ଏଲିଭେଶନ ଟାଇଲର ବିସ୍ତୃତ ସମ୍ଭାର ଏଠାରେ ମିଳିପାରିବ। ଗ୍ରାହକ ନିଜ ଇଚ୍ଛା ମୁତାବକ ଏବଂ ପକେଟକୁ ସୁହାଇଲା ଭଳି ବିଭିନ୍ନ ବର୍ଗର ପ୍ରଡକ୍ଟ ଚୟନ କରିପାରିବେ। ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜ୍ଞାନ ଏବଂ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ କର୍ପୋରେଟର ପୁଷ୍ପା ଦାସ, ବିରଞ୍ଚି ନାରାୟଣ ମହାସୂପକାର, ରାଜେନ୍ଦ୍ର ସାମର୍ଥା ଓ ନୃପେଶ ନାୟକ ଯୋଗଦେଇଥିଲେ। ଷ୍ଟୁଡିଓରେ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଟାଇଲ୍ସ ଯୋଗାଇ ଦିଆଯିବ ବୋଲି ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ଯଶୋବନ୍ତ ନାୟକ କହିଛନ୍ତି।


BHUBANESWAR MUNICIPAL CORPORATION
E-PROCUREMENT NOTICE
No. C-311
E-mail ID: ee2@bmc.gov.in and Sethyshyamsundar@gmail.com

1. Bid Reference No. : BMC-EED-II-11/2020-21 Dt.18.01.21
2. Tender Call Notice No. : No. 3527 Dt.18.01.21
3. No. of Works : 12 Nos.
4. Bid Value : Rs.2,83,662/- to Rs.23,31,589/-
5. Period of Completion : 30 days

Date and time Schedule

| Start | End | Opening |
|---|---|---|
| 11.00 A.M. of 21.01.21 | 5.00 P.M. of 01.02.21 | 11.00 A.M. 02.02.21 |

6. Tender details can be seen for the procurement portal **https://www.tendersodisha.gov.in.** BMC Website **https://www.bmc.gov.in**.

Sd./- Executive Engineer, Div-II
Bhubaneswar Municipal Corporation
OIPR-13002/11/0075/2021



NESCO UTILITY
OFFICE OF THE SUPERINTENDING ENGINEER, ELECTRICAL CIRCLE, BARIPADA
AT/PO: BARIPADA, MAYURBHANJ-757001
Ph.-06792-258536, Fax- 06792-252596, Email address- sebaripada@nescoodisha.com

NOTICE INVITING TENDER
Tender Notice No.145(9) Dt.19.01.2021

For and on behalf of NESCO Utility, sealed tenders are invited in duplicated in two part bidding system from eligible bidders who comply with the terms & conditions and specification laid down in the tender documents for **'shifting work of lines (HT&LT) and sub-stations/dismantle from the premises of Schools & Anganwadi center on turnkey basis'** under Electrical Sub-Division, Rairangpur-I/Rairangpur-II in Mayurbhanj District of Odisha.
**Last date of submission of bid:** Dt.05.02.2021 upto 2.00 P.M.
**Date of opening of bid:** Dt.05.02.2021 at 3.30 P.M.
**For details visit our website-** www.nescoodisha.com
Corrigendum if any will be published in the website only.

Sd./- Superintending Engineer
Electrical Circle, Baripada



OFFICE OF THE
NOTIFIED AREA OF COUNCIL, BHUBAN
Letter No. 41 Date: 19.01.2021

QUOTATION CALL NOTICE

No. C-309: The Executive Officer, Bhuban NAC invites sealed quotation from experienced Chartered Accountant Firm for **Audit of Accounts under DEABAS and preparation of Balance Sheet** of Bhuban NAC for the financial year 2013-14 to 2019-20 by engaging Accountant Professionals.
The firm should fulfil the following conditions.
i. The firm must be a CAG empanelled CA firm
ii. The firm must have GST registration.
iii. The firm should have its head quarter/branch in the State of Odisha so as to ensure timely completion of the assignment.
iv. The firms having experience in finalisation of municipal accounts before will be given preference.
The firms should submit quotations alongwith registration certificate, CAG empanelment details, PAN Card, Registration Certificate before the undersigned on or before 15 days of the publication of the advertisement. The firm or their authorized agent should be present at the time of opening of quotation which is scheduled to be opened at 11 A.M. on 5th February 2021.
The authority reserves the right to reject any or all quotation without assigning any reason thereof.

Sd./- Executive Officer, Bhuban NAC
OIPR-13096/11/0001/2021



OFFICE OF THE
CHIEF DISTRICT MEDICAL & PUBLIC HEALTH OFFICER, SUNDARGARH
DISTRICT PROGRAMME MANAGEMENT UNIT
Letter No. 192/DPMU-SNG/20-21 Dated: 19.01.2021

TENDER CALL NOTICE No. 05/2020-21

No. E-531: Sealed tenders are invited from the interested bidder on the civil work under NHM, Sundargarh. The detail of **works, eligibility, estimated cost, EMD, cost of tender paper** has been uploaded in the district website **www.sundergarh.nic.in**. The bidder should be **C or D Class Contractor**. They have to submit the bid document to the undersigned in the address of **Office of the Chief District Medical & Public Health Officer, Sundargarh, Dist.- Sundargarh, ODISHA, PIN - 770001** through Registered Post/Speed Post only on or before **01.02.2021, 5.30 P.M.** The sale of tender paper will be from **Dated 21.01.2021** to **Dated 30.01.2021 upto 5.30 P.M.** in the district website **www.sundergarh.nic.in**. The authority reserves the right to cancel or reject the entire process without asigning any reason thereof. The tender will be opened on dated **02.02.2021 at 11.00 A.M.** in the Office of the undersigned in the presence of the bidders or his/her representatives.

Sd./- Chief District Medical & Public Health Officer-cum-District Mission Director, Sundargarh
OIPR-10100/11/0022/2021



See Career Appointment on every Wednesday & Saturday



Annexure-A

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର
ବିଜ୍ଞାପନ

୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ଓ ୮ମ ରାଜ୍ୟ ଟେଲି ପୁରସ୍କାର-୨୦୧୯ ପାଇଁ ଦରଖାସ୍ତ ଆହ୍ୱାନ

No. RR-14:- ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତା ସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି । ଚଳିତବର୍ଷ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ପାଇଁ ୨୭ ଗୋଟି ବିଭାଗରେ ଓ ରାଜ୍ୟ ୮ମ ଟେଲି ପୁରସ୍କାର-୨୦୧୯ ପାଇଁ ୨୦ ଗୋଟି ବିଭାଗରେ ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା୨୦।୦୨।୨୦୨୧ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ପ୍ରଯୋଜିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ମୌଳିକ ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଦୂରଦର୍ଶନ ଧାରାବାହିକ/ଟେଲି ଚଳଚ୍ଚିତ୍ରଗୁଡ଼ିକୁ ଉଭୟ DVD Format ଏବଂ Pendriveରେ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଦାଖଲ କରାଯାଉଥିବା DVD/ CD/ Pendriveଗୁଡ଼ିକର ୧. କାହାଣୀ (୧୦ କପି), ୨. ସମସ୍ତ ଗୀତର ଗୀତିକାର ତଥା ଗାୟକମାନଙ୍କର ସମ୍ପୂର୍ଣ୍ଣ ବିବରଣୀ (୧୦ କପି), ୩. କଳାକାର ଓ ଟେକ୍ନିସିଆନ୍‌ମାନଙ୍କର ସମ୍ପୂର୍ଣ୍ଣ ନାମ ଓ ଠିକଣା ତଥା ମୋବାଇଲ ନମ୍ବର (୧୦ କପି) ଲେଖାଏଁ ସଂଲଗ୍ନ କରାଯିବା ଆବଶ୍ୟକ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଚଳଚ୍ଚିତ୍ର ଧାରାବାହିକ DVD/ CD/ Pendrive ସହିତ ଟେଲି ଚଳଚ୍ଚିତ୍ର ପାଇଁ ଦାଖଲ କରାଯାଇଥିବା Censor Certificateର ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବା ବାଧ୍ୟତାମୂଳକ ଅଟେ । ସର୍ତ୍ତାବଳୀ ବହିର୍ଭୂତ କିମ୍ବା ଆବଶ୍ୟକୀୟ ଉପରୋକ୍ତ ପ୍ରମାଣପତ୍ର ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇ ନ ଥିବା DVD/ Pendrive ଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ । ଟେଲି ଧାରାବାହିକ ପୁରସ୍କାର ୨୦୧୯ ପାଇଁ ସେହି ବର୍ଷ ପ୍ରସାରିତ ହୋଇଥିବା ଏପିସୋଡ୍‌ଗୁଡ଼ିକ ମଧ୍ୟରୁ ଯେକୌଣସି ଏକ ସମ୍ପୂର୍ଣ୍ଣ ଏପିସୋଡ୍‌ର DVD (୨୫ ମିନିଟ୍ ଅବଧି) ଏବଂ ମନୋନୟନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ଅଭିନେତା ଅଭିନେତ୍ରୀ ଯଥା ମୁଖ୍ୟ ଅଭିନେତା, ଅଭିନେତ୍ରୀ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା/ଅଭିନେତ୍ରୀ, ଖଳନାୟକ/ଖଳନାୟିକା, ଶିଶୁ କଳାକାରଙ୍କ ଅଭିନୟର ଅଂଶ ସମ୍ବଳିତ DVD ଦରଖାସ୍ତ ସହ ଦାଖଲ କରିବା ବାଞ୍ଛନୀୟ । ଏଥି ସହିତ ଧାରାବାହିକର ଟାଇଟିଲ୍ କାର୍ଡ଼ ସମ୍ବଳିତ ଅନ୍ୟ ଏକ DVD/Pendrive ମଧ୍ୟ ଦାଖଲ କରିବା ଆବଶ୍ୟକ । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରାଯାଇପାରିବ ନାହିଁ ।

ଉପରୋକ୍ତ ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ଓ ରାଜ୍ୟ ୮ମ ଟେଲି ପୁରସ୍କାର-୨୦୧୯ ପାଇଁ ଆବେଦନ ଫର୍ମ (Schedule-II), ମନୋନୟନ ପତ୍ରର ନମୁନା ଓ ଅନ୍ୟାନ୍ୟ ବିଶଦ ବିବରଣୀ ବିଭାଗର ୱେବ୍‌ସାଇଟ୍- **www.odishaculture.gov.in**ରେ ଉପଲବ୍ଧ ଅଛି ।

**ସର୍ତ୍ତାବଳୀ:**
୧. ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ରଗୁଡ଼ିକ ୨୦୧୯ ବର୍ଷ (ତା୦୧।୦୧।୨୦୧୯ରିଖଠାରୁ ତା୩୧।୧୨।୨୦୧୯ରିଖ) ଅବଧି ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ । ଟେଲି ଧାରାବାହିକଗୁଡ଼ିକ ୨୦୧୯ ବର୍ଷ (ତା୦୧।୦୧।୨୦୧୯ରିଖଠାରୁ ତା୩୧।୧୨।୨୦୧୯ରିଖ) ମଧ୍ୟରେ ପ୍ରସାରିତ ହୋଇଥିବା ବାଞ୍ଛନୀୟ ଏବଂ ସମ୍ପୃକ୍ତ ଚ୍ୟାନେଲ୍‌ଠାରୁ ସେଗୁଡ଼ିକର ପ୍ରସାରଣ ପ୍ରମାଣପତ୍ର (ଟେଲିକାଷ୍ଟ ସାର୍ଟିଫିକେଟ୍) ଦରଖାସ୍ତ ସହ ସଂଯୁକ୍ତ କରିବା ବିଧେୟ ।
୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ମୌଳିକ ଚଳଚ୍ଚିତ୍ର / ଧାରାବାହିକ / ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇପାରିବ ।
୩. କିନ୍ତୁ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଏଜେନ୍ସି ଦ୍ୱାରା ପ୍ରାଧିକୃତ କୌଣସି ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ତଥା ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ ।
୪. ନିର୍ଦ୍ଧାରିତ ତିନିକିତା ଆବେଦନପତ୍ର ସହିତ ଫିଚର ଫିଲ୍ମ ପାଇଁ ଟ.୩,୦୦୦/-ଙ୍କା (ଅଣଫେରସ୍ତ), ଟେଲି ଧାରାବାହିକ / ଚଳଚ୍ଚିତ୍ର ପାଇଁ ଟ.୩,୦୦୦/-ଙ୍କା (ଅଣଫେରସ୍ତ) ଓ ନନ୍-ଫିଚର ଫିଲ୍ମ ପାଇଁ ଟ.୧,୫୦୦/-ଙ୍କା (ଅଣଫେରସ୍ତ) ବ୍ୟାଙ୍କ ଡ୍ରାଫ୍ଟ Director, Odia Language, Literature & Culture, Odisha, Bhubaneswarଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ ।
୫. ଦରଖାସ୍ତ ପଠାଇବାର ଠିକଣା: ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ: ୨୦।୦୨।୨୦୨୧ ।
୬. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଓ ସେହିପରି ରାଜ୍ୟ ଟେଲି ପୁରସ୍କାର ପ୍ରଣୀତ ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନୁଯାୟୀ କାର୍ଯ୍ୟକାରୀ ହେବ ।
୭. ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଏବଂ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏହି ନିୟମର ସମସ୍ତ ବ୍ୟାଖ୍ୟାନରେ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ ।

ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,
ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,
ଭୁବନେଶ୍ୱର - ୭୫୧୦୧୪
OIPR-03001/11/0012/2021



GOVT. OF ODISHA, DEPARTMENT OF WATER RESOURCES
OFFICE OF THE EXECUTIVE ENGINEER, PURI IRRIGATION DIVISION, PURI
E-mail ID: eepuri_eicwr.od@nic.in & eepuriirrigation@yahoo.com
"e" PROCUREMENT NOTICE NO. PID-04 OF 2020-21
No. A-490
Bid Identification No. PID 57 to PID 81 of 2020-21

| | | |
|---|---|---|
| 1. | Name of the Work | : River / Canal / Saline |
| 2. | Total No. of Package | : 25 Nos. |
| 3. | Tender Cost | : 8.96 lakhs to 44.15 lakhs |
| 4. | Bid Security | : Rs.9000/- to 45000/- (Online payment mode) |
| 5. | Class of Contractor | : "A" to "D" Class |
| 6. | Cost of Tender Paper | : Rs.4,000/- to Rs.6,000/- (Online payment mode) |
| 7. | Period of Completion | : Three Calendar months |

| Procurement Officer | Bid Identification No. | Availability of tender for Online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Puri Irrigation Division, Puri | PID 57 to PID 81 of 2020-21 | From 25.01.2021 12.00 Noon | Upto 03.02.2021 5.30 P.M. | 28.01.2021 upto 5.30 P.M. | 04.02.2021 At 11.30 A.M. (In the Office of the Executive Engineer, Puri, Irrigation Division, Puri) |

Further detail conditions can be seen from the Govt. website **http://www.tendersorissa.gov.in**.
Sd./- Executive Engineer, Puri Irrigation Division, Puri
OIPR-32011/11/0006/2021



GOVERNMENT OF ODISHA No. O-928
OFFICE OF THE SUPERINTENDING ENGINEER
NORTHERN CIRCLE, RURAL WORKS, ANGUL
E-mail: sencrwangul@yahoo.co.in, Ph.: 06764-236404
Identification No. PMGSY Online AGL - 13/2020-21
No. 91 Dt. 18.01.2021

1. Name of the Work : Construction of Road & CD Works under PMGSY Programme.
2. Total No. of Package : 20 Nos. individual packages
3. Estimated Cost of Individual packages : Varies from Rs.138.79 lakhs to Rs.1422.00 lakhs
4. Period of Completion : 12 calendar months for works above Rs.5.00 Cr. & 11 calendar months for works below Rs.5.00 Cr. upto Rs.3.00 Cr. and 9 calendar months for works below Rs.3.00 Cr. as specified in DTCN.
5. Other details :

| Procurement Officer | Bid Identification No. | No. of Packages | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, Rural Works, Northern Circle, Angul | PMGSY Online AGL - 13/2020-21 | 20 Nos. | 22.01.2021 At 10.00 A.M. | 05.02.2021 Upto 3.00 P.M. |

Further details can be seen from the website **"www.pmgsytenders.gov.in"**.
Sd./- Superintending Engineer, N.C., Rural Works, Angul
OIPR-25049/11/0012/2021



TPCODL
TP CENTRAL ODISHA DISTRIBUTION LIMITED
(Purchase Department)
2nd Floor, IDCO Tower, Janpath Bhubaneshwar, Odisha 751022

NOTICE INVITING TENDER

**TP Central Odisha Distribution Limited (TPCODL)** invites tender from eligible vendors for following:

| Sl No | Tender Description | Tender Enquiry No. | EMD (Rs) | Tender Fee inclusive of GST (Rs) | Last date and time of payment of Tender Fee |
|---|---|---|---|---|---|
| 1 | CT/ PT Analyzer for Instrument transformers | TPCODL/P&S/ 179//2020-21 | 50,000 | 5,000 | 28.01.2021, 17:00 Hrs |
| 2 | One Year Rate Contract for Supply of Different Size AB Cables | TPCODL/P&S/ 186/ 2020-21 | 2,00,000 | 5,000 | 30.01.2021, 15:00 Hrs |
| 3 | SITC for UG cabling work at different locations under Circle-I, Bhubaneswar | TPCODL/P&S/ 169/2020-21 | 2,00,000 | 5,000 | 02.02.2021, 15:00 Hrs |
| 4 | Rate Contract for WIFI-5 APs & Centralized Controller / Wi-Fi Management System | TPCODL/P&S/ 181/2020-21 | 2,00,000 | 5,000 | 05.02.2021, 15:00 Hrs |
| 5 | Rate Contract for Biometric attendance machines. | TPCODL/P&S/ 187/2020-21 | 2,00,000 | 5,000 | 19.02.2021, 15:00 Hrs |
| 6 | Rate Contract for Aerial Optical Fiber Cable works with Network Connectivity | TPCODL/P&S/ 190/2020-21 | 50,000 | 5,000 | 12.02.2021, 15:00 Hrs |
| 7 | Supply of All Flash unified storage with SAN Switches | TPCODL/P&S/ 191/2020-21 | 2,00,000 | 5,000 | 10.02.2021, 15:00 Hrs |
| 8 | Supply & Installation of Hanna appliances | TPCODL/P&S/ 192/2020-21 | 6,89,000 | 5,000 | 10.02.2021, 15:00 Hrs |
| 9 | Rate contract for Supply of 450 laptops & 100 Desktops in FY 21-22 | TPCODL/P&S/ 194/2020-21 | 2,00,000 | 5,000 | 10.02.2021, 15:00 Hrs |

For detail tender, please visit Tender section on website **https://www.tpcentralodisha.com**
Interested bidders have to submit Tender Fee and Authorization Letter before Last Date and time, as indicated above, after which link from TPCODL e-tender system will be shared for further communication and bid submission. Please note that all future correspondence regarding the tender, bid submission, bid submission date extension, etc. will happen only through TPCODL E-tender system. Also all future corrigendum's if any, to be informed on Tender section on **website https://www.tpcentralodisha.com**

# ବାୟୁସେନାରେ ଯୋଗଦେବେ କଙ୍ଗନା

କଙ୍ଗନା ଖୁବ୍ ଶୀଘ୍ର ଭାରତୀୟ ବାୟୁସେନା (ଇଣ୍ଡିଆନ୍ ଏୟାରଫୋର୍ସ)ରେ ଯୋଗ ଦେବାକୁ ଯାଉଛନ୍ତି। ପୁଣି ଜଣେ ଉପରିସ୍ଥ ଅଫିସର ଭାବରେ। ଏକଥା ଜାଣିବା ପରେ ଅନେକେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସ୍ୱାଭାବିକ। ଏମିତି କ'ଣ ହେଲା ଯେ ଅଭିନୟକୁ ଗୁଡ୍‌ବାୟ କରି କଙ୍ଗନା ରାଣାଓ୍ୱତ ବାୟୁସେନାରେ ଯୋଗଦେଇ ଦେଶର ସେବା କରିବାକୁ ଆଗଭର ହୋଇଛନ୍ତି। କଥାଟି ନିଶ୍ଚୟ ସତ, ହେଲେ ଏହା ତାଙ୍କର ରିୟଲ ନୁହେଁ, ରିଲ୍ ଲାଇଫରେ ଘଟିବାକୁ ଯାଉଛି। ଅସଲ କଥା ହେଲା ଭାରତୀୟ ବାୟୁସେନାରେ ଘଟିଥିବା ଘଟଣାବଳୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ହିନ୍ଦୀ ସିନେମା 'ତେଜସ୍'। ଏଥିରେ କଙ୍ଗନା ଜଣେ ଏୟାରଫୋର୍ସ ଅଫିସର ଭୂମିକାରେ ଅଭିନୟ କରିବେ। ଏହାବ୍ୟତୀତ ତାଙ୍କ ଅଭିନୀତ 'ଧକଡ' ଚଳିତବର୍ଷ ଅକ୍ଟୋବରରେ ରିଲିଜ ହେବ। ନାରୀ ନିର୍ଯାତନା ଏବଂ ଶିଶୁ ଚୋରାଚାଲାଣ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ଏହି ସିନେମାରେ ନାୟକ ସାଜିଛନ୍ତି ଅର୍ଜୁନ ରାମ୍‌ପାଲ।


କଙ୍ଗନା


ପରିଣିତି

# ସିନେମା ଫ୍ଲପ୍ ନାୟିକା ହିଟ୍

ପରିଣିତି ଚୋପ୍ରା। ସ୍କୁଲ ହେଉ କି କଲେଜ କ୍ୟାରିୟରରେ ସେ ନିଜକୁ ଜଣେ ମେଧାବୀ ଛାତ୍ରୀ ଭାବରେ ପରିଚିତ କରାଇ ପାରିଥିଲେ। ତା' ସହ ଶ୍ରେଷ୍ଠ ଛାତ୍ରୀ ଭାବରେ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ପାଇଥିଲେ। ଏହାପରେ ଅଭିନୟ ନିଶା ତାଙ୍କୁ ପାଗଳ କରିଥିଲା। ପରିଣିତିଙ୍କ ଡେବ୍ୟୁ ଫିଲ୍ମ ଥିଲା 'ଲେଡିଜ ଭର୍ସେସ ରିକି ବହଲ୍'। ଏହି ସିନେମା ବକ୍ସ ଅଫିସରେ ଫ୍ଲପ ହୋଇଥିଲା। ଏ ନେଇ ସିନା ତାଙ୍କର ମନ ଦୁଃଖ ହୋଇଥିଲା, ହେଲେ ନିଜର ଅଭିନୟ ବଳରେ ନିଜ ପ୍ରଥମ ସିନେମାରୁ ସେ ସାଉଁଟିଥିଲେ ଦଶଟି ପୁରସ୍କାର। ସେ ସମୟରେ ତାଙ୍କର ଅଭିନୟକୁ ଭୂରି ଭୂରି ପ୍ରଶଂସା କରାଯାଇଥିଲା। ଆଉ ତା'ପରେ ପରିଣିତି ପଛକୁ ଫେରି ଚାହିଁ ନ ଥିଲେ। ଇତିମଧ୍ୟରେ ହିନ୍ଦୀ ସିନେମା 'ଇସ୍କଜାଦେ', 'ଶୁଦ୍ଧ ଦେଶୀ ରୋମାନ୍ସ', 'ହସି ତୋ ଫସି', 'ଗୋଲମାଲ୍ ଏଗେନ୍' ଏବଂ 'ନମସ୍ତେ ଲଣ୍ଡନ' ପରି ସିନେମାରେ ଅଭିନୟ କରିସାରିଛନ୍ତି। ପିଜା ଖାଇବାକୁ ପରିଣିତି ବେଶି ଭଲ ପାଆନ୍ତି। ବାସ୍ତବ ଜୀବନରେ ସେ ଭାରି ଭୟାଳୁ। ଏପରି କି ଏରୋପ୍ଲେନ୍‌ରେ ବସିଲେ ତାଙ୍କୁ ଡର ଲାଗିଥାଏ।


ତମନ୍ନା-ଅମ୍ଲାନ

## ରିଲିଜ ଅପେକ୍ଷାରେ
# ରୋମିଓ ରଜା

କୋଭିଡ ଗାଇଡ ଲାଇନ୍ ଅନୁସାରେ ପ୍ରେକ୍ଷାଳୟ ଖୋଲିବା ପରେ ପ୍ରଯୋଜକମାନେ ସେମାନଙ୍କର ସିନେମାଗୁଡ଼ିକୁ ରିଲିଜ କରିବା ପାଇଁ ଯୋଜନା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏହି ତାଲିକାରେ ନିଜ ନାମକୁ ସାମିଲ କରିଛି ଓଡ଼ିଆ ସିନେମା 'ରୋମିଓ ରଜା'। ଫିଲ୍ମଟି ଚଳିତ ମାସ ୨୨ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ପ୍ରେମରେ ପଡ଼ିବା ପୁଣି ସେଥିରେ ସଫଳ ହେବା-ଏହି ଦୁଇଟି ଭିନ୍ନ ବିଷୟ। ତେବେ ପ୍ରେମର ମଧୁରେଣ ସମାପୟେତ ପାଇଁ ହୃଦୟଟି ସେମିତି ସଚ୍ଚା ହେବା ଦରକାର। ହେଲେ ପ୍ରେମରେ ପଡ଼ିବା ପରେ ଯେ ଏପରି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ ତାହା କେବେ ରୋମିଓ ରଜା କଳ୍ପନା କରି ନ ଥିଲା। ଏପରି ଏକ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଏହି ନୂଆ ଓଡ଼ିଆ ସିନେମା । ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଲାନ କୁମାର ଏବଂ ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ ଶେୟାର କରିଛନ୍ତି ତମନ୍ନା। ଏନ୍. ବି. ଏଣ୍ଟରଟେନମେଣ୍ଟ ବ୍ୟାନରରେ ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରଯୋଜନାରେ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ନବାଗତ ନିର୍ଦ୍ଦେଶକ ରାକେଶ ସାମଲ। ଜମେଶ ଶୁକ୍ଳା ସଂଳାପ ରଚନା କରିଛନ୍ତି ଏବଂ ପଞ୍ଚାନନ ନାୟକ, ଅରୁଣ ମନ୍ତ୍ରୀ, ସୁବ୍ରତ ସ୍ୱାଇଁ, ଡ. ସୁବୋଧ ଦାସଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା ଏବଂ ଗୀତିଶ୍ରୀ ସରୋଜ। ଅମ୍ଲାନ-ତମନ୍ନାଙ୍କ ବ୍ୟତୀତ ହରିହର ମହାପାତ୍ର, ବାବୁ ପ୍ରଧାନ, ଦୀପକ ମହାରଣା, ଜ୍ଞାନ ପଲେଇ, ତପନ, ରାଜଲକ୍ଷ୍ମୀ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ବଲିଉଡ୍ ହାଲ୍‌ଚାଲ୍

➤ବେଶ୍ କିଛି ବର୍ଷ ଗ୍ୟାପ୍ ପରେ ନାୟିକା ଅନୀତା ହାସନନ୍ଦିନୀ ପୁଣି ଥରେ କ୍ୟାମେରା ସାମ୍ନା କରିବେ। ତୁଷାର କପୁରଙ୍କ ପ୍ରଯୋଜିତ 'ମାରିଚ'ରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଏହି ମିଷ୍ଟ୍ରି ଥ୍ରୀଲର ଫିଲ୍ମରେ ତୁଷାର ନାୟକ ସାଜୁଥିବା ବେଳେ ନିର୍ଦ୍ଦେଶନା ଦେଉଛନ୍ତି ଧ୍ରୁବ ଲାଥର।

➤କାହାଣୀ ପସନ୍ଦ ନ ହେବାରୁ ନୋରା ଫତେଇ ନିକଟରେ ଦୁଇଟି ଭଲ ଅଫର ହାତଛଡା କରିଛନ୍ତି।

➤ସଲମାନ ଖାନ୍‌ଙ୍କ ଅଭିନୀତ 'ରାଧେ' ଚଳିତ ବର୍ଷ ଇଦ୍‌ରେ ପରଦା ଉପରକୁ ଆସିବ। ଏଥିରେ ସଲମାନ୍‌ଙ୍କ ବ୍ୟତୀତ ଦିଶା ପଟାନି, ଜ୍ୟାକି ଶ୍ରଫ ମଧ୍ୟ ଅଭିନୟ କରୁଛନ୍ତି। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ପ୍ରଭୁଦେବା।

➤ବରୁଣ ଧାଓ୍ୱନ ଖୁବ୍ ଶୀଘ୍ର ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ପ୍ରେମିକା ନାଶାତା ଦଲାଲଙ୍କୁ ସେ ଧର୍ମପତ୍ନୀ ଭାବରେ ଗ୍ରହଣ କରିବେ। ଏ ନେଇ ବରୁଣଙ୍କ ପରିବାର ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ଜଣାପଡ଼ିଛି।


ନୋରା ଫତେଇ

# ଚର୍ଚ୍ଚାରେ ଗେଟ୍‌ଅପ୍


ମିହିର ସ୍ୱାଇଁ

ଥରେ ମନେପକାନ୍ତୁ ନା ଦୂରଦର୍ଶନରେ ପ୍ରସାରିତ ହୋଇସାରିଥିବା ମେଗା ଧାରାବାହିକ 'ସାରା ଆକାଶ'କୁ। ଏଥିରେ ପଦ୍ମନାଭ ଭୂମିକାରେ ମିହିର ସ୍ୱାଇଁଙ୍କ ଅଭିନୟ କେତେ ପ୍ରଶଂସିତ ହୋଇଥିଲା ତାହା କହିବା ବାହୁଲ୍ୟ। ତା'ପରେ 'ତାସର ଘର', 'ଗାୟତ୍ରୀ', 'ପରିଚୟ', 'ଇନ୍ଦ୍ରଜାଲ' ଆଦି ଧାରାବାହିକ ଏବଂ 'ମୋକ୍ଷ', 'ଦିୱାନା', 'ଚକଲେଟ୍' ଚଳଚ୍ଚିତ୍ରରେ ଅଭିନୟ ପରେ ପାଦ ଦେଇଥିଲେ ନିର୍ଦ୍ଦେଶନା ଦୁନିଆରେ। ଅନ୍ୟପକ୍ଷରେ ଓଡ଼ିଆ ଚଳଚ୍ଚିତ୍ର 'ଚକା ଚକା ଭଉଁରୀ'ର ବୈଷୟିକ ନିର୍ଦ୍ଦେଶକ ସାଜିଥିଲେ ସେ । ଏବେ ତାଙ୍କ ନିର୍ଦ୍ଦେଶନାରେ 'ନୂଆବୋହୂ' ଧାରାବାହିକ ତରଙ୍ଗ ଚ୍ୟାନେଲରେ ପ୍ରସାରିତ ହେଉଛି। ହେଲେ ଏବେ ମିହିରଙ୍କୁ ନେଇ ଚର୍ଚ୍ଚା। ହାଇବଜେଟରେ ପ୍ରସ୍ତୁତ ମ୍ୟୁଜିକାଲ ସର୍ଟ ଫିଲ୍ମ 'ଜାନିୟାଁ'ରେ ତାଙ୍କର ଗେଟ୍‌ଅପ ଏପରି ଆଲୋଚନାର ମୁଖ୍ୟ କେନ୍ଦ୍ରବିନ୍ଦୁ ସାଜିଛି। ମୁହଁରେ ଦାଢ଼ି, କାନରେ ନୋଳି, ହାତରେ ବ୍ରେସଲେଟ୍, ଟାଟୁ ଓ କପର୍ ଜୁରୁଟ୍ ସାଙ୍ଗକୁ ଗମ୍ଭୀର କଣ୍ଠସ୍ୱର। ଆଉ ମିହିରଙ୍କୁ ଏହି ଗେଟ୍‌ଅପ୍‌ରେ ଦର୍ଶକଙ୍କ ସାମ୍ନାରେ ଉପସ୍ଥାପିତ କରଛନ୍ତି ପ୍ରଥମ କରି ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ରଖିଥିବା ଅଭିନେତା କେ.କେ. ଓରଫ କ୍ରିଷ୍ଣା କର। ସୂଚନାଯୋଗ୍ୟ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ ପରେ ସେଠାରେ ୩ ବର୍ଷ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଏକ ବର୍ଷ ଅଧ୍ୟାପକ ଭାବେ ମିହିର କାର୍ଯ୍ୟ କରସାରିଛନ୍ତି।

# ସ୍ଲୋ ମୋଶନ ଚାଲି

ସତରେ ଯାକୁ ହିଁ କହନ୍ତି ମୁଣ୍ଡରେ ହାତୀ ସୁନା କଳସ ଢାଳିବା। ଦେଖୁନାହାନ୍ତି, ଯେଉଁ ଆଭିମୁଖ୍ୟ ନେଇ ଏପରି ଏକ ମ୍ୟୁଜିକାଲ ଭିଡିଓ ପ୍ରସ୍ତୁତ କରାଯାଇଥିଲା ତାହା କିପରି ପୂରଣ ହୋଇଛି। ଅନ୍ୟପକ୍ଷରେ ଏହା ଦର୍ଶକାଦୃତ ହୋଇ ଭାଇରାଲ ମଧ୍ୟ ହୋଇଛି। ଉକ୍ତ ମ୍ୟୁଜିକ୍ ଭିଡିଓଟି ହେଲା 'ସ୍ଲୋ ମୋଶନ ଚାଲି'। ଫୋନିକ୍ସ, ଭାଇବ୍ସ, ଭିଟ୍ୟୁନ୍ ପ୍ରୋ ସହଯୋଗରେ ତଥା ୟୁନିକ୍ ଥ୍ରୀ ବ୍ୟାନରରେ ଏହି ଭିଡିଓଟି ନିକଟରେ ମୁକ୍ତିଲାଭ କରି ୟୁଟ୍ୟୁବ୍‌ରେ ସାଉଁଟି ଚାଲିଛି ପ୍ରଶଂସା। ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୌସମ ସାହୁ। ନରେଶ କୁମାର ବେହେରା, ଅରୁଣ କୁମାର ଜାନି, ରୀତେଶ କୁମାର ସ୍ୱାଇଁ ଏବଂ ମିସ୍ ଇଣ୍ଡିଆ ଚାର୍ମିଂ ଟାଇଟଲ ବିଜୟିନୀ ପ୍ରିୟଙ୍କା ମହାପାତ୍ର ଏଥିରେ ଅଭିନୟ କରିଛନ୍ତି। ଏମାନଙ୍କ ବ୍ୟତୀତ ଅଭିନେତ୍ରୀ ସମ୍ମାନିତା ଦାସଙ୍କୁ ମଧ୍ୟ ଅତିଥି ଭୂମିକାରେ ଦେଖିବାକୁ ମିଳିଛି। କପିଳେଶ୍ୱର ରାଉତଙ୍କ ରଚିତ ଏହି ଗୀତଟି ପାଇଁ କଣ୍ଠଦାନ କରିଛନ୍ତି କୁଳଦୀପ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅନୁରାଗ ପଟ୍ଟନାୟକ। ଏ ସମ୍ପର୍କରେ ମୌମୁସ କହନ୍ତି, ''ଏ ନେଇ ଏହି ଭିଡିଓ ସହ ଜଡ଼ିତ ସମସ୍ତ କଳାକାର ଏବଂ ଟେକ୍ନିସିଆନଙ୍କୁ ଧନ୍ୟବାଦ ଦେବାକୁ ମୋ ନିକଟରେ ଭାଷା ନାହିଁ। ଏହାର ସିନେମାଟୋଗ୍ରାଫର ଡି.କେ. ସମ୍ପାଦନା ଦାୟିତ୍ୱରେ ଥିବା ମାନସ କୁମାର ସାହୁ ଏବଂ କଲରିଷ୍ଟ ଶିବାନନ୍ଦ ଜେନାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ଏହା ଏକ କ୍ଲବ ଗୀତ ହୋଇଥିବା ବେଳେ ଏହାକୁ ଗ୍ଲସି ଲୁକ୍ ଦେବା ପାଇଁ ସବୁ ପ୍ରକାର ଚେଷ୍ଟା କରାଯାଇଛି।''



ପ୍ରିୟଙ୍କା-ଅରୁଣ

ନୂଆ ସିନେମା
# ପ୍ରେମ ସାଥୀ

ପ୍ରେମକୁ ଆଧାର କରି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା ନିର୍ମିତ ହେବାକୁ ଯାଉଛି, ଯାହାର ଟାଇଟଲ ରହିଛି 'ପ୍ରେମ ସାଥୀ-ଦ ଟ୍ରୁ ଲଭ୍‌ମେଟ୍'। ନବାଗତ ପ୍ରଯୋଜକ ସତ୍ୟବ୍ରତ ଜେନା ଏବଂ ଜଗନ୍ନାଥ ପାଣିଙ୍କ ପ୍ରଯୋଜନାରେ ଏହାର ପ୍ରାରମ୍ଭିକ କାମ ଶେଷ ହୋଇଛି ଏବଂ ମହୁରତ ସହ ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏନ୍.ଆର. ଫିଲ୍ମ ବ୍ୟାନରରେ ଏହି ଚିତ୍ରରୁ ଜଣେ ନବାଗତା ଓଡ଼ିଆ ସିନେମାରେ ନିଜର କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେ ହେଲେ ଅନୁଷ୍କା ପ୍ରିୟଦର୍ଶିନୀ। ସଞ୍ଜୟ ଭଞ୍ଜଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡ଼ିର ତଥା ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏହାର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ପୂର୍ବରୁ 'ରସିକ ନାଗର', 'କ୍ରିମିନାଲ୍', 'ହିରୋ', 'ଦିଲ୍ କା ରାଜା', 'ମେଣ୍ଟାଲ', 'ତୁ ମୋ ହିରୋ' ଆଦି ହିଟ୍ ସିନେମାର ନିର୍ଦ୍ଦେଶନ ଏସ୍. ଦିଲୀପ ପଣ୍ଡା। ବଡ଼ ପରଦାରେ ନାୟିକା ଭାବରେ ଏଣ୍ଟ୍ରି କରିବା ପୂର୍ବରୁ ଅନୁଷ୍କା ଦୁଇଟି ଶର୍ଟ ଫିଲ୍ମ 'ସମ୍ଭାବନା' ଏବଂ 'ଦ ସସ୍‌ପେନ୍ସ ଇନ୍ ଲକ୍‌ଡାଉନ୍' ନିର୍ମାଣ କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ତେବେ ନିଜର ପ୍ରଥମ ସିନେମାର ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅନୁଷ୍କା। ଏହି ଫିଲ୍ମରେ ସଂଯୋଜିତ ତଥା ବସନ୍ତରାଜ ସାମଲ, ସୁବ୍ରତ ସ୍ୱାଇଁ ଏବଂ ଡ. ସୁରଭି ଭଞ୍ଜଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। ଉକ୍ତ ଚିତ୍ରର ଅବଶିଷ୍ଟ କାଷ୍ଟିଂ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ଏହା ଫାଇନାଲ ହେବ ବୋଲି କହନ୍ତି ନିର୍ଦ୍ଦେଶକ ଦିଲୀପ।


ଅନୁଷ୍କା

ଧରିତ୍ରୀ
DHARITRI
ଗୁରୁବାର, ୨୧ ଜାନୁୟାରୀ, ୨୦୨୧



**ପିସିସି ସଭାପତିଙ୍କୁ ଆକ୍ରମଣ ଉଦ୍ୟମ ଘଟଣା: ଆଉ ୩ ଗିରଫ**

କେନ୍ଦୁଝର,(ସ୍ୱ.ପ୍ର./ଡି.ଏନ.ଏ.): ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପରେ ଆକ୍ରମଣ ଉଦ୍ୟମ ଓ ତାଙ୍କ ସୁରକ୍ଷାକର୍ମୀଙ୍କୁ ମାଡ଼ ଘଟଣାରେ ଟାଉନ ଥାନା ପୋଲିସ ଆଉ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶିବା ନନ୍ଦ ଦେହୁରୀ, ଦୀପକ ତରେଇ, ସନ୍ତୋଷ ନାଏକ। ଏମାନଙ୍କୁ ମିଶାଇ ପୋଲିସ ମୋଟ ୪ ଜଣଙ୍କୁ ଗିରଫ କରିଛି। ସେମାନେ ଘଟଣା ସମୟରେ ବ୍ୟବହାର କରିଥିବା ଗାଡ଼ି ମଧ ପୋଲିସ ଜବତ କରିଥିବା ସଦର ଏସ୍‌ଡିପିଓ ପି.ଜେ. ଟପ୍ପୋ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଦଳ ବିରୋଧୀ କାର୍ଯ୍ୟ: ଭାଜପାରୁ ୨ ନିଲମ୍ବିତ


ଭୁବନେଶ୍ୱର,୨୦।୧(ବ୍ୟୁରୋ): ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ ଯୋଗୁ ଦୁଇ ଜଣଙ୍କୁ ନିଲମ୍ବନ କରାଯାଇଛି। ମୟୁରଭଞ୍ଜ ଜିଲା (ରାଇରଙ୍ଗପୁର ସାଙ୍ଗଠନିକ ଜିଲା) କରଞ୍ଜିଆ (ବିଜ୍ଞାପିତ ଅଞ୍ଚଳ ପରିଷଦ) ନଗର ସଭାପତି ରୋହିତ ପୃଷ୍ଟି ଏବଂ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗିରିଧାରି ପୃଷ୍ଟିଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଥିବା ଦଳ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

### ଫେବୃୟାରୀ ୪ରେ ଶୁଣାଣି ନୟାଗଡ଼ ଚିନିକଳ ସୁରକ୍ଷା ମାମଲା

ନୟାଗଡ଼ ଅଫିସ,୨୦।୧: ନୟାଗଡ଼ ଚିନିକଳର ସୁରକ୍ଷା ସମ୍ପର୍କିତ ଶୁଣାଣି ଫେବୃୟାରୀ ୪ରେ ହେବ। ଚିନିକଳର ସୁରକ୍ଷା ନେଇ ରୁଜୁ ହୋଇଥିବା ଡବ୍ଲୁପି(ସି)୨୬୭୫୪ନଂ/୪।୧୨।୨୦୨୦ରେ ମାମଲା ଗତ ୧୮ରେ ଭିଡିଓ କନ୍‌ଫେରେନ୍ସ ମୋଡରେ ଶୁଣାଣି ହୋଇଛି। ନୟାଗଡ଼ ଜିଲାପାଳ ପୋମା ଟୁଡୁ ଓ ଚିନିକଳର ପରିଚାଳନା ନିର୍ଦ୍ଦେଶକ ସବୀର ପଣ୍ଡା କାହିଁକି ଚିନିକଳର ସୁରକ୍ଷା ସମ୍ପର୍କରେ ବ୍ୟକ୍ତିଗତ ସତ୍ୟପାଠ ଦାଖଲ କରିନାହାନ୍ତି ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଜଷ୍ଟିସ୍ ଏସ.କେ. ମିଶ୍ର ଖଣ୍ଡପୀଠ ପ୍ରଶ୍ନ କରିଥିଲେ । ଉତ୍ତରରେ ସରକାରୀ ଓକିଲ କହିଥିଲେ, କୋର୍ଟର ଡିସେମ୍ବର ୪ ତାରିଖ ନିର୍ଦ୍ଦେଶକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇଛି । ସବୁ ସମ୍ପତ୍ତି ସୁରକ୍ଷିତ ରହିଛି । ଅନ୍ୟପକ୍ଷେ ଚିନିକଳର ୩୦ କୋଟି ଟଙ୍କାର ସମ୍ପତ୍ତି ସୁରକ୍ଷିତ କି ନୁହେଁ ଉଭୟ ପ୍ରତିପକ୍ଷ ୨ ସପ୍ତାହ ମଧରେ ବ୍ୟକ୍ତିଗତ ସତ୍ୟପାଠ କରିବାକୁ ସମୟ ମାଗିଛନ୍ତି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଚିନିକଳର ସୁରକ୍ଷା ପାଇଁ ହାଇକୋର୍ଟ ଗତ ଡିସେମ୍ବର ୪ରେ ନିର୍ଦ୍ଦେଶ ଦେଇଥିଲେ । ଚିନିକଳର ସମ୍ପତ୍ତି ସୁରକ୍ଷିତ ଅଛି କି ନାହିଁ ଏବଂ ପୋଲିସ ମୁତୟନ କରାଯାଇ ସୁରକ୍ଷା ଦିଆଯାଉଛି କି ନାହିଁ ସେନେଇ ବ୍ୟକ୍ତିଗତ ସତ୍ୟପାଠ ମାଧମରେ ଅବଗତ କରାଇବା ପାଇଁ ଜିଲାପାଳ ଓ ଚିନିକଳର ପରିଚାଳନା ନିର୍ଦ୍ଦେଶକଙ୍କୁ କୋର୍ଟଙ୍କ ନିର୍ଦ୍ଦେଶ ଥିଲା । ତେବେ ଡିସେମ୍ବର ୪ରୁ ଜିଲାପାଳ ଓ ଚିନିକଳର ପରିଚାଳନା ନିର୍ଦ୍ଦେଶକ ବ୍ୟକ୍ତିଗତ ସତ୍ୟପାଠ ଦାଖଲ କରି ନ ଥିଲେ ।

# ରାଜନଗର ସରପଞ୍ଚ ନିଲମ୍ବିତ

ରାଜନଗର,୨୦।୧(ଡି.ଏନ.ଏ.)



ନିଲମ୍ବିତ ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର ।

- ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି ପ୍ରମାଣିତ
- ରାଜ୍ୟ ସରକାରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ରାଜନଗର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୁର୍ନୀତି ହୋଇଥିବା ପ୍ରମାଣିତ ହୋଇଛି। ଏହାକୁ ଭିତ୍ତିକରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ରାଜନଗର ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ରଙ୍କୁ ତାଙ୍କ ପଦରୁ ନିଲମ୍ବନ କରିଛନ୍ତି । ରାଜ୍ୟ ସରକାରଙ୍କ ଚିଠି ନଂ.୧୧୯୬/ ୧୯ ଜାନୁୟାରୀ ୨୦୨୧/ ଅଣ୍ଡର ସେକ୍ସନ ୧୯ ଏବଂ ଓଡ଼ିଶା ଗ୍ରାମପଞ୍ଚାୟତ ଆକ୍ଟ ୧୯୬୪( ଓଡ଼ିଶା ଆକ୍ଟ ୧ ଅଫ୍ ୧୯୬୫)ରେ ସରପଞ୍ଚ ମିଶ୍ରଙ୍କୁ ନିଲମ୍ବନ କରାଯାଇଛି।

କେନ୍ଦ୍ରାପଡ଼ା ଜିଲାପାଳଙ୍କ ତଦନ୍ତ ରିପୋର୍ଟ ଓ ସୁପାରିସ ଆଧାରରେ ସରପଞ୍ଚ ମିଶ୍ରଙ୍କୁ ନିଲମ୍ବନ କରାଯିବା ସହ ୩୦ଦିନ ମଧ୍ୟରେ କାହିଁକି ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେ ନେଇ ଉତ୍ତର ଦେବାକୁ କୁହାଯାଇଛି। ସରପଞ୍ଚଙ୍କ ଏହି ନିଲମ୍ବନ ଆଦେଶକୁ କେନ୍ଦ୍ରାପଡ଼ା ଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀ ଓ ରାଜନଗର ବିଡିଓଙ୍କୁ ଜଣାଇ ଦିଆଯାଇଛି। ଏହି ଦୁର୍ନୀତି ଘଟଣାରେ ପୂର୍ବରୁ ଜିଆର୍‌ଏସ୍ ପ୍ରମୋଦ କୁମାର ସାହୁଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମଲ୍ଲିକଙ୍କୁ ନିଲମ୍ବନ କରାଯାଇଥିଲା। ଏଥିସହ ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ରାଜନଗର ବିଡିଓ ମନ୍ଦରଧର ମହାଳିକ ସରପଞ୍ଚ, ଜିଆର୍‌ଏସ୍ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାଁରେ ସରକାରୀ ଅର୍ଥ ହଡପ୍ ଆଧାରରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଜନଗର ଥାନାରେ ଏ ନେଇ ମାମଲା ରୁଜୁ ହୋଇଥିଲା। ବୁଧବାର ସରପଞ୍ଚଙ୍କୁ ଦୁର୍ନୀତି ପାଇଁ ପଦରୁ ନିଲମ୍ବନ କରାଯାଇଛି। ରାଜନଗର ଇତିହାସରେ ଦୁର୍ନୀତି ପାଇଁ ଜଣେ ନିର୍ବାଚିତ ଜନପ୍ରତିନିଧି ନିଲମ୍ବିତ ହେବା ଘଟଣା ପ୍ରଥମ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ରାଜନଗର ପଞ୍ଚାୟତ ପକ୍ଷରୁ ଜୟଗୁରୁ ଆଶ୍ରମଠାରୁ ବନ୍ଧମୁଣ୍ଡା ଯାଏଁ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ ପାଇଁ ୯ ଲକ୍ଷ ୧୯ ହଜାର ୯୮୪ ଟଙ୍କା ମଞ୍ଜୁରୀ ହୋଇଥିଲା। ଗତବର୍ଷ ଜୁନ ୨୨ରେ କାମ ଆରମ୍ଭ ହୋଇଥିଲା। ଜୁଲାଇ ୨୫ ସୁଦ୍ଧା ଗଛ ଲଗାଇବା ଓ ବାଡବନ୍ଦୀ କାମ ଶେଷ ହୋଇଥିବା ଦର୍ଶାଇ ୮ ଲକ୍ଷ ୨ ହଜାର ୭୪୦ ଟଙ୍କା ସରକାରୀ ତହବିଲରୁ ଉଠାଇ ନିଆଯାଇଥିଲା। କୁଣ୍ଡାଇଲୋ ଗାଁର କଳ୍ପତରୁ ଜେନାଙ୍କଠାରୁ ଗଛ, ସାର, ଗୋବର, ୪ ହଜାର ଖଣ୍ଡ ବାଉଁଶ, ୨ହଜାର ପିସ୍ ଗ୍ୟାବିନ ହେକ୍ସା ନେଟ କିଣାଯାଇଥିବା ଦର୍ଶାଇ ତାଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା। ମାତ୍ର କଳ୍ପତରୁ ନିଜେ କୌଣସି ସାମଗ୍ରୀ ଦେଇନାହାନ୍ତି କହି ସରକାରୀ ଟଙ୍କା ଫେରାଇ ଦେବାପରେ ରାଜନଗର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସରକାରୀ ଟଙ୍କା ଲୁଟିବାକୁ ହୋଇଥିବା ଯୋଜନା ଧରାପଡିଯାଇଥିଲା ଓ ଦୁର୍ନୀତି ପ୍ରମାଣିତ ହୋଇଥିଲା। ଏପରିକି ପିଡିଙ୍କ ତଦନ୍ତ ବେଳେ ଯେଉଁ ଫାଇଲରେ ଭେଣ୍ଡର ଓ ଲେବର ଖାତାକୁ ୮ ଲକ୍ଷ ୨ ହଜାର ୭୪୦ ଟଙ୍କା ପଠାଯାଇଥିଲା, ସମ୍ପୃକ୍ତ ଫାଇଲରେ କୌଣସି କାଗଜପତ୍ର ନ ଥିଲା। ଯୋଜନାର ଏଷ୍ଟିମେଟ୍ ଯୋଡି ଦିଆଯାଇ ଫାଇଲ ଖୋଲି ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ସରକାରୀ ଟଙ୍କାକୁ ଭେଣ୍ଡରଙ୍କ ଆକାଉଣ୍ଟକୁ ପଠାଇ ଦେଇଥିଲେ। କନିଷ୍ଠଯନ୍ତ୍ରୀ ମେଜରମେଣ୍ଟ ଓ ବିଲ୍ କରି ନ ଥିବା ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଚେକ୍ ମେଜରମେଣ୍ଟ କରି ନ ଥିବା ଦେଖିବାକୁ ମିଳିଥିଲା। ଫାଇଲରେ ଚେକ୍ ମେଜରମେଣ୍ଟ ବୁକ୍ (ଏମ୍‌ବି ବହି) ନ ଥିଲା। ଏପରି କି ସରକାରଙ୍କ ନିର୍ଦ୍ଦେଶ ମୁତାବକ ପଞ୍ଚାୟତର ପ୍ରତ୍ୟେକ ପେମେଣ୍ଟ ପୂର୍ବରୁ ବିଡିଓଙ୍କ କାଉଣ୍ଟର ସାଇନ ବାଧ୍ୟତାମୂଳକ। ଜେଇ ବିଲ୍ କରି ନ ଥିଲେ, ସହକାରୀ ନିର୍ବାହୀ ଯନ୍ତ୍ରୀ ଚେକ୍ ମେଜରମେଣ୍ଟ ବି କରି ନ ଥିଲେ । ଏପରି କି ବିଡିଓ କାଉଣ୍ଟର ସାଇନ କରି ନ ଥିବା ବେଳେ ବିନା ବିଲ୍‌ରେ ସରକାରୀ ଟଙ୍କା ଲୁଟି ନିଆଯାଇଥିବା ଧରାପଡିଥିଲା।

# ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ସଶକ୍ତୀକରଣ ଲାଗି ବୁଝାମଣା

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ଏବଂ ନିର୍ଦ୍ଦେଶକ୍ରମେ ଏମ୍‌ଏସ୍‌ଏମ୍‌ଇ ଜରିଆରେ ରାଜ୍ୟରେ କର୍ମସଂସ୍ଥାନ ସୃଷ୍ଟି ଓ ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି ଏଣିକି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ସାମିଲ କରାଯିବ। ଏଥିପାଇଁ ବୁଧବାର ଏମ୍‌ଏସ୍‌ଏମ୍‌ଇ ବିଭାଗ ଓ ମିଶନ ଶକ୍ତି ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ପତ୍ରରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ଓ ମିଶନ ଶକ୍ତି କମିଶନର ସୁଜାତା କାର୍ତ୍ତିକେୟନ୍ ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣା ଅନୁଯାୟୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ଔଦ୍ୟୋଗିକ ପ୍ରୋତ୍ସାହନ ଜରିଆରେ ପୋଷଣୀୟ ଜୀବିକା ସୃଷ୍ଟି କରାଯିବ, ଯାହା ରାଜ୍ୟର ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ। ଅର୍ଥନୈତିକ ଅଭିବୃଦ୍ଧି ସକାଶେ ଔଦ୍ୟୋଗିକ ବିକାଶ ଅପରିହାର୍ଯ୍ୟ ହୋଇଥିବା ହେତୁ ଏହି ପ୍ରୟାସ ଫଳବତୀ ହେବାର ଲକ୍ଷ୍ୟ ରଖାଯାଇଛି । ଏହାଛଡ଼ା ମହିଳାଙ୍କୁ ସଶକ୍ତୀକରଣ ମାଧ୍ୟମରେ ସର୍ବାଙ୍ଗୀନ ବିକାଶ ସାଧନ ଉଭୟ ବିଭାଗର ପ୍ରାଥମିକତା ରହିଥିବା ହେତୁ ଏ ଦିଗରେ ଏହି ବୁଝାମଣା ବେଶ୍ ସୁହାଇବ ବୋଲି ଆଶା ରଖାଯାଇଛି । ଏହା କାର୍ଯ୍ୟକାରୀ ହେଲେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେଗୁଡ଼ିକର ମହାସଂଘଗୁଡ଼ିକୁ ଉଦ୍ୟୋଗୀ ଭାବେ ପରିଣତ କରାଯିବ । ଏଥିରେ ମହିଳା ଏସ୍‌ଏଚ୍‌ଜିର ସଦସ୍ୟାଙ୍କ ଦକ୍ଷତା ବିକାଶ ଓ ଗୋଷ୍ଠୀ କାର୍ଯ୍ୟକ୍ରମକୁ ଏମ୍‌ଏସ୍‌ଏମ୍‌ଇରେ ପରିଣତ କରିବା ନିମନ୍ତେ ତାଲିମ ପ୍ରଦାନ କରାଯିବ। ବୈଷୟିକ ଜ୍ଞାନକୌଶଳ ବ୍ୟବହାର ନିମନ୍ତେ ଇନ୍‌କ୍ୟୁବେସନ୍ ସେଣ୍ଟର, ସାଧାରଣ ସୁବିଧା କେନ୍ଦ୍ର ଏବଂ ପ୍ରଶିକ୍ଷକ ପରାମର୍ଶଦାତା ବୈଠକ ଆୟୋଜନ ଭଳି କାର୍ଯ୍ୟକ୍ରମମାନ କରାଯିବ । ଏହି ବୁଝାମଣା ପ୍ରାଥମିକ ଭାବେ ୩ ବର୍ଷ ପାଇଁ କାର୍ଯ୍ୟ କରିବ। ଆବଶ୍ୟକ ସ୍ଥଳେ ଏହାକୁ ବୃଦ୍ଧି କରାଯିବ ଏବଂ ଯୋଜନା ବଦ୍ଧ ଆର୍ଥିକ ସହାୟତା, ଋଣ, ସବ୍‌ସିଡ଼ି, ଆବର୍ତ୍ତନ ପାଣ୍ଠି ଏବଂ ବଜାର ସଂଯୋଗୀକରଣ ଇତ୍ୟାଦି ଭଳି ସହଯୋଗ ପ୍ରଦାନ କରାଯିବ । ଏହା ବ୍ୟତୀତ ଏମ୍‌ଏସ୍‌ଏମ୍‌ଇ ଓ ମିଶନ ଶକ୍ତି ବିଭାଗର ମାର୍ଗଦର୍ଶିକା ପ୍ରକାରେ ଅନ୍ୟାନ୍ୟ ସହଯୋଗ ପ୍ରଦାନ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

# ରାଜ୍ୟସ୍ତରୀୟ ପେନସନ, ଭବିଷ୍ୟନିଧି ଅଦାଲତ



ପ୍ରଧାନ ମହାଲେଖାକାର ବିଭୁଦତ୍ତ ବସନ୍ତିଆ ଅଭିଯୋଗ ଶୁଣୁଛନ୍ତି।

ଭୁବନେଶ୍ୱର,୨୦।୧(ବ୍ୟୁରୋ)

**୧୫୦ ଅଭିଯୋଗ, ୨୦ ତତ୍କାଳ ସମାଧାନ**

ଭୁବନେଶ୍ୱରସ୍ଥିତ ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପେନ୍‌ସନ ଓ ଭବିଷ୍ୟନିଧି ଅଦାଲତ ଏ.ଜି. ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ମହାଲେଖାକାର ବିଭୁଦତ୍ତ ବସନ୍ତିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଦାଲତରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ଜଣ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସେମାନଙ୍କ ଅଭିଯୋଗପତ୍ର ଉପସ୍ଥାପନ କରିଥିଲେ। ପ୍ରଧାନ ମହାଲେଖାକାର ବସନ୍ତିଆ ସେମାନଙ୍କ ଅଭିଯୋଗ ଶୁଣିବାପରେ ତତ୍କାଳ ୨୦ ଜଣଙ୍କୁ ପେନ୍‌ସନ ଓ ଭବିଷ୍ୟନିଧି ଦେୟ ପ୍ରଦାନ କରିବା ସହ ଅନ୍ୟମାନଙ୍କ ଅଭିଯୋଗ ଉପରେ ୨୪ ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ନେବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ଉପମହାଲେଖାକାର (ପ୍ରଶାସନ ଓ ପେନ୍‌ସନ) ଦିନମଣୀ ମଲ୍ଲିକ ଓ ଉପମହାଲେକାକାର ମସରୁର୍ ଅହମ୍ମଦ ପ୍ରଧାନ ଏଥିରେ ସହଯୋଗ କରିଥିଲେ। ପ୍ରଧାନ ମହାଲେଖାକାରଙ୍କ ସଚିବ ସୁଚିତ୍ରା ଭଞ୍ଜ, ବରିଷ୍ଠ ଲେଖା ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ନିରଞ୍ଜନ ସେନାପତି, ସହକାରୀ ଲେଖା ଅଧିକାରୀ ସୁଶୀଲ କୁମାର ମିଶ୍ର, ଅର୍ଦ୍ଧେନ୍ଦୁ ମଣ୍ଡଳ, ଅକ୍ଷୟ ମହାନ୍ତି, ବସନ୍ତ ପରିଡ଼ା ପରିଚାଳନା କରିଥିଲେ।

# ୨୬ରୁ ଆଦିବାସୀ ମେଳା

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଆଦିବାସୀ ମେଳା ଆସନ୍ତା ୨୬ରୁ ଭୁବନେଶ୍ୱର ୟୁନିଟ୍-୧ ପଡିଆରେ ଆରମ୍ଭ ହେବ। ଏହି ମେଳା ଫେବୃୟାରୀ ୯ ପର୍ଯ୍ୟନ୍ତ ଦୈନିକ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ। କୋଭିଡ ନିୟମକୁ ମାନି ମେଳା ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ଏଥର ମେଳା ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହେବ। ଏଥିପାଇଁ ଉଭୟ ଭର୍ଚୁଆଲ୍ ମୋଡ୍ ଏବଂ କ୍ଷେତ୍ରସ୍ତରୀୟ ଆୟୋଜନର ବ୍ୟବସ୍ଥା କରାଯାଇଛି।

ହାଇବ୍ରିଡ୍ ମୋଡ୍ ମେଳାର ସଫଳ ଆୟୋଜନ ନିମନ୍ତେ ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସାମାଜିକ ଗଣମାଧମର ଉଦ୍‌ଘାଟନ କରି କହିଛନ୍ତି, କୋଭିଡ୍ ମହାମାରୀର ଏକ ସକରାତ୍ମକ ଫଳାଫଳ ସ୍ୱରୂପ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ, ପଛୁଆ ବର୍ଗ ବିକାଶ ବିଭାଗ ତରଫରୁ ଏହି ଅଭିନବ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏହାଦ୍ୱାରା ଓଡ଼ିଶାର ଆଦିବାସୀ ମେଳା ଦେଶ ବିଦେଶରେ ଅଧିକ ଲୋକପ୍ରିୟତା ହାସଲ କରିବ। ମେଳାର ଭର୍ଚୁଆଲ୍ ମୋଡ୍‌ରେ ଏକ ବିପଣୀ ପ୍ଲାଟ୍‌ଫର୍ମ ରହିବ ଯାହା ମାଧ୍ୟମରେ ଲୋକମାନେ ଆଦିବାସୀ ଉତ୍ପାଦ କ୍ରୟ କରିପାରିବେ। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି, ଏ ପ୍ରକାର ପ୍ରଚେଷ୍ଟା ଫଳରେ ଓଡ଼ିଶା ଆଦିବାସୀ କଳାକାର, ଶିଳ୍ପୀ, ଉଦ୍ୟୋଗୀ ଓ ବୁଣାକାରମାନେ ବିଶ୍ୱ ସହ ସଂଯୁକ୍ତ ହୋଇପାରିବେ। ଏହା ସେମାନଙ୍କୁ ରୋଜଗାର ଯୋଗାଇବା ସହ ଆର୍ଥିକ ବିକାଶର ବିଶେଷ ସହାୟକ ହେବ। ସାମାଜିକ ଗଣମାଧମ ପ୍ଲାଟ୍‌ଫର୍ମ ବାବଦରେ ସୂଚନା ଦେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା କହିଛନ୍ତି, ଫେସ୍‌ବୁକ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ ଓ ୟୁଟ୍ୟୁବ୍ ଆଦି ସାମାଜିକ ଗଣମାଧମକୁ ଏହି ପ୍ଲାଟଫର୍ମ ସହ ସଂଯୁକ୍ତ କରାଯିବ। ଅଧିକରୁ ଅଧିକ ଲୋକଙ୍କୁ ମେଳା ସହିତ ସଂଯୁକ୍ତ କରିବା ଏହାର ମୁଖ୍ୟ ଲକ୍ଷ୍ୟ। କ୍ଷେତ୍ରସ୍ତରୀୟ ମେଳାରେ କୋଭିଡ୍ ନିୟମ ଓ କଟକଣାର କଡ଼ାକଡ଼ି ଅନୁପାଳନ କରାଯିବ। କ୍ଷେତ୍ରସ୍ତରୀୟ ମେଳାରେ ପ୍ରବେଶ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ଏକ ଜରୁରୀ ଆବଶ୍ୟକତା ନୁହେଁ। ଏହା ଏକ ସ୍ୱତନ୍ତ୍ର ସୁବିଧା। ଜାନୁୟାରୀ ୨୩ରୁ ଏହି ପଞ୍ଜୀକରଣ ସୁବିଧା ମେଳାର ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ ବୋଲି ସେ କହିଛନ୍ତି।

# ଆରମ୍ଭ ହେବ ଇକୋ ଭିଲେଜ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଗ୍ରାମାଞ୍ଚଳ ଅର୍ଥନୀତିକୁ ଚଳଚଞ୍ଚଳ କରିବାକୁ ରାଜ୍ୟ ସରକାର ବଡ଼ ଯୋଜନା କରିଛନ୍ତି। ଇକୋ ଟୁରିଜମ୍‌ର ବିକାଶ କରାଯିବ। ଇକୋ ରିଟ୍ରିଟ୍ ଏଣିକି ଇକୋ ଭିଲେଜ ହେବ। ଗ୍ରାମାଞ୍ଚଳ ଲୋକଙ୍କୁ ଏଥିରେ ସାମିଲ କରାଯିବ। ଫଳରେ ଗ୍ରାମାଞ୍ଚଳ ଅର୍ଥନୀତିରେ ଉନ୍ନତି ଆସିବା ସହ ପର୍ଯ୍ୟଟନର ବିକାଶ ହୋଇପାରିବ। ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ଜିଲାସ୍ତରରେ କିଛି ପାଣ୍ଠି ସହାୟତାରେ ଏହି ନୂତନ ଯୋଜନାକୁ କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ସାତକୋଶିଆରେ ଇକୋ ଭିଲେଜ ଆରମ୍ଭ କରାଯାଇଛି। ଏଥିରେ ସ୍ଥାନୀୟ ଯୁବକଙ୍କୁ ସାମିଲ କରାଯାଇଛି। ଏହି ଭିଲେଜରେ ୭ ଟେଣ୍ଟ ରହିବ। ଏଥିରେ ୨୭ କୋଠରି, ମିନି କନ୍‌ଫରେନ୍ସ ହଲ୍ ଓ ଡର୍ମିଟୋରି ରହିବ। ପ୍ରଶାସନ ସହାୟତାରେ ଗ୍ରାମାଞ୍ଚଳ ଲୋକ ଏହାକୁ ଚଳାଇବେ। ସାରା ରାଜ୍ୟରେ ଏହାକୁ ସମ୍ପ୍ରସାରଣ କରାଯିବ। ଇକୋ ଭିଲେଜରେ ମଧ୍ୟବିତ୍ତ ଓ ନିମ୍ନ ଆୟକାରୀମାନେ ମଧ ଯୋଡି ହୋଇପାରିବେ। ଏହାଦ୍ୱାରା ଗ୍ରାମାଞ୍ଚଳ ଅର୍ଥନୀତି ସୁଦୃଢ଼ ହେବା ସହ ଜଙ୍ଗଲ ସୁରକ୍ଷା ହୋଇପାରିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# 'ଯେଉଁଠି ଥିଲେ ଟିକା ନେଇପାରିବେ'

ଭୁବନେଶ୍ୱର, ୨୦।୧(ବ୍ୟୁରୋ)

ଗୋଟିଏ ଜାଗାରେ ଡାଟାବେସ୍ ଥିବାବେଳେ ରେଜିଷ୍ଟ୍ରେଶନ ଅନ୍ୟତ୍ର କରିଥିବା ବ୍ୟକ୍ତି ଟିକାଦାନରୁ ବଞ୍ଚିତ ହେବେ ନାହିଁ। ପ୍ରଥମ ଡୋଜ୍ ଟିକା ନେବା ପରେ ଯଦି ପରବର୍ତ୍ତୀ ସମୟରେ ତାଙ୍କର ଅନ୍ୟ ସ୍ଥାନକୁ ବଦଳି ହୋଇଛି କିମ୍ବା ଅନ୍ୟ ସ୍ଥାନକୁ ଆସିଛନ୍ତି ସେଠି ଦ୍ୱିତୀୟ ଡୋଜ୍ ନେଇପାରିବେ। ସେମାନଙ୍କୁ ଟିକାଦାନ ନିମନ୍ତେ ବ୍ୟବସ୍ଥା କରାଯାଇଛି ବୋଲି ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ଟିକାକରଣ ସୁରୁଖୁରୁରେ ଚାଲିଛି। ଯେଉଁମାନଙ୍କୁ ଟିକା ଦିଆଯାଇ ନାହିଁ ସେମାନଙ୍କୁ ପୁଣିଥରେ ଟିକା ଦେବାର ବ୍ୟବସ୍ଥା ହେବ। ସେପଟେ ଚତୁର୍ଥ ଦିନରେ ରାଜ୍ୟରେ ୯୩ଟି ସେସନରେ ୭,୯୪୬ଜଣ ହିତାଧିକାରୀ ଟିକା ନେଇଛନ୍ତି। ଏହି ଦିନରେ ମୋଟ୍ ୮,୮୯୪ଜଣଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ୮୯% ଟିକାକରଣ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଭୁବନେଶ୍ୱରରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଅର୍ଥାତ୍ ୧୧୮% ଟିକା ନେଇଛନ୍ତି। ୧୭ ସେସନରେ ୧,୪୧୬ଜଣ ଟିକା ନେବାକୁ ଥିବାବେଳେ ୧,୬୭୪ଜଣଙ୍କୁ ଦିଆଯାଇଥିବା ସ୍ୱାସ୍ଥ୍ୟ ବିଭାଗ କହିଛି।





ଭୁବନେଶ୍ୱର ୟୁନିଟ୍-୧ରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ୍ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ବୁଧବାର ଜାତୀୟ ଉଠା ଦୋକାନୀ ଦିବସ ପାଳନ ଅବସରରେ ରାଜମହଲ ଛକ ଦେଇ ବାହାରିଥିବା ଶୋଭାଯାତ୍ରା।

# ଓଡ଼ିଆ ଭାଷା ପ୍ରଚାର ଲାଗି ବାହାର ରାଜ୍ୟ ଗସ୍ତ କରିବ ଗୃହ କମିଟି

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଓଡ଼ିଶା ପ୍ରଦେଶର ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀ ଲୋକଙ୍କ ସମସ୍ୟା ଅନୁଧ୍ୟାନ ତଥା ତାର ପ୍ରତିକାର ପାଇଁ ସୁପାରିଶ କରିବାକୁ ଗଠିତ ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି । ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭା ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସୀମାନ୍ଧ୍ର, ତେଲେଙ୍ଗାନା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଗୁଜୁରାଟ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଆଦି ରାଜ୍ୟରେ ବସବାସ କରୁଥିବା ଓଡ଼ିଆ ଲୋକଙ୍କ ସମସ୍ୟା ଓ ତାର ପ୍ରତିକାର ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ସେମାନଙ୍କ ବାସ୍ତବ ସମସ୍ୟା ସମ୍ପର୍କରେ ଠିକ୍ ଭାବେ ଅବଗତ ହେବା ପାଇଁ ଗଠିତ ହୋଇଥିବା ୭ଟି ସବ୍‌କମିଟି ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଗସ୍ତ କରିବ ଏବଂ ଓଡ଼ିଆ ଭାଷାଭାଷୀ ଜନସାଧାରଣ ଓ ଅନୁଷ୍ଠାନ ସହ ଆଲୋଚନା କରିବ। ଓଡ଼ିଆମାନେ ବସବାସ କରୁଥିବା ରାଜ୍ୟରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ କଳାର ପ୍ରଚାର ଓ ପ୍ରସାର ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଉପାନ୍ତ ମଞ୍ଜୁଷା, ଟିକିଲି ଆଦି ଅଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷା ଅବହେଳିତ ହେଉଥିବା ଦର୍ଶାଇ ବିଧାୟିକା ଉଷାଦେବୀ କ୍ଷୋଭ ପ୍ରକାଶ କରିଥିଲେ। ଗଣଶିକ୍ଷା ବିଭାଗ ତରଫରୁ ତୁରନ୍ତ ଏଠାରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବାକୁ ସେ ଦାବି କରିଥିଲେ । ଓଡ଼ିଆମାନେ ବସବାସ କରୁଥିବା ରାଜ୍ୟଗୁଡ଼ିକରେ ଆମର କଳା, ସ୍ଥାପତ୍ୟ, ଜୀବନଶୈଳୀର ଝଲକ ପ୍ରଦର୍ଶନ କରିବା ପାଇଁ ଓଡ଼ିଶା ମହୋତ୍ସବ ଆୟୋଜନ ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବିଧାୟକ ବିଷ୍ଣୁ ଚରଣ ସେଠୀ ପ୍ରସ୍ତାବ ରଖିଥିଲେ। ମେଦିନୀପୁର ଚବିଶ ପ୍ରଗଣା ଏବଂ କଲିକତା ଭଳି ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଓଡ଼ିଆଙ୍କ ଶିକ୍ଷା, ସଂସ୍କୃତି, ଭାଷାଭିତ୍ତିକ ସମସ୍ୟାର ଆଶୁ ସମାଧାନ ପାଇଁ ବିଧାୟକ ଅନନ୍ତ ଦାସ ପ୍ରସ୍ତାବ ଦେଇଥିଲେ। ସୀମାନ୍ତ ଜିଲାର ଜିଲାପାଳ ଏ ସଂକ୍ରାନ୍ତରେ ଏକ ପ୍ରଶ୍ନାବଳୀ ପ୍ରେରଣ କରିବା ଏବଂ ଜିଲାପାଳମାନେ ଗୃହ କମିଟି ନିକଟରେ ଉପସ୍ଥିତ ହୋଇ ତାର ଜବାବ ରଖିବାକୁ ବାଚସ୍ପତି ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ସୀମାନ୍ଧ୍ର ପାଇଁ ଗଠିତ ସବ୍‌କମିଟିର ଅଧକ୍ଷ ଭାବେ ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ତେଲେଙ୍ଗାନା ପାଇଁ ବିଧାୟକ ଦେବୀ ପ୍ରସାଦ ମିଶ୍ର, ଛତିଶଗଡ଼ ପାଇଁ ବିଧାୟକ ଅମର ପ୍ରସାଦ ଶତପଥୀ, ଝାଡଖଣ୍ଡ ପାଇଁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ, ପଶ୍ଚିମବଙ୍ଗ ପାଇଁ ବିଧାୟକ ଅନନ୍ତ ଦାସ, ଗୁଜୁରାଟ ଓ ମହାରାଷ୍ଟ୍ର ପାଇଁ ଉପବାଚସ୍ପତି ରଜନୀକାନ୍ତ ସିଂ, କର୍ଣ୍ଣାଟକ ପାଇଁ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ଅଧକ୍ଷ ରହି ସମ୍ପୃକ୍ତ ରାଜ୍ୟର ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀ ଲୋକଙ୍କ ସମସ୍ୟା ଅନୁଧ୍ୟାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

# ୨ ଜଙ୍ଗଲ ବିଭାଗର ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର,୨୦।୧(ବ୍ୟୁରୋ)

**ମହଙ୍ଗା ପଡ଼ିଲା ଦୁର୍ନୀତି, କର୍ତ୍ତବ୍ୟରେ ଅବହେଳା**

ଦୁର୍ନୀତି, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, କର୍ତ୍ତବ୍ୟରେ ଅବହେଳା ଆଦି କାରଣରୁ ବାଲେଶ୍ୱର ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ କୁଲଡ଼ିହା ବନ୍ୟପ୍ରାଣୀ ରେଞ୍ଜର ସହକାରୀ ବନ ସଂରକ୍ଷକ (ଏସିଏଫ୍) ଲକ୍ଷ୍ମଣ ପ୍ରଧାନ ଓ ସୁନ୍ଦରଗଡ଼ ବିଶ୍ରା ରେଞ୍ଜର ଫରେଷ୍ଟର ଭରତ କୁମାର ଘଡ଼େଇଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ ଯେ ଏସିଏଫ୍ ଲକ୍ଷ୍ମଣ ପ୍ରଧାନଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗରେ ଲୋକପାଳଙ୍କ ନିକଟରେ ଏକ ମାମଲା ଦାଏର ହୋଇଥିଲା । ଏଥିଯୋଗୁ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା । ସାଧାରଣ ପ୍ରଶାସନ (ଭିଜିଲାନ୍ସ) ବିଭାଗ ତାଙ୍କ ବିରୋଧରେ କର୍ତ୍ତବ୍ୟରେ ଅବହେଳା, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଯୋଗୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା । ଏହାଛଡ଼ା କୁଲଡ଼ିହା ବନ୍ୟପ୍ରାଣୀ ରେଞ୍ଜ ଦାୟିତ୍ୱରେ ଥିବାବେଳେ ସ୍ଥାନୀୟ ଜଙ୍ଗଲରେ ଗୋଟିଏ ମୃତ ଓ ଗଳିତ ପୁରୁଷ ହସ୍ତୀ ମିଳିଥିଲା, ଯାହାର ଦୁଇଟି ଦାନ୍ତକୁ କାଟି ନିଆଯାଇଥିଲା । ସେହିପରି ସୁନ୍ଦରଗଡ଼ ବିଶ୍ରା ରେଞ୍ଜର ଫରେଷ୍ଟର ଭରତ କୁମାର ଘଡ଼େଇଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ବାରମ୍ବାର ମାମଲା ଦାଏର କରିଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, ଆପରାଧିକ କାର୍ଯ୍ୟକଳାପ ଆଦି କାରଣ ଯୋଗୁ ଏସବୁ ମାମଲା ଏବେ ମଧ ବିଚାରାଧୀନ ରହିଛି । ଏସିଏଫ୍ ଲକ୍ଷ୍ମଣ ପ୍ରଧାନ ଓ ଫରେଷ୍ଟର ଘଡ଼େଇ ଆଉ ଅଧିକ ଦିନ ଚାକିରିରେ ରହିବା ଜନସ୍ୱାର୍ଥ ବିରୋଧୀ ବୋଲି ହୃଦୟଙ୍ଗମ କରି ମନ୍ତ୍ରୀ ଆରୁଖ ଉଭୟଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-'ଟି' ଜରିଆରେ ଦୁର୍ନୀତିଗ୍ରସ୍ତ, ଅପାରଗ ଓ କର୍ତ୍ତବ୍ୟରେ ଘୋର ଅବହେଳା ପ୍ରଦର୍ଶନ କରି ଆସୁଥିବା ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଏହିଭଳି କର୍ମଚାରୀ ଓ ଅଧିକାରୀମାନଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଉଛି ।

## ମାଡ୍ରିଡ୍‌ରେ ବିସ୍ଫୋରଣ: ୨ ମୃତ

ସ୍ପେନ୍ ରାଜଧାନୀ ମାଡ୍ରିଡ୍‌ର ଏକ ବିଲ୍ଡିଂରେ ବୁଧବାର ବଡ଼ ଧରଣର ବିସ୍ଫୋରଣ ଘଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ଉକ୍ତ କୋଠାରୁ ପ୍ରବଳ ଧୂଆଁ ବାହାରିବା ସହ ବିସ୍ଫୋରଣ ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଭିଥିଲା। କୋଠାର ଭଗ୍ନାବଶେଷ ଅନେକ ଦୂର ପର୍ଯ୍ୟନ୍ତ ଛିଟିକି ପଡ଼ିଥିବା ଦେଖାଯାଇଛି। ସ୍ପେନ୍‌ର ଏହି କେନ୍ଦ୍ରୀୟ ସହରକୁ ଜରୁରୀ ସେବା ଟିମ୍ ପଠାଯାଇଛି। ଗ୍ୟାସ୍ ଲିକ୍‌ରୁ ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି।

### ସଂକ୍ଷେପରେ

## ପାର୍ଥ ଦାସଗୁପ୍ତାଙ୍କ ଜାମିନ ଖାରଜ



ମୁମ୍ବାଇ, ୨୦।୧: ବିଏଆର୍‌ସିର ପୂର୍ବତନ ସିଇଓ ପାର୍ଥ ଦାସଗୁପ୍ତାଙ୍କ ଜାମିନ ଆବେଦନକୁ ଏକ ସେସନ୍ସ କୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଏହା ବିରୋଧରେ ସେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଦାସଗୁପ୍ତାଙ୍କ ଓକିଲ କହିଛନ୍ତି। ଟିଆର୍‌ପି ଦୁର୍ନୀତି ଅଭିଯୋଗରେ ଦାସଗୁପ୍ତାଙ୍କୁ ଡିସେମ୍ବର ୨୪ରେ ଗିରଫ କରାଯାଇଥିଲା। ଟିଆର୍‌ପି ରେଟିଂରେ ଜାଲିଆତି କରି ରିପବ୍ଲିକ୍ ଟିଭିକୁ ନମ୍ବର ୱାନ୍ ସ୍ଥାନକୁ ଆଣିବାରେ ବିଏଆର୍‌ସିର ଏହି ପୂର୍ବତନ ଅଧିକାରୀ ଏଆର୍‌ଜି ଆଉଟଲିୟର ମିଡିଆ ପ୍ରାଇଭେଟ ଲିମିଟେଡ ଏବଂ ଅର୍ଣ୍ଣବ ଗୋସ୍ୱାମୀଙ୍କ ସହ ଷଡ଼ଯନ୍ତ୍ର କରିବା ସହିତ ନିଜ ପଦବୀର ଅପବ୍ୟବହାର କରିଥିଲେ। ଏଥିପାଇଁ ରିପବ୍ଲିକ୍ ଟିଭିରୁ ସେ ମୋଟା ଅଙ୍କର ଅର୍ଥ ପାଇଥିବା ଚାର୍ଜଶିଟ୍‌ରେ ଉଲ୍ଲେଖ କରାଯାଇଛି।

# ନିଷ୍ପତ୍ତି କ୍ଷମତା କମିଟିର ନାହିଁ



## କୃଷକ ସଂଗଠନକୁ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୦।୧

ନୂଆ କୃଷି ଆଇନକୁ ନେଇ ଲାଗିରହିଥିବା ଅଚଳାବସ୍ଥା ଦୂର ପାଇଁ ସୁପ୍ରିମକୋର୍ଟ ବିଶେଷଜ୍ଞମାନଙ୍କର ଏକ କମିଟି ଗଠନ କରିଥିଲେ। କୃଷକ ସଂଗଠନଗୁଡ଼ିକ ଉକ୍ତ କମିଟିର ନିରପେକ୍ଷତାକୁ ନେଇ ସମାଲୋଚନା କରିଥିବାରୁ ସର୍ବୋଚ୍ଚ ଅଦାଲତ ସେମାନଙ୍କୁ ଭର୍ତ୍ସନା କରିଛନ୍ତି। ଆଇନ ଉପରେ ନିଷ୍ପତ୍ତି ନେବାର କ୍ଷମତା କମିଟିର ନାହିଁ। ସେମାନେ ସବୁ ପକ୍ଷଙ୍କ ମତାମତ ଶୁଣି ରିପୋର୍ଟ ଦାଖଲ କରିବାକୁ କ୍ଷମତା ଦିଆଯାଇଛି। ଏଥିରେ ପକ୍ଷପାତର ପ୍ରଶ୍ନ ଉଠିଲା କେଉଁଠୁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

୮ଟି କୃଷକ ସଂଗଠନ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଦୁଷ୍ୟନ୍ତ ଡାଭେ ଏବଂ ପ୍ରଶାନ୍ତ ଭୂଷଣ ଅଦାଲତଙ୍କୁ ଜଣାଇଥିଲେ, ଆନ୍ଦୋଳନରତ ଚାଷୀ ସଂଗଠନଗୁଡ଼ିକ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟି ଆଗରେ ହାଜର ହେବେନାହିଁ। କମିଟି ସଦସ୍ୟଙ୍କ ମଧ୍ୟରୁ କେତେଜଣ ପୂର୍ବରୁ କୃଷି ଆଇନ ସପକ୍ଷରେ ମତ ଦେଇଥିବାରୁ ସେମାନଙ୍କ ନିରପେକ୍ଷତାକୁ ନେଇ ଚାଷୀମାନେ ସନ୍ଦେହ ପ୍ରକଟ କରୁଛନ୍ତି। ଏହି ବିବାଦ ପରେ କମିଟିରୁ ଭୂପିନ୍ଦର ସିଂ ମାନ୍ ଓହରିଯାଇଛନ୍ତି। ମଧ୍ୟସ୍ଥତା ପ୍ରକ୍ରିୟାରେ ଭାଗ ନ ନେବା ଲାଗି କୃଷକମାନଙ୍କ ନିଷ୍ପତ୍ତିକୁ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ହାଲ୍‌କା ଭାବେ ନେଇଥିଲେ। ସେମାନେ କମିଟି ଆଗରେ ହାଜର ହେବେ କି ନାହିଁ, ତାହା ସେମାନଙ୍କ ନିଷ୍ପତ୍ତି। ତେବେ ବିଶେଷଜ୍ଞମାନଙ୍କ ପୂର୍ବ ମତାମତ ପାଇଁ ସେମାନଙ୍କୁ କୃଷକ ସଂଗଠନଗୁଡ଼ିକ ନିନ୍ଦା କରିପାରିବେ ନାହିଁ କି ଅଦାଲତ ଉପରେ କଳଙ୍କ ଲଗାଇପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି ବୋବ୍‌ଡେ କହିଥିଲେ। ସେହିପରି କମିଟି ପୁନର୍ଗଠନ ଆବେଦନ ଉପରେ ଅଦାଲତ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଥିଲେ।

## ଟ୍ରାକ୍ଟର ରାଲି: ପିଟିଶନ ପ୍ରତ୍ୟାହାର କଲା କେନ୍ଦ୍ର

ନୂଆଦିଲ୍ଲୀ, ୨୦।୧(ପି.ଟି.)

ସାଧାରଣତନ୍ତ୍ର ଦିବସରେ ଚାଷୀମାନେ ଦିଲ୍ଲୀରେ ଟ୍ରାକ୍ଟର ରାଲି କରିବାକୁ ଯାଉଥିବାବେଳେ ଏହାକୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ ହୋଇଥିଲା। ତେବେ ରାଲି କରିବା ଚାଷୀମାନଙ୍କ ଅଧିକାର ବୋଲି ସୁପ୍ରିମକୋର୍ଟ ବୁଧବାର କହିବା ପରେ ସରକାର ତାଙ୍କ ପିଟିଶନ ପ୍ରତ୍ୟାହାର କରିନେଇଛନ୍ତି। ଦିଲ୍ଲୀରେ ପ୍ରସ୍ତାବିତ ଟ୍ରାକ୍ଟର ରାଲିକୁ ନିୟନ୍ତ୍ରଣ କରିବା ଲାଗି ପୋଲିସ ହାତରେ କ୍ଷମତା ରହିଛି। ଏନେଇ ଅଦାଲତ ରାୟ ପ୍ରକାଶ କରିବା ଆବଶ୍ୟକ ନାହିଁ ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ।

## ବେତନ ପାଇବା ମୌଳିକ ଅଧିକାର: ହାଇକୋର୍ଟ

ନୂଆଦିଲ୍ଲୀ, ୨୦।୧(ଆଇଏଏନ୍ଏସ୍)

ବେତନ ଗ୍ରହଣ କରିବା ଏକ ମୌଳିକ ଅଧିକାର। ଭାରତୀୟ ସମ୍ବିଧାନରେ ଏହା ପ୍ରତିଷ୍ଠାପିତ ହୋଇଥିବା ଦିଲ୍ଲୀ ହାଇକୋର୍ଟ ବୁଧବାର କହିଛନ୍ତି। ଦିଲ୍ଲୀ ପୌର ନିଗମ ଏହାର କର୍ମଚାରୀମାନଙ୍କୁ ବେତନ ଓ ପେନ୍‌ସନ ଦେଇ ନ ଥିବାରୁ ଅଦାଲତ ଏହାକୁ ଭର୍ତ୍ସନା କରିଥିଲେ। ପାଣ୍ଠି ନ ଥିବା ଦର୍ଶାଇ ଖସିଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ବିପିନ ସିଂ ଏବଂ ରେଖା ପାଲିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ଏବଂ ପୂର୍ବ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନର କର୍ମଚାରୀମାନେ ବେତନ ଓ ପେନ୍‌ସନ ପାଇ ନ ଥିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବେତନ ଓ ପେନ୍‌ସନ ଗ୍ରହଣ କରିବା ମୌଳିକ ଅଧିକାର ବୋଲି ସମ୍ବିଧାନର ଅନୁଚ୍ଛେଦ ୨୧ରେ ଉଲ୍ଲେଖ ରହିଛି। ବେତନ ଓ ପେନ୍‌ସନ ନ ପାଇବା ଦ୍ୱାରା କର୍ମଚାରୀଙ୍କ ଜୀବନ ଧାରଣ ମାନ ଉପରେ ଏହାର ସିଧା ପ୍ରଭାବ ପଡ଼ିଥାଏ ବୋଲି ଖଣ୍ଡପୀଠ କହିଥିଲେ।

## ବ୍ରହ୍ମପୁତ୍ରରେ ଚାଇନାର ବନ୍ଧ ନିର୍ମାଣ ଉଦ୍ୟମ

ନୂଆଦିଲ୍ଲୀ, ୨୦।୧(ପି.ଟି.)

ତିବ୍ବତର ମେଡୋଙ୍ଗଠାରେ ବ୍ରହ୍ମପୁତ୍ର ନଦୀରେ ଚାଇନା ନଦୀବନ୍ଧ ନିର୍ମାଣ ସହ ସୁପର ହାଇଡ୍ରୋ ପାୱାର ପ୍ଲାଣ୍ଟ ସ୍ଥାପନ ଉଦ୍ୟମ କରୁଛି। ବେଜିଂର ଏଭଳି ଉଦ୍ୟମକୁ ଭାରତ ପକ୍ଷରୁ ନିନ୍ଦା କରାଯାଇଛି। ନଦୀବନ୍ଧ ନିର୍ମାଣ ତଳମୁଣ୍ଡରେ ଥିବା ଭାରତ ଓ ବାଂଲାଦେଶ ଅଧିକାରର ଅବରୋଧ ବୋଲି ନୂଆଦିଲ୍ଲୀ କହିଛି। ବ୍ରହ୍ମପୁତ୍ର ଜଳକୁ ଅଟକାଇ ବେଜିଂ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କଲେ ଏହାର ଅବବାହିକାଗୁଡ଼ିକରେ ଅଣମୌସୁମୀ ଋତୁରେ ଜଳାଭାବ ଦେଖାଦେବ। କେନ୍ଦ୍ରୀୟ ଜଳ କମିଶନ ସମୀକ୍ଷା ବୈଠକରେ ଏନେଇ ଆଲୋଚନା ହୋଇଛି।



ସାଧାରଣତନ୍ତ୍ର ଦିବସ ପରେଡ଼ ପାଇଁ ଅନୁଷ୍ଠିତ ରିହରସାଲ୍‌ରେ ଭାଗ ନେଇଥିବା ସେନା ଟ୍ୟାଙ୍କ୍।

## ମଡର୍ନା ଟିକା ପାର୍ଶ୍ୱ ପ୍ରତିକ୍ରିୟାର ତଦନ୍ତ ଆରମ୍ଭ

ନ୍ୟୁୟର୍କ, ୨୦।୧

କାଲିଫର୍ନିଆର ସାନ୍ ଡିଏଗୋ ଟିକା କେନ୍ଦ୍ରରେ ମଡର୍ନା କମ୍ପାନୀର କୋଭିଡ୍ ଟିକା ନେବା ପରେ ଅନେକଙ୍କ ଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଛି। କାଲିଫର୍ନିଆ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରାଯାଉଥିବା ମଡର୍ନା କମ୍ପାନୀ ପକ୍ଷରୁ କୁହାଯାଇଛି। ପାର୍ଶ୍ୱ ପ୍ରତିକ୍ରିୟା ଖବର ମିଳିବା ପରେ କାଲିଫର୍ନିଆର ମହାମାରୀ ବିଶେଷଜ୍ଞ ଡ. ଏରିକା ପାନ୍ ଟିକାଦାନ ବନ୍ଦ କରିବାକୁ ରବିବାର ନିର୍ଦ୍ଦେଶ ଦେଇଥିଲେ। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଟିକାକେନ୍ଦ୍ରରେ କରୋନା ଭାକ୍ସିନ୍ ନେଇଥିବା ଅନେକ ଲୋକଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିଲା। ୨୪ ଘଣ୍ଟା ମଧ୍ୟରେ ୧୦ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ବଜେଟ ଅଧିବେଶନ: ୩୦ରେ ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୨୦।୧(ପି.ଟି.)

ସଂସଦର ବଜେଟ ଅଧିବେଶନ ଜାନୁୟାରୀ ୨୯ରୁ ଆରମ୍ଭ ହେଉଥିବାବେଳେ ୩୦ରେ ସର୍ବଦଳୀୟ ବୈଠକ ଡକାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବୈଠକରେ ଅଧ୍ୟକ୍ଷତା କରିବେ। ସରକାର ଆଣିବାକୁ ଥିବା ବିଧେୟକଗୁଡିକର କାର୍ଯ୍ୟସୂଚୀ ଉପରେ ଉକ୍ତ ବୈଠକରେ ଆଲୋଚନା କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ବୁଧବାର କହିଛନ୍ତି। ଉକ୍ତ ବୈଠକ ଭର୍ଚୁଆଲି ଅନୁଷ୍ଠିତ ହେବାକୁ ଥିବାବେଳେ ସବୁ ଦଳର ଗୃହର ନେତାମାନଙ୍କୁ ଏଥିପାଇଁ ଆମନ୍ତ୍ରଣ କରାଯାଇଛି। ଗୃହକାର୍ଯ୍ୟ ଯେପରି ସୁରୁଖୁରୁରେ ଚାଲିବ ତାହା ସୁନିଶ୍ଚିତ କରିବା ପାଇଁ ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ ପାରମ୍ପରିକ ଭାବେ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଏଥର ଅଧିବେଶନ ଆରମ୍ଭ ହେବାର ଦିନକ ପରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି।

ଜାନୁୟାରୀ ୨୯ରୁ ବଜେଟ ଅଧିବେଶନ ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୫ରେ ଶେଷ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୮ରୁ ଏପ୍ରିଲ ୮ ପର୍ଯ୍ୟନ୍ତ ଚାଲିବ। ପାର୍ଲାମେଣ୍ଟ ମଧ୍ୟ ଦୁଇ ଶିଫ୍ଟରେ ଚାଲିବ। ସକାଳେ ରାଜ୍ୟ ସଭା ଅଧିବେଶନ ଏବଂ ସନ୍ଧ୍ୟାରେ ଲୋକ ସଭା ଅଧିବେଶନ ବସିବ। ମହାମାରୀ ସମୟରେ ବଜେଟ ଅଧିବେଶନ ପାଇଁ କ'ଣ ସବୁ ସତର୍କତାମୂଳକ ପଦକ୍ଷେପ ନିଆଯିବ, ସେନେଇ ମଙ୍ଗଳବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ସରକାରୀ ଅଧିକାରୀମାନଙ୍କ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

## ଭୁଟାନ, ମାଳଦ୍ୱୀପରେ ପହଞ୍ଚିଲା ଭାରତୀୟ ଟିକା

ନୂଆଦିଲ୍ଲୀ, ୨୦।୧

ଭାରତ ସରକାରଙ୍କ ଟିକା ମୈତ୍ରୀ ଆରମ୍ଭ ହୋଇଛି। ନୂଆଦିଲ୍ଲୀ ପଠାଇଥିବା ୧,୫୦,୦୦୦ କୋଭିଶିଲ୍ଡ ଟିକା ବୁଧବାର ଭୁଟାନରେ ପହଞ୍ଚିଛି। ଭାରତର 'ପଡୋଶୀ ପ୍ରଥମ' ନୀତିର ଏହା ଏକ ଉଦାହରଣ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଟୁଇଟ୍ କରିଛନ୍ତି। ସେହିପରି ମାଳଦ୍ୱୀପରେ ମଧ୍ୟ କୋଭିଡ୍ ଟିକାର ଏକ ଲକ୍ଷ କୋଭିଶିଲ୍ଡ ଡୋଜ୍ ପହଞ୍ଚିଛି। ଏଥିପାଇଁ ମାଳଦ୍ୱୀପ ସରକାର ଖୁସି ବ୍ୟକ୍ତ କରିଛନ୍ତି। ସବୁ ସଙ୍କଟ ବେଳେ ଭାରତ ଆମ ପାଖରେ ଛିଡ଼ା ହୋଇଛି ବୋଲି ସେଠାର ବହିର୍ବ୍ୟାପାର ମନ୍ତ୍ରୀ ଅବଦୁଲ୍ଲା ଶହିଦ୍ କହିଛନ୍ତି। ଭାରତରୁ ଟିକା ନେଇଯାଇଥିବା ଏକ ସ୍ୱତନ୍ତ୍ର ବିମାନ ଗୁରୁବାର ବାଂଲାଦେଶ ରାଜଧାନୀ ଢାକା ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବ। ସେହିପରି ନେପାଳକୁ ମଧ୍ୟ ଗୁରୁବାର ଭାକ୍ସିନ୍‌ର ୧୦ ଲକ୍ଷ ଡୋଜ୍ ପଠାଯିବ ବୋଲି ଜଣାପଡିଛି। ଭାରତର ଏହି ପଦକ୍ଷେପକୁ ପ୍ରଶଂସା କରି ନେପାଳ ସ୍ୱାସ୍ଥ୍ୟମନ୍ତ୍ରୀ ହୃଦୟେଶ ତ୍ରିପାଠୀ ଏହାକୁ ନେପାଳ-ଭାରତ ଟିକା ମୈତ୍ରୀ ବୋଲି କହିଛନ୍ତି।




## ସଡ଼କ ଦୁର୍ଘଟଣାରେ ୧୪ ମୃତ

କୋଲକାତା, ୨୦।୧(ଆଇଏଏନ୍ଏସ୍)



ପଶ୍ଚିମବଙ୍ଗର ଜଳପାଇଗୁଡ଼ି ଜିଲାରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ଶିଶୁ ଅଛନ୍ତି। ଦୁର୍ଘଟଣାରେ ଅନ୍ୟ ୧୮ ଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୋଲିସ କହିଛି। ଧୂପଗୁରି ନିକଟରେ ବୋଲ୍ଡର ବୋଝେଇ ଟ୍ରକ୍ ବିପରୀତ ଦିଗରୁ ବରଯାତ୍ରୀଙ୍କୁ ନେଇ ଆସୁଥିବା ଏକ ଏମ୍‌ପିଭିକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ମ୍ୟାରେଜ୍ ପାର୍ଟିର ଅନ୍ୟ ଏକ ମିନିଭ୍ୟାନ୍ ଓ କାର୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବରଯାତ୍ରୀଙ୍କୁ ନେଇ ୩ଟି ଗାଡ଼ି ଧୂପ୍‌ଗୁରି ଯାଉଥିଲେ। ଗାଡ଼ିଗୁଡ଼ିକ ରାସ୍ତାର ଭୁଲ୍ ପାର୍ଶ୍ୱରେ ଯାଉଥିବାବେଳେ ଘନ କୁହୁଡ଼ି ଯୋଗୁ ଦୁର୍ଘଟଣା ଘଟିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ମୃତକମାନଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି ଏବଂ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୃତକଙ୍କ ପରିବାର ଲାଗି ୨.୫ ଲକ୍ଷ ଟଙ୍କା ଓ ଗୁରୁତର ଆହତଙ୍କ ଲାଗି ୫୦,୦୦୦ ଟଙ୍କା ଲେଖାଏ ସହାୟତା ଘୋଷଣା କରାଯାଇଛି।

## ଟିକା ନେବା ପରେ ସ୍ୱାସ୍ଥ୍ୟକର୍ମୀଙ୍କ ମୃତ୍ୟୁ

ହାଇଦ୍ରାବାଦ, ୨୦।୧

ତେଲଙ୍ଗାନାରେ କୋଭିଡ୍ ଟିକା ନେଇଥିବା ଜଣେ ୪୨ ବର୍ଷୀୟ ସ୍ୱାସ୍ଥ୍ୟକର୍ମୀଙ୍କର ବୁଧବାର ମୃତ୍ୟୁ ଘଟିଛି। ସେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ନିର୍ମଳ ଜିଲାର କୁଣ୍ଟଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେଇଥିଲେ। ରାତି ୨ଟା ୩୦ରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ବୁଧବାର ସକାଳ ୫ଟା ୩୦ରେ ଜିଲା ହସ୍ପିଟାଲରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ସହ ଟିକାର ସମ୍ପର୍କ ନ ଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ କହୁଥିଲାବେଳେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ପୂର୍ବରୁ ଉତ୍ତରପ୍ରଦେଶ ଓ କର୍ନାଟକରେ ଟିକା ନେବା ପରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା। ସେମାନଙ୍କ ମୃତ୍ୟୁ ହୃଦ୍‌ଘାତରୁ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

## ପୁଅକୁ ମାରିବା ପାଇଁ ୩ ଲକ୍ଷ ଦେଇଥିଲେ ବାପା

ବେଙ୍ଗାଲୁରୁ, ୨୦।୧

ବେଙ୍ଗାଲୁରୁର ଜଣେ ବ୍ୟବସାୟୀ ତାଙ୍କ ଇଞ୍ଜିନିୟର ପୁଅକୁ ହତ୍ୟା କରିବା ପାଇଁ ୩ ଲକ୍ଷ ଟଙ୍କା ଦେଇ କିଲର ନିଯୁକ୍ତ କରିଥିବା ଜଣାପଡ଼ିଛି। ବି.ଭି. କେଶବ(୫୦) ନାମକ ମାଲ୍ଲେଶ୍ୱରମ୍‌ର ଉକ୍ତ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ବଡ଼ ପୁଅ କୌଶଲ ପ୍ରସାଦ ଗତ ୧୦ ତାରିଖରୁ ନିଖୋଜ ହୋଇଯାଇଥିବା ନେଇ କେଶବ ଥାନାରେ ଏତଲା ଦେଇଥିଲେ। ଗାଁ ଲୋକଙ୍କଠାରୁ ଖବର ପାଇ ପୋଲିସ ଅଖାରେ ବନ୍ଧା ଯାଇଥିବା ମୃତଦେହ ଜବତ କରି ଏହା କୌଶଲଙ୍କର ବୋଲି ଜାଣିବାକୁ ପାଇଥିଲା। ସର୍ଭିଲାନ୍ସ କ୍ୟାମେରା ସହାୟତାରେ ପୋଲିସ ହତ୍ୟାକାଣ୍ଡରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ପରେ ସେମାନଙ୍କୁ ବ୍ୟବସାୟୀ କେଶବ ୩ ଲକ୍ଷ ଟଙ୍କା ଦେଇ ପୁଅକୁ ହତ୍ୟା କରିବା ଲାଗି ନିୟୋଜିତ କରିଥିବା ସ୍ୱୀକାର କରିଥିଲେ।

## ସଭରକରଙ୍କ ଫଟୋକୁ ନେଇ ବିବାଦ



ଲକ୍ଷ୍ନୌ, ୨୦।୧: ଉତ୍ତରପ୍ରଦେଶ ବିଧାନ ପରିଷଦର ଫଟୋ ଗ୍ୟାଲେରିରେ ହିନ୍ଦୁ ଆଦର୍ଶବାଦୀ ନେତା ବୀର ସଭରକରଙ୍କ ଫଟୋ ଲଗାଯିବାକୁ ନେଇ ବିବାଦ ଦେଖାଦେଇଛି। ବିଧାନ ପରିଷଦର କଂଗ୍ରେସ ସଦସ୍ୟ ଦୀପକ ସିଂ ଏହାର ପ୍ରତିବାଦ କରିବା ସହ ଫଟୋ କାଢ଼ିଦେବାକୁ ଗୃହର ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଙ୍ଗଳବାର ଉକ୍ତ ଫଟୋକୁ ଉଦ୍‌ଘାଟନ କରିଥିଲେ। ମହାନ୍ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଫଟୋ ସହ ସଭରକରଙ୍କ ଫଟୋ ଲଗାଯିବା ସେମାନଙ୍କ ପାଇଁ ଅପମାନ। ସେଠାରୁ ସଭରକରଙ୍କ ଫଟୋ କାଢ଼ିନେଇ ଭାଜପା କାର୍ଯ୍ୟାଳୟରେ ଲଗାଇବାକୁ ସେ ପରାମର୍ଶ ଦେଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

ଋଣ ପାଆନ୍ତୁ
ଉମ୍ମୀଦ ଫାଇନାନ୍ସ
ଦ୍ୱାରା ଋଣ ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, କୃଷି, ଶିକ୍ଷା, ବ୍ୟବସାୟ, ଗ୍ରୁପ୍ ଋଣ, ମହିଳାଙ୍କ ପାଇଁ 24 ଘଣ୍ଟାରେ ବିନା ଫାଇଲ୍ ଚାର୍ଜରେ ।
2% ସୁଧ, 40% ସବ୍‌ସିଡି
New Ashok Nagar, East Delhi, Delhi
9821043617

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G
ମଲ୍ଟିମିଡିଆ ଟାୱାର ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱ ସନ୍ତୋଷ କୁମାର ସେଠୀ
ବାଲିସିରା (ଗଞ୍ଜାମ)
ତିରୋଧାନ : ୦୩.୦୧.୨୦୨୦
ପ୍ରଥମ ଶ୍ରାଦ୍ଧବାର୍ଷିକୀ : ୨୧.୦୧.୨୦୨୧
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରିବନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
ଶୋକସନ୍ତପ୍ତ -
ପତ୍ନୀ- ବିଷ୍ଣୁ ସେଠୀ
ପୁତ୍ର- ସାଗର ସେଠୀ, ମନୋଜ ସେଠୀ
ଝିଅ-ପ୍ରଭାସିନୀ ସେଠୀ, ଜ୍ୱାଇଁ-ସନ୍ତୋଷ ସେଠୀ
ଧ-୧୯୬୫୬

ଚତୁର୍ଦ୍ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱ କାଞ୍ଚନ ସାହୁ
ସ୍ୱାମୀ: ବଂଶୀଧର ସାହୁ
ଗ୍ରାମ: ଝିଙ୍କି ପାଟଣା, ବାଳକାଟି, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୧।୧୯୫୯
ତିରୋଧାନ: ୦୮।୦୧।୨୦୨୧
ବୋଉଲୋ !! ଏ ସଂସାରର ବୋଝ ଆମ ଉପରେ ଲଦି ଦେଇ ତୁ ଚାଲିଗଲୁ। ତୋର ଅବର୍ତ୍ତମାନରେ ପରିବାର ପାଇଁ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତାହୁଁ ତାହୁଁ ଚଉଦ ଦିନ ବିତିଗଲା, ହେଲେ ତୋର ସେହି ଅନାବିଳ ସ୍ନେହ, ତ୍ୟାଗ, ଭଲପାଇବା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିଗଲା। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆମେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ହତଭାଗ୍ୟ ପୁତ୍ର: ମଦନ, ଭଜମନ, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୪୧୫

ଏକାଦଶାହ ଉପଲକ୍ଷେ

ସ୍ୱ ସୁରେନ୍ଦ୍ର ପୃଷ୍ଟି
ଭବାନୀପୁର, ପିପିଲି, ପୁରୀ
ଆବିର୍ଭାବ: ୩୦।୦୯।୧୯୫୪
ତିରୋଧାନ: ୧୧।୦୧।୨୦୨୧
ଆପଣଙ୍କ ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆଜି ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୯୬୬୩

# ସ୍ମିଥ୍‌ଙ୍କୁ ଛାଡ଼ିଲା ରାଜସ୍ଥାନ: ସାମସନ ଅଧିନାୟକ

**ନୂଆଦିଲ୍ଲୀ,୨୦।୧(ପି.ଟି.)**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଫ୍ରାଞ୍ଚାଇଜ୍‌ଗୁଡିକ ଅଣ୍ଡର ପରଫର୍ମର ଖେଳାଳିମାନଙ୍କୁ ଛାଡିଛନ୍ତି। ଏନେଇ ଦଳଗୁଡିକ ରିଲିଜ୍ ତାଲିକା ପ୍ରକାଶିତ କରିଛନ୍ତି। କେତେକ ସୁପରଷ୍ଟାରଙ୍କୁ ଦଳଗୁଡିକ ଛାଡିଥିବା ବେଳେ ଯୁବ ଖେଳାଳିମାନଙ୍କୁ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆ ପୂର୍ବତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍‌ଙ୍କୁ ରାଜସ୍ଥାନ ରୟାଲ୍ସ ଛାଡିଥିବା ବେଳେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କୁ ଅଧିନାୟକ ନିଯୁକ୍ତ କରିଛି।



ସୁରେଶ ରାଇନା

ସେହିପରି ଚେନ୍ନାଇ ସୁପର କିଙ୍ଗ୍ସ ଅଭିଜ୍ଞ ବ୍ୟାଟ୍ସମ୍ୟାନ ସୁରେଶ ରାଇନାଙ୍କୁ ବଜାୟ ରଖିଥିବା ବେଳେ ବରିଷ୍ଠ ସ୍ପିନର ହରଭଜନ ସିଂଙ୍କୁ ରିଲିଜ୍ କରିଛି।

ଆଇପିଏଲ୍‌ର ଆଗାମୀ ୧୪ତମ ସଂସ୍କରଣ ପାଇଁ ଖେଳାଳିମାନଙ୍କ ରିଟେନ (ବଜାୟ) ଓ ଛାଡିବା (ରିଲିଜ) ତାଲିକା ଦାଖଲ କରିବାକୁ ଫ୍ରାଞ୍ଚାଇଜଗୁଡିକୁ କୁହାଯାଇଥିଲା। ଏ ନେଇ ବୁଧବାରକୁ ଡେଡ୍ ଲାଇନ୍ ବା ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା।

ଆଇପିଏଲ୍‌ର ବ୍ରାଣ୍ଡ ଭାଲ୍ୟୁରେ ବୃଦ୍ଧି ହୋଇଛି । ଏହି ଲିଗ୍‌ରେ ପ୍ରତିବର୍ଷ ଉନ୍ନତି ହେବାର ଲାଗିଛି। ତେଣୁ ନେତୃତ୍ୱକୁ ନେଇ ମଧ୍ୟ ପ୍ରତିବର୍ଷ ବିଚାର କରାଯିବା ଅପରିହାର୍ଯ୍ୟ ହୋଇପଡିଛି। ତେଣୁ ସ୍ଥାନୀୟ ଭାରତୀୟ ଖେଳାଳିଙ୍କୁ ଅଧିନାୟକ ନିଯୁକ୍ତ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି ବୋଲି ରାଜସ୍ଥାନ ମାଲିକ ମନୋଜ ବଡାଲେ କହିଛନ୍ତି। ରାଜସ୍ଥାନରେ ସାମସନ ଡେବ୍ୟୁ କରିଥିଲେ। ଗତ ୮ ବର୍ଷ ମଧ୍ୟରେ ସେ ବହୁତ ଉନ୍ନତି କରିଛନ୍ତି। ତେଣୁ ଆଗାମୀ ୨୦୨୧ ସେସନରେ ସେ ରାଜସ୍ଥାନର ନେତୃତ୍ୱ ନେବାକୁ ଯୋଗ୍ୟ ବୋଲି ମନୋଜ କହିଛନ୍ତି। ଅନ୍ୟପଟେ ସ୍ମିଥ୍‌ଙ୍କ ଚୁକ୍ତି ୨୦୨୦ ଅକ୍ଟୋବରରେ ଶେଷ ହୋଇଛି। ତେଣୁ ତାଙ୍କୁ ରିଲିଜ୍ କରାଯାଇଛି। ସେହିପରି ବିସ୍ଫୋରକ ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଓ ଓପନର ଆରୋନ ଫିଞ୍ଚ୍‌ଙ୍କୁ ଯଥାକ୍ରମେ କିଙ୍ଗ୍ସ ଏକାଦଶ ପଞ୍ଜାବ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ରିଲିଜ୍ କରିଛନ୍ତି। ସେହିପରି ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ସେଲଡନ କଟ୍ରେଲ, ଆଫଗାନିସ୍ତାନ ଖେଳାଳି ମୁଜିବ- ଉର- ରହମାନ ଓ ନ୍ୟୁଜିଲାଣ୍ଡର ଜିମ୍ମି

## ଆଇପିଏଲ୍-୧୪

### ■ ଚେନ୍ନାଇ ସୁପର୍‌କିଙ୍ଗ୍ସରେ ରହିଲେ ରାଇନା

ନିଶାମଙ୍କୁ ମଧ୍ୟ ପଞ୍ଜାବ ରିଲିଜ କରିଛି। ନିଶାମ ଆଙ୍ଗୁଠିରେ ଆସ୍ତ୍ରୋପଚାର କରାଇଛନ୍ତି। ସେହିପରି ଶ୍ରୀଲଙ୍କା ଅଭିଜ୍ଞ ଦ୍ରୁତ ବୋଲର ଲାସିଥ ମାଲିଙ୍ଗାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ରିଲିଜ କରିଛି। ସେହିପରି କେଦାର ଯାଦବ, ପୀୟୂଷ ଚାୱଲା ଓ ମୁରଲୀ ବିଜୟଙ୍କୁ ମଧ୍ୟ ଚେନ୍ନାଇ ଛାଡିଛି। ଶେରଫାନ୍ ରଦରଫୋର୍ଡଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜାସନ ରଏ, ଉଇକେଟକିପର ଆଲେକ୍ସ କାରେ, ଲେଗ୍ ସ୍ପିନର ସନ୍ଦୀପ ଲାମିଚେନ ଓ ଦ୍ରୁତ ବୋଲର ମୋହିତ ଶର୍ମାଙ୍କ ବିନା ଏଥର ପଡିଆକୁ ଓହ୍ଲାଇବ। ମାଲିଙ୍ଗା ମୁମ୍ବାଇର ବିଜୟଧାରାରେ ସାମିଲ ରହିଆସୁଥିଲେ ମଧ୍ୟ ଗତବର୍ଷ ବ୍ୟକ୍ତିଗତ କାରଣରୁ ଦଳରେ ଯୋଗ ଦେଇ ନ ଥିଲେ। ସେହିପରି ସ୍ମିଥ୍‌ଙ୍କ ନେତୃତ୍ୱରେ ପ୍ରଥମ ଚାମ୍ପିୟନ ରାଜସ୍ଥାନ ରୟାଲ୍ସ ଗତ ସଂସ୍କରଣରେ ତାଲିକାର ଶେଷରେ ରହିଥିଲା। ସେ ୧୪ଟି ମ୍ୟାଚ୍ ଖେଳି ୧୩୧ ଷ୍ଟ୍ରାଇକ ରେଟ୍‌ରେ ୩୧୧ ରନ ସଂଗ୍ରହ କରିଥିଲେ। ଏଥିରେ ୩ଟି ଅର୍ଦ୍ଧଶତକ ସାମିଲ ରହିଥିଲା। ୨୦୧୮ ଆଇପିଏଲ ପୂର୍ବରୁ ଏକମାତ୍ର ଖେଳାଳିଭାବେ ସ୍ମିଥ୍ ୧୨.୫ କୋଟି ଟଙ୍କା ମୂଲ୍ୟରେ ବଜାୟ ରହିଥିଲେ। ଏହି ବର୍ଷ ସେ ଦଳର ଅଧିନାୟକ ନିଯୁକ୍ତ ହୋଇଥିଲେ। କିନ୍ତୁ ଗତବର୍ଷ ଦଳର ଖରାପ ପ୍ରଦର୍ଶନ ପାଇଁ ତାଙ୍କ ମୁଣ୍ଡ ଉପରେ ଖଣ୍ଡା ଝୁଲୁଥିଲା। ନେତୃତ୍ୱ ପାଇଥିବାରୁ ସାମସନ ଖୁସି ଜାହିର କରିଛନ୍ତି। ଏଥିପାଇଁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। ସେହିପରି ବ୍ୟାଟିଂରେ ସୁଧାର ଆଣିବାକୁ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ରାଇନାଙ୍କୁ ବଜାୟ ରଖିଛି। ଗତବର୍ଷ ରାଇନା ବ୍ୟକ୍ତିଗତ କାରଣରୁ ହଠାତ ଦଳ ଛାଡି ସମସ୍ତଙ୍କୁ ଚକିତ କରିଥିଲେ। ୩ଥର ଟାଇଟଲ ଜିତିଥିବା ଚେନ୍ନାଇ ପ୍ରଥମଥର ପାଇଁ ଗତଥର ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ମାର୍କସ ଷ୍ଟୋଇନିସଙ୍କୁ ବଜାୟ ରଖିଛି। ଗତ ସଂସ୍କରଣରେ ଷ୍ଟୋଇନିସ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ୧୪୮.୫୨ ଷ୍ଟ୍ରାଇକରେଟ୍ ଓ ୨୫.୧୪ ଆଭରେଜରେ ସେ ମିଡଲ ଅର୍ଡରରେ ବ୍ୟାଟିଂ କରି ୩୫୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ସେ ୯.୫୩ ଇକୋନୋମିରେ ୧୩ଟି ଉଇକେଟ ଅକ୍ତିଆର କରିଥିଲେ।

ବୁଧବାର ପୂର୍ବରୁ ଚେନ୍ନାଇ ପାଖରେ ଏବେ ଆଉ ମାତ୍ର ୧୫ ଲକ୍ଷ ଟଙ୍କା ବାକି ରହିଛି। ଅନ୍ୟପଟେ ପଞ୍ଜାବ ପାଖରେ ୧୬.୫ କୋଟି ଟଙ୍କା ବାକି ରହିଛି। ବୁଧବାର ପୂର୍ବରୁ ଜାରି ହୋଇଥିବା ତାଲିକା ଅନୁସାରେ ରାଜସ୍ଥାନ ପାଖରେ ୧୪.୭୫ କୋଟି ଟଙ୍କା, ସନରାଇଜର୍ସ ହାଇଦ୍ରାବାଦ ପାଖରେ ୧୦.୧, ଦିଲ୍ଲୀ ପାଖରେ ୯ କୋଟି, କୋଲକାତା ନାଇଟ ରାଇଡର୍ସ ପାଖରେ ୮.୫ କୋଟି, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଖରେ ୬.୪ ଓ ମୁମ୍ବାଇ ପାଖରେ ୧.୯୫ କୋଟି ଟଙ୍କା ବାକି ରହିଛି।



ସଞ୍ଜୁ ସାମସନ

## କିଏ ଗଲେ, କିଏ ରହିଲେ

### ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

**ଛାଡ଼ିଲା:** କ୍ରିସ୍ ମୋରିସ, ଆରୋନ ଫିଞ୍ଚ୍, ମୋଇନ ଅଲୀ, ଇସୁରୁ ଉଡାନା, ଡେଲ୍ ଷ୍ଟେଇନ୍, ଶିବମ ଦୁବେ, ଉମେଶ ଯାଦବ, ପୱନ ନେଗୀ, ଗୁରୁକୀରତ ମାନ୍, ପାର୍ଥିବ ପଟେଲ।

**ରହିଲେ:** ବିରାଟ କୋହଲି (ଅଧିନାୟକ), ଏବି ଡି'ଭିଲର୍ସ, ଦେବଦତ୍ତ ପଡିକାଲ, ମହମ୍ମଦ ସିରାଜ, ନବଦୀପ ସଇନୀ, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, ଜୋଶୁଆ ଫିଲିପ୍, ପବନ ଦେଶପାଣ୍ଡେ, ଶାହାବାଜ ଅହମଦ, ଆଡାମ ଜାମ୍ପା, କେନ୍ ରିଚାର୍ଡ଼ଶନ।

ବାକି ରହିଥିବା ଅର୍ଥ: ୩୫.୭ କୋଟି। ଖେଳାଳି କିଣିପାରିବ ୧୩(୪ ବିଦେଶୀ)।

### ସନ୍‌ରାଇଜର୍ସ ହାଇଦ୍ରାବାଦ

**ଛାଡ଼ିଲା:** ସଞ୍ଜୟ ଯାଦବ, ବି. ସନ୍ଦୀପ, ବିଲି ଷ୍ଟାନଲେକ, ଫାବିଆନ ଆଲେନ, ୟାରା ପୃଥ୍ୱୀରାଜ।

**ରହିଲେ:** ଡେଭିଡ ୱାର୍ନର (ଅଧିନାୟକ), ଅଭିଷେକ ଶର୍ମା, ବାସିଲ ଥାମ୍ପି, ଭୁବନେଶ୍ୱର କୁମାର, ଜନି ବେୟାରଷ୍ଟୋ, କେନ୍ ୱିଲିୟମସନ, ମନୀଷ ପାଣ୍ଡେ, ମହମ୍ମଦ ନବି, ରଶିଦ ଖାଁ, ସନ୍ଦୀପ ଶର୍ମା, ଶାହାବାଜ ନଦୀମ, ଶ୍ରୀବତ୍ସ ଗୋସ୍ୱାମୀ, ସିଦ୍ଧାର୍ଥ କୌଲ, ଖଲିଲ ଅହମଦ, ଟି. ନଟରାଜନ, ବିଜୟ ଶଙ୍କର, ରିଦ୍ଧିମାନ ଶାହା, ଅବଦୁଲ ସମଦ, ମିଚେଲ ମାର୍ଶ, ଜାସନ ହୋଲ୍ଡର, ପ୍ରିୟମ ଗର୍ଗ, ବିରାଟ ସିଂ।

ଖେଳାଳି କିଣିପାରିବ ୩(୧ ବିଦେଶୀ)।

### ଦିଲ୍ଲୀ କ୍ୟାପିଟାଲ୍ସ

**ଛାଡ଼ିଲା:** ଆଲେକ୍ସ କାରେ, କେମୋ ପଲ, ସନ୍ଦୀପ ଲାମିଚାନେ, ତୁଷାର ଦେଶପାଣ୍ଡେ, ମୋହିତ ଶର୍ମା, ଜାସନ ରେ।

**ରହିଲେ:** ଶ୍ରେୟାସ ଆୟାର(ଅଧିନାୟକ), ଅଜିଙ୍କ୍ୟ ରାହାନେ, ଅମିତ ମିଶ୍ର, ଆଭେଶ ଖାଁ, ଅକ୍ଷର ପଟେଲ, ହର୍ଶଲ ପଟେଲ, ଇଶାନ୍ତ ଶର୍ମା, କାଭିଶୋ ରାବାଡ଼ା, ପୃଥ୍ୱୀ ଶ', ରବିଚନ୍ଦ୍ରନ ଅଶ୍ୱିନ, ରିଷଭ ପନ୍ତ, ଶିଖର ଧାୱନ, ଲଳିତ ଯାଦବ, ମାର୍କସ ଷ୍ଟୋଇନିସ, ଶିମରନ ହେଟମେର, ଡାନିଏଲ୍ସ ସାମ୍ସ, ଏନରିଚ୍ ନର୍ଜେ, ପ୍ରବୀଣ ଦୁବେ, କ୍ରିସ୍ ୱୋକ୍ସ।

ଅର୍ଥ ରହିଲା ୧୨.୮ କୋଟି। ଖେଳାଳି କିଣିପାରିବେ ୬(୨ ବିଦେଶୀ)।

### କୋଲକାତା ନାଇଟ ରାଇଡର୍ସ

**ଛାଡ଼ିଲା:** ଏମ.ସିଦ୍ଧାର୍ଥ, ନିଖିଲ ନାଏକ, ସିଦ୍ଧେଶ ଲାଡ୍, କ୍ରିସ୍ ଗ୍ରୀନ୍, ଟମ୍ ବାଣ୍ଟନ

**ରହିଲେ:** ଦୀନେଶ କାର୍ତ୍ତିକ, ଆନ୍ଦ୍ରେ ରସେଲ, କମଲେଶ ନାଗରକୋଟି, କୁଲଦୀପ ଯାଦବ, ଲୋକି ଫର୍ଗୁସନ, ନୀତୀଶ ରାଣା, ପ୍ରସିଦ୍ଧା କ୍ରିଷ୍ଣା, ରିଙ୍କୁ ସିଂ, ସନ୍ଦୀପ ୱାରିୟର, ଶିବମ ମାଭି, ଶୁବମନ ଗିଲ୍, ସୁନୀଲ ନାରିନ, ଇଅନ ମୋର୍ଗାନ (ଅଧିନାୟକ), ପ୍ୟାଟ କୁମିନ୍ସ, ରାହୁଲ ତ୍ରିପାଠୀ, ବରୁଣ ଚକ୍ରବର୍ତ୍ତୀ, ଅଲୀ ଖାଁ, ଟିମ୍ ସେଫର୍ଟ।

ଅର୍ଥ ରହିଲା: ୧୦.୮୫ କୋଟି। ଖେଳାଳି କିଣିପାରିବେ ୭(୧ ବିଦେଶୀ)।

### ରାଜସ୍ଥାନ ରୟାଲ୍ସ

**ଛାଡ଼ିଲା:** ଷ୍ଟିଭ୍ ସ୍ମିଥ, ଅଙ୍କିତ ରାଜପୁତ, ଓଶାନେ ଥୋମାସ, ଆକାଶ ସିଂ, ବରୁଣ ଆରୋନ, ଟମ୍ କୁରାନ, ଅନିରୁଦ୍ଧ ଯୋଶୀ, ଶଶାଙ୍କ ସିଂ।

**ରହିଲେ:** ସଞ୍ଜୁ ସାମସନ(ଅଧିନାୟକ), ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚର, ଜୋସ୍ ବଟଲର, ରିୟାନ ପରାଗ, ଶ୍ରେୟାସ ଗୋପାଳ, ରାହୁଲ ଟେୱାଟିଆ, ମହିପାଲ ଲୋମରୋର, କାର୍ତ୍ତିକ ତ୍ୟାଗୀ, ଆଣ୍ଡ୍ର୍ୟୁ ଟାଏ, ଜୟଦେବ ଉନାଡକଟ, ମୟଙ୍କ ମାର୍କଣ୍ଡେ, ଯଶସ୍ୱୀ ଜୟସ୍ୱାଲ, ଅନୁଜ ରାୱତ, ଡେଭିଡ ମିଲର, ମନନ ଭୋର, ରବିନ ଉଥପ୍ପା।

ଅର୍ଥ ରହିଲା: ୩୪.୮୫ କୋଟି। ଖେଳାଳି କିଣିବେ ୮(୩ ବିଦେଶୀ)।

### କିଙ୍ଗ୍ସ ଇଲେଭେନ ପଞ୍ଜାବ

**ଛାଡ଼ିଲା:** ଗ୍ଲେନ ମ୍ୟାକ୍ସୱେଲ, କରୁଣ ନାୟାର, ହର୍ଡୁସ ଭିଲଜନ, ଜଗଦୀଶ ସୁଚିଥ, ମୁଜିବ ଉର୍ ରହମାନ, ଶେଲଡନ କଟ୍ରେଲ, ଜିମି ନିଶାମ, କ୍ରିଷ୍ଣାପ୍ପା ଗୋଥାମ, ତାଜିନ୍ଦର ସିଂ।

**ରହିଲେ:** ଲୋକେଶ ରାହୁଲ(ଅଧିନାୟକ), କ୍ରିସ୍ ଗେଲ୍, ମୟଙ୍କ ଅଗ୍ରୱାଲ, ନିକୋଲାସ ପୁରନ, ମନଦୀପ ସିଂ, ସର୍ଫରାଜ ଖାଁ, ଦୀପକ ହୁଡା, ପ୍ରଭସିମରନ ସିଂ, ମହମ୍ମଦ ଶାମି, କ୍ରିସ୍ ଜୋର୍ଡାନ, ଦର୍ଶନ ନଲକନ୍ଦେ, ରବି ବିଷ୍ଣୋଇ, ମୁରୁଗାନ ଅଶ୍ୱିନ, ଅର୍ଶଦୀପ ସିଂ, ହରପ୍ରୀତ ବ୍ରାର, ଇଶାନ ପୋରେଲ।

ଅର୍ଥ ରହିଲା: ୫୩.୨ କୋଟି। ଖେଳାଳି କିଣିବେ ୯(୫ ବିଦେଶୀ)।

### ଚେନ୍ନାଇ ସୁପରକିଙ୍ଗ୍ସ

**ଛାଡ଼ିଲା:** କେଦାର ଯାଦବ, ହରଭଜନ ସିଂ, ଶେନ ୱାଟସନ, ମୋନୁ ସିଂ, ପୀୟୂଷ ଚାୱଲା, ମୁରଲୀ ବିଜୟ।

**ରହିଲେ:** ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ), ସୁରେଶ ରାଇନା, ଅମ୍ବାତି ରାୟୁଡୁ, କେ.ଏମ. ଅସିଫ, ଦୀପକ ଚହର, ଡ୍ୱେନ ବ୍ରାଭୋ, ଫାଫ୍ ଡୁ'ପ୍ଲେସି, ଇମ୍ରାନ ତାହିର, ନାରାୟଣ ଜଗଦୀଶନ, କର୍ନ ଶର୍ମା, ଲୁନ୍‌ଗି ଏନ୍‌ଗିଡି, ମିଚେଲ ସାଣ୍ଟନର, ରବୀନ୍ଦ୍ର ଜାଡେଜା, ଋତୁରାଜ ଗାଏକ୍ୱାଡ, ଶାର୍ଦ୍ଦୁଳ ଠାକୁର, ଜୋଶ୍ ହାଜେଲଉଡ୍, ଆର. ସାଇକିଶୋର, ସାମ୍ କୁରାନ।

ଅର୍ଥ ରହିଲା: ୨୨.୯ କୋଟି। ଖେଳାଳି କିଣିବ ୭(୧ ବିଦେଶୀ)।

### ମୁମ୍ବାଇ ଇଣ୍ଡିଆନ୍ସ

**ଛାଡ଼ିଲା:** ମିଚେଲ ମ୍ୟାକକ୍ଲିନଘାନ, ଜେମ୍ସ ପ୍ୟାଟିନସନ, ଲସିଥ ମାଲିଙ୍ଗା, ନାଥାନ କୁଲ୍ଟର-ନାଇଲ, ଶେର୍ଫାନେ ରୁଥରଫୋର୍ଡ, ଦିଗ୍‌ବିଜୟ ଦେଶମୁଖ, ପ୍ରିନ୍ସ ବଲବନ୍ତ ରାୟ ସିଂ।

**ରହିଲେ:** ରୋହିତ ଶର୍ମା(ଅଧିନାୟକ), ଆଦିତ୍ୟ ତାରେ, ଅନମୋଲପ୍ରୀତ ସିଂ, ଅନୁକୂଳ ରୟ, ଧାୱଲ କୁଲକର୍ନୀ, ହାର୍ଦ୍ଦିକ ପାଣ୍ଡ୍ୟା, ଇଶାନ କିଶନ, ଯଶପ୍ରୀତ୍ ବୁମ୍‌ରା, ଜୟନ୍ତ ଯାଦବ, କିରନ ପୋଲାର୍ଡ, କୃନାଲ ପାଣ୍ଡ୍ୟା, କ୍ୱିଣ୍ଟନ ଡି'କକ୍, ରାହୁଲ ଚହର, ସୂର୍ଯ୍ୟକୁମାର ଯାଦବ, କ୍ରିସ୍ ଲିନ୍, ମହସିନ ଖାଁ, ସୌରଭ ତିୱାରୀ, ଟ୍ରେଣ୍ଟ ବୋଲ୍ଟ।

ଅର୍ଥ ରହିଲା: ୧୫.୩୫ କୋଟି। ଖେଳାଳି କିଣିବ ୭(୪ ବିଦେଶୀ)।

# ନୂଆ ବ୍ରାଣ୍ଡର କ୍ରିକେଟ

**ଭିଭିଏସ୍ ଲକ୍ଷ୍ମଣ**

ଏବେ ମଧ୍ୟ ଖୁସି ଅନୁଭୂତ ହେଉଛି। ଗାବାରେ ଭାରତୀୟ କ୍ରିକେଟ ଦଳର ଐତିହାସିକ ଟେଷ୍ଟ ବିଜୟ ଖବର ଏବେ ଟିକିଏ ପୁରୁଣା ହେଲେ ମଧ୍ୟ ଖୁସି ଓ ଉତ୍ସାହ ସ୍ତରରେ ଅବନତି ହୋଇନାହିଁ। ଅଷ୍ଟ୍ରେଲିଆ ବିପକ୍ଷ ଗତ ୩ଟି ଟେଷ୍ଟ ନିଶ୍ଚିତ ଭାବେ ଉତ୍ସାହଜନକ। ନିଃସନ୍ଦେହରେ କ୍ରିକେଟ ବେଶ୍ ଆମୋଦଦାୟକ ରହିଆସିଛି। ତେବେ ବାରମ୍ବାର ମୋର ଦୁଇ ପିଲା ସରବଜିତ ଓ ଅଚିନ୍ତ୍ୟଙ୍କୁ କହିଆସିଛି ଯେ ଶେଷ ଦେଢ଼ ଦିନ ଭାରତୀୟ ଦଳ ମୂଲ୍ୟବାନ ଶିକ୍ଷା ଦେଇଯାଇଛି। ପ୍ରତିକୂଳ ପରିସ୍ଥିତିରେ ଭାରତୀୟ ଖେଳାଳିମାନେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ଯୁବ ଖେଳାଳିମାନେ ସାହସ ଓ ନିର୍ଭୀକତା ପ୍ରଦର୍ଶନ କରିଛନ୍ତି ଓ ଏହା ସାରା ଜୀବନ ପାଇଁ ଶିକ୍ଷଣୀୟ ହୋଇ ରହିବ।

ଅଷ୍ଟ୍ରେଲିଆକୁ ତା'ର ଘରୋଇ ପରିବେଶରେ ହରାଇବା ନିଶ୍ଚିତ ଭାବେ ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହୋଇଛି। ଦଳର ଆଗଧାଡିର ଅଧଡଜନେ ଖେଳାଳି ଇଞ୍ଜୁରି କାରଣରୁ ଅନୁପସ୍ଥିତି ରହିବା ସତ୍ତ୍ୱେ ଏହି ବିଜୟକୁ





ଅସାଧାରଣ କୁହାଯାଇପାରେ। ପୁଣି ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ୩୬ରେ ଅଲଆଉଟ ହେବାପରେ ଭାରତ ପ୍ରତ୍ୟାବର୍ତ୍ତନ କରି ସିରିଜ ଜିତିବା ଏକ ବଡ଼ ସଫଳତା ବୋଲି କୁହାଯାଇପାରେ। ଭାରତର ଏହି ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ବର୍ଷବର୍ଷ ଧରି ମନେ ରହିବ ଓ ଚର୍ଚ୍ଚାର ଖୋରାକ ଯୋଗାଇବ। ଖେଳାଳିମାନଙ୍କ ଅଦମ୍ୟ ସାହସ, ଅବିଚଳିତ ସ୍ୱଭାବକୁ ନେଇ ଭବିଷ୍ୟତରେ ମଧ୍ୟ ଆମେ ଗୌରବ ଅନୁଭବ କରିବା। ଆଡିଲେଡ୍‌ରେ ଲଜ୍ଜାଜନକ ପରାଜୟ ପରେ ଭାରତ ଆଗରେ ଦୁଇଟି ରାସ୍ତା ରହିଥିଲା। ଆତ୍ମସମର୍ପଣ କରିବା କିମ୍ବା ଏହି ବିପତ୍ତିକୁ ସଫଳତାର ଶିଡି ବନାଇବା। ତେବେ ମୁଖ୍ୟ ରବି ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଭାରତ ଲଢ଼ିବା ସହିତ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିଥିଲା। ଯାହା ଘଟିଯାଇଛି ତାକୁ ଆଉ ବଦଳାଇ ହେବନି। କିନ୍ତୁ ଆମେ ଭବିଷ୍ୟତ ଗଢ଼ିପାରିବା ବୋଲି ଭାରତୀୟ ଖେଳାଳିମାନେ ହୃଦୟଙ୍ଗମ କରିଥିଲେ।

ତ୍ରୁଟି ଓ ଦୁର୍ବଳତାକୁ ସୁଧାରିବାକୁ ପ୍ରୟାସ କରିବା ସହ ଏକ ନୂଆ ବ୍ରାଣ୍ଡର କ୍ରିକେଟ ଖେଳିବାକୁ ସମ୍ପୂର୍ଣ୍ଣ ଦଳ ଓ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଥିଲା। ଫଳରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ସେସନରେ ହିଁ ଏହା ପ୍ରତିଫଳିତ ହୋଇଥିଲା। ଆଡିଲେଡ୍‌କୁ ପଛରେ ପକାଅ ଓ ଆମକୁ ହାଲୁକା ଭାବେ ନିଅ ନାହିଁ ବୋଲି ଭାରତ ଘରୋଇ ଦଳକୁ ସନ୍ଦେଶ ଦେଇଥିଲା।

ପ୍ରତ୍ୟେକ ଖେଳାଳି ଦୃଢ ଭାବେ ଠିଆ ହୋଇଥିଲେ ଓ କିଛି କରି ଦେଖାଇବାକୁ ଦୃଢ ନିଶ୍ଚିତ ମଧ୍ୟ ଥିଲେ। ଏହି ଦଳ 'ୱାନ ମ୍ୟାନ ଆର୍ମି' ନ ଥିଲା। ଦଳରେ ଏକାଧିକ ହିରୋ ଥିଲେ। ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କଠାରୁ ଆରମ୍ଭ କରି ଚେତେଶ୍ୱର ପୂଜାରା, ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, ରିଷଭ ପନ୍ତ, ଶୁବମନ ଗିଲ, ହନୁମା ବିହାରୀ, ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର, ୱାଶିଂଟନ ସୁନ୍ଦର ଓ ଟି. ନଟରାଜନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଭୂମିକା ଏହି ବିଜୟରେ ଗୁରୁତ୍ୱପୂର୍ଣ୍ଣ ଥିଲା। ଏତେ ସବୁ ଖେଳାଳି ଏକାଠି ହେବା ଦ୍ୱାରା ପରିଣାମ ବେଶ୍ ଆମୋଦଦାୟକ ଥିଲା। ନିଷ୍ପତ୍ତି ନେବାରେ ସ୍ୱଚ୍ଛତା ଥିଲା। ମ୍ୟାନେମେଣ୍ଟ, ଅଧିନାୟକ ଓ ଖେଳାଳିମାନେ ସମସ୍ତେ ଏଥିରେ ସମାନ ଭାବେ ସାମିଲ ରହିଥିଲେ। ଦଳର ଢାଞ୍ଚାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯାଉଥିଲା। ନିଷ୍ପତ୍ତି ସବୁ ପ୍ରାରମ୍ଭିକ ଥିଲା କି ନା ସେ ନେଇ ଅଧିକ ଗୁରୁତ୍ୱ ଦିଆଯାଉ ନ ଥିଲା। ଏଥିପାଇଁ କୁଲଦୀପ ଯାଦବଙ୍କ ବଦଳରେ ୱାଶିଂଟନ ସୁନ୍ଦରଙ୍କୁ ଦଳରେ ସାମିଲ କରାଯାଇଥିଲା। ପୁଣି ପୋଖତ ଓପନର ହୋଇଥିଲେ ମଧ୍ୟ ମୟଙ୍କ ଅଗ୍ରୱାଲଙ୍କୁ ମିଡିଲ ଅର୍ଡରରେ ଖେଳିବାକୁ ସୁଯୋଗ ଦିଆଯାଇଥିଲା।

ଗାବାରେ ସୁନ୍ଦର ଓ ଠାକୁରଙ୍କ ପାର୍ଟନରଶିପ୍ ନିର୍ଣ୍ଣାୟକ ଥିଲା ଓ ମ୍ୟାଚ୍‌ର ମୋଡ ବଦଳାଇଥିଲା। ଚାପ ଓ କଷ୍ଟକର ତଥା ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ଏହି ଦୁଇ ଖେଳାଳି ୩ଜଣ କ୍ୱାଲିଟି ପେସର ଓ ଜଣେ ବିଶ୍ୱସ୍ତରୀୟ ସ୍ପିନରଙ୍କ ବିପକ୍ଷରେ ଲଢେଇ କରି ଦଳକୁ ବିପଦରୁ ମୁକ୍ତ କରିଥିଲେ। ଏବେ ଟି୨୦ ଫର୍ମାଟର ଯୁଗ ବୋଲି କୁହାଯାଉଥିଲେ ମଧ୍ୟ ଭାରତ ଏହାକୁ ଭୁଲ ପ୍ରମାଣିତ କରିଛି। ଏହି ବିଜୟ ବହୁ ଶିକ୍ଷା ଦେଇଛି। ନିଷ୍ପତ୍ତି ନେବାକୁ ପଛଘୁଞ୍ଚା ଦେବା ନାହିଁ ବୋଲି ଭାରତର ଏହି ଐତିହାସିକ ସଫଳତାରୁ ସ୍ପଷ୍ଟ ହୋଇଛି। **(ଗେମ୍‌ପ୍ଲାନ)**

# ଲଢୁଆ ମନୋବୃତ୍ତି, କୌଶଳର ଗୁଣଗାନ

**ମେଲବୋର୍ନ,୨୦।୧(ପି.ଟି.)**

ଭାରତର ଐତିହାସିକ ସିରିଜ ବିଜୟକୁ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପ୍ରଶଂସା କରିଛି। ଭାରତୀୟ ଦଳର ଲଢୁଆ ମନୋବୃତ୍ତି, ସାହସ ଓ କୌଶଳର ଗୁଣଗାନ କରିଛି ସିଏ। ଏଥିସହିତ ଏହି ହାଇପ୍ରୋଫାଇଲ ସିରିଜର ସୁପରିଚାଳନା ପାଇଁ ସିଏ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ତ୍ୟାଗକୁ ଭୂୟସୀ ପ୍ରଶଂସା କରିଛି।

ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱରେ ଏକ ଦ୍ୱିତୀୟସ୍ତରର ଭାରତୀୟ ଦଳ ଯେପରି ଗାବାରେ ବିଜୟୀ ହୋଇ ସିରିଜ ହାତେଇଲା ତାହା ପ୍ରଶଂସନୀୟ। ବର୍ଡର ଗାଭାସ୍କର ଟ୍ରଫି ବଜାୟ ରଖିଥିବାରୁ ସିଏ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛି। ଏହି ବିଜୟ ଆଗାମୀ ପିଢି ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ସିଏ ବିସିସିଆଇକୁ ତା'ର ଧନ୍ୟବାଦ ପତ୍ରରେ ଉଲ୍ଲେଖ କରିଛି। ସିଏ ମଧ୍ୟବର୍ତ୍ତିକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ନିକ୍ ହୋକ୍‌ଲି ଓ ଅଧ୍ୟକ୍ଷ ଅର୍ଲ ଏଡିଙ୍ଗ୍ସ ଲେଖିଛନ୍ତି। କୋଭିଡ୍-୧୯ର ପ୍ରକୋପ ସତ୍ତ୍ୱେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ବିସିସିଆଇ ଏହି ସିରିଜକୁ ସଫଳତାର ସହ ସମ୍ପନ୍ନ କରାଇବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା ଓ ଏହା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ସିଏର ଅଧିକାରୀ ଦ୍ୱୟ ଏହି ଚିଠିରେ ଉଲ୍ଲେଖ କରିଛନ୍ତି।

ଏହି ବନ୍ଧୁତ୍ୱ, ବିଶ୍ୱାସ ଓ ପ୍ରତିବଦ୍ଧତା ପାଇଁ ବିସିସିଆଇଠାରେ ଆମେ ଋଣୀ ହୋଇ ରହିବୁ ବୋଲି ସିଏ ତରଫରୁ କୁହାଯାଇଛି। ସାରା ବିଶ୍ୱରେ କ୍ରିକେଟ ପ୍ରଶଂସକ ଏହି ଟେଷ୍ଟ ସିରିଜକୁ ନେଇ ଉତ୍କଣ୍ଠା ପ୍ରକାଶ କରିବା ସହ ଉପଭୋଗ କରିଛନ୍ତି। କୋଭିଡ୍-୧୯ ସମୟରେ ଏଭଳି ଏକ କ୍ୱାଲିଟି ସିରିଜ ସଫଳତାର ସହ ଆୟୋଜନ ହେବା ନିଶ୍ଚିତ ଭାବେ ଏକ ବଡ଼ କଥା ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। କରୋନ ପାଇଁ ଆମ ଆଗରେ ଏକାଧିକ ଚ୍ୟାଲେଞ୍ଜ ରହିଥିଲା। ଏହାକୁ ସଫଳତାର ସହ ସାମ୍ନା କରାଯାଇଛି। ଏଥିପାଇଁ ଭାରତୀୟ ଖେଳାଳି, ସପୋର୍ଟ ଷ୍ଟାଫ୍ ଓ କୋଚ୍‌ମାନଙ୍କୁ କୃତଜ୍ଞତା ଜଣାଉଛୁ। ଗତ ୯ ସପ୍ତାହ ହେବ ବିଭିନ୍ନ କଟକଣାରେ ମଧ୍ୟ ଦୁଇ ଦଳ ଦିନିକିଆ, ଟି୨୦ ଓ ଟେଷ୍ଟ ସିରିଜ ଖେଳିବା ସମ୍ପୂର୍ଣ୍ଣ କରିଛନ୍ତି। ଏହି ଗସ୍ତ ସୁପରହିଟ୍ ହୋଇଛି ଓ ଏଥିରେ ବିସିସିଆଇର ଭୂମିକା ଉଲ୍ଲେଖନୀୟ। ଆର୍ଥିକ ଭାବେ ସଂଘର୍ଷ କରୁଥିବା ସିଏ ଏହି ସିରିଜ ଆୟୋଜନ କରି ନିଜର ସ୍ଥିତି ସମ୍ଭାଳିବାରେ ସଫଳ ହୋଇଛି। ଏଥିସହ ସିଏ ୩୦୦ ମିଲିୟନ ଅଷ୍ଟ୍ରେଲିଆନ୍ ଡଲାର ଉପାର୍ଜନ କରିଛି। ବର୍ଣ୍ଣବୈଷମ୍ୟ ଆକ୍ଷେପକୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟ ସିରିଜକୁ ପ୍ରଭାବିତ କରିପାରି ନ ଥିଲା। ସବୁ ପ୍ରକାର ଚ୍ୟାଲେଞ୍ଜକୁ ସାମ୍ନା କରିବାରେ ବିସିସିଆଇର ସହଯୋଗ ଓ ଭୂମିକାକୁ ଆମେ ପ୍ରଶଂସା ନ କରି ରହିପାରୁନାହୁଁ ଓ ବିସିସିଆଇର ଏଥିରେ ବହୁତ ତ୍ୟାଗ ରହିଛି। ଏହାକୁ ଆମେ କେବେ ଭୁଲିବୁ ନାହୁଁ ବୋଲି ସିଏ ତରଫରୁ କୁହାଯାଇଛି। ସିରିଜକୁ ସଫଳ କରାଇବାରେ ସରକାର, ସ୍ୱାସ୍ଥ୍ୟ ଅଧିକାରୀ, ଭେନ୍ୟୁ, ବ୍ରଡକାଷ୍ଟ, କମର୍ସିଆଲ ପାର୍ଟନର, କ୍ରିକେଟ ଆସୋସିଏଶନ, ଖେଳାଳି, ମ୍ୟାଚ୍ ଅଫିସିଆଲ, ସପୋର୍ଟ ଷ୍ଟାଫଙ୍କୁ ସିଏ ଧନ୍ୟବାଦ ଜଣାଇଛି।

## ପନ୍ତ ଏବେ ଶ୍ରେଷ୍ଠ ର୍‍ୟାଙ୍କପ୍ରାପ୍ତ ଉଇକେଟ କିପର



**ଦୁବାଇ, ୨୦।୧(ପି.ଟି.):** ଅଷ୍ଟ୍ରେଲିଆ ବିପକ୍ଷ ବ୍ରିସ୍‌ବେନ୍ ଟେଷ୍ଟରେ ୮୯ ରନର ମ୍ୟାଚ ବିଜୟୀ ଇନିଂସ ଖେଳିବା ପରେ ଭାରତର ରିଷଭ ପନ୍ତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ୧୩ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍। କେବଳ ସେତିକି ନୁହେଁ ବର୍ତ୍ତମାନର ଉଇକେଟ କିପରଙ୍କ ମଧ୍ୟରେ ସେ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଉଇକେଟ କିପର ହେବାର ଗୌରବ ମଧ୍ୟ ପାଇଛନ୍ତି। ନିର୍ଭୀକ ଖେଳ ପାଇଁ ଅନେକ ପ୍ରଶଂସା ସାଉଁଟିଥିବା ପନ୍ତ ୬୯୧ ପଏଣ୍ଟ ପାଇ ଦକ୍ଷିଣ ଆଫ୍ରିକାର କ୍ୱିଣ୍ଟନ ଡି'କକ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। ଡି'କକ୍ ୬୭୭ ପଏଣ୍ଟ ସହ ୧୫ତମ ସ୍ଥାନରେ ରହିଛନ୍ତି। ବ୍ରିସ୍‌ବେନ୍ ଟେଷ୍ଟର ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଅଷ୍ଟ୍ରେଲିଆର ମାର୍ନସ ଲାବୁସେନ ୮୭୮ ପଏଣ୍ଟରେ ପହଞ୍ଚି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲିଙ୍କୁ ତୃତୀୟ ସ୍ଥାନରୁ ହଟାଇଛନ୍ତି। ପ୍ରଥମ ସନ୍ତାନର ଜନକ ହୋଇଥିବା କୋହଲି ଅଷ୍ଟ୍ରେଲିଆ ବିପକ୍ଷ ସିରିଜର ଶେଷ ୩ଟି ଟେଷ୍ଟ ଖେଳି ନ ଥିବାରୁ ୮୬୨ ପଏଣ୍ଟ ସହିତ ୪ର୍ଥ ସ୍ଥାନକୁ ଖସିଛନ୍ତି। ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ୯୧୯ ଓ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ ୮୯୧ ପଏଣ୍ଟ ସହିତ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି।

କ୍ରମାଗତ ପ୍ରଦର୍ଶନରେ ଉନ୍ନତି ଘଟାଇ ଚାଲିଥିବା ଭାରତର ଶୁବମନ ଗିଲ୍ ୬୮ରୁ ୪୭ତମ ସ୍ଥାନକୁ ଲମ୍ଫ ମାରିଛନ୍ତି। ବ୍ରିସ୍‌ବେନ୍‌ରେ ସେ ୯୧ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଏଥିରେ ଭାରତ ୩ ଉଇକେଟରେ ବିଜୟୀ ହୋଇଥିଲା। ଭାରତର ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ଗୋଟିଏ ସ୍ଥାନ ଉପରକୁ ଉଠି ୭ମରେ ପହଞ୍ଚିଥିବାବେଳେ ଦ୍ରୁତ ବୋଲର ମହମ୍ମଦ ସିରାଜ ୩୨ଟି ସ୍ଥାନ ଉପରକୁ ଉଠି ୪୫ତମ ସ୍ଥାନ ପାଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2005/14844 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ଜାନୁୟାରୀ ୨୧/୨୦୨୧ Berhampur, Thursday, January 21/ 2021

# ଗ୍ରୀନ୍, ୟେଲୋ, ରେଡ୍ ବିଜୟୀ

**ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଏକଦିବସୀୟ ମହିଳା କ୍ରିକେଟ ଲିଗ୍‌ରେ ବୁଧବାର ଅନୁଷ୍ଠିତ ୩ ମ୍ୟାଚରେ ଓଡ଼ିଶା ଗ୍ରୀନ୍, ୟେଲୋ ଓ ରେଡ୍ ଦଳ ବିଜୟ ହାସଲ କରିଛି। ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଗ୍ରୀନ୍ ୧୦ ଉଇକେଟରେ ଭାଓଲେଟ୍‌କୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାଓଲେଟ୍ ୩୨.୩ ଓଭରରେ ୯ ଉଇକେଟ ହରାଇ ୭୯ ରନ କରିଥିଲା।

## ଓସିଏ ମହିଳା କ୍ରିକେଟ ଲିଗ୍

ଦଳ ପକ୍ଷରୁ ରାଧିକା ଶର୍ମା ସର୍ବାଧିକ ୩୦ ରନ କରିଥିଲେ। ବିପକ୍ଷ ଦଳର ଶୁଭ୍ରା ସ୍ୱାଇଁ ଚମତ୍କାର ବୋଲିଂ କରି ନିଜ ୫ ଓଭର ସ୍ପେଲ୍‌ରେ ୩ ମେଡେନ ନେଇ ମାତ୍ର ୩ ରନ ଦେବା ସହ ୩ ଉଇକେଟ ଅକ୍ତିଆର କରିଥିଲେ। କୁନି ବଦରା ଓ ସ୍ମୃତିରୂପା ମଲିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ୮୦ ରନର ବିଜୟ ଲକ୍ଷ୍ୟକୁ ଗ୍ରୀନ୍ କୌଣସି ଉଇକେଟ ନ ହରାଇ ୧୭ ଓଭରରେ ହାସଲ କରି ନେଇଥିଲା। ଶୁଭ୍ରା ୪୩ ଓ ସସ୍ମିତା ମଲିକ ୨୭ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଶୁଭ୍ରାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲା।



ଜି. ଅଳକାନନ୍ଦା



ସୁଶ୍ରୀ ସିଂ



ଶୁଭ୍ରା ସ୍ୱାଇଁ

କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୟେଲୋ ୫ ଉଇକେଟରେ ଅରେଞ୍ଜ୍‌କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅରେଞ୍ଜ୍ ୪୧ ଓଭରରେ ୧୧୮ ରନକରି ଅଲଆଉଟ ହୋଇଥିଲା। ସରିତା ମେହେର ସର୍ବାଧିକ ୨୧ ରନ କରିଥିଲେ। ପ୍ରତିପକ୍ଷ ବୋଲର ଜି. ଅଳକାନନ୍ଦା ୯ ଓଭରରେ ୪ ମେଡେନ ସହ ୭ ରନ ଦେଇ ୪ଟି ଏବଂ ପୂଜା ଯାଦବ ୭ ଓଭରରେ ୨ ମେଡେନ ନେଇ ୨୦ ରନ ବିନିମୟରେ ୩ ଉଇକେଟ ହାସଲ କରିଥିଲେ। ଜବାବରେ ୟେଲୋ ୧୧୩ ବଲ୍ ବାକିଥାଇ ୩୧.୧ ଓଭରରେ ୫ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରି ନେଇଥିଲା। ଅର୍ଦ୍ଧଶତକ ହାସଲକାରୀ ସୁମିତ୍ରା ସାହୁ ୫୧ ରନରେ ଅପରାଜିତ ରହିଥିଲେ। ପରାଜିତ ଦଳର ରାମେଶ୍ୱରୀ ନାଏକ ଓ ଭବାନୀ ଧଡ଼ା ୨ଟି ଲେଖାଏ ଉଇକେଟ ନେଇଥିଲେ। ମୂଳା ପଡ଼ିଆରେ ଅନୁଷ୍ଠିତ ଅନ୍ୟ ମ୍ୟାଚରେ ଓଡ଼ିଶା ରେଡ୍ ୫୬ ରନରେ ପର୍ପଲକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରେଡ୍ ୫୦ ଓଭରରେ ୫ ଉଇକେଟ ହରାଇ ୧୯୭ ରନ କରିଥିଲା। ଅଧିନାୟିକା ମାଧୁରୀ ମେହେଟା ୬୬ ଓ ଶିଳ୍ପା ସ୍ୱାଇଁ ୩୦ ରନରେ ଅପରାଜିତ ରହିଥିଲେ। ସୁଚିସ୍ମିତା ପଣ୍ଡା ୨୮ ରନ କରିଥିଲେ। ବିପକ୍ଷ ଦଳର ପୂଜା ଦାସ ୨ଟି ଏବଂ ଲିଓନା ପ୍ରିୟଦର୍ଶିନୀ ଗୋଟିଏ ଉଇକେଟ ନେଇଥିଲେ। ୧୯୮ ରନ ବିଜୟ ଲକ୍ଷ୍ୟରେ ପର୍ପଲ ୪୧.୨ ଓଭରରେ ୧୪୧ ରନକରି ଅଲଆଉଟ ହୋଇ ଯାଇଥିଲା। ଅଲିପ୍ସା ବିଶ୍ୱାଳ ସର୍ବାଧିକ ୩୪ ଓ ମୋନାଲିସା ରାଉତ ୨୭ ରନ କରିଥିଲେ। ବିଜୟୀ ଦଳର ଅଭିଲିପ୍ସା ପ୍ରଧାନ ଓ ସୁଶ୍ରୀ ସିଂ ୪ଟି ଲେଖାଏ ଏବଂ ରାଜଶ୍ରୀ ସ୍ୱାଇଁ ୨ଟି ଉଇକେଟ ନେଇଥିଲେ। ସୁଶ୍ରୀ ୭.୨ ଓଭର ବୋଲିଂ କରି ଗୋଟିଏ ମେଡେନ ନେବା ସହ ମାତ୍ର ୧୮ ରନ ବ୍ୟୟ କରିଥିଲେ।

# ଓସିଏ ଆନ୍ତଃ ଜିଲା ଟୁର୍ନାମେଣ୍ଟ ଆରମ୍ଭ

**ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ କଟକର ୬ଟି ଗ୍ରାଉଣ୍ଡରେ ବୁଧବାର ଆରମ୍ଭ ହୋଇଛି। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୩୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଟିମ୍‌ଗୁଡ଼ିକୁ ୯ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପରେ ୪ଟି ଲେଖାଏ ଦଳ ରହିଛନ୍ତି। ଟୁର୍ନାମେଣ୍ଟକୁ ସଫଳତାର ସହ ସମ୍ପନ୍ନ କରାଇବା ପାଇଁ ୩୦ ମ୍ୟାଚ ଅଫିସିଆଲଙ୍କୁ ନିଯୁକ୍ତ କରାଯାଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ବଲାଙ୍ଗୀର ୨୨୪ ରନରେ ସୋନପୁରକୁ ପରାସ୍ତ କରିଛି। ବଲାଙ୍ଗୀର ୨୭୨ ରନ କରିଥିବାବେଳେ ସୋନପୁର ୪୮ ରନରେ ଅଲଆଉଟ ହୋଇଛି। ବିଜୟୀ ଦଳର ଆୟୁଷ୍ମାନ ଦାଶ ୫ ଉଇକେଟ ସଫଳତା ପାଇଛନ୍ତି। ଅନ୍ୟ ଏକ ମ୍ୟାଚରେ ଭୁବନେଶ୍ୱର 'ଏ' ୧୦ ଉଇକେଟରେ କେନ୍ଦ୍ରାପଡ଼ାକୁ ହରାଇଛି। କେନ୍ଦ୍ରାପଡ଼ା ୬୩ ରନରେ ଅଲଆଉଟ ହୋଇଥିବାବେଳେ ଭୁବନେଶ୍ୱର 'ଏ' ୫.୪ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟ ହାସଲ କରି ନେଇଥିଲା। ସେହିପରି କଟକ-ଏ ୭ ଉଇକେଟରେ ଅନୁଗୋଳକୁ ହରାଇଛି। ଅନୁଗୋଳ ୧୬୩ରେ ଅଲଆଉଟ ହୋଇଥିଲା। କଟକ-ଏ ୩୦.୪ ଓଭରରେ ୩ ଉଇକେଟ ହରାଇ ବିଜୟୀ ହୋଇଥିଲା। ଢେଙ୍କାନାଳ ୫୧ ରନରେ ନୂଆପଡ଼ାକୁ ପରାସ୍ତ କରିଛି। ବିଜୟୀ ଦଳ ୧୭୮ ରନ କରିଥିବାବେଳେ ନୂଆପଡ଼ା ୧୨୭ ରନରେ ଅଲଆଉଟ

## ୧୯ ବର୍ଷରୁ କମ୍ କ୍ରିକେଟ

ହୋଇଥିଲା। ଢେଙ୍କାନାଳର ଶକ୍ତିରଞ୍ଜନ ଭୋଇ ନିଜ ୬.୧ ଓଭର ସ୍ପେଲରେ ୨ ମେଡେନ ନେଇ ୧୨ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଅନ୍ୟ ଏକ ମ୍ୟାଚରେ ମୟୂରଭଞ୍ଜ (୧୮୫/୧୦) ୪୮ ରନରେ ଦେବଗଡ଼ (୧୩୭/୧୦)କୁ ହରାଇଛି। ମୟୂରଭଞ୍ଜର ରିଷଭ ଶର୍ମା ୧୦-୪-୧୩-୫ ବୋଲିଂ ସଫଳତା ପାଇଛନ୍ତି। ସମ୍ବଲପୁର(୧୫୫/ଅଲଆଉଟ) ୫ ଉଇକେଟରେ କଟକ-ବି(୧୧୯/ଅଲଆଉଟ)କୁ ପରାସ୍ତ କରିଛି। କଟକ-ବି'ର ରାକେଶ କୁମାର ସାହୁ (୧୦-୧-୨୪-୫) ଓ ସମ୍ବଲପୁରର ଶ୍ରେଷ୍ଠ ସିଂ (୯.୨-୩-୧୭-୭) ଚମତ୍କାର ବୋଲିଂ କରିଛନ୍ତି।

# ରାଣୀଙ୍କ ଗୋଲରେ ମ୍ୟାଚ ଡ୍ର

**ବୁଏନ୍ସ ଆରିଜ, ୨୦।୧(ପି.ଟି.)**

ଭାରତୀୟ ମହିଳା ହକି ଦଳ ଏକାଧିକ ପେନାଲ୍ଟି କର୍ନର ସୁଯୋଗ ହାତଛଡ଼ା କରିବା ପରେ ଅଧିନାୟିକା ରାଣୀ ରାମପାଲଙ୍କ ଗୋଲ ବଳରେ ଆର୍ଜେଣ୍ଟିନାର ଜୁନିୟର ଦଳ ବିପକ୍ଷରେ ୧-୧ ଗୋଲରେ ମ୍ୟାଚ ଡ୍ର ରଖିବାରେ ସକ୍ଷମ ହୋଇଛି। ଭାରତର ଏହା କ୍ରମାଗତ ଦ୍ୱିତୀୟ ଡ୍ର। ପୂର୍ବରୁ ଆର୍ଜେଣ୍ଟିନା ଜୁନିୟର ଦଳ ବିପକ୍ଷରେ ଭାରତ ୨-୨ ଗୋଲରେ ମ୍ୟାଚ ଅମୀମାଂସିତ ରଖିଥିଲା।

ମ୍ୟାଚ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ଖେଳିଥିଲା। ଫଳରେ ୧ମ ମିନିଟରେ ହିଁ ଦଳକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଗୁରଜିତ କୌରଙ୍କ ଶଟ୍‌କୁ ଆର୍ଜେଣ୍ଟିନା ଗୋଲକିପର ଅଟକାଇ ଦେଇଥିଲେ। ୫ମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲେ ହେଁ ଦୀପ୍ ଗ୍ରେସ୍ ଏକ୍କା ମାରିଥିବା ଶଟ୍ ପୋଷ୍ଟ ବାହାରେ ଚାଲି ଯାଇଥିଲା। ଏହାପରେ ଘରୋଇ ଦଳ ଲଗାତର ୩ ପେନାଲ୍ଟି କର୍ନର ପାଇଥିଲା। ୧୩ତମ ମିନିଟରେ ଗୋଲ ଦେଇ ଦଳ ୧-୦ ଗୋଲରେ ଅଗ୍ରଣୀଲାଭ କରିଥିଲା। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ଭାରତ ଏକାଧିକ ଥର ବଲ୍‌ନେଇ ପ୍ରତିପକ୍ଷ ପୋଷ୍ଟରେ ପହଞ୍ଚିଥିଲେ ହେଁ ଘରୋଇ ରକ୍ଷଣଭାଗକୁ ଭେଦକରିପାରି ନ ଥିଲା। ୩୭, ୪୩, ୪୮ ଓ ୫୮ତମ ମିନିଟରେ ଦଳ ୪ଟି ପେନାଲ୍ଟି କର୍ନର ପାଇଥିଲା। ପ୍ରଥମ ତିନୋଟି ବେକାର ଯାଇଥିବାବେଳେ ୫୮ତମ ମିନିଟରେ ନଭନୀତ କୌରଙ୍କ ପୁଶ୍‌କୁ ରାଣୀ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ଆଣିଥିଲେ। ଭାରତୀୟ ଦଳର ପ୍ରଦର୍ଶନରେ ସନ୍ତୋଷ ପ୍ରକାଶ କରିଛନ୍ତି କୋଚ୍ ଜୋର୍ଡ ମାରିଜନେ। ଦଳର ପ୍ରଦର୍ଶନ ଦିନକୁ ଦିନ ଉନ୍ନତି ହେଉଛି। ଚୂଡ଼ାନ୍ତ ୧୮ ଜଣିଆ ଦଳରେ ଏକାଧିକ ଖେଳାଳିଙ୍କୁ ସୁଯୋଗ ଦିଆ ଯାଉଛି। ଫଳରେ କୋର୍ ଗ୍ରୁପ୍ ଦୃଢ଼ ହୋଇପାରିବ ବୋଲି ସେ କହିଛନ୍ତି। ଭାରତ ଚଳିତମାସ ୨୩ ତାରିଖରେ ଆର୍ଜେଣ୍ଟିନା 'ବି' ଟିମ୍‌କୁ ଭେଟିବ।



ବୁଧବାର ମ୍ୟାଚ୍ ଅବସରରେ ରାଣୀ ରାମପାଲ।


ଇଣ୍ଡିଆନ ସୁପର ଲିଗ୍‌ରେ ବୁଧବାର କେରଳ ବ୍ଲାଷ୍ଟର୍ସ ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ୫୦ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦେବ ବିସିସିଆଇ

**ନୂଆଦିଲ୍ଲୀ, ୨୦।୧(ପି.ଟି.):** କୋଭିଡ୍-୧୯ ମହାମାରୀ କାରଣରୁ ଆଗାମୀ ଇଂଲଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ୫୦ ପ୍ରତିଶତ ଦର୍ଶକଙ୍କୁ ଷ୍ଟାଡିୟମ ଭିତରକୁ ଛଡାଯିବ। ଚେନ୍ନାଇର ଚିପକ୍ ଓ ଅହମ୍ମଦାବାଦର ନବନିର୍ମିତ ମୋଟେରା ଷ୍ଟାଡିୟମରେ ଟେଷ୍ଟ ମ୍ୟାଚ୍‌ଗୁଡିକ ଆୟୋଜନ ହେବ। ତେବେ ମ୍ୟାଚ୍ ଅବସରରେ ୫୦ ପ୍ରତିଶତ ଦର୍ଶକଙ୍କୁ ମ୍ୟାଚ୍ ଦେଖିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅନୁମତି ଦେଇପାରେ। ପ୍ରଥମ ଦୁଇଟି ଟେଷ୍ଟ ଚେନ୍ନାଇରେ ଖେଳାଯିବ। ଫେବୃୟାରୀ ୫ ତାରିଖରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ସେହିପରି ଅନ୍ତିମ ଦୁଇଟି ଟେଷ୍ଟ ମୋଟେରାରେ ଆୟୋଜନ ହେବ। ଏବେ ୫୦ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦିଆଯାଇପାରେ ବୋଲି ବିସିସିଆଇ ତରଫରୁ କୁହାଯାଇଛି। ଏ ନେଇ ବିସିସିଆଇ ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନ୍‌ସିଏ) ଓ ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ଏବଂ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ଜାରି ରଖିଛି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଯଦି ଚେନ୍ନାଇ ଓ ଅହମ୍ମଦାବାଦରେ କୋଭିଡ୍-୧୯ ସମସ୍ୟାରେ ବୃଦ୍ଧି ହୁଏ ତେବେ ପରିସ୍ଥିତି ଅନୁସାରେ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇପାରେ। ମୋଟେରା ଷ୍ଟାଡିୟମ ବହୁତ ବଡ଼ ହୋଇଥିବାରୁ ଓ ଏଥିରେ ଲକ୍ଷାଧିକ ଦର୍ଶକ ବସିବାର ସୁବିଧା ଥିବାରୁ ସାମାଜିକ ଦୂରତା ରକ୍ଷା କରାଯାଇପାରିବ। ଅନ୍ୟପଟେ ପ୍ରଥମ ଦୁଇଟି ଟେଷ୍ଟ ପାଇଁ ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଗୁରୁବାର ଦଳ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଗସ୍ତ କରିବାକୁ ଥିବା କୌଣସି ଦଳ ପୂରା ସିରିଜ ପାଇଁ ଦଳ ଘୋଷଣା କରୁନାହିଁ। ଉଲ୍ଲେଖଥାଉ କି, ଚେନ୍ନାଇ ଓ ଅହମ୍ମଦାବାଦ୍‌ରେ ଦୁଇଟି ସ୍ୱତନ୍ତ୍ର ବାୟୋ ବବଲ୍ ତିଆରି କରାଯାଇଛି। ଦଳଗୁଡିକ ଚାର୍ଟର୍ଡ ଫ୍ଲାଇଟ୍‌ରେ ଯିବା ଆସିବା କରିବେ। ଏହି କାରଣ ଯୋଗୁ ବୋଧହୁଏ ଭାରତ ଭଳି ଇଂଲଣ୍ଡ ପ୍ରଥମ ଦୁଇଟି ଟେଷ୍ଟ ପାଇଁ ଦଳ ଘୋଷଣା କରିଛି।

# ଇଞ୍ଜୁରି ଟାଇମ୍‌ରେ ଜିତିଲା କେରଳ

**ବାମ୍ବୋଲିମ,୨୦।୧:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇଏସ୍ଏଲ୍)ରେ ବୁଧବାର ଖେଳାଯାଇଥିବା ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ୨-୧ ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ତରଫରୁ ବ୍ରାଜିଲ ଷ୍ଟ୍ରାଇକର କ୍ଲେଇଟନ ସିଲ୍‌ଭା ୨୩ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ କେରଳ ପ୍ରତ୍ୟାବର୍ତ୍ତନ କରି ଇଞ୍ଜୁରୀ ଟାଇମ୍‌ରେ ବିଜୟୀ ହୋଇଥିଲା। ଦଳ ତରଫରୁ ମିଜୋରାମ ଫୁଟବଲର ଲାଲଥାଥାଙ୍ଗା ଖାୱଲହିରିଂ ୭୩ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ଇଞ୍ଜୁରି ଟାଇମ୍‌ର ଚତୁର୍ଥ ମିନିଟ୍‌ରେ ରାହୁଲ କାନୋଲି ପ୍ରବୀନ ଗୋଲ ଦେଇ କେରଳକୁ ବିଜୟୀ କରାଇବା ସହ ବେଙ୍ଗାଲୁରୁକୁ ନିରାଶ କରିଥିଲେ। ଏଥିସହି କେରଳ ୧୨ ମ୍ୟାଚ୍ ଖେଳି ୧୩ ପଏଣ୍ଟ ହାସଲ କରିବା ସହ ତାଲିକାର ନବମ ଓ ବେଙ୍ଗାଲୁରୁ ୧୨ ମ୍ୟାଚ୍ ଖେଳି ସମାନ ୧୩ ପଏଣ୍ଟ ହାସଲ କରିଥିଲେ ମଧ୍ୟ ଉନ୍ନତ ଗୋଲ ବ୍ୟବଧାନରେ ସପ୍ତମ ସ୍ଥାନରେ ରହିଛି।

# ଜଗମୋହନପୁର ଏକାଦଶ ଚାମ୍ପିୟନ


ଚାମ୍ପିୟନ ଜଗମୋହନପୁର ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ତେଲକୋଇ, ୨୦।୧ (ଡି.ଏନ.ଏ.):** କନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ଚାମୁଣ୍ଡା ପଞ୍ଚାୟତ ଶିରିଆବାହଲ ଖେଳ ପଡିଆରେ ୩୩ତମ ଜଗନ୍ନାଥ ଚ୍ୟାଲେଞ୍ଜ କପ୍ କ୍ରିକେଟ ମ୍ୟାଚ ସହିଦ ସ୍ପୋର୍ଟିଂ କ୍ଲବ ଶିରିଆବାହଲ ଆୟୋଜନରେ ଅନୁଷ୍ଠିତ ହୋଇଛି। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ସହିଦ ସ୍ପୋର୍ଟିଂ କ୍ଲବ ଶିରିଆବାହଲ ଓ ଜଗମୋହନପୁର ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସହିଦ ସ୍ପୋର୍ଟିଂ କ୍ଲବ ଏକାଦଶ ଟସ୍ ଜିତି ନିର୍ଦ୍ଧାରିତ ୩୦ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ ରନ କରିଥିଲେ।୧୩୧ରନର ବିଜୟ ଲକ୍ଷ୍ୟ ନେଇ ଜଗମୋହପୁର ଏକାଦଶ ୧୪ ଓଭରରେ ୪ ଉଇକେଟ୍ ହରାଇ ୧୩୨ରନ୍ କରି ବିଜୟୀ ହୋଇଥିଲେ। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ବିନୟ କୁମାର ସାହୁ ରହିଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ କଳ୍ପତରୁ ନାୟକ ଓ ଜଗମୋହନପୁର ସରପଞ୍ଚ ଯୋଗେଶ ପଧାନ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଖେଳକୁ ଅମ୍ପାୟାର ଭାବେ ଗଣେଶ୍ୱର ନାୟକ ଓ ସୌମ୍ୟ ନାୟକ ପରିଚାଳନା କରିଥିଲେ। କ୍ଲବର ସଭାପତି ବଳଭଦ୍ର ମହାକୁଡ଼, ସମ୍ପାଦକ ଗଙ୍ଗାଧର ନାୟକ, ସଦସ୍ୟ ଶତ୍ରୁଘ୍ନ କିଷାନ, ବାଇଧର ନାୟକ, ସନ୍ତୋଷ କୁମାର ନାୟକ ପ୍ରମୁଖ ରହି ଏହି ଖେଳ ପରିଚାଳନା କରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ